

କୈଜିଆ ମିସ୍ ୟୁନିଭର୍ସ ଇଣ୍ଡିଆ
ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 154 ଭାଗ ୩୪ | ସଂଖ୍ୟା ୧୫୪ | Tuesday 25 August 2026 | Page 8 Rs. 5.00 | ଭୁବନେଶ୍ୱର ମଙ୍ଗଳବାର, ୨୫ ଅଗଷ୍ଟ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ସେବାରେ ବିଳମ୍ବ ହେଲେ ଡଣ୍ଡ ଗଣିବେ ଅଫିସର



■ ଦରମାରୁ କଟିବ ଟଙ୍କା
■ ଦିନକୁ ୨୫୦ ଟଙ୍କା ହିସାବରେ ଜରିମାନା

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ସରକାରୀ ସେବା ପ୍ରଦାନରେ ବିଳମ୍ବ କଲେ ଏଣିକି ଡଣ୍ଡ ଗଣିବେ ସମ୍ପୃକ୍ତ ଅଫିସର। ସରକାରୀ ସେବା ପ୍ରଦାନ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ ଓ ଉତ୍ତରଦାୟୀ କରିବା ପାଇଁ ଓଡ଼ିଶା ସରକାର ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଏଣିକି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଲୋକଙ୍କୁ ସେବା ଯୋଗାଇ ନ ଦେଲେ ସମ୍ପୃକ୍ତ ଦାୟୀ ଅଧିକାରୀଙ୍କୁ ଜରିମାନା ଗଣିବାକୁ ପଡ଼ିବ। ଏହି ଜରିମାନା ଅଧିକାରୀଙ୍କ ଦରମାରୁ କାଟିନିଆଯିବ। ଓଡ଼ିଶା ଜନସେବା ଅଧିକାର ଆଇନ, ୨୦୧୨ ଅଧୀନରେ ଥିବା ସେବାଗୁଡ଼ିକୁ ଅଧିକ ପାରଦର୍ଶୀ ଓ ଉତ୍ତରଦାୟୀ କରିବା ପାଇଁ ସରକାର 'ଅଟୋ-ଅପିଲ୍ ସିଷ୍ଟମ୍' ଲାଗୁ କରିଛନ୍ତି। ଏହାର ସୁପରିଚାଳନା ପାଇଁ ସାଧାରଣ ପ୍ରଶାସନ ବିଭାଗ ନୂଆ ଗାଇଡ୍‌ଲାଇନ୍ (ଏସଓପି) ଜାରି କରିଛି।

ନୂଆ ନିୟମ ଅନୁଯାୟୀ, ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଆବେଦନର ସମାଧାନ ନ କରି ସେବା ପ୍ରଦାନରେ ବିଳମ୍ବ କଲେ ଦାୟୀ ଅଧିକାରୀଙ୍କ ଉପରେ ଆର୍ଥିକ ଜରିମାନା ⇨ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିର ୨୦ତମ ପାଳି

## ସହାନୁଭୂତି, ସମବେଦନା ଓ ସହୃଦୟତା ମୂଳନୀତି

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଆମ ଶାସନ ବ୍ୟବସ୍ଥାର ମୂଳନୀତି ହେଉଛି ସହାନୁଭୂତି, ସମବେଦନା ଓ ସହୃଦୟତା। ଲୋକଙ୍କ ସମସ୍ୟା ଶୁଣି, ତା'ର ସମାଧାନ କରିବା ଆମ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ବୋଲି ଆଜି ୨୦ତମ ରାଜ୍ୟସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ମନ୍ତ୍ରିମଣ୍ଡଳର ୧୦ ଜଣ ବରିଷ୍ଠ ମନ୍ତ୍ରୀ ଏବଂ ବିଭିନ୍ନ ବିଭାଗର ସଚିବସ୍ତରୀୟ ଅଧିକାରୀ ମଧ୍ୟ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ହେଉଛି ଲୋକଙ୍କ ସରକାର। ଲୋକଙ୍କ ସମସ୍ୟାକୁ ସହୃଦୟତାର ସହ ଶୁଣି ତା'ର ସମାଧାନ କରିବାକୁ ଆମ ସରକାର ସର୍ବୋଚ୍ଚ ପ୍ରାଥମିକତା




ଦେଉଛନ୍ତି। ଯେଉଁଠି ଲୋକଙ୍କ ସମସ୍ୟା ଅଛି, ଆମ ସରକାର ସେଠାରେ ନିଶ୍ଚୟ ପହଞ୍ଚୁଛି। ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସବୁବେଳେ ଲୋକଙ୍କ ପାଖରେ ଆମେ ପହଞ୍ଚୁଛୁ ଓ ସେମାନଙ୍କୁ ସହାୟତା ପ୍ରଦାନ କରୁଛୁ। ୨୦୨୪ର ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ରୂପେ ଘୋଷଣା କରି ଆମେ ସହାୟତା ପ୍ରଦାନ କରିଥିଲୁ। ଚଳିତ ବନ୍ୟା ପାଇଁ ମଧ୍ୟ ସହାୟତା ପ୍ୟାକେଜ ପ୍ରଦାନ କରିଛୁ। ଆମ ସରକାର ଲୋକଙ୍କ ସୁଖ ଦୁଃଖରେ ଅଛି ଓ ରହିବ ବୋଲି ସେ କହିଛନ୍ତି।

⇨ ୧୯ ପାଳି ସୁଦ୍ଧା ୯୫ ପ୍ରତିଶତ ସମାଧାନ
⇨ ଜିଲ୍ଲାସ୍ତରରେ ୮୭ ପ୍ରତିଶତ ଅଭିଯୋଗର ସମାଧାନ
⇨ ମୁଖ୍ୟମନ୍ତ୍ରୀଙ୍କ ସହ ୧୦ ମନ୍ତ୍ରୀ ଅଭିଯୋଗ ଶୁଣିଲେ
⇨ ୧୬ ଦୁରାରୋଗ୍ୟ ଆକ୍ରାନ୍ତଙ୍କୁ ଅନ୍ ଦି ସ୍ପଟ୍ ସହାୟତା

ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟ ସ୍ତରରେ ଅନୁଷ୍ଠିତ ୧୯ଟି ପାଳିରେ ଅଭିଯୋଗ ପ୍ରକୋଷ୍ଠକୁ ଆସିଥିବା ୧୫,୩୨୭ ଅଭିଯୋଗ ମଧ୍ୟରୁ ୧୪,୫୧୯ ଅର୍ଥାତ ୯୫ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇସାରିଛି। ଏଥିସହ ଜିଲ୍ଲା ସ୍ତରରେ ଜିଲ୍ଲାପାଳ ଓ ଏସ୍‌ପିମାନେ ନିୟମିତ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣୁଥିବା ବେଳେ ତହସିଲ ଓ ବ୍ଲକ ସ୍ତରରେ ମଧ୍ୟ ଅଭିଯୋଗ ଶୁଣାଣି ନିୟମିତ ରୂପେ ଚାଲିଛି। ଜିଲ୍ଲା ସ୍ତରରେ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୨,୬୯,୩୯୪ ଅଭିଯୋଗର ଶୁଣାଣି ⇨ପୃଷ୍ଠା-୬

## ମାତ୍ର ୮ ମିନିଟରେ ବୁଡ଼ିଗଲା 'ଏମ୍‌ଭି ଓସେନ୍ ୱିନର'

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଗତ ତିନି ଦିନ ହେଲା ବଙ୍ଗୋପସାଗରର ଗଭୀର ଜଳରାଶିରେ ଚାଲିଛି ନନଷ୍ଟପ୍ ସର୍ଚ୍ଚ ଅପରେସନ। ଏବେ ସୁଦ୍ଧା ମାଲବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର' ବୁଡ଼ିଥିବା ସଠିକ ସ୍ଥାନ ନିରୂପଣ ହୋଇପାରୁନି କି ୨୨ ଜଣ କ୍ରିଉ ମେମ୍ବରଙ୍କ ପତ୍ତା ମିଳିପାରୁନାହିଁ। ସେମାନେ କୌଣସି ଲାଇଫ୍ ରାଫ୍ଟରେ ଅଛନ୍ତି ନା ଜାହାଜ ସହ ସେମାନେ ବି ବୁଡ଼ିଯାଇଛନ୍ତି? ବଙ୍ଗୋପସାଗରରେ ପାନାମା ପତାକାଧାରୀ ଜାହାଜ ବୁଡ଼ି ଘଟଣାକୁ ନେଇ ଦିନକୁ ଦିନ ସସପେନ୍ସ ବଢ଼ୁଛି।

ସବୁଠୁ ବେଶୀ ଟେନସନ୍ ୨୨ କ୍ରିଉ ମେମ୍ବରଙ୍କୁ ନେଇ। ନିଖୋଜମାନଙ୍କୁ ଖୋଜିବା ପାଇଁ ସମୁଦ୍ର ସହ ଲଢ଼ୁଛି ଭାରତୀୟ ନୌସେନା ଓ ତଟରକ୍ଷୀ ବାହିନୀ। ନୌସେନାର ମ୍ୟାରିଟାଇମ୍ ସର୍ଭେଲାନ୍ସ ଏୟାରକ୍ରାଫ୍ଟ ସହ ତଟରକ୍ଷୀ ବାହିନୀର ଜାହାଜଗୁଡ଼ିକ ସର୍ଚ୍ଚ ଅପରେସନରେ ସାମିଲ ହୋଇଛନ୍ତି। ଦୁଇ ଜଣ ଚାଇନିଜ୍ କ୍ରିଉ ମେମ୍ବର ଲାଇଫ୍ ରାଫ୍ଟରୁ ଉଦ୍ଧାର ହେବା ରେସ୍କ୍ୟୁ ଟିମକୁ ଅନେକ ସଂକେତ ଦେଇଛି।

ସୂଚନାନୁସାରେ, ଜାହାଜ ଦୋହଲିବାର ପ୍ରାୟ ୮ ମିନିଟରେ ସମ୍ପୂର୍ଣ୍ଣ ବୁଡ଼ିଯାଇଥିଲା। ଏବେ ବଡ଼ ଚ୍ୟାଲେଞ୍ଜ ପାଲଟିଛି, ଜାହାଜ ବୁଡ଼ିଥିବା ସ୍ଥାନକୁ ଚିହ୍ନଟ କରିବା। ଯଦି ଲାଇଫ୍ ରାଫ୍ଟରେ ଅନ୍ୟ କ୍ରିଉ ମେମ୍ବର ବାହାରି ଆସିଛନ୍ତି, ତେବେ ସେମାନେ ଏବେ କେଉଁଠି, ତାହା ଆକଳନ କରିବା ମୁସ୍କିଲ୍। ପ୍ରତି ମୁହୂର୍ତ୍ତରେ ବଦଳୁଛି ସମ୍ଭାବ୍ୟ ସର୍ଚ୍ଚ ଏରିଆ। ଏଣୁ ଗୋଟିଏ ପଏଣ୍ଟ ନୁହେଁ, ବଡ଼ ଅଞ୍ଚଳକୁ ନଜରରେ ରଖି ଚାଲିଛି ଖୋଜାଖୋଜି। ତଟରକ୍ଷୀ ବାହିନୀର ଜନୈକ ଅଧିକାରୀଙ୍କ ଆଶଙ୍କା, ନିଖୋଜ କ୍ରିଉ ମେମ୍ବର ଜୀବିତ ଥିବା ଆଶା ଯଥେଷ୍ଟ କମ୍। ଅତି କମ୍ ସମୟରେ ଜାହାଜ ବୁଡ଼ିଥିବାରୁ ଲାଇଫ୍ ରାଫ୍ଟରେ ବାହାରକୁ ଆସିବା ସମ୍ଭବ ନୁହେଁ। ତଟରକ୍ଷୀ ବାହିନୀ କିମ୍ବା ନୌସେନା ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ। ତେବେ ବିଶେଷଜ୍ଞଙ୍କ ଆକଳନ କହୁଛି, ବିଶେଷକରି ଦୁଇଟି କାରଣ ପାଇଁ ବୁଡ଼ିଯାଇଥାଇପାରେ ଜାହାଜ 'ଏମ୍‌ଭି ଓସେନ୍ ୱିନର୍'। ପ୍ରଥମତଃ ଓଦା ଆଇରନ୍ ଓର୍। ମାତ୍ରାଧିକ ଅର୍ଥାତ ୭୧ ହଜାର ୨୦୦ ମେଟ୍ରିକ ଟନ ଲୁହାପଥର ଗୁଣ୍ଡର ଓଜନ କାରଣରୁ ଜାହାଜ ଗୋଟିଏ ପଟକୁ ଢଳିବା ପରେ ଆଉ ସିଧା ହୋଇ ନ ଥାଇପାରେ। ନଚେତ ଓଦାଳିଆ ଓ ଓଜନିଆ କାର୍ଗୋ ସାଙ୍ଗକୁ ଅଶାନ୍ତ ସମୁଦ୍ର ଲହଡ଼ି ମାଡ଼ ଜାହାଜକୁ ଦୁଇ ଖଣ୍ଡ କରିଦେଇଥାଇପାରେ। ଗତ ୨୦ ତାରିଖରେ ପାରାଦୀପରୁ ଲୁହାପଥର ଗୁଣ୍ଡ ନେଇ ଚୀନ ବାହାରିଥିଲା ଏହି ଜାହାଜ। ପ୍ରାୟ ୪୦୭ କିମି ଯିବା ପରେ ଗତ ୨୨ ତାରିଖ ପୂର୍ବାହ୍ନ ୧୧ଟା ୪୮ ମିନିଟରେ ଯୋଗାଯୋଗ ହରାଇବା ସହ ଜାହାଜଟି ସମୁଦ୍ରରେ ବୁଡ଼ିଯାଇଥିଲା। ଲାଇଫ ରାଫ୍ଟରେ ଖାଦ୍ୟ ସହ ଯୋଗାଯୋଗ ଉପକରଣ ଥାଏ। ଯଦି ଅନ୍ୟ କ୍ରିଉ ମେମ୍ବର ଲାଇଫ ରାଫ୍ଟରେ ବାହାରିଛନ୍ତି, ତେବେ ସେମାନଙ୍କଠାରୁ ସିଗ୍ନାଲ କାହିଁକି ମିଳୁନି, ତା' ଏବେ ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି।

୭୨ ଘଣ୍ଟା ପରେ ବି ୨୨ କ୍ରିଉ ମେମ୍ବରଙ୍କ ପତ୍ତା ମିଳୁନି

ବାରମ୍ବାର ବଦଳୁଛି ସର୍ଚ୍ଚ ଅପରେସନ ସ୍ଥାନ



## ସରଣ୍ଡା ଜଙ୍ଗଲରୁ ମାଓ ସାମଗ୍ରୀ ଜବତ



ରାଉରକେଲା,୨୪।୮(ସଂଚାର ବ୍ୟୁରୋ): ରାଉରକେଲାର କେ. ଇଲାଙ୍ଗ ଥାନା ସରଣ୍ଡାର ସିଲାକୁଟା ସଂରକ୍ଷିତ ଜଙ୍ଗଲରୁ ଠାବ ହୋଇଛି ବ୍ୟାପକ ମାତ୍ରାରେ ମାଓ ସାମଗ୍ରୀ। ପୂର୍ବରୁ ମାଟି ତଳେ ପୋତାଯାଇଥିବା ଏହି ମାଓ ସାମଗ୍ରୀକୁ ପୁଲିସ ଓ ସିଆରପିଏଫ ମିଳିତ ଭାବେ ଖୋଳି ବାହାର କରିଛନ୍ତି। ଜବତ ମାଓ ସାମଗ୍ରୀ ମଧ୍ୟରେ ରହିଛି ୧୫ଟି ଡିଟୋନେଟର, ଦୁଇଟି ମାଗାଜିନ, ଗୋଟିଏ ୱାକି ଟକି, ୨୦ଟି ଗୁଳି, ଗୋଟିଏ ଚାର୍ଜ ବ୍ୟାଟେରୀ ଓ ଗୋଟିଏ ମଲ୍ଟି ମିଟର। ରାଉରକେଲା ପୁଲିସ ସିଆରପିଏଫ ସହ କୋବ୍ରା ବାଟାଲିୟନ ମିଳିତ ଭାବେ ଦିନରାତି ସର୍ଚ୍ଚ ଅପରେସନ ଜାରି ରଖିଛନ୍ତି। ସରଣ୍ଡା ଜଙ୍ଗଲରେ ପୂର୍ବରୁ ମାଓ ସାମଗ୍ରୀ ମାଟି ତଳେ ପୋତାଯାଇଥିବା ଖବର ମିଳିଥିଲା। ⇨ପୃଷ୍ଠା-୬

### ସେପ୍ଟେମ୍ବର ୬ରେ ଇଣ୍ଡିଆନ ଓ ଓଡ଼ିଶା ଜର୍ଣ୍ଣାଲିଜମ୍ ଆୱାର୍ଡ

## ଅଜିତ ଦାଶ ପାଇବେ ଓଡ଼ିଶା ଜର୍ଣ୍ଣାଲିଜମ୍ ଆୱାର୍ଡ



ବିଜୟଲକ୍ଷ୍ମୀ ଓ ଜଳଧର ମଧ୍ୟ ହେବେ ସମ୍ମାନିତ

ନୂଆଦିଲ୍ଲୀ, ୨୪।୮ (ସଂଚାର ବ୍ୟୁରୋ): ମର୍ଯ୍ୟାଦାସମ୍ପନ୍ନ ଇଣ୍ଡିଆନ ଜର୍ଣ୍ଣାଲିଜମ ଆୱାର୍ଡ ଏବଂ ଓଡ଼ିଶା ଜର୍ଣ୍ଣାଲିଜମ ଆୱାର୍ଡ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସେଣ୍ଟରରେ ପ୍ରଦାନ କରାଯିବ। ଦିଲ୍ଲୀର ପ୍ରତିଷ୍ଠିତ ଓ ପୁରାତନ ସଂଗଠନ ପଲ୍ଲୀବାଣୀ ମିଶନ ପକ୍ଷରୁ ପ୍ରତିବର୍ଷ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଆସୁଛି। ଉଭୟ ଜାତୀୟ ଓ ଆଞ୍ଚଳିକ ସ୍ତରରେ ପ୍ରତିଷ୍ଠିତ ଓ ଖ୍ୟାତିସମ୍ପନ୍ନ ସାମ୍ବାଦିକଙ୍କୁ ମିଶନ ପକ୍ଷରୁ ଏକ ବିଶେଷ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଇଥାଏ। ୨୦୨୬ ବର୍ଷ ପାଇଁ ଇଣ୍ଡିଆନ ଜର୍ଣ୍ଣାଲିଜମ ଆୱାର୍ଡ ପାଇବେ ନବୋଦୟ ଟାଇମ୍ସର ମୁଖ୍ୟ ସମ୍ପାଦକ ଅକ୍କୁ ଶ୍ରୀବାସ୍ତବ, 'ଜିନ୍ଦଗୀ ୱିଥ୍ ରିଚା'ର ପ୍ରଯୋଜକ, ଉପସ୍ଥାପିକା ରିଚା ଅନିରୁଦ୍ଧ ଓ ଏନଡିଟିଭିର ବୈଦେଶିକ ବ୍ୟାପାର ତଥା ଜାତୀୟ ସୁରକ୍ଷା ସମ୍ବନ୍ଧୀୟ ⇨ପୃଷ୍ଠା-୬

## ଚିନି ପରେ ଏବେ ପିଆଜ ଦରରେ ନିଆଁ



■ ୩୦ ଦିନରେ ୧୯ ପ୍ରତିଶତ ବଢ଼ିଲା ଦର
■ ଖୋଲା ବଜାରରେ କିଲୋ ୬୫ ଛୁଇଁଲା

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଚିନି ଦର ବୃଦ୍ଧି ପରେ ଏବେ ରୋଷେଇ ଘରକୁ ଆଉ ଏକ ଝଟ୍‌କା ଦେଇଛି ପିଆଜ। ଦେଶର ବିଭିନ୍ନ ସହରରେ ପିଆଜ ଦର ଦ୍ରୁତ ଗତିରେ ବଢ଼ିଛି। ଗତ ମାସକ ମଧ୍ୟରେ ପିଆଜ ଦର ପ୍ରାୟ ୧୯ ପ୍ରତିଶତ ବଢ଼ିଥିବା ବେଳେ ବର୍ତ୍ତମାନ ହାରାହାରି ଦର କିଲୋ ପ୍ରତି ପ୍ରାୟ ୫୦ ଟଙ୍କାରେ ପହଞ୍ଚିଛି। ଗତବର୍ଷ ତୁଳନାରେ ଏହା ପ୍ରାୟ ୪୫ ପ୍ରତିଶତ ଅଧିକ।

ସରକାରୀ ତଥ୍ୟ ଅନୁସାରେ, ଦିଲ୍ଲୀରେ ପିଆଜ ଦର କିଲୋ ପ୍ରତି ୬୫ ଟଙ୍କାରେ ପହଞ୍ଚିଛି। ଗତବର୍ଷ ଏହି ସମୟରେ ଦିଲ୍ଲୀରେ ପିଆଜ ପ୍ରାୟ ୩୫ ଟଙ୍କା କିଲୋ ଥିଲା। ସେହିପରି ଚେନ୍ନାଇରେ ଦର ୩୩ ଟଙ୍କାରୁ ବଢ଼ି ୫୮ ଟଙ୍କାରେ ପହଞ୍ଚିଛି। କେରଳ ଓ ଆସାମର କିଛି ଅଞ୍ଚଳରେ ମଧ୍ୟ ପିଆଜ ଦର ହାରାହାରି ଦରଠାରୁ ଅଧିକ ରହିଛି।

ସେହିପରି ରାଜଧାନୀରେ ମଧ୍ୟ ଉପରମୁହାଁ ପିଆଜ ଦର। ଚଳିତ ସପ୍ତାହରେ କିଲୋ ପିଛା ଦର ୨୦ ଟଙ୍କା ବଢ଼ିଛି। ସେପଟେ ୨ ମାସ ମଧ୍ୟରେ କ୍ୱିଣ୍ଟାଲ ପିଛା ପିଆଜ ଦର ୨୨ ଶହ ଟଙ୍କାରୁ ବଢ଼ି ୩୫୦୦ ⇨ପୃଷ୍ଠା-୬

### ଭେଜାଲ ପନୀର କାରବାର ଉପରେ କଡ଼ା ଆକ୍ସନ୍

## ଆଗକୁ ବଢ଼ିବ ଚଢ଼ାଉ: ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଭେଜାଲ ଛେନା, ପନୀର ପଛରେ ଏକ ବଡ଼ ର୍‍ୟାକେଟ୍ କାମ କରୁଛି। ଏନେଇ ଗୃହ ବିଭାଗ ସହ ଆଲୋଚନା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିକ୍ରିୟା ଦେଇ କହିଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ। ଆଗାମୀ ଦିନରେ ରାଜ୍ୟରେ ଚଢ଼ାଉ ଜୋରଦାର କରାଯିବ। ଯେଉଁଠାରେ ପନୀର ତିଆରି ହେଉଛି, ସେଠାରେ ମଧ୍ୟ ଚଢ଼ାଉ କରାଯିବ। ⇨ପୃଷ୍ଠା-୬

### ■ ଅନ୍‌ଲାଇନ୍ ଅଟୋ ଚାଳକଙ୍କୁ ମହଙ୍ଗା ପଡ଼ିଲା ଆନ୍ଦୋଳନ

## ପରମିଟ୍ ପରେ ଏବେ ବାତିଲ ହେବ ଆର୍‌ସି



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଅନଲାଇନ ଅଟୋ ଚାଳକଙ୍କୁ ମହଙ୍ଗା ପଡ଼ିଲା ଆନ୍ଦୋଳନ। ଗତ ବୁଧବାର ଅନଲାଇନ ଅଟୋ ଚାଳକମାନେ ଆନ୍ଦୋଳନ ସମୟରେ ଉଗ୍ର ହୋଇ ଯେଉଁ ଭଙ୍ଗାରୁଜା କରିଥିଲେ, ତାହା ଏବେ ସେମାନଙ୍କ ପାଇଁ ବଡ଼ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଇ ଘଟଣା ଦିନ ପୁଲିସ ୪୦୦ ଅଟୋ ଜବତ କରିଥିଲା। ସେଗୁଡ଼ିକର ପରମିଟ୍ ବାତିଲ ପାଇଁ ସେତେବେଳେ ନୋଟିସ୍ ଦିଆଯାଇଥିଲା। ଏଥିସହ ଶହେରୁ ଊର୍ଦ୍ଧ୍ୱ ବିକ୍ଷୋଭକାରୀଙ୍କୁ ଗିରଫ କରିଥିଲା। ଏବେ ଏହି ମାମଲାରେ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଯାଉଛି ଆଞ୍ଚଳିକ ପରିବହନ ବିଭାଗ। ଏବେ ସମ୍ପୃକ୍ତ ଗାଡ଼ିର ରେଜିଷ୍ଟ୍ରେସନ୍ ସାର୍ଟିଫିକେଟ ⇨ପୃଷ୍ଠା-୬

## ଖର୍ଚ୍ଚ ହୋଇନି ୨,୨୪୮ କୋଟି, ତୁରନ୍ତ ଫେରସ୍ତ ପାଇଁ ନିର୍ଦ୍ଦେଶ

### ୨୧ ବିଭାଗକୁ ଚିଠି ପଠାଇଲା ଅର୍ଥ ବିଭାଗ

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ୨୧ଟି ବିଭାଗ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା ଅର୍ଥ ଖର୍ଚ୍ଚ କରିପାରି ନ ଥିବାରୁ ଏହିସବୁ ବିଭାଗ ସକାଶେ ଏବେ ସମସ୍ୟା ସୃଷ୍ଟି ହୋଇଛି। ୨୦୨୫-୨୬ ଆର୍ଥିକ ବର୍ଷର ୨,୨୪୮କୋଟି ଟଙ୍କା ତୁରନ୍ତ ଫେରାଇବା ଲାଗି ଅର୍ଥ ବିଭାଗ ପକ୍ଷରୁ ସମ୍ପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏ ସଂକ୍ରାନ୍ତରେ ଗତ ୧୮ରେ ଅର୍ଥ ବିଭାଗ ଅନୁସଚିବ ସୁନୈନା ସିଂ ପତ୍ର ଲେଖି ଦର୍ଶାଇଛନ୍ତି ଯେ ଅର୍ଥ ବିଭାଗର ନିଷ୍ପତ୍ତି କ୍ରମେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା (ସିଏସ୍‌ଏସ୍) ରେ ୨୦୨୫-୨୬ ଆର୍ଥିକ ବର୍ଷରେ ଯେଉଁ ଅର୍ଥ ବିଭାଗଗୁଡ଼ିକ ଖର୍ଚ୍ଚ କରିପାରିନାହାନ୍ତି, ସେମାନେ ତୁରନ୍ତ ଉକ୍ତ ଅର୍ଥ ଫେରାଇବେ। କୃଷି, ସମବାୟ, ମତ୍ସ୍ୟ ଓ ପଶୁସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଜଙ୍ଗଲ ଓ ପରିବେଶ, ସ୍ୱାସ୍ଥ୍ୟ, ଉଚ୍ଚଶିକ୍ଷା, ଗୃହ ଓ ନଗର ଉନ୍ନୟନ, ମିଶନଶକ୍ତି, ପଞ୍ଚାୟତିରାଜ, ଯୋଜନା ଓ ସଂଯୋଜନ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଏସ୍‌ଏସ୍‌ଇପିଡି, ଏସ୍‌ସିଏସ୍‌ଟି, ଜଳସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ ଏବଂ ପୂର୍ତ୍ତ ବିଭାଗ ସଚିବଙ୍କୁ ଅନୁ ସଚିବ ଚିଠି ଲେଖିବା ସହ ତୁରନ୍ତ ସିଙ୍ଗଲ୍ ନୋଡାଲ ଏଜେନ୍ସି (ଏସ୍‌ଏନ୍‌ଏ) ଆକାଉଣ୍ଟର ବଳକା ଅର୍ଥ ଫେରାଇବାକୁ ଦର୍ଶାଇଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ସିଏସ୍‌ଏସ୍‌ରେ ୨୦୨୫-୨୬ ଆର୍ଥିକ ବର୍ଷରେ ପ୍ରାୟ ୨୧ଟି ବିଭାଗ ୨୨୪୮କୋଟି ଟଙ୍କା ଖର୍ଚ୍ଚ କରିପାରି ନ ଥିଲେ। ଏହାକୁ ନେଇ ଅର୍ଥ ମନ୍ତ୍ରଣାଳୟର ନିର୍ଦ୍ଦେଶ କ୍ରମେ ଅର୍ଥ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଚଳିତ ବର୍ଷ କିପରି ବିଭିନ୍ନ ସିଏସ୍‌ଏସ୍‌ରେ ୨୫ ହଜାର ⇨ପୃଷ୍ଠା-୬

## ପୁଣି ବଦଳିଲେ ରାଜ୍ୟପାଳଙ୍କ ଏଡିସି

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ପୁଣି ବଦଳିଲେ ରାଜ୍ୟପାଳଙ୍କ ଏଡିସି। ଗତ ମେ'ରେ ନିଯୁକ୍ତି ପାଇଥିବା ରାଜ୍ୟପାଳଙ୍କ ଏଡିସି ଅନନ୍ୟା ଅବସ୍ତିଙ୍କୁ ପରିବର୍ତ୍ତନ କରାଯାଇଛି। ୨୦୨୨ ବ୍ୟାଚ୍‌ର ଏହି ଆଇପିଏସ ଅଫିସରଙ୍କୁ କମିଶନରେଟ ପୁଲିସର ଏସିପି ଭାବେ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ରାଜ୍ୟପାଳଙ୍କ ଏଡିସି ଭାବେ ନିଯୁକ୍ତି ପାଇଛନ୍ତି ୨୦୨୩ ବ୍ୟାଚର ଆଇପିଏସ ଶିବା ମାରୁତି ରେଡ୍ଡୀ। ସେ ଏବେ ଘୁ. ଉଦୟଗିରିର ଏସଡିପିଓ ଭାବେ କାର୍ଯ୍ୟ କରୁଛନ୍ତି।

### ଅମରାବତୀ ହସ୍ପିଟାଲରେ ଅଗ୍ନିକାଣ୍ଡ

## ୩ ଶିଶୁ ମୃତ, ୫ ଲକ୍ଷର ସହାୟତା

ଅମରାବତୀ,୨୪।୮: ମହାରାଷ୍ଟ୍ରର ଅମରାବତୀରେ ଥିବା ଜିଲ୍ଲା ମହିଳା ହସ୍ପିଟାଲ (ଡଫରିନ୍ ହସ୍ପିଟାଲ)ର ନବଜାତ ଆଇସିୟୁରେ ରବିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟି ତିନି ଜଣ ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ କହିଛନ୍ତି, ଗତ ରାତିରେ ଅମରାବତୀର ଜିଲ୍ଲା ମହିଳା ହସ୍ପିଟାଲରେ ଅଗ୍ନିକାଣ୍ଡରେ ତିନି ଜଣ ନବଜାତ ଶିଶୁଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦ ଏବଂ ହୃଦୟ ବିଦାରକ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସେ ପ୍ରତ୍ୟେକ ପୀଡିତ ପରିବାରଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏଥିସହ ଅନ୍ୟ ଆହତ ନବଜାତ ଶିଶୁମାନଙ୍କର ସର୍ବୋତ୍ତମ ସମ୍ଭାବ୍ୟ ଚିକିତ୍ସା ସମ୍ପୂର୍ଣ୍ଣ ସରକାରୀ ଖର୍ଚ୍ଚରେ ନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅମରାବତୀ ଜିଲ୍ଲା କଲେକ୍ଟର ଆଶିଷ ୟେରକରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



### କାନ ଡେରିଥା

ପ୍ରେସ ବାଲାଙ୍କୁ ଅନେକ ପ୍ରେସର
ମିଛରେ ପ୍ରଶଂସା ମିଳୁଛି
ଚତୁର୍ଥ ସ୍ତମ୍ଭକୁ ସ୍ୱର୍ଗକୁ ଚଢ଼ାଇ
ଚେରଟାକୁ କଟା ଚାଲିଛି
ସାମ୍ବାଦିକ ଯଦି ଫସୁଛି...
ଜନ ଆନ୍ଦୋଳନ କାହିଁ କେତେ ଦୂରେ
ଆହାଃ ପଦେ କିଏ କହୁଛି ।

■ ଦେବାଶିଷ

## ଗଣ୍ଡଙ୍କ ଇସ୍ତଫା କଥା ଭୁଲିଗଲା କଂଗ୍ରେସ

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ପ୍ରସଙ୍ଗକୁ ଭୁଲିଗଲାଣି ରାଜ୍ୟ କଂଗ୍ରେସ। ଶ୍ରୀ ଗଣ୍ଡ ଇସ୍ତଫା ନଦେଲେ ଦଳ ପକ୍ଷରୁ ଓଡ଼ିଶା ବନ୍ଦ କରାଯିବ ବୋଲି ଖୋଦ୍ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଦେଇଥିବା ଧମକକୁ ମାସେ ପୂରିବାକୁ ବସିଲାଣି। ହେଲେ କଂଗ୍ରେସର ଆଉ ସେହି ଟାଣପଣ ଏବେ ନାହିଁ।

ପାଠ୍ୟପୁସ୍ତକ ତ୍ରୁଟି ଘଟଣା ପଦାକୁ ଆସିବା ପରେ କଂଗ୍ରେସ ରାଜ୍ୟ ସରକାର, ବିଶେଷକରି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବିରୁଦ୍ଧରେ ଯୁଦ୍ଧଂଦେହି ଡାକରା ଦେଇଥିଲା। ଛାତ୍ରଛାତ୍ରୀଙ୍କୁ ତୁରନ୍ତ ପାଠ୍ୟପୁସ୍ତକ ଯୋଗାଣ ସହ କୋଟି କୋଟି ଟଙ୍କା କ୍ଷତି ହୋଇଥିବାରୁ ଦଳ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଇସ୍ତଫା ଦାବି କରିଥିଲା। ଖୋଦ୍ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ପ୍ରେସ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ ସେ ସରକାରଙ୍କୁ ସାତ ଦିନର କଷ୍ଟ ଦେଇଥିଲେ। ସାତ ଦିନ ଭିତରେ ମନ୍ତ୍ରୀ ଇସ୍ତଫା ନ ଦେଲେ ପ୍ରଦେଶ କଂଗ୍ରେସ ପକ୍ଷରୁ ଓଡ଼ିଶା ବନ୍ଦ ହେବ ବୋଲି ଶ୍ରୀ ଦାସ ଚେତାବନୀ ବି ଦେଇଥିଲେ।

ହେଲେ ଜୁଲାଇ ମାସ ଶେଷ ସପ୍ତାହରେ କଂଗ୍ରେସ ଦେଇଥିବା ଏହି ଧମକକୁ ଇତିମଧ୍ୟରେ ମାସଟିଏ ପୂରିବାକୁ ବସିଲାଣି। ଓଡ଼ିଶା ବନ୍ଦ ତ ଦୂରର କଥା, ଇସ୍ତଫା ପ୍ରସଙ୍ଗ ବି ଆଉ ଦଳ ପକ୍ଷରୁ ପୂର୍ବଭଳି ଉଠାଯାଉନାହିଁ। ବରଂ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ଧୀରେ ଧୀରେ ଦଳ ଦୂରେଇ ଦେଇ ଏବେ ଖଣି ପ୍ରସଙ୍ଗକୁ ଜାବୁଡ଼ି ଧରିବାରେ ଲାଗିଛି। ସାମ୍ବାଦିକ ସମ୍ମିଳନୀ କରି ଦଳ ତଥ୍ୟ ଦେବା ସହ ରାଜଧାନୀରେ ମଶାଲ ଶୋଭାଯାତ୍ରା ବି କରିଛି।

ଅନ୍ୟ ପକ୍ଷରେ ବିଜେଡି କିନ୍ତୁ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ଛାଡ଼ିବାକୁ ନାରାଜ। ସୁଚିନ୍ତିତ ରଣନୀତି ମାଧ୍ୟମରେ ଦଳର ନେତାମାନେ ପ୍ରତ୍ୟେକ ଜିଲ୍ଲାରେ ବଡ଼ ଧରଣର ବିକ୍ଷୋଭ ଆୟୋଜନ କରୁଛନ୍ତି। ଏଥିସହ ଦଳ ପକ୍ଷରୁ ମଧ୍ୟ ଏହି ପ୍ରସଙ୍ଗରେ ନିୟମିତ ସାମ୍ବାଦିକ ସମ୍ମିଳନୀ କରାଯିବା ସହ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଉଛି। କୌଣସି ପ୍ରକାରେ ବିଧାନସଭାର ବର୍ଷାକାଳୀନ ଅଧିବେଶନ ପର୍ଯ୍ୟନ୍ତ ପ୍ରସଙ୍ଗକୁ ବଞ୍ଚାଇ ରଖିବାକୁ ବିଜେଡି ଲାଗି ପଡ଼ିଛି।

ଅନ୍ୟ ପକ୍ଷରେ ପିଲାଙ୍କ ସହ ଖେଳ ଖେଳୁଥିବାର ଅଭିଯୋଗ ଆଣି ସରକାରଙ୍କୁ କାଠଗଡ଼ାରେ ଛିଡ଼ା କରିବା ସହ ବିଭାଗୀୟ ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଇସ୍ତଫା ଦାବି କରିଥିବା କଂଗ୍ରେସ କିନ୍ତୁ ଓଡ଼ିଶା ବନ୍ଦ ଧମକକୁ ପାସୋରି ଦେଲାଣି। ଏହାକୁ ନେଇ ଏବେ ଦଳ ଭିତରେ ଗୁଞ୍ଜରଣ ସହ ଭକ୍ତ କାହିଁକି ଧମକରୁ ଦୂରେଇଲେ, ତାହାକୁ ନେଇ ଚର୍ଚ୍ଚା କ୍ରମାଃ ବଢ଼ିବାରେ ଲାଗିଛି। ତେବେ ଦଳ ଏହି ପ୍ରସଙ୍ଗକୁ ଛାଡ଼ିନାହିଁ ଓ ଖଣି ସହ ଏହାକୁ ନେଇ ମଧ୍ୟ ସରକାରଙ୍କୁ ଘେରିବ ବୋଲି କେତେକ କର୍ମୀ ମତ ଦେଉଛନ୍ତି।

■ ଭକ୍ତ ଦେଇଥିଲେ ଓଡ଼ିଶା ବନ୍ଦ ଧମକ
■ ଧମକକୁ ପୂରିଲାଣି ମାସେ



## ସରକାରୀ ବିଦ୍ୟାଳୟରେ 'ଔଷଧ ବିଲ୍'କୁ ନେଇ ସାଂଘାତିକ ପ୍ରଶ୍ନ

# ଜାଲ୍ ବିଲ୍‌ରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍ ଅଭିଯୋଗ

କେନ୍ଦ୍ରାପଡ଼ା,୨୪।୮ (ସଂଚାର ବ୍ୟୁରୋ): ସରକାରୀ ବିଦ୍ୟାଳୟ ହେଉଛି ଗରିବ ଓ ସାଧାରଣ ପରିବାରର ପିଲାମାନଙ୍କ ଭବିଷ୍ୟତ ଗଢ଼ିବାର ମୁଖ୍ୟ ଆଶ୍ରୟ । ଛାତ୍ରଛାତ୍ରୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ମୌଳିକ ସୁବିଧା ପାଇଁ ସରକାର ଯୋଗାଇ ଦେଉଥିବା ପ୍ରତ୍ୟେକ ଟଙ୍କା ସେମାନଙ୍କ ହିତରେ ଖର୍ଚ୍ଚ ହେବା କଥା । ହେଲେ ଅନ୍ତେଇ ଅଞ୍ଚଳର ଏକ ସରକାରୀ ବିଦ୍ୟାଳୟକୁ ନେଇ ଉଠିଥିବା ଏକ ଅଭିଯୋଗ ଏବେ ଅନେକ ସାଂଘାତିକ ପ୍ରଶ୍ନ ସୃଷ୍ଟି କରିଛି ।

ଅଭିଯୋଗ ଅନୁସାରେ, ଗରଦପୁର ବଜାରର ଏକ ନିର୍ଦ୍ଦିଷ୍ଟ ଔଷଧ ଦୋକାନରୁ ଅନ୍ତେଇ ଅଞ୍ଚଳର ଉକ୍ତ ସରକାରୀ ବିଦ୍ୟାଳୟ ନାମରେ ଲକ୍ଷ ଲକ୍ଷ ଟଙ୍କାର ଔଷଧ କିଣାଯାଇଥିବା ଦର୍ଶାଇ ବିଲ୍ ନିଆଯାଇଛି । କିନ୍ତୁ ଏହି ବିଲ୍‌ଗୁଡ଼ିକର ସତ୍ୟତାକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି । ବିଲ୍‌ଗୁଡ଼ିକ ଜାଲ୍ କିମ୍ବା ପ୍ରକୃତ କ୍ରୟ ବିନା ପ୍ରସ୍ତୁତ ହୋଇଥିବା ନେଇ ଅଭିଯୋଗ ଚର୍ଚ୍ଚାରେ ରହିଛି ।

### ୧୦ ବର୍ଷର ଆର୍ଥିକ କାରବାର ଖୋଳତାଡ଼ ଦାବି

ଏପରିକି ଜଣେ ଶିକ୍ଷକଙ୍କ ଅନୁରୋଧରେ ଏଭଳି ବିଲ୍ ପ୍ରସ୍ତୁତ କରାଯାଇଥିବା ନେଇ ଦୋକାନୀଙ୍କ ପକ୍ଷରୁ କଥିତ ଭାବେ ସ୍ୱୀକାର କରାଯାଇଥିବା ଦାବି ହେଉଛି। ଯଦିଓ ଏହାର ପ୍ରକୃତ ସତ୍ୟତା ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ ।

ଏହି ଘଟଣାକୁ ନେଇ ଏବେ ସାଧାରଣରେ ବଡ଼ ପ୍ରଶ୍ନ— ସେହି ଶିକ୍ଷକ କିଏ ? କାହା ଅନୁରୋଧରେ ଏତେ ଟଙ୍କାର ବିଲ୍ ପ୍ରସ୍ତୁତ ହେଲା ? ବିଲ୍‌ରେ ଦର୍ଶାଯାଇଥିବା ଔଷଧ ପ୍ରକୃତରେ କିଣାଯାଇଥିଲା କି? ଯଦି କିଣାଯାଇଥିଲା, ତେବେ ସେସବୁ ଔଷଧ କେଉଁଠି ରହିଛି ?

ସବୁଠାରୁ ବଡ଼ ପ୍ରଶ୍ନ ହେଉଛି— ବିଲ୍‌ରେ ଦର୍ଶାଯାଇଥିବା ଔଷଧ ପିଲାମାନଙ୍କୁ ପ୍ରକୃତରେ ଦିଆଯାଇଥିଲା କି?

ଅଭିଯୋଗ ଅନୁସାରେ, ବିଭିନ୍ନ ପ୍ରକାର ଔଷଧ ଛାତ୍ରଛାତ୍ରୀଙ୍କୁ ଦିଆଯାଇଥିବା କାଗଜପତ୍ରରେ ଦର୍ଶାଯାଇଥିବା ବେଳେ ବାସ୍ତବରେ ପିଲାମାନଙ୍କୁ ଟଙ୍କାଟିଏର ଔଷଧ ମଧ୍ୟ ଦିଆଯାଇନଥିବା ଅଭିଯୋଗ ରହିଛି । ଯଦି ଏହି ଅଭିଯୋଗ ସତ୍ୟ ହୁଏ, ତେବେ ଏହା ଅତ୍ୟନ୍ତ ଗୁରୁତର ଆର୍ଥିକ ଅନିୟମିତତାର ବିଷୟ ହୋଇପାରେ ।

ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ କେବଳ ଔଷଧ ବିଲ୍ ଯାଞ୍ଚ କଲେ ହେବ ନାହିଁ ବୋଲି ମତ ପ୍ରକାଶ ପାଉଛି । ବିଦ୍ୟାଳୟକୁ ଗତ ୧୦ ବର୍ଷରେ କେତେ ସରକାରୀ ଅର୍ଥ ଆସିଛି ଏବଂ କେଉଁ ଖାତାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ତାହାର ସମ୍ପୂର୍ଣ୍ଣ ଯାଞ୍ଚ ଆବଶ୍ୟକ ।

ମଧ୍ୟାହ୍ନ ଭୋଜନ ପାଇଁ କେତେ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଆସିଛି, ବିଦ୍ୟାଳୟର ମହଜୁଦ ଖାତାରେ କ'ଣ ଉଲ୍ଲେଖ ରହିଛି, ଛାତ୍ରଛାତ୍ରୀଙ୍କ ପୋଷାକ, ଜୋତା, ବହି ଓ ଛାତ୍ରବୃତ୍ତି ପାଇଁ କେତେ ଅର୍ଥ ଆସିଛି ଏବଂ କେତେ ଜଣଙ୍କୁ ଦିଆଯାଇଛି— ସବୁକିଛି ଯାଞ୍ଚ ହେବା ଦରକାର ।

ସେହିପରି ବିଦ୍ୟାଳୟର ମରାମତି କିମ୍ବା ନିର୍ମାଣ କାମ ପାଇଁ ମଞ୍ଜୁର ହୋଇଥିବା ଅର୍ଥ, କାମର ଆନୁମାନିକ ଖର୍ଚ୍ଚ, କାମ ଆଦେଶ, କାମ ମାପ ଖାତା, କାମ ସମାପ୍ତି ପ୍ରମାଣପତ୍ର ଓ ଚୂଡ଼ାନ୍ତ ବିଲ୍ ମଧ୍ୟ ଯାଞ୍ଚ କରାଯିବା ଆବଶ୍ୟକ । ବିଦ୍ୟାଳୟରେ କିଣାଯାଇଥିବା ସମସ୍ତ ସାମଗ୍ରୀର ବିଲ୍ ଏବଂ ମହଜୁଦ ଖାତା ମଧ୍ୟରେ ସମନ୍ୱୟ ରହିଛି କି ନାହିଁ, ପରିଚାଳନା କମିଟିର ବୈଠକରେ ଆର୍ଥିକ ନିଷ୍ପତ୍ତି କିପରି ହୋଇଛି ଏବଂ ଗତ ୧୦ ବର୍ଷର ହିସାବ ଯାଞ୍ଚ ରିପୋର୍ଟରେ କୌଣସି ଆପତ୍ତି ଉଠିଛି କି ନାହିଁ— ତାହା ମଧ୍ୟ ସାମ୍ନାକୁ ଆସିବା ଦରକାର ।

## ବନ୍ଦନା ପାତ୍ର ମହାକାଳପଡ଼ା ଥାନାର ନୂତନ ଥାନାଧିକାରୀ



ମହାକାଳପଡ଼ା, ୨୪।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ଥାନାର ନୂତନ ଥାନା ଅଧିକାରିଣୀ ଭାବେ ବନ୍ଦନା ପାତ୍ର ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଥାନା ଅଧିକାରିଣୀ ଭାବେ କାର୍ଯ୍ୟ କରିଥିଲେ। କାର୍ଯ୍ୟଦକ୍ଷତା ଓ ଜନସାଧାରଣଙ୍କ ସହ ସୁସମ୍ପର୍କ ପାଇଁ ପରିଚିତ ଶ୍ରୀମତୀ ପାତ୍ରଙ୍କୁ ପୂର୍ବତନ ଥାନା ଅଧିକାରୀ ମାନସ ରଞ୍ଜନ ମଲ୍ଲିକଙ୍କ ସ୍ଥାନରେ ମହାକାଳପଡ଼ା ଥାନାର ଦାୟିତ୍ୱ ଦିଆଯାଇଛି। ଶ୍ରୀ ମଲ୍ଲିକଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାକୁ ବଦଳି କରାଯାଇଛି।

ଦାୟିତ୍ୱ ଗ୍ରହଣ ପରେ ବନ୍ଦନା ପାତ୍ର କହିଛନ୍ତି ଯେ, ମହାକାଳପଡ଼ା ଅଞ୍ଚଳରେ ଶାନ୍ତି ଓ ସୁରକ୍ଷା ବଜାୟ ରଖିବା ସହ ସାଧାରଣ ଲୋକଙ୍କୁ ତ୍ୱରିତ ଓ ନିରପେକ୍ଷ ପୋଲିସ ସେବା ଯୋଗାଇଦେବା ତାଙ୍କର ପ୍ରାଥମିକତା ରହିବ। ଆଇନ ଉଲ୍ଲଂଘନକାରୀ ଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ନେବା ସହ ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନକୁ ମଧ୍ୟ ସେ ଗୁରୁତ୍ୱ ଦେବେ।

ତେବେ ମହାକାଳପଡ଼ା ଭଳି ଏକ ସମ୍ବେଦନଶୀଳ ରାଜନୈତିକ ଉଷ୍ମତା ଥିବା ଅଞ୍ଚଳରେ ତାଳ ଦେଇ ବଢ଼ୁଥିବା ଚୋରା ମଦ କାରବାର ଓ ଆଇନଶୃଙ୍ଖଳା ସମସ୍ୟା ଉପରେ ନୂତନ ଥାନା ଅଧିକାରିଣୀ ଙ୍କ ପଦକ୍ଷେପ କିପରି ରହୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଆମ ଆଦମୀ ପାର୍ଟି ପକ୍ଷରୁ ବନ୍ୟା ପ୍ରପୀଡ଼ିତଙ୍କୁ ରିଲିଫ ବଣ୍ଟନ



କେନ୍ଦ୍ରାପଡ଼ା,୨୪।୮(ସଂଚାର ବ୍ୟୁରୋ):ଆମ ଆଦମୀ ପାର୍ଟି ପକ୍ଷରୁ ବନ୍ୟା ପ୍ରପିଡିତମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲ୍ଲାର ପଟ୍ଟାମୁଣ୍ଡାଇ, ବାଲିପାଟଣା, ତନ୍ତୁପୁର, ବଙ୍ଗାଳଦିଆ, ବାଞ୍ଛରା ଆଦି ଅଞ୍ଚଳରେ ବନ୍ୟା ପ୍ରପିଡିତଙ୍କୁ ଆମ୍ ଆଦମୀ ପାର୍ଟିର ରାଜ୍ୟ ସଂଗଠନ ସମ୍ପାଦକ ସତ୍ୟାନୁ ଦାସଙ୍କ ନେତୃତ୍ୱରେ କାର୍ଯ୍ୟକର୍ତ୍ତା ମାନେ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି । ଏହି ଅବସରରେ ଶ୍ରୀ ଦାସ ବନ୍ୟା ପ୍ରପିଡିତଙ୍କୁ ଭେଟି ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ପରେ ଜିଲ୍ଲା ପ୍ରଶାସନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି । ଦୀର୍ଘ ଦିନ ଧରି ଜଳବନ୍ଦୀ ଅବସ୍ଥାରେ ଥିବା ଜନସାଧାରଣଙ୍କୁ ପ୍ରଶାସନ ପକ୍ଷରୁ କିଲେ ଚୁଡ଼ା ଓ କେଇ ଖଣ୍ଡ ବିସ୍କୁଟ ଧରେଇ ନିଜର ଦାୟିତ୍ୱ ନିର୍ବାହ କରୁନଥିବାରୁ ଆମ୍ ଆଦମୀ ପାର୍ଟି ପକ୍ଷରୁ ଅଭିଯୋଗ କରାଯିବା ସହ ଜିଲ୍ଲା ପ୍ରଶାସନକୁ ତୁରନ୍ତ କ୍ରିୟାଶୀଳ ହେବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଉକ୍ତ ରିଲିଫ୍ ଟିମରେ ଶ୍ରୀ ଦାସଙ୍କ ସମେତ କୁମୁଦ ରାଉତ, ରୁଦ୍ର ପ୍ରସାଦ ବେହେରା, ଇନ୍ତେଖାବ୍ ସୋହେଲ ଖାନ୍, ସତ୍ୟ ରଞ୍ଜନ ପରିଡ଼ା, ମହମ୍ମଦ ସାହିଲ୍, ହେମନ୍ତ ସାହୁ, ସେକ୍ ଇସ୍ମାଇଲ, ଯାହିଦୁର୍ ରହମାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଖବର ପ୍ରକାଶ ପରେ ସମାଧାନ ହେଲା ସମସ୍ୟା

### ଧନ୍ୟବାଦ ଜଣାଇଲେ ଉପଭୋକ୍ତା



ମହାକାଳପଡ଼ା,୨୪।୮(ସଂଚାର ବ୍ୟୁରୋ): ଦୀର୍ଘ ଦିନ ଧରି ଉପଭୋକ୍ତା ଏ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆଉମ୍ କରି ସେ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ଥକି ପଡ଼ିଥିଲେ ମଧ୍ୟ ବିଦ୍ୟୁତ୍ ବିଭାଗ ତାଙ୍କ ସମସ୍ୟା ସମାଧାନ କରୁନଥିଲା। 'ସଂଚାର'ରେ ଏନେଇ ଖବର ପ୍ରକାଶ ପରେ ସମସ୍ୟାର ସମାଧାନ କରିଛି ବିଭାଗ।

ସୂଚନା ଅନୁଯାୟୀ ମହାକାଳପଡ଼ା ବ୍ଲକ ଦେଉଳପଡ଼ା ପଞ୍ଚାୟତ ଅନ୍ତର୍ଗତ ଦେଉଳପଡ଼ା (ମେରେଦା) ଗ୍ରାମର ବାରକିଶୋର ଦାସ ବିଦ୍ୟୁତ ବିଭାଗର ଅବହେଳା ନେଇ ଅଭିଯୋଗ ଆଣିଥିଲେ। ତାଙ୍କ ଘରେ ଲଗାଯାଇଥିବା ସ୍ମାର୍ଟ ମିଟର ଫେବୃଆରୀ ମାସରୁ ଅକାମି ହୋଇଥିବା ଅଭିଯୋଗ ସତ୍ତ୍ୱେ ଏପର୍ଯ୍ୟନ୍ତ ତାହାର ସମାଧାନ କରୁନଥିଲେ ବିଭାଗୀୟ ଅଧିକାରୀ। ମିଟର ଅଚଳ ଥିବାରୁ ତାଙ୍କୁ ମିନିମମ୍ ଚାର୍ଜ ଆକାରରେ ଅଧିକ ବିଦ୍ୟୁତ ବିଲ୍ ଦେବାକୁ ପଡୁଥିଲା। ଏନେଇ ସେ ବିଭାଗୀୟ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ କରିବା ସହ ୧୦ ଏପ୍ରିଲ ୨୦୨୬ରେ କେୟାର ବ୍ୟାଙ୍କ ଓ ମାର୍ଶାଘାଇ ବିଦ୍ୟୁତ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ପ୍ରାୟ ୪ ମାସ ବିତିଗଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନଥିବାରୁ ଉପଭୋକ୍ତା ଅସନ୍ତୋଷ ପ୍ରକାଶ କରି ସଂଚାର ଆଗରେ ସମସ୍ୟା ବଖାଣିଥିଲେ।

ଏନେଇ ସମସ୍ୟା ସମାଧାନ କରୁନି ଟାଟା ପାୱାର ଶୀର୍ଷକ ଖବର ଦୈନିକ ଖବରକାଗଜ "ସଂଚାର"ରେ ୧୩ ଅଗଷ୍ଟ ରେ ପ୍ରକାଶ ହୋଇଥିଲା। ଖବର ପ୍ରକାଶ ପରେ ବିଭାଗୀୟ ଅଧିକାରୀ ଉପଭୋକ୍ତାଙ୍କ ଘରେ ପହଞ୍ଚି ତାଙ୍କର ଏକ ନୂତନ ମିଟର ବସାଇ ସମସ୍ୟାର ସମାଧାନ କରିଛନ୍ତି। ଏନେଇ ଉପଭୋକ୍ତା ସଂଚାର ଖବରକାଗଜ ଓ ଆମ ପ୍ରତିନିଧିଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସଂଚାର ପ୍ରଭାବ

### ପ୍ରଶନ୍ନଙ୍କ ମୃତ୍ୟୁରେ ଅସହାୟ ପରିବାର

## ଶୁଦ୍ଧିକ୍ରିୟା ପାଇଁ ଅର୍ଥ ସାଜିଛି ବାଧକ, ସହଯୋଗ ଲୋଡ଼ିଲେ ପରିବାର ଲୋକେ



ମହାକାଳପଡ଼ା,୨୪।୮(ସଂଚାର ବ୍ୟୁରୋ): ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅଙ୍କ ମୃତ୍ୟୁ ପରେ ବେସାହାରା ହୋଇପଡ଼ିଛି ପରିବାର। ଘରର ଏକମାତ୍ର ରୋଜଗାରିଆ ଆରପାରିକୁ ଚାଲିଯିବା ପରେ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି। ଏବେ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ବାଧକ ସାଜିଛି। ସରକାରୀ ସହାୟତା ସହ ବ୍ୟକ୍ତିବିଶେଷ ଓ ସାମାଜିକ ଅନୁଷ୍ଠାନଗୁଡ଼ିକର ସହଯୋଗ ପାଇଁ ପରିବାର ଗୁହାରି କରିଛନ୍ତି।

ସୂଚନା ଅନୁଯାୟୀ, ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ଅନ୍ତର୍ଗତ ତିଖିରି ଗ୍ରାମର ପ୍ରଶନ୍ନ ବେହେରା (୫୩) ଭୁବନେଶ୍ୱରରେ ରହି ଦୀର୍ଘଦିନ ହେବ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ପତ୍ନୀ ରୋଜାଲିନି ଓ ଦୁଇ ପୁଅ ସତ୍ୟପ୍ରକାଶ ଓ ଶୁଭମ୍‌ଙ୍କୁ ନେଇ ତାଙ୍କର ଛୋଟ ପରିବାର ହସଖୁସିରେ ଚଳି ଆସୁଥିଲା। ହେଲେ ଗତ ୧୮ ଅଗଷ୍ଟରେ ଏକ ସଡ଼କ ଦୁର୍ଘଟଣାରେ ପ୍ରଶନ୍ନଙ୍କ ମୃତ୍ୟୁ ଘଟିଥିଲା। ପ୍ରଶନ୍ନଙ୍କ ମୃତ୍ୟୁ ପରେ ଏବେ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି। ନା ରହିବା ପାଇଁ ଭଲ ଘର ଖଣ୍ଡିଏ ଅଛି, ନା ଚାଷ କରି ଜୀବିକା ନିର୍ବାହ ପାଇଁ ଜମି। ଏପରି ସ୍ଥିତିରେ ପ୍ରଶନ୍ନଙ୍କ ଶୁଦ୍ଧିକ୍ରିୟା କିପରି କରିବେ, ସେନେଇ ପତ୍ନୀ ଓ ଦୁଇ ପୁଅ ଚିନ୍ତାରେ ଅଛନ୍ତି।

ଏହି ଦୁଃସମୟରେ ଜିଲ୍ଲା ପ୍ରଶାସନ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ସହୃଦୟ ବ୍ୟକ୍ତିବିଶେଷ ସହାୟତାର ହାତ ବଢ଼ାଇବାକୁ ପରିବାର ପକ୍ଷରୁ ନିବେଦନ କରାଯାଇଛି।

## ସନ୍ଦେହଜନକ ଅବସ୍ଥାରେ ମଦ ଦୋକାନ ନିକଟରୁ ମହିଳା ଉଦ୍ଧାର



ନିଶ୍ଚିନ୍ତକୋଇଲି,୨୪।୮(ସଂଚାର ବ୍ୟୁରୋ): ସୋମବାର ମଧ୍ୟାହ୍ନ ସମୟରେ ନିଶ୍ଚିନ୍ତକୋଇଲି ୮ନଂ କେନାଲ ପାର୍ଶ୍ୱରେ ଥିବା ନରେନ୍ଦ୍ରପୁର ସରକାରୀ ଠିପି ବନ୍ଦ ବିଦେଶୀ ମଦ ଦୋକାନ ନିକଟରୁ ସନ୍ଦେହଜନକ ଅବସ୍ଥାରେ ଜନୈକ ମହିଳା ଶୋଇ ରହିଥିଲେ। ଏପରି ଘଟଣା ପ୍ରଚାର ପ୍ରସାର ହେବା ପରେ ସ୍ଥାନୀୟ ଅଞ୍ଚଳରେ ଉକ୍ତ ଘଟଣାକୁ ନେଇ ନାନା ମୁହଁରେ ନାନା କଥା ଶୁଣିବାକୁ ମିଳିଥିଲା। କିନ୍ତୁ କିଛି ସମୟ ପରେ ନିଶ୍ଚିନ୍ତକୋଇଲି ପୁଲିସ ପହଞ୍ଚି ଉକ୍ତ ମହିଳାକୁ ଉଦ୍ଧାର କରିବା ସହ ତାଙ୍କ ଗାଡ଼ିରେ ବସାଇ ଥାନାକୁ ନେଇ ଯାଇଥିଲେ। ତେବେ ଥାନାକୁ ନେଲା ପରେ ଯାହା ପୁଲିସ ଅଧିକାରୀମାନେ କହିବା କଥା କାଳେ ମହିଳା ଜଣକ ମଦ୍ୟପାନ କରି ଶୋଇଥିଲେ। ତେବେ ଉକ୍ତ ମଦ ଦୋକାନର ନାମ ରହିଛି ଠିପି ବନ୍ଦ ମଦ ଦୋକାନ କିନ୍ତୁ ଏହା ପ୍ରକୃତରେ ଠିପି ବନ୍ଦ ମଦ ଦୋକାନ କି ଠିପି ଖୋଲା ମଦ ଦୋକାନ ତାହାକୁ ନେଇ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ବିଭିନ୍ନ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଉକ୍ତ ରାସ୍ତା ଦେଇ କଲେଜ ଛାତ୍ର, ଛାତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଏବଂ ମାଆ, ଉଭଣୀ ମାନେ ଗମନାଗମନ କରିବାକୁ ସୁରକ୍ଷିତ ମଣୁନାହାଁନ୍ତି। ଏହି ମଦ ଦୋକାନକୁ ଏଠାରୁ ଉଚ୍ଛେଦ ପାଇଁ ବୁଦ୍ଧିଜୀବୀ ଏବଂ ମହିଳା ମାନଙ୍କ ମହଲରେ ଦୃଢ଼ ଦାବି ହୋଇଛି।

## ଦେବଗିରିରେ ସଫେଇ କଲା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ



କେନ୍ଦ୍ରାପଡ଼ା,୨୪।୮(ସଂଚାର ବ୍ୟୁରୋ): ସରିଛି ଶ୍ରାବଣ ମାସ। ଏହି ଅବସରରେ ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ବିଭିନ୍ନ ଶୈବପୀଠରେ କାଉଡ଼ିଆଙ୍କ ଭିଡ଼ ଜମିଥିଲା। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ଦେବଗିରି ପର୍ବତସ୍ଥିତ ନୀଳକଣ୍ଠେଶ୍ୱର ମହାଦେବଙ୍କ ପୀଠରେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଓଡ଼ିଶା ସମେତ ବାହାର ରାଜ୍ୟରୁ ମଧ୍ୟ ଭକ୍ତମାନେ ଆସି ଜଳାଭିଷେକ କରିଥିଲେ। ତେବେ ଭକ୍ତଙ୍କ ଆଗମନ ସହ ପର୍ବତରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ମିଳିଥିଲା।

ପ୍ଲାଷ୍ଟିକ ପାତ୍ରରେ ଜଳ ଆଣିବା, ପ୍ଲାଷ୍ଟିକ ବୋତଲ ଓ କାଉଡ଼ି ଭାର ଏଣେତେଣେ ପକାଇବା ଯୋଗୁଁ ଦେବଗିରିର ପରିବେଶ ପ୍ରଦୂଷିତ ହେଉଥିବା ଦେଖି ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ଟ୍ରଷ୍ଟ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ଦେବଗିରିରେ ପର୍ଯ୍ୟାପ୍ତ ଡଷ୍ଟବିନ୍ ନଥିବାରୁ ଏଭଳି ଅବ୍ୟବସ୍ଥା ସୃଷ୍ଟି ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। କାଉଡ଼ିଆମାନଙ୍କୁ ପ୍ଲାଷ୍ଟିକ ପାତ୍ରରେ ଜଳ ନଆଣିବାକୁ ଟ୍ରଷ୍ଟ ପକ୍ଷରୁ ସଚେତନ କରାଯାଇଥିଲା। ଏଥିସହ ଦେବଗିରି ପାହାଡ଼କୁ ପ୍ଲାଷ୍ଟିକମୁକ୍ତ କରିବା ସହ ପର୍ଯ୍ୟାପ୍ତ ଡଷ୍ଟବିନ୍ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ଟ୍ରଷ୍ଟ ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୨୪।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକ ଅର୍ନ୍ତଗତ ଖଡିଅଣ୍ଟା ପ୍ରାଥମିକ ବିଦ୍ୟାଳୟ ଠାରେ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା କୁମାରୀ ପ୍ରଧାନଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୂଖ୍ୟ ଅତିଥିଭାବେ ସ୍ମୃତି ରଞ୍ଜନ ମଲ୍ଲିକ, ମୁଖ୍ୟ ବକ୍ତାଭାବେ ସୁନୀତି କୁମାରୀ ଦାଶ, ସମ୍ମାନୀତ ଅତିଥିଭାବେ ଗାଲେଖ ପ୍ରସାଦ ମଲ୍ଲିକ, ସଂଘମିତ୍ରା ନାୟକ, ପ୍ରେମବାଳା ମହାପାତ୍ର,ଜୀବନ ବୀମା ନିଗମର ଚିଫ୍ ଆଡଭାଇଜର ରଞ୍ଜନ କୁମାର ପ୍ରଧାନ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା କୁମାରୀ ପ୍ରଧାନଙ୍କ କାର୍ଯ୍ୟକାଳ ଭିତରେ ବିଦ୍ୟାଳୟର ଉନ୍ନତୀ କରଣ ତଥା କୁନି କୁନି ପିଲାମାନଙ୍କୁ ସ୍ନେହ ମମତା ଡୋରିରେ ଶିକ୍ଷାଦାନ କରିବା ଉପରେ ଆଲୋକପାତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ, ଅଭିଭାବକ ତଥା ଗ୍ରାମବାସୀ ମାନେ ଯୋଗଦେଇଥିଲେ ।



## ଶିବାନନ୍ଦ ଆଶ୍ରମରେ ମାତୃ ସମ୍ମିଳନୀ




କେନ୍ଦ୍ରାପଡ଼ା,୨୪।୮(ସଂଚାର ବ୍ୟୁରୋ): ଚିଦାନନ୍ଦ ତପୋବନ ଶାନ୍ତି ଆଶ୍ରମ ବାଲିଗୁଆଳୀ ଠାରେ ତ୍ରିଦିବସୀୟ ମାତୃ ସମ୍ମିଳନୀ ଉଦଘାଟିତ ହୋଇଯାଇଛି। ଏହି ସମ୍ମିଳନୀକୁ ଉଦଘାଟନ କରି ସ୍ୱାମୀ କୃଷ୍ଣଦାସାନନ୍ଦ ସରସ୍ୱତୀ, ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ସ୍ୱାମୀ ଆତ୍ମିକାନନ୍ଦ ସରସ୍ୱତୀ ଓ ସ୍ୱାମୀ ମୋକ୍ଷପ୍ରୀୟାନନ୍ଦ ସରସ୍ୱତୀ କହିଲେ ମାତୃଶକ୍ତୀର ବିକାଶ ହେଲେ ଦେଶ ଓ ସମାଜର ବିକାଶ ହୋଇପାରିବ । ମାଆର ବିକାଶ ହେଲେ ସାରା ଦୁନିଆର ବିକାଶ ସମ୍ଭବ ହୋଇପାରିବ । ମାଆ ଶୃଙ୍ଖଳିତ, ସଂସ୍କାରୀ ଓ ଶିକ୍ଷିତ ହେଲେ ସମାଜକୁ ଉତ୍ତମ ସନ୍ତାନ ଦେଇପାରିବ । ଆଜିର ସମାଜରେ ବିଜ୍ଞାନ ବହୁ ଅଗ୍ରଗତି କରିଛି। ସବୁର ପରିପୂର୍ଣ୍ଣତା ଅଛି କିଛି ଅଭାବ ନାହିଁ । ହେଲେ ଭଲ ମଣିଷର ଅଭାବ ରହିଛି ବୋଲି ସେମାନେ କହିଥିଲେ । ମାତୃଶକ୍ତି ଜାଗ୍ରତ ହେଲେ ସମାଜ ତିଷ୍ଠି ରହିବ । ମାଆହିଁ ସମାଜର ମେରୁଦଣ୍ଡ । ପବିତ୍ର ଭାରତ ଭୂମିର ପୂର୍ବକାଳରେ ଥିବା ମହିୟସୀ ବିଦୁଷୀ ମହିଳାଙ୍କ ଜୀବନକୁ ଅନୁକରଣ କରିବା ଉଚିତ ବୋଲି ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି ଶିବିରକୁ ଅକ୍ଷୟ କୁମାର ଦାସ, ଅଦ୍ୱୈତ ବିଶ୍ୱାଳ, ପ୍ରଫେସର ଡା. ଗୀତା ମହାନ୍ତି, ଶୈଳରାଣୀ ମିଶ୍ର, ସୁଶ୍ରୀ ରେଖାରାଣୀ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

## ଦୁର୍ଘଟଣାରେ ଯୁବକ ମୃତ

ବାରିପଦା,୨୪।୮(ସଂଚାର ବ୍ୟୁରୋ): ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ଗୋରୁମହିଷାଣୀ ଥାନା ଅଞ୍ଚଳର ଓ୍ୱିଜାତଳା ବ୍ଲକର ସାନବାଣ୍ଟା ଗ୍ରାମର ଅଲେଖ ଚନ୍ଦ୍ର ଧଳ ଘରର କୌଣସି କାମ ପାଇଁ ସାଇକେଲ ଯାଉଥିବାବେଳେ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ । ଘଟଣାଟି ରବିବାର ସକାଳେ ଘଟିଥିଲା ।ପରେ ପରିବାର ଲୋକେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ ।ରାଇରଙ୍ଗପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଅଛି। ଆଜି ଗୋରୁମହିଷାଣି ପୁଲିସ ପକ୍ଷରୁ ଏକ କେଶ ମାମଲା ୦୯/୨୦୨୬ ରୁଜୁ କରାଯିବା ସହ ଶବ ବ୍ୟବଛେଦ ବରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

## ସରସ୍ୱତୀ ଶିଶୁ ମନ୍ଦିରରେ ବିଭାଗ-ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳା ଆୟୋଜିତ




ପଟ୍ଟାମୁଣ୍ଡାଇ,୨୪।୮(ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ପ୍ରହରାଜପୁର ସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିକ୍ଷା ବିକାଶ ସମିତି, ଓଡ଼ିଶା, ଉତ୍ତର ପୂର୍ବ ସମ୍ଭାଗ ଦ୍ୱାରା ପ୍ରାୟୋଜିତ ବିଭାଗ-ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳା ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇ ଯାଇଛି। ୨୧.୮.୨୦୨୬ ଶୁକ୍ରବାର ସନ୍ଧ୍ୟାରେ ପରିଚୟାତ୍ମକ ବୈଠକରେ କେନ୍ଦ୍ରାପଡ଼ା ସହ ଜିଲ୍ଲା ପ୍ରମୁଖ ଦିନେଶ ଚନ୍ଦ୍ର ଦେବନାଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ୨୨-୮ ଶନିବାର ପୂର୍ବାହ୍ନ ଦଶ ଘଟିକା ସମୟରେ କାର୍ଯ୍ୟକ୍ରମର ଉଦ୍‌ଘାଟନ ପର୍ବରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇର ଅବସରପ୍ରାପ୍ତ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ନିଶିଥ୍ କୁମାର ବାରିକ ଯୋଗ ଦେଇ ମା' ସରସ୍ୱତୀଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଉପ ସଭାପତି ସୁଜାତା ମିଶ୍ର ଓ ଶିକ୍ଷା ବିକାଶ ସମିତି,କେନ୍ଦ୍ରାପଡ଼ା ସହ ଜିଲ୍ଲା ପ୍ରମୁଖ ଦିନେଶ ଚନ୍ଦ୍ର ଦେବନାଥ ଉପସ୍ଥିତ ଥିଲେ ।

ଅତିଥି ମାନେ ଶିଶୁ ପ୍ରତିଭାଗୀଙ୍କ ଉଦ୍ଦେଶ୍ୟରେ ବିଜ୍ଞାନର ଭୂମିକା ଉପରେ ସୁନ୍ଦର ମୂଲ୍ୟବାନ ଓ ପ୍ରେରଣପୂର୍ଣ୍ଣ ଉଦବୋଧନ ଦେଇଥିଲେ। ପରେ ବିଚାରକ ଭାବେ ନିମନ୍ତ୍ରିତ ହୋଇ ଆସିଥିବା ବିଜ୍ଞାନ ଶିକ୍ଷକଙ୍କ ଦ୍ୱାରା ପ୍ରତିଭାଗୀଙ୍କର ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ପ୍ରୟୋଗ, ପତ୍ରବାଚନ, ପ୍ରଶ୍ନମଞ୍ଚ ମୂଲ୍ୟାଙ୍କନ ହୋଇଥିଲା। ଶେଷ ଦିନ ତା ୨୩-୮ ରବିବାରେ ବିଚାରକଙ୍କ ପୁନଃ ମୂଲ୍ୟାଙ୍କନ ପରେ ସମାରୋପ ପର୍ବ ଆରମ୍ଭ ହୋଇଥିଲା ।

ଏହି ପର୍ବରେ ମୁଖ୍ୟ ଅତିଥି ଭାବେ ଶିକ୍ଷା ବିକାଶ ସମିତି,ଓଡିଶା, ଉତ୍ତର ପୂର୍ବ ସମ୍ଭାଗ ସଂଯୋଜକ ତୁଷାର ରଞ୍ଜନ ଦାଶ, ମୁଖ୍ୟ ବକ୍ତା ଭାବେ ଶିକ୍ଷା ବିକାଶ ସମିତିର ସଦସ୍ୟା ସରୋଜିନୀ ଦେବୀ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ସଭାପତି ପ୍ରମୋଦ କୁମାର ନାୟକ, ଦିନେଶ ଚନ୍ଦ୍ର ଦେବନାଥ ଯୋଗ ଦେଇ ଶିଶୁ ପ୍ରତିଭାଗୀ ମାନଙ୍କୁ ନିଜ ନିଜ ଶୈଳୀରେ ଗଣିତ ଓ ବିଜ୍ଞାନର ଉନ୍ନତି, ଆଗାମୀ ଦିନରେ ବୈଜ୍ଞାନିକ ଓ ଗାଣିତିକ ହୋଇ ଦେଶ ଜାତିର ଉନ୍ନତି କରିବା ନିମନ୍ତେ ପ୍ରେରଣା ଦାୟକ ଅଭିଭାଷଣ ରଖିଥିଲେ।

ଉତ୍ତର ପୂର୍ବ ସମ୍ଭାଗ ଅଧିନସ୍ଥ ଭିନ୍ନ ଭିନ୍ନ ଜିଲ୍ଲାରୁ ୧୧୦ ଜଣ ପ୍ରତିଭାଗୀ ଯୋଗ ଦେଇ ସେମାନଙ୍କର କୃତିତ୍ୱ ପ୍ରଦର୍ଶନ କରିଥିଲେ।

## ଘରୋଇ କଳିରୁ ଯୁବକଙ୍କ ଆତ୍ମହତ୍ୟା



ନୀଳଗିରି,୨୪।୮(ସଂଚାର ବ୍ୟୁରୋ): ଘରୋଇ କଳିରୁ ଜୈନିକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ସୂଚନା ଯୋଗ୍ୟ ନୀଳଗିରି ଏନଏସି ୧ ନମ୍ବର ୱାର୍ଡ଼ କଦମସାହି ଗ୍ରାମର କାର୍ତ୍ତିକ ସେଠୀଙ୍କ ପୁଅ ମହେନ୍ଦ୍ର ସେଠୀ (୪୦) ଆଜି ନିଜ ଘରେ ଥିବାବେଳେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗିଥିଲେ। ତେବେ ଆଜି ସନ୍ଧ୍ୟା ୬,୩୦ମିନିଟ ସମୟରେ ଘରେ ଥିବାବେଳେ ନିଜ ବେଡ଼ ରୁମ ଭିତରେ ରହି କବାଟ ବନ୍ଦ କରି ଦେଇଥିଲେ। କିଛି ସମୟ ପରେ ସେ ଆଉ କବାଟ ଖୋଲି ନଥିବାରୁ ପରିବାର ଲୋକ କବାଟ ଭାଙ୍ଗି ଘରେ ପସି ଦେଖିବା ବେଳକୁ ମହେନ୍ଦ୍ର ନିଜ ବେଡ଼ ରୁମରେ ଥିବା ପଙ୍ଖାରେ ବେକରେ ଏକ ରଶି ଲଗାଇ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ସଙ୍ଗେସଙ୍ଗେ ପରିବାର ଲୋକ ନୀଳଗିରି ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ନୀଳଗିରି ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ ହେବବୋଲି ସୂଚନା ମିଳିଛି। ଏଠାରେ ସୂଚନା ଥାଉକି ଶ୍ରୀଯୁକ୍ତ ସେଠୀ ଜଣେ ସରକାରୀ କର୍ମଚାରୀ ଭାବେ ରେମୁଣା ବ୍ଲକର ମନ୍ଦାରପୁର ପଞ୍ଚାୟତରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ।

## ଯୁଗ୍ମ ଜନଶୁଣାଣି ଶିବିର: ୭୫ ଅଭିଯୋଗ, ୫ଟିର ତତ୍କାଳ ସମାଧାନ



ସତ୍ୟବାଦୀ,୨୪।୮(ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୭୫ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରୁ ମାତ୍ର ୫ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଛି। ଅନ୍ୟ ଅଭିଯୋଗଗୁଡ଼ିକର ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ପଠାଯାଇଛି। ମୋଟ ଅଭିଯୋଗ ମଧ୍ୟରୁ ୬୫ଟି ବ୍ୟକ୍ତିଗତ ଓ ୧୦ଟି ସାମୂହିକ ସମସ୍ୟା ସମ୍ପର୍କିତ ଥିଲା।

ଶିବିରକୁ ଅଭିଯୋଗ ନେଇ ଆସିଥିବା ଅନେକ ଲୋକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସମସ୍ୟାର ସମାଧାନ ହେଉନଥିବା ଅଭିଯୋଗ କରିଥିଲେ। ହାତରେ ହଳଦିଆ କାଗଜ ଖଣ୍ଡେ ଧରି ଫେରୁଥିବା କେତେକ ଅଭିଯୋଗକାରୀ ଜନଶୁଣାଣି ଶିବିର ପ୍ରହସନରେ ପରିଣତ ହୋଇଥିବା କହିଥିଲେ। ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ଦିଗରେ ସରକାର ଆନ୍ତରିକତା ପ୍ରକାଶ କରୁନଥିବା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଅଭିଯୋଗ କରିଥିଲେ।

ମଧୁବନ ପଞ୍ଚାୟତ ଅନ୍ତର୍ଗତ ଡାହାଣ କୁମ୍ଭାରପଡ଼ା ଗ୍ରାମର ଜଣେ ହିତାଧିକାରୀ ଆବାସ ଯୋଜନାରେ ଘର ନିର୍ମାଣ କରିଥିଲେ ମଧ୍ୟ ଟଙ୍କା ମିଳୁନଥିବା ଅଭିଯୋଗ କରିଥିଲେ। ଏଥିସହ ସତ୍ୟବାଦୀ ବ୍ଲକର ୧୫ ଜଣ ନିର୍ମାଣ ଶ୍ରମିକ ସେମାନଙ୍କ ପୁଅଝିଅଙ୍କ ବିବାହ ପ୍ରମାଣପତ୍ର ମିଳୁନଥିବା ନେଇ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ପୁରୀ-ଭୁବନେଶ୍ୱର ୩୧୬ ନମ୍ବର ଜାତୀୟ ରାଜପଥର କଲେଜ ଛକ ଓ ପଟ୍ଟନାୟକିଆ ମଧ୍ୟରେ ଥିବା ୟୁ-ଟର୍ଣ୍ଣକୁ ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ଉଭୟ ୟୁ-ଟର୍ଣ୍ଣ ମଧ୍ୟରେ ପ୍ରାୟ ୪ କିଲୋମିଟର ଦୂରତା ଥିବାରୁ କାଦୁଆ, ବୀର ରାମଚନ୍ଦ୍ରପୁର ଓ ନୂଆ ସମେଶ୍ୱରପୁର ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକଙ୍କ ସମେତ ଭଟପୁର ଓ ଚଉଦବାଟିଆ ଅଞ୍ଚଳର ଲୋକେ ରାସ୍ତା ପାର ହେବାରେ ଅସୁବିଧା ଭୋଗୁଥିବା ଅଶୋକ ବେହେରା ଅଭିଯୋଗ କରିଥିଲେ। ଏହାର ତୁରନ୍ତ ସମାଧାନ ଦାବି କରାଯାଇଥିଲା।

ଶୁକଳ ଅଞ୍ଚଳର ବିଶ୍ୱଜିତ ପଟ୍ଟନାୟକ ପାନୀୟଜଳ, ବିଦ୍ୟୁତ ଓ ରାସ୍ତା ସମସ୍ୟା ନେଇ ଅଭିଯୋଗ କରିଥିଲେ। ଶିବିରରେ ପାନୀୟଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ଆର୍‌ଡ଼ି, ପିଡବ୍ଲ୍ୟୁଡି, ଭତ୍ତା ଓ ଆବାସ ଯୋଜନା ସମ୍ପର୍କିତ ବିଭିନ୍ନ ଅଭିଯୋଗ ଆସିଥିଲା। ଶିବିରରେ ଏଡିଏମ୍ (ଜେନେରାଲ) ଶରତ ଚନ୍ଦ୍ର ବେହେରା, ଏଡିଏମ୍ (ରାଜସ୍ୱ) ସୁଶାନ୍ତ କୁମାର ପତି, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ, ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ।

## ବ୍ଲୁ ଲେକରେ ଲାଗିଲା ନାଲି ପତାକା, ସୂଚନା ଫଳକ ଓ ଡେଞ୍ଜର ସିଗନାଲ



ନୀଳଗିରି,୨୪/୮(ସଂଚାର ବ୍ୟୁରୋ ): ଗତ ୨୨ ତାରିଖ ଦିନ ବ୍ଲୁ ଲେକ ୨ଛାତ୍ର ମୃତ୍ୟୁ ଘଟଣା ପରେ ଜିଲ୍ଲା ଓ ଉପଖଣ୍ଡ ପ୍ରଶାସନ ର ଚେତା ପଶିଛି। ଆଜି ନୀଳଗିରିଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରେ ପୂର୍ବାହ୍ନ୧୧ଘଟିକା ସମୟ ରେ ନୀଳଗିରି ବିଡିଓ ବିକ୍ରମ କେଶରୀ ପରିଡା, ଭାରପ୍ରାପ୍ତ ତହସିଲଦାର ଶ୍ରୀମତୀ ଶୁଭଶ୍ରୀ ଜେନା, ଯନ୍ତ୍ରୀ ଇଂ ବୈଦିନାଥ ସିଂ, ମିତ୍ରପୁର ଆରଆଇ ଅଭିଷେକ ନାୟକ ଘଟଣା ସ୍ଥଳରେ ପହଞ୍ଚି ବ୍ଲୁ ଲେକ ରାସ୍ତା ପାର୍ଶ୍ୱ ଟି ମଛୁଆ ପଂଚାୟତରେ ଯାଉଥିବାରୁ ସ୍ଥାନୀୟ ସରପଞ୍ଚ କମଳାକାନ୍ତ ସିଂ, ଉପରମୁଣ୍ଡଟି ମହିଷାପଟା ପଂଚାୟତ ରେ ଯାଉଥିବା ରୁ ସରପଂଚ ରବୀନ୍ଦ୍ର ସିଂ ଓ ତଳ ମୁଣ୍ଡ ଟି କେପି ଲାଖରାଜ ପଂଚାୟତ ଯାଉଥିବା ରୁ ସରପଞ୍ଚ ଗିରିଷ ସିଂ ଡାକି ବ୍ଲୁଲେକ ଅଘଟଣ କିପରି ରୋକିବା ସହ ଲୋକଙ୍କୁ କିପରି ଅଘଟଣରୁ ରୋକାଯାଇପାରିବ ସେଥିପାଇଁ ବିଡ଼ିଓ ଶ୍ରୀ ପରିଡା କହିଥିଲେ। ପରେ ୧୬୩ବିଏନସ ଲାଗିଥିବା ଅଞ୍ଚଳରେ ନାଲି ପତାକା, ସୂଚନା ଫଳକ ଓ ଡେଞ୍ଜର ଲେଖା ଥିବା ନାଲି ଫିତାରେ ଉକ୍ତ ଅଞ୍ଚଳକୁ ଆବଦ୍ଧ କରାଯାଇଛି।

ସୂଚନାଯୋଗ୍ୟ ୨୦୧୮-୧୯ ମସିହାରୁ କ୍ରମାଗତ ଭାବରେ ଅଘଟଣ ଘଟି ନୀଳଗିରି ଅଞ୍ଚଳରେ ପରିତ୍ୟକ୍ତ ଖଦାନରେ ଆଗରୁ ୧୫ ଟୀବନ ଯାଇଥିଲେ ମଧ୍ୟ ପ୍ରଶାସନ କି ସ୍ଥାନୀୟ ଲୋକ ପ୍ରତିନିଧି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ।



ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ଓ ଧର୍ମଶାଳା ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସଂସଦୀୟ ଓ ବିଧାନ ସେବା କ୍ଷେତ୍ରର ବିକାଶ ସମ୍ପର୍କରେ ଆଲୋଚନା କରୁଛନ୍ତି।

# ରାଜ୍ୟପାଳଙ୍କୁ ଭେଟିଲେ ମାଉଣ୍ଟ ୟୁନାମ ଆରୋହଣକାରୀ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ହିମାଚଳ ପ୍ରଦେଶର ୬,୧୧୧ ମିଟର ଉଚ୍ଚ ମାଉଣ୍ଟ ୟୁନାମ ଶୃଙ୍ଗ ସଫଳତାର ସହ ଆରୋହଣ କରିଥିବା ଓଡ଼ିଶାର ମହିଳା ପର୍ବତାରୋହୀ ଦଳ ସୋମବାର ଲୋକ ଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରିଛନ୍ତି।



ଏହି ଅବସରରେ ଦଳର ସଫଳତା ପାଇଁ ସମସ୍ତ ସଦସ୍ୟଙ୍କୁ ରାଜ୍ୟପାଳ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଅଭିଯାନ ସମୟରେ ସେମାନେ ସାମ୍ନା କରିଥିବା ଆହ୍ୱାନ ଓ ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଦଳର ୧୧ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ମାଉଣ୍ଟ ୟୁନାମ ଶୃଙ୍ଗରେ ପହଞ୍ଚିବାରେ ସଫଳ ହୋଇଥିବା ବେଳେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ୬ ଜଣଙ୍କୁ ମଝିରୁ ଫେରିବାକୁ ପଡ଼ିଥିଲା।

ଏହି ସଫଳତା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ରାଜ୍ୟପାଳ କହିବା ସହ ଏହା ଅଧିକ ମହିଳାଙ୍କୁ ପର୍ବତାରୋହଣ ଓ ଅନ୍ୟାନ୍ୟ ଦୁଃସାହସିକ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ଆଶା ପ୍ରକାଶ କରିଥିଲେ। ଦଳର ସଦସ୍ୟମାନଙ୍କ ଦୃଢ଼ ସଙ୍କଳ୍ପ, ସାହସ ଓ ଉତ୍ସାହକୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ଆସୋସିଏସନ ଫର ଆଡଭେଞ୍ଚର ଆଣ୍ଡ ସୋସିଆଲ ଆକ୍ଟିଭିଟିଜ୍ (ଏଏଏସ୍ଏ)ର ଉପସଭାପତି ହରେଶ କୁମାର ମିଶ୍ର ଓ ସଂଘର ସମ୍ପାଦକ ତଥା ପର୍ବତାରୋହୀ ଗଣେଶ ଚନ୍ଦ୍ର ଜେନା ମଧ୍ୟ ଉପସ୍ଥିତ ଥିଲେ।

# ରାଜ୍ୟରେ ପ୍ରତିଷ୍ଠା ହେବ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର

## ଜାତୀୟ ମହାକାଶ ଦିବସ ପାଳିତ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ଏ ସଂକ୍ରାନ୍ତୀୟ ବିଭିନ୍ନ ପ୍ରକଳ୍ପ ଉପରେ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ ଦେବା ସହ ଯୁବ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଜ୍ଞାନଭିତ୍ତିକ ଅନିସନ୍ଧିତ୍ସୁ ଜାଗ୍ରତ କରିବା ଉପରେ କାର୍ଯ୍ୟ କରୁଛନ୍ତି। ରାଜ୍ୟରୁ ଉତ୍ପାଦିତ ବିଭିନ୍ନ ସାମଗ୍ରୀ ଦେଶର ହିତରେ ଯେଭଳି ଲାଗିବ, ସେଥିପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।



ଓଡ଼ିଶା ମହାକାଶ ଉପଯୋଗ କେନ୍ଦ୍ରରେ ଆୟୋଜିତ ଜାତୀୟ ମହାକାଶ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଣ ମନ୍ତ୍ରୀ କହିଛନ୍ତି ଯେ ଓର୍ସାକ୍ ଦ୍ୱାରା ରାଜ୍ୟରେ ଚାଷଜମିଠାରୁ ଆରମ୍ଭ କରି ଭୂତଳ ଜଳ ଓ ଖଣିଜ ସମ୍ପଦର ଭଣ୍ଡାର ଓ ଏହାର ପରିମାଣ ସମ୍ପର୍କରେ ବିଭିନ୍ନ ତଥ୍ୟ ହାସଲ କରାଯାଇପାରୁଛି। ଆବଶ୍ୟକ ସ୍ଥଳେ ଅନେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ରାଜସ୍ୱ ସଞ୍ଚୟ କରାଯାଇପାରୁଛି। ଖାଲି ସେତିକି ନୁହେଁ, ରାଜ୍ୟର ଷ୍ଟାର୍ଟଅପ୍‌ରୁ ଉତ୍ପାଦିତ ଡ୍ରୋନ୍ ଭଳି ବିଭିନ୍ନ ଉପକରଣ ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ବ୍ୟବହାର ହେଉଥିବା ଅତ୍ୟନ୍ତ ଆନନ୍ଦର ବିଷୟ। ରାଜ୍ୟରେ ଏକ ବିଜ୍ଞାନ ଭବନ ଓ ଓର୍ସାକ୍‌ର ନୂତନ କୋଠା ନିର୍ମାଣ ସହ ଜିଆଇଏସ ଲ୍ୟାବ ପ୍ରତିଷ୍ଠା ହେବା ନେଇ ଶ୍ରୀ ପାତ୍ର କହିଥିଲେ। ରାଜ୍ୟରେ ଉପଗ୍ରହ ଉତ୍କ୍ଷେପଣ କେନ୍ଦ୍ର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାରଙ୍କ ସହ ପ୍ରାରମ୍ଭିକ ଆଲୋଚନା ହୋଇଥିବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ନିକଟରେ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା ହୋଇଥିବା ସେ କହିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଚିତ୍ରା ଅରୁମୁଗମ୍ ମଧ୍ୟ ଉଦ୍‌ବୋଧନ ଦେଇଥିଲେ।

■ ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ସଂଶୋଧନ ନେଇ ବୈଠକ

# ମନ୍ଦିର ଓ ମଠର ସୁପରିଚାଳନା ହେବ ସହଜ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ରାଜ୍ୟରେ ଦେବୋତ୍ତର ବିଭାଗ ଅଧୀନରେ ଅନେକ ମନ୍ଦିର, ମଠ ଓ ଧାର୍ମିକ ଅନୁଷ୍ଠାନମାନ ରହିଛି। ଏଥି ମଧ୍ୟରୁ ଅନେକ ମନ୍ଦିର ଓ ମଠ ବହୁ ପୁରାତନ ହୋଇଥିବା ବେଳେ ଏହାର ପରିଚାଳନା ନେଇ ସ୍ପଷ୍ଟ ନିୟମାବଳୀ ନାହିଁ।



ଏହି କ୍ରମରେ ପ୍ରଚଳିତ ଓଡ଼ିଶା ହିନ୍ଦୁ ଧାର୍ମିକ ଦେବୋତ୍ତର ଆଇନ ୧୯୫୧ରେ ଆବଶ୍ୟକ ସଂଶୋଧନ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଚଳିତ ଆଇନରେ ଥିବା ବହୁ ଅନାବଶ୍ୟକ ଧାରା ଓ ଉପଧାରାକୁ ଯୁଗୋପଯୋଗୀ ଅନୁଯାୟୀ ସଂଶୋଧନ ନେଇ ଆଲୋଚନା ହୋଇଥିଲା। ଏଥିସହ କମିଶନର, ଅତିରିକ୍ତ କମିଶନର ଓ କ୍ଷମତାପ୍ରାପ୍ତ ଅଧିକାରୀଙ୍କ କ୍ଷମତା, କ୍ୟାଡର ପୁନର୍ଗଠନ, ଦେବୋତ୍ତର ବିଭାଗରେ ନୂଆ ନିଯୁକ୍ତି ସୃଷ୍ଟି ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ଆଇନ ମନ୍ତ୍ରୀ କହିଛନ୍ତି ଯେ ଏହି ସଂଶୋଧିତ ଆଇନ କାର୍ଯ୍ୟକାରୀ ହେଲେ ମନ୍ଦିର, ମଠ ଓ ଧାର୍ମିକ ଅନୁଷ୍ଠାନର ପ୍ରଶାସନିକ ଓ ଆର୍ଥିକ ସୁପରିଚାଳନା ଅଧିକ ସୁଦୃଢ଼ ହୋଇପାରିବ।

## ଶ୍ରୀକ୍ଷେତ୍ରରୁ ତୁଳସୀକ୍ଷେତ୍ର ଗଲା ପାଟରାକ୍ଷୀ



କଟକ, ୨୪।୮ (ସଂଚାର ବ୍ୟୁରୋ)ଃ ଶ୍ରୀଜଗନ୍ନାଥ ପାଟସେବା ବିକାଶ ପରିଷଦର ପକ୍ଷରୁ ସୋମବାର ତୁଳସୀକ୍ଷେତ୍ରକୁ ପାଟରାକ୍ଷୀ ଯାଇଛି। ପ୍ରତିବର୍ଷ ଭଳି ଏବର୍ଷ ଶ୍ରୀକ୍ଷେତ୍ରବାସୀ ଭଉଣୀ ସୁଭଦ୍ରା ତୁଳସୀକ୍ଷେତ୍ରରେ ଥିବା ଭାଇ ଜଗନ୍ନାଥ ଓ ବଳଭଦ୍ରଙ୍କ ପାଇଁ ଏହି ରାକ୍ଷୀ ପଠାଇଛନ୍ତି। ୨୩ରେ ନୂଆବଜାର ସ୍ଥିତ ପାଟରାଖୀ ବିକାଶ ପରିଷଦର କାର୍ଯ୍ୟାଳୟରୁ ପାଟରାଖୀ ଯାଇ ପୁରୀ ଗୋବର୍ଦ୍ଧନପୀଠାଧୀଶ ଶଙ୍କରାଚାର୍ଯ୍ୟଙ୍କଠାରୁ ନୀତି ନିୟମରେ ଆସିବା ପରେ ଧାକୁଲାଇ ପୀଠରେ ରାକ୍ଷୀ ରାତ୍ରୀ ରହଣି ହୋଇଥିଲା। ଆଜି ଧାକୁଲାଇରୁ ଆଧ୍ୟାତ୍ମିକ ପରିବେଶରେ ସଂକୀର୍ତ୍ତନ କରାଯାଇ ରାକ୍ଷୀ ଆସି ନୂଆବଜାର, ପୋତାପୋଖରୀରେ ପହଞ୍ଚିବା ପରେ ଭକ୍ତମାନେ ଦର୍ଶନ କରିଥିଲେ। ପରେ ପୋତାପୋଖରୀ ମା' ରିଦ୍ଧିସିଦ୍ଧି ମନ୍ଦିରକୁ ରାକ୍ଷୀ ଯାଇଥିଲା। ଏହାପରେ କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ଅଭିମୁଖେ ରାକ୍ଷୀ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ଶୁଭେନ୍ଦୁ କୁମାର ସ୍ୱାଇଁ, ହିମାଂଶୁ ଶେଖର ସାହୁ ସମେତ ରାକ୍ଷୀ ତିଆରି କରିଥିବା ସଭ୍ୟମାନେ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ



କଟକ, ୨୪।୮ (ସଂଚାର ବ୍ୟୁରୋ)ଃ ଆଠଗଡ଼ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ନୂତନ ସମ୍ମିଳନୀ କକ୍ଷରେ ସୋମବାର ପୂର୍ବାହ୍ନ ୧୦ ଘଟିକାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୂରଦୂରାନ୍ତରୁ ଆସିଥିବା ନାଗରିକମାନଙ୍କ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏହି ସମାବେଶରେ ସର୍ବମୋଟ ୧୩୨ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ, ସେଥିମଧ୍ୟରୁ ୧୨୬ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ଏହା ସହିତ ରେଡକ୍ରସ୍ ପାଣ୍ଠିରୁ ଆର୍ଥିକ ସହାୟତା ପାଇଁ ୩ଟି ଆବେଦନ ଓ ୧୨ଟି ଅନ୍ୟାନ୍ୟ ଭତ୍ତା ସମ୍ବନ୍ଧୀୟ ଆବେଦନ ଗ୍ରହଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାପାଳଙ୍କ ସମେତ ଆଠଗଡ଼ ଉପ-ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଆଠଗଡ଼ ତହସିଲଦାର, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀ, ଆଠଗଡ଼ ଥାନା ଭାରପ୍ରାପ୍ତ ଅଧିକାରୀ ଏବଂ ଜିଲ୍ଲା ଓ ପଞ୍ଚାୟତ ସମିତିସ୍ତରୀୟ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

■ ଏମ୍ଏମ୍‌ଡିଆର ଆମେଣ୍ଡମେଣ୍ଟ ବିଲ୍ ପ୍ରସଙ୍ଗ

# ଡବଲ ଇଞ୍ଜିନ ସରକାରକୁ ଘାରିଛି କର୍ପୋରେଟ୍ ଚିନ୍ତାଃ ବିଜେଡି

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ବିନା ଆଲୋଚନାରେ ସଂସଦରେ ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍ ପାରିତ ହୋଇଛି। ଯାହାଦ୍ୱାରା ରାଜ୍ୟର ହକ୍‌କୁ କେନ୍ଦ୍ର ସରକାର ଛଡ଼ାଇ ନେଇଛନ୍ତି। ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଖଣି ମାଲିକଙ୍କୁ ସୁହାଇଲା ଭଳି କାର୍ଯ୍ୟ କରିଥିବାରୁ ଡବଲ ଇଞ୍ଜିନ ସରକାରକୁ କଡ଼ା ସମାଲୋଚନା କରିଛି ବିଜେଡି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଣବ ବଳବନ୍ତରାୟ ଡବଲ ଇଞ୍ଜିନ ସରକାରଙ୍କ ରାଜ୍ୟ ବିରୋଧୀ କାର୍ଯ୍ୟକୁ କଡ଼ା ନିନ୍ଦା କରିଛନ୍ତି।



କ୍ୟାପଟେନ ମିଶ୍ର କହିଛନ୍ତି ଯେ ଏମଏମଡିଆର ଆମେଣ୍ଡମେଣ୍ଟ ବିଲ୍‌କୁ କେନ୍ଦ୍ର ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରାଇଛନ୍ତି। ସୁପ୍ରିମକୋର୍ଟ ଯେତେବେଳେ ରାଜ୍ୟଗୁଡ଼ିକର ରାଜସ୍ୱ ଅଧିକାରୀକୁ ସ୍ୱୀକୃତି ଦେଇଛନ୍ତି, ସେତେବେଳେ ରାଜ୍ୟମାନଙ୍କ ସହ ବିନା ଆଲୋଚନା ଓ ପରାମର୍ଶରେ କେନ୍ଦ୍ର ସରକାର କାହିଁକି ଆଇନ ମାଧ୍ୟମରେ ଏହି ଅଧିକାରକୁ ଛଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି? ଜୁଲାଇ ୨୦୨୪ରେ ସର୍ବୋଚ୍ଚ ନ୍ୟାୟାଳୟର ୯ଜଣିଆ ଖଣ୍ଡପୀଠ ଖଣି ଓ ଖଣିର ଜମି ଉପରେ ରାଜ୍ୟମାନଙ୍କର ଅଧିକାର ରହିଛି ବୋଲି ମତ ଦେଇଥିଲେ। ରାଜ୍ୟମାନେ ଖଣିଜ ପଦାର୍ଥ ଉପରୁ ଲେଭି ଓ ଟ୍ୟାକ୍ସ ଆଦାୟ କରିପାରିବେ। କିନ୍ତୁ ତାହାକୁ କେନ୍ଦ୍ର ସରକାର ନିଜ ନିୟନ୍ତ୍ରଣକୁ ନେଇ ରାଜ୍ୟ ସରକାରଙ୍କ ହକ୍‌କୁ ଛଡ଼ାଇ ନେଇଛନ୍ତି। ରାଜ୍ୟ ସରକାର ଖଣିରୁ ଟ୍ୟାକ୍ସ ଆଦାୟ କ୍ଷମତା କେନ୍ଦ୍ର ସରକାରଙ୍କ ହାତକୁ ଟେକି ଦେଇଛନ୍ତି। ଖଣି ମାଲିକଙ୍କ ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି ଡବଲ ଇଞ୍ଜିନ ସରକାର ବୋଲି ସେ ଅଭିଯୋଗ କରିଛନ୍ତି।

ସେହିପରି ଶ୍ରୀ ବଳବନ୍ତରାୟ କହିଛନ୍ତି ଯେ ଖଣିଜ ସମ୍ପଦରୁ ରାଜ୍ୟକୁ ସର୍ବାଧିକ ପରିମାଣର ଆୟ ହୋଇଥାଏ। କିନ୍ତୁ ତାହାକୁ କେନ୍ଦ୍ର ସରକାର ଛଡ଼ାଇ ନେଇ ରାଜ୍ୟର ଅର୍ଥନୀତିକୁ ନଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ବିଜେଡି ସରକାର ସମୟରେ ରାଜ୍ୟର ଖଣିଜ ସମ୍ପଦରୁ ଆୟ ବୃଦ୍ଧି ପାଇ ତାହା ୫୦ ହଜାର କୋଟି ଟଙ୍କାରେ ପହଞ୍ଚିଥିଲା। ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା, ଗୁଜରାଟ ଓ ମହାରାଷ୍ଟ୍ର ଭଳି ଶିଳ୍ପ ସମୃଦ୍ଧ ରାଜ୍ୟକୁ ପଛରେ ପକାଇ ଅଧିକ ଖଣି ରାଜସ୍ୱ ଆଦାୟ କରିଥିଲା। ଏମଏମଡିଆର ଆଇନ ବଳରେ କେନ୍ଦ୍ର ବିଜେପି ସରକାର ଯୋଜନାବଦ୍ଧ ଭାବେ ରାଜ୍ୟର ଅର୍ଥନୈତିକ ହକ୍‌କୁ ଛଡ଼ାଇ ନେଇଥିବା ଶ୍ରୀ ବଳବନ୍ତରାୟ ସମାଲୋଚନା କରିଛନ୍ତି।

# ଓରମାସ୍ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ




ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ରକ୍ଷାବନ୍ଧନ ଅବସରରେ ଓଡ଼ିଶାର ଗ୍ରାମୀଣ କାରିଗର ଓ ଉତ୍ପାଦକ ଗୋଷ୍ଠୀମାନଙ୍କର ହାତତିଆରି ଉତ୍ପାଦକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଆଜି ଭୁବନେଶ୍ୱରର ପଟିଆଠାରେ ଓରମାସ୍ ପକ୍ଷରୁ ଏକ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ ହୋଇଛି। ଓରମାସ୍‌ର ଅତିରିକ୍ତ ସିଇଓ ଗୀତାଞ୍ଜଳି ବେହେରା ଏହି ଷ୍ଟଲ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓରମାସ୍‌ର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଷ୍ଟଲ୍‌ରେ ସବାଇ ଘାସ, କାଇଁଚ, ଧାନ, ଜଗନ୍ନାଥ, ପଟ୍ଟଚିତ୍ର, କଉଡ଼ି ଓ ବାଉଁଶ ଆଦି ପ୍ରାକୃତିକ ଉପାଦାନରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ପାରମ୍ପରିକ, ପରିବେଶ ଅନୁକୂଳ ଓ ହାତତିଆରି ରାକ୍ଷୀ ପ୍ରଦର୍ଶିତ ଓ ବିକ୍ରି କରାଯାଉଛି। ଏହି ପଦକ୍ଷେପ ମାଧ୍ୟମରେ ଓରମାସ୍ ଗ୍ରାମୀଣ ମହିଳା, କାରିଗର ଓ ଉତ୍ପାଦକ ଗୋଷ୍ଠୀଙ୍କ ହାତତିଆରି ଉତ୍ପାଦକୁ ବଜାର ସୁଯୋଗ ପ୍ରଦାନ କରିବା ସହ ଓଡ଼ିଶାର ପାରମ୍ପରିକ କଳା ଓ କାରିଗରୀକୁ ପ୍ରୋତ୍ସାହିତ କରୁଛି।

■ ଏମ୍ଏମ୍‌ଡିଆର୍ ବିଲ୍ ପ୍ରସଙ୍ଗରେ କଂଗ୍ରେସର ଅଭିଯୋଗ

# ସାଢ଼େ ୪ କୋଟି ଓଡ଼ିଆଙ୍କ ସହ ପ୍ରତାରଣା କରିଛନ୍ତି ୨୦ ବିଜେପି ସାଂସଦ

## ସୁଭଦ୍ରା ନାମରେ ଭାଣ୍ଡାମୀ କରୁଛି ଡବଲ୍ ଇଞ୍ଜିନ୍ ସରକାର

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ଆଜି କଂଗ୍ରେସ ଭବନଠାରେ ରାଜ୍ୟସ୍ୱାର୍ଥ ପରିପନ୍ଥୀ ଏମ୍ଏମ୍‌ଡିଆର୍ କଳା ବିଲ୍‌କୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ କହିଛନ୍ତି ଯେ ଏମ୍ଏମ୍‌ଡିଆର୍ ବିଲ୍ ଲାଗୁ କରିବା କେନ୍ଦ୍ର ବିଜେପି ସରକାରର ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ଏହାଦ୍ୱାରା ରାଜ୍ୟର ଘୋର ରାଜସ୍ୱ କ୍ଷତି ଘଟିବ। ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଜାଣି ସୁଦ୍ଧା ଓଡ଼ିଶାରୁ ଯାଇଥିବା ୨୦ ଜଣ ସାଂସଦ ବିଲ୍‌କୁ ସମର୍ଥନ କରିବା ଓଡ଼ିଆଙ୍କ ପ୍ରତି ପ୍ରତାରଣା ବ୍ୟତୀତ ଅନ୍ୟ କିଛି ନୁହଁ। ଏହି ବିଲ୍ ଦ୍ୱାରା ରାଜ୍ୟ ବକେୟା ଟିକସ ବାବଦକୁ ପ୍ରାୟ ୧ ଲକ୍ଷ ୫୦ କୋଟିରୁ ୨ ଲକ୍ଷ କୋଟି ଟଙ୍କା ସିଧାସଳଖ ହରାଇବ। ଏହି ଟଙ୍କାରେ ସ୍କୁଲ, କଲେଜ, ଡାକ୍ତରଖାନା, ବ୍ରିଜ ଆଦି ଅନେକ ନିର୍ମାଣ କାର୍ଯ୍ୟ ସମ୍ଭବ ହୋଇଥାନ୍ତା। କାମଧନ୍ଦା ଅଭାବରେ ବେକାରୀ ଯୁବକ ଅନ୍ୟ ରାଜ୍ୟକୁ ଦାଦନ ଯିବାକୁ ବାଧ୍ୟ ହେଉଛି, ସେମାନଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇ ପାରିଥାନ୍ତା।




ଯଦି ଲକ୍ଷେ କୋଟି ଟଙ୍କା ସାଢ଼େ ଚାରି କୋଟି ଓଡ଼ିଆଙ୍କ ମଧ୍ୟରେ ବାଣ୍ଟିଦିଆଯିବ, ତା'ହେଲେ ପ୍ରତ୍ୟେକଙ୍କୁ ୨୨ ହଜାର ଟଙ୍କା ମିଳିବ। ଅର୍ଥାତ୍ ପ୍ରତି ପରିବାରକୁ ପ୍ରାୟ ଲକ୍ଷେ ଟଙ୍କା ମିଳିପାରନ୍ତା। ସରକାର ସୁଭଦ୍ରା ନାମରେ ଭାଣ୍ଡାମୀ କରି ମାତ୍ର ୫ ହଜାର ଟଙ୍କା ଦେଇ ନାରୀ ସଶକ୍ତିକରଣର ମହୁରୀ ଫୁଙ୍କୁଛି। କିନ୍ତୁ ଅନ୍ୟ ପଟରେ ରାଜ୍ୟ ଲକ୍ଷ ଲକ୍ଷ କୋଟି ଟଙ୍କା କେନ୍ଦ୍ର ହାତକୁ ଟେକି ଦେଉଛି। ବିଜେପି ଡବଲ ଇଞ୍ଜିନ ସରକାରର ଅସଲ ଚେହେରା ବର୍ତ୍ତମାନ ସାରା ରାଜ୍ୟ ଜାଣିଗଲେଣି। ରାଜ୍ୟର ବିଜେପି ନେତୃତ୍ୱାଧୀନ ସରକାର ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରିଛି। କଂଗ୍ରେସ ଏହାର ପ୍ରତିରୋଧ ନିଶ୍ଚୟ କରିବ। ଜନତାଙ୍କ ସ୍ୱାର୍ଥ ସକାଶେ ରାଜ୍ୟ ସରକାରଙ୍କୁ ସବୁ ସ୍ତରରେ ଓ ବିଭିନ୍ନ ଉପାୟରେ ବିରୋଧ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓପିସିସି ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାଶ, କଂଗ୍ରେସ ନେତା ଚିନ୍ମୟ ସୁନ୍ଦର ଦାଶ ମଧ୍ୟ ଉପସ୍ଥିତ ଥିଲେ।

## ରିହାବିଲିଟେସନ୍ ଆସିଷ୍ଟାଣ୍ଟ ନିୟମରେ ପରିବର୍ତ୍ତନ

# ଆଇନ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ମହାସଂଘ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ରିହାବିଲିଟେସନ୍ ଆସିଷ୍ଟାଣ୍ଟ ନିୟମରେ ପରିବର୍ତ୍ତନ କରି ଅନେକ ବଞ୍ଚିତ ପ୍ରାର୍ଥୀଙ୍କ ପାଇଁ ନିଯୁକ୍ତିର ସୁଯୋଗ ସୃଷ୍ଟି କରିଥିବାରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ପକ୍ଷରୁ ସଭାପତି ବିଜୟ ମଲ୍ଲ ହାର୍ଦ୍ଦିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି। ପୂର୍ବ ସରକାରଙ୍କ ସମୟରେ ରିହାବିଲଟେସନ୍ ଆସିଷ୍ଟାଣ୍ଟ ନିୟମ-୧୯୯୦ରେ ପରିବର୍ତ୍ତନ କରି ରିହାବିଲଟେସନ୍ ଆସିଷ୍ଟାଣ୍ଟ ନିୟମ-୨୦୨୦ ମସିହାରେ ନୂତନ ନିୟମ ଲାଗୁ କରିଥିଲେ। ଏହା ଫଳରେ ଅନେକ ଯୋଗ୍ୟ ପ୍ରାର୍ଥୀ ନିଯୁକ୍ତିରୁ ବଞ୍ଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ନିୟମରେ କିଛି ପରିବର୍ତ୍ତନ ହୋଇ ୨୦୨୦ ପୂର୍ବର କିଛି ପ୍ରାର୍ଥୀ ନିଯୁକ୍ତି ପାଇଥିଲେ ମଧ୍ୟ ଅଧିକାଂଶ ଯୋଗ୍ୟ ପ୍ରାର୍ଥୀ ଏପର୍ଯ୍ୟନ୍ତ ନିଯୁକ୍ତିରୁ ବଞ୍ଚିତ ରହିଥିଲେ। ଏହି ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯିବା ପରେ ମନ୍ତ୍ରୀ ନିଜେ ତତ୍ପରତା ପ୍ରକାଶ କରି ନିୟମରେ ଆବଶ୍ୟକ ପରିବର୍ତ୍ତନ କରିଥିବାରୁ ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ତଥା ବିଭିନ୍ନ କର୍ମଚାରୀ ସଂଗଠନ ଓ ଆଶାୟୀ ପ୍ରାର୍ଥୀ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ଯୋଗ୍ୟ ପ୍ରାର୍ଥୀମାନେ ଯେପରି ଗ୍ରୁପ୍ 'ଡି' ସହ ଗ୍ରୁପ୍ 'ସି' ନିଯୁକ୍ତି ହୋଇପାରିବେ, ତା' ସହ ଯେଉଁମାନେ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଏଥିରେ ଯୋଗ କରିବା ସକାଶେ ମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ବିଜ୍ଞପ୍ତି ପ୍ରକାଶ ପରେ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବାକୁ ସଂଘ ପକ୍ଷରୁ ମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏଥିସହ ଇଭି ଆଡଭାନ୍ସ, ହେଲଥ୍ କାର୍ଡ, ପୁରୁଣା ପେନ୍‌ସନ୍ ବ୍ୟବସ୍ଥା, ୬ ବର୍ଷ ସର୍ଭିସ୍‌ରେ ଯୋଗଦାନ ଓ ଏପର୍ଯ୍ୟନ୍ତ ନିୟମିତ ହୋଇନଥିବା କର୍ମଚାରୀଙ୍କର ନିୟମିତକରଣ ଭଳି ବିଭିନ୍ନ ମିଳିତ ଦାବି ସମ୍ପର୍କରେ ମଧ୍ୟ ଆଲୋଚନା କରି ସମାଧାନ କରିବାକୁ ସଂଘ ପକ୍ଷରୁ କୁହାଯାଇଛି। ମନ୍ତ୍ରୀ ଏହି ସମସ୍ତ ବିଷୟରେ ଶୀଘ୍ର କମିଟି ଗଠନ କରି ଆଲୋଚନା ମାଧ୍ୟମରେ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଧନ୍ୟବାଦ କାର୍ଯ୍ୟକ୍ରମରେ ବିଜୟ ମଲ୍ଲଙ୍କ ସହ ପ୍ରଦୀପ ପ୍ରଧାନ, ଯୁଧିଷ୍ଠିର ସାହୁ, ଶ୍ରୀକାନ୍ତ ପାଢ଼ୀ, ଅକ୍ଷୟ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ରାଉତ, ଅମରେଶ ପ୍ରଧାନ, ବିଜୟ ସାହୁ, ପଙ୍କଜ ବାଇ, ଉଦୟ ଖଟୁଆ, ସୁଶାନ୍ତ ସାହୁ ଓ ବିକାଶ ମହାପାତ୍ର ଯୋଗଦେଇଥିଲେ।



# ଛତୁ, ପନିପରିବା ଯାଞ୍ଚ କେବେ ?

ଭୁବନେଶ୍ୱର,୨୪।୮ଃ ରାଜ୍ୟର ସହରାଞ୍ଚଳରେ ଏବେ ପନୀର ଓ ଛେନା ଆଦି ଶାକାହାରୀ ଖାଦ୍ୟ ସାମଗ୍ରୀର ଯାଞ୍ଚରୁ ଅପମିଶ୍ରଣ ଚିହ୍ନଟ ହେବା ପରେ ଏହି ସାମଗ୍ରୀ ହଠାତ୍ ବିଭିନ୍ନ ସ୍ଥାନରୁ ଉଭାନ ହୋଇଯାଇଛି। ତେବେ ଲୋକେ ଏହାର ବିକଳ୍ପ ଭାବେ ଛତୁ, ସୋୟା, ଦୁଗ୍ଧ ଆଦିକୁ ବାଛୁଥିବା ବେଳେ ତାହାର ମାନ କିନ୍ତୁ ଯାଞ୍ଚ ହେଉନାହିଁ।



ରାଜଧାନୀରେ ଏବେ ଛତୁର ଚାହିଦା ଢେର ବଢ଼ିଯାଇଛି। ଖାଦ୍ୟ ପନୀର ଓ ଛେନା ଆଦି ବ୍ୟବହାର କରୁଥିବା ଲୋକେ ଅପମିଶ୍ରଣ ଭୟରେ ଛତୁକୁ ଆଦରି ନେଉଛନ୍ତି। ତେଣୁ ଛତୁର ଦର କି କିଲୋ ପିଛା ୨୦ରୁ ୩୦ ଟଙ୍କା ବଢ଼ି ୩ ଶହ ଟଙ୍କା ଛୁଇଁଲାଣି। ତେବେ ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଏହି ଛତୁର ମାନ କିନ୍ତୁ ଯାଞ୍ଚ ହେଉନାହିଁ। ଏପରିକି ବିଭିନ୍ନ ହୋଟେଲ ଓ ଉଠାଦୋକାନୀମାନେ ଛତୁରୁ ପ୍ରସ୍ତୁତ କରୁଥିବା ଖାଦ୍ୟ ବି ଯାଞ୍ଚ ହେଉନାହିଁ।

ସହରରେ ବିକ୍ରି ହେଉଥିବା ଛତୁରୁ ଅଧିକ ଲାଭ ପାଇବା ଆଶାରେ ବ୍ୟବସାୟୀମାନେ ଏହାକୁ ଅମଳ ସ୍ଥାନରୁ ଚାଷୀଙ୍କଠାରୁ ଆଣି ସିଧାସଳଖ ପାଣିରେ ବୁଡ଼ାଇ ରଖୁଛନ୍ତି। ଏହା ଫଳରେ ଗୋଟିଏ କିଲୋ ଶୁଖିଲା ଛତୁର ଓଜନ ୨୦୦ରୁ ୩୦୦ ଗ୍ରାମ ପର୍ଯ୍ୟନ୍ତ ବଢ଼ିଯାଉଛି। ପାଣିରେ ଅଧିକ ସମୟ ବୁଡ଼ି ରହିବା ଫଳରେ କେତେକ ଛତୁ ଖରାପ ହୋଇଯାଉଥିଲେ ମଧ୍ୟ ତାହାକୁ ଅତ୍ୟନ୍ତ ଚତୁରତାର ସହ ଭଲ ଛତୁରେ ମିଶାଇ ବିକ୍ରି କରାଯାଉଛି। ଯେହେତୁ ଚାହିଦା ତୁଳନାରେ ସହରକୁ କମ୍ ଛତୁ ଆସୁଛି, ତେଣୁ ଗ୍ରାହକମାନେ ଆଗପଛ ନ ବିଚାରି ଅଧିକ ଦାମ ଦେଇ ନିମ୍ନମାନର ଛତୁ ସଂଗ୍ରହ କରୁଛନ୍ତି।

ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଯେଉଁଭଳି ଭାବେ ବିଭିନ୍ନ ଦୋକାନକୁ ଯାଇ ପନୀର ଓ ଛେନା ଯାଞ୍ଚ କରୁଛନ୍ତି ଅନୁରୂପ ଭାବେ ଛତୁ ସମେତ ଅନ୍ୟାନ୍ୟ ପନିପରିବାର ଯାଞ୍ଚ ପାଇଁ ମତ ପ୍ରକାଶ ପାଉଛି। କାରଣ ଅପମିଶ୍ରିତ ପନୀର ଭଳି ନିମ୍ନମାନର ଛତୁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅଧିକ ବିପଜ୍ଜନକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦେଉଛନ୍ତି। କେବଳ ଛତୁ ନୁହେଁ, ବର୍ତ୍ତମାନ ବଜାରରେ ସବୁଜ ପନିପରିବାର ଦର ଅଧିକ ରହୁଥିବା ବେଳେ କିଛି ବ୍ୟବସାୟୀ ରଙ୍ଗବୋଳା ଓ ଫିମ୍ପି ମାରିଯାଇଥିବା ପନିପରିବାକୁ ମଧ୍ୟ ବିକ୍ରି କରୁଛନ୍ତି। ସହରରେ ଥିବା ଛୋଟ ଛୋଟ ହୋଟେଲ, ଖାଦ୍ୟ ପ୍ରସ୍ତୁତ କରୁଥିବା ମନ୍ଦିର, ଢାବା, ଉଠା ଖାଦ୍ୟ ଦୋକାନୀମାନେ ସାଧାରଣତଃ ଏହାକୁ ବ୍ୟବହାର କରୁଛନ୍ତି। ଯେହେତୁ ସେହିସବୁ ଖାଦ୍ୟ ଦୋକାନରେ ଯାଞ୍ଚର ଭୟ ନାହିଁ, ତେଣୁ ନିମ୍ନମାନର ପନିପରିବା ସେହିଠାରେ ହିଁ ଅଧିକ ବ୍ୟବହାର ହେଉଛି। ସେହିଭଳି ସହରରେ ଏବେ ବିଭିନ୍ନ ସ୍ଥାନରେ ଖୋଲାରେ ଦୁଗ୍ଧ ବିକ୍ରି ହେଉଛି। ରାଜଧାନୀ ଆଖପାଖରୁ ବିଭିନ୍ନ ସ୍ଥାନରୁ ଦୁଗ୍ଧକୁ ଟ୍ୟାଙ୍କରରେ ଆଣି ବିକ୍ରି କରାଯାଉଛି। ଏହାକୁ ନେବାକୁ ବି ଲୋକେ ଧାଡ଼ି ଲଗାଉଛନ୍ତି। ତେବେ ଏହି ଦୁଗ୍ଧର ମାନ କ'ଣ ରହିଛି, ତାହା ସାଧାରଣ ଖାଉଟିଙ୍କ ପକ୍ଷେ ଜାଣିବା ସମ୍ଭବପର ନୁହେଁ। ତେଣୁ ପନୀର, ଛେନା ଭଳି ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଥିବା ଖୋଲା ଦୁଗ୍ଧର ମାନ ଯାଞ୍ଚ ପାଇଁ ମଧ୍ୟ ମତ ପ୍ରକାଶ ପାଉଛି। (ତଥ୍ୟ)

# ଏମ୍ଏମ୍‌ଡିଆର୍ ବିଲ୍ ପ୍ରତ୍ୟାହାର ଦାବିରେ ଇଣ୍ଡି ମେଣ୍ଟର ବିକ୍ଷୋଭ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ)ଃ ଓଡ଼ିଶାର ସମ୍ପଦ ଓ ରାଜସ୍ୱ ଲୁଟ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପାସ୍ ହୋଇଥିବା ଏମଏମଡିଆର-୨୦୨୬ କଳା ଆଇନକୁ ପ୍ରତ୍ୟାହାର ଦାବିରେ ଇଣ୍ଡି ମେଣ୍ଟର ସମସ୍ତ ବିରୋଧୀ ରାଜନୈତିକ ଦଳ ପକ୍ଷରୁ ଆଜି ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ଏଥଇରେ ଭାରତୀୟ ଜାତୀୟ କଂଗ୍ରେସ ସମେତ ଇଣ୍ଡି ମେଣ୍ଟର ସମସ୍ତ ରାଜନୈତି ଦଳର ନେତୃବୃନ୍ଦ ଅଂଶଗ୍ରହଣ କରି ଏଭଳି ଜନସ୍ୱାର୍ଥ ବିରୋଧୀ ବିଲ୍‌କୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ରାଜ୍ୟର ସ୍ୱାର୍ଥରକ୍ଷା କରିବା ଦିଗରେ ବିଜେପିର ୨୦ ସାଂସଦ ଓ ମୁଖ୍ୟମନ୍ତ୍ରୀ ଚୁପ ରହିବା କ୍ଷୋଭ ଓ ପରିତାପର ବିଷୟ ବୋଲି ସେମାନେ କହିଛନ୍ତି। ପରେ ମଶାଲ ର୍‌ୟାଲି କରାଯିବା ସହ ମୁଖ୍ୟମନ୍ତ୍ରୀ ଓ ବିଜେପିର ୨୦ ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପ୍ରକାଶ ଜେନା, ଶିବାନନ୍ଦ ରାୟ, ସୁର ଜେନା, ପ୍ରଦୀପ ନାୟକ, ହେମନ୍ତ ବେହେରା, ପ୍ରଭାତ ସାମନ୍ତରାୟ, ସୁରେଶ ପାଣିଗ୍ରାହୀ, ଜ୍ୟୋତି ରଞ୍ଜନ ମହାପାତ୍ର, ମହେନ୍ଦ୍ର ପରିଡ଼ା, ମନୋରଞ୍ଜନ ଦାଶ, କିଶୋର ଜେନା, ଅଭୟ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ମିହିର ଆଚାର୍ଯ୍ୟ ଓ ସୂର୍ଯ୍ୟକାନ୍ତ ଜେନା ପରିଚାଳନା କରିଥିଲେ।



sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୨୫ ଅଗଷ୍ଟ ୨୦୨୬, ଭୁବନେଶ୍ୱର
Tuesday 25 August 2026, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ଗଣତନ୍ତ୍ରର ସତ୍ୟ ପରୀକ୍ଷା




ଭାରତୀୟ ଗଣତନ୍ତ୍ରରେ ଏବେ ସବୁଠାରୁ ଅଧିକ ଚର୍ଚ୍ଚାର ବିଷୟ ହୋଇଛି ନିର୍ବାଚନ କମିଶନଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର)। ଏହି ପ୍ରକ୍ରିୟାକୁ ନେଇ ଗୋଟିଏ ପଟେ ନିର୍ବାଚନୀ ତାଲିକାରୁ ଅଯୋଗ୍ୟ ନାମ ହଟାଇବାର ଯୁକ୍ତି ରହିଛି, ଅନ୍ୟପଟେ ପ୍ରଶ୍ନ ଉଠୁଛି ଏହାର ଆଳରେ କ'ଣ କୋଟି କୋଟି ଯୋଗ୍ୟ ଭୋଟର ଭୋଟ ଦେବା ଅଧିକାର ହରାଇବେ? ଏବେ '୧୦ କୋଟି ଲୋକଙ୍କ ଭୋଟ ଅଧିକାର ଚାଲିଯାଇପାରେ' ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଉଛି, ତାହାକୁ ଏଯାବତ୍ ଏକ ନିଶ୍ଚିତ ତଥ୍ୟ ବୋଲି କହିବା ଠିକ୍ ହେବ ନାହିଁ। ଏହା ମୁଖ୍ୟତଃ ରାଜନୈତିକ ଓ ସାର୍ବଜନୀନ ଚର୍ଚ୍ଚାରେ ଉଠିଥିବା ଏକ ବଡ଼ ଆଶଙ୍କା। କିନ୍ତୁ ଏହି ଆଶଙ୍କାକୁ ଅଣଦେଖା କରିବା ମଧ୍ୟ ଗଣତାନ୍ତ୍ରିକ ଭାବେ ବିପଜ୍ଜନକ। ନିକଟରେ ପି. ଚିଦମ୍ବରମ୍ ପ୍ରାୟ ୧୦ କୋଟି ଯୋଗ୍ୟ ଭୋଟରଙ୍କ ଅଧିକାର ପ୍ରଭାବିତ ହେବାର ଆଶଙ୍କା ଉଠାଇଛନ୍ତି। ନିର୍ବାଚନ କମିଶନଙ୍କ ଯୁକ୍ତି ମଧ୍ୟ ସ୍ପଷ୍ଟ। ଭୋଟର ତାଲିକାରେ ମୃତ ବ୍ୟକ୍ତିଙ୍କ ନାମ, ସ୍ଥାନାନ୍ତରିତ ଲୋକଙ୍କ ନାମ, ଡୁପ୍ଲିକେଟ୍ ନାମ, ଅନୁପସ୍ଥିତ ଭୋଟର ଏବଂ ବିଦେଶୀ ନାଗରିକଙ୍କ ନାମ ରହିବା ନିର୍ବାଚନର ସ୍ୱଚ୍ଛତା ପାଇଁ ନିଶ୍ଚିତ ଭାବେ ସମସ୍ୟା। କମିଶନ ମଧ୍ୟ କହିଛନ୍ତି ଯେ ଏସଆଇଆରର ମୂଳ ଉଦ୍ଦେଶ୍ୟ ହେଉଛି କୌଣସି ଯୋଗ୍ୟ ନାଗରିକ ତାଲିକାରୁ ବାଦ ପଡ଼ିବେ ନାହିଁ ଏବଂ କୌଣସି ଅଯୋଗ୍ୟ ବ୍ୟକ୍ତି ତାଲିକାରେ ରହିବେ ନାହିଁ। ତେଣୁ ଏସଆଇଆର ଆବଶ୍ୟକ କି? ନିଶ୍ଚିତ ଭାବେ ଆବଶ୍ୟକ। କିନ୍ତୁ ଏସଆଇଆରର ଆବଶ୍ୟକତା ଓ ଏସଆଇଆର ପ୍ରକ୍ରିୟା ଏ ଦୁଇଟିକୁ ଏକାଠି କରିଦେବା ଠିକ୍ ନୁହେଁ। ତାଲିକା ଶୁଦ୍ଧିକରଣର ଅଧିକାର ନିର୍ବାଚନ କମିଶନଙ୍କର ଅଛି; କିନ୍ତୁ ଜଣେ ଯୋଗ୍ୟ ଭାରତୀୟଙ୍କ ନାମ ତାଲିକାରୁ ହଟାଇବା ପୂର୍ବରୁ ତାଙ୍କୁ ନିଜ ପକ୍ଷ ରଖିବାର ପୂର୍ଣ୍ଣ ସୁଯୋଗ ଦେବା ମଧ୍ୟ ସେହି ପ୍ରକ୍ରିୟାର ଅବିଚ୍ଛିନ୍ନ ଅଂଶ। ଏହି ଆଶଙ୍କା କେବଳ କଳ୍ପନା ନୁହେଁ। ତେଲଙ୍ଗାନାର ଡ୍ରାଫ୍ଟ ତାଲିକାରୁ ୭୩.୩ ଲକ୍ଷ ନାମ ବାଦ ପଡ଼ିଥିବା ଖବର ଆସିଛି। ଏଥିରେ ମୃତ, ସ୍ଥାନାନ୍ତରିତ, ଅନୁପସ୍ଥିତ ଓ ଡୁପ୍ଲିକେଟ୍ ଭୋଟରଙ୍କ ନାମ ରହିଛି। କିନ୍ତୁ ଡ୍ରାଫ୍ଟ ତାଲିକାରୁ ନାମ ବାଦ ପଡ଼ିବା ଅର୍ଥ ଚୂଡ଼ାନ୍ତ ଭାବେ ଭୋଟ ଅଧିକାର ହରାଇବା ନୁହେଁ; ଦାବି ଓ ଆପତ୍ତିର ସୁଯୋଗ ରହିଛି। ଏଠାରେ ଆଉ ଗୋଟିଏ ମୂଳ ପ୍ରଶ୍ନ ଏସଆଇଆର କ'ଣ 'ଆଣ୍ଟି-ନ୍ୟାସନାଲ୍'ଙ୍କୁ ବାହାର କରିବାର ଅଭିଯାନ? ନା। ନିର୍ବାଚନୀ ତାଲିକାରୁ ଅଯୋଗ୍ୟ ବିଦେଶୀ ନାଗରିକଙ୍କ ନାମ ହଟାଇବା ଏକ କଥା, କିନ୍ତୁ କାହାକୁ 'ଦେଶବିରୋଧୀ' ଘୋଷଣା କରିବା ସମ୍ପୂର୍ଣ୍ଣ ଭିନ୍ନ ବିଷୟ। ଭୋଟର ତାଲିକା ଶୁଦ୍ଧିକରଣକୁ ନାଗରିକତା ନିର୍ଣ୍ଣୟର ଅସ୍ତ୍ରରେ ପରିଣତ କରାଯିବା ଉଚିତ ନୁହେଁ। ଗଣତନ୍ତ୍ରରେ ଭୋଟ ହେଉଛି ନାଗରିକଙ୍କ ସବୁଠାରୁ ବଡ଼ ଶକ୍ତି। ତେଣୁ ଏହାକୁ ସୁରକ୍ଷିତ ରଖିବାର ଦାୟିତ୍ୱ କେବଳ ରାଜନୈତିକ ଦଳର ନୁହେଁ, ନିର୍ବାଚନ କମିଶନଙ୍କର ମଧ୍ୟ। ପଶ୍ଚିମବଙ୍ଗ SIRକୁ ନେଇ ଆପତ୍ତି ଓ ଅପିଲ୍ ସମ୍ପର୍କରେ ସୁପ୍ରିମକୋର୍ଟ ମଧ୍ୟ ନିର୍ବାଚନ କମିଶନଙ୍କଠାରୁ ତଥ୍ୟ ମାଗିଛନ୍ତି। ଏହି ପରିସ୍ଥିତିରେ ସଠିକ୍ ରାସ୍ତା ହେଉଛି -ଏସଆଇଆର ହେଉ, କିନ୍ତୁ ସ୍ୱଚ୍ଛତା ସହ। ନାମ ହଟୁ, କିନ୍ତୁ ଯାଞ୍ଚ ପରେ। ଭୋଟର ବାଦ ପଡୁ, କିନ୍ତୁ ଅପିଲ୍‌ର ଅଧିକାର ପରେ ନୁହେଁ, ପୂର୍ବରୁ ନିଶ୍ଚିତ ହେଉ। ୧୦ କୋଟି ଲୋକଙ୍କ ଭୋଟ ଚାଲିଯିବ ଏହାକୁ ଏବେ ତଥ୍ୟ ଭାବେ ଗ୍ରହଣ କରିବା ଅତିରଞ୍ଜିତ। କିନ୍ତୁ ଏତେ ବଡ଼ ସଂଖ୍ୟାର ଆଶଙ୍କା ସୃଷ୍ଟି ହେଉଛି ଯଦି, ତେବେ ତାହାର ଉତ୍ତର ମଧ୍ୟ ଅତ୍ୟନ୍ତ ସ୍ୱଚ୍ଛ ଭାବେ ଦେବା ଦରକାର। ଗଣତନ୍ତ୍ରରେ ନକଲି ଭୋଟର ଠାରୁ ଯେତିକି ବିପଦ, ଯୋଗ୍ୟ ଭୋଟରଙ୍କ ନାମ ଭୁଲ୍‌ରେ କାଟିଦେବା ମଧ୍ୟ ସେତିକି ବିପଦ। ଏସଆଇଆରର ଲକ୍ଷ୍ୟ ହେଉ ଭୋଟର ତାଲିକାକୁ ସୁଦୃଢ଼ କରିବା, ଭୋଟରଙ୍କୁ ଦୁର୍ବଳ କରିବା ନୁହେଁ। ଏହା ହିଁ ହେଉ ଭାରତୀୟ ଗଣତନ୍ତ୍ରର ସତ୍ୟ ପରୀକ୍ଷା।

# ଶିଶୁକୁ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ କରନ୍ତୁ ନାହିଁ

**ଡକ୍ଟର ସୁରେଶ କୁମାର ନାୟକ**



ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଅଧିକାଂଶ ପରିବାରରେ ସ୍ୱାମୀ ସ୍ତ୍ରୀ ଉଭୟ ଚାକିରି କରୁଛନ୍ତି। ଅପରପକ୍ଷେ ଏଥିଲାଗି ସେମାନଙ୍କୁ ଜନ୍ମ ସ୍ଥାନଠାରୁ ଦୂରରେ ସହରାଞ୍ଚଳ ବା ଦୂରସ୍ଥାନରେ ବସବାସ କରିବାକୁ ପଡୁଛି। ଫଳରେ ସେମାନେ କର୍ମକ୍ଷେତ୍ରକୁ ଚାଲିଯିବା ପରେ ପିଲାମାନେ ଏକା ଘରେ ରହିଥାନ୍ତି। ପିଲାଙ୍କ ଲାଳନ ପାଳନ ପାଇଁ ଆୟା ନିଯୁକ୍ତ ହୁଅନ୍ତି। ଅନେକ ପରିବାରରେ ପିଲାଙ୍କୁ ଦିବା ଶିଶୁ ଆଶ୍ରୟ ସ୍ଥଳରେ ଛଡ଼ାଯାଏ। ଏହା ଉପରେ ଅଭିଭାବକମାନେ ମତ ଦିଅନ୍ତି; ପିଲା ଅଧିକ ଚାଲାକ ଚତୁର ହୋଇଥାନ୍ତି। ଅପରପକ୍ଷେ ବୟସ୍କ ବ୍ୟକ୍ତିମାନେ ଏହାକୁ ନାପସନ୍ଦ କରିଥାନ୍ତି। ସେମାନଙ୍କ ମତରେ ପିଲା ନିଜ ପରିବାରବର୍ଗଙ୍କ ସହ ରହିବା ଦ୍ୱାରା ତା ମଧ୍ୟରେ ପାରିବାରିକ ସମ୍ପର୍କ ସ୍ଥାପନ ହୁଏ।

ଘର ଲୋକଙ୍କ ସ୍ନେହ, ମମତାର ଛାୟାରେ ବଢ଼ିବା ଦ୍ୱାରା ପିଲାଙ୍କ ମଧ୍ୟରେ ସୌହାର୍ଦ୍ଦ ବୃଦ୍ଧି ପାଏ। ମନସ୍ତତ୍ତ୍ୱବିତ୍ ଓ ଶିଶୁ ବିଶେଷଜ୍ଞମାନେ ମଧ୍ୟ କୁହନ୍ତି ଶିଶୁ ପରିବାର ମଧ୍ୟରେ ବଢ଼ିଲେ, ପରିବାର ବର୍ଗଙ୍କ ସହ ସମୟ ଅତିବାହିତ କଲେ ତାର ମସ୍ତିଷ୍କ ସଠିକ୍ ଭାବେ ବିକଶିତ ହୁଏ। ସେହି ପିଲାମାନେ ସ୍ନେହି ଓ ବିବେକି ହୋଇଥାନ୍ତି। ଶିଶୁର ଜନ୍ମ ବେଳକୁ ତାର ମସ୍ତିଷ୍କ ପୂର୍ଣ୍ଣ ରୂପେ ଗଠିତ ହୋଇସାରିଥାଏ। ଜନ୍ମର କିଛି ଦିନ ମଧ୍ୟରେ ମସ୍ତିଷ୍କର ବିକାଶ ସମ୍ପୂର୍ଣ୍ଣ ହୋଇଯାଏ। ହେଲେ ଏହା ଉପରେ ଗବେଷଣାରୁ ଜଣାଯାଇଛି ଯେ ଜନ୍ମ ପରେ ମଧ୍ୟ ଏହାର ବିକାଶ କାର୍ଯ୍ୟ ଚାଲୁ ରହିଥାଏ। ମସ୍ତିଷ୍କର ସମୃଦ୍ଧି ପାଇଁ ସାମାଜିକ ଅନୁଭୂତି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ତହିଁରେ ଥିବା ସଂଯୋଜନା ପ୍ରକ୍ରିୟାକୁ ସୁଦୃଢ଼ କରେ। ଯାହା ସକାରାତ୍ମକ ହରମୋନ କ୍ଷରଣ ଲାଗି ସାହାଯ୍ୟ କରେ। ତେବେ ପିତା, ମାତା, ପରିବାର ବର୍ଗଙ୍କ ସ୍ନେହ, ସହାନୁଭୂତି ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥାଏ।

ଶିଶୁର ମାନସିକ ବିକାଶରେ ପିତାମାତାଙ୍କ ସ୍ନେହ, ମମତା ନିତାନ୍ତ ଅପରିହାର୍ଯ୍ୟ। ଏହି ସ୍ନେହ ପ୍ରେମରୁ ବଞ୍ଚିତ ଅନାଥ ଶିଶୁଙ୍କ ପାଇଁ ସମାଜର ଆଦର ଯତ୍ନ ମିଳିବା ଦରକାର। ନଚେତ୍ ସେମାନେ ଅସାମାଜିକ ହୋଇଥାନ୍ତି ବୋଲି ଗବେଷକ ଗଣ ମତବ୍ୟକ୍ତ କରନ୍ତି।

ବାପା ମା' ତଥା ପରିବାରଙ୍କ ଦ୍ୱାରା ପ୍ରତିପାଳନ ଶିଶୁର ହୃଦୟକୁ ସୌହାର୍ଦ୍ଦ୍ୟପୂର୍ଣ୍ଣ କରିବାରେ ସହାୟକ ହୁଏ। ପାରିବାରିକ ସ୍ନେହ ଶ୍ରଦ୍ଧାରୁ ବଞ୍ଚିତ ଶିଶୁମାନଙ୍କ ବୁଦ୍ଧିମତା, ସକାରାତ୍ମକ ଭାବପ୍ରବଣତା ଓ ଶାରୀରିକ ଅଭିବୃଦ୍ଧି ଉପରେ ପ୍ରତିକୂଳ ପ୍ରଭାବ ପଡ଼ିଥାଏ। ଭଗବାନଙ୍କ ସୃଷ୍ଟିରେ ପିଲାଟି ହେଉଛି ଏକ ଆନନ୍ଦମୟ ଚେତନାର ସ୍ୱରୂପ।

ପିଲାଟି ତାର ହେତୁ ପାଇବା ବେଳୁ ଏହା ହିଁ ବୁଝୁ ସତ୍ୟ ହିଁ ଭଗବାନ, ସତ୍ୟମେବ ଜୟତେ। ସତ୍ୟ ହେଉଛି ଜୀବନର ମୌଳିକ ବିଧାନ। ସତ୍ୟ ହିଁ ଅନ୍ତିମ ପନ୍ଥା ଓ ଅନ୍ତିମ ଲକ୍ଷ୍ୟ। ସତ୍ୟ ହିଁ ଧର୍ମପ୍ରାଣତା। ପିଲାମାନଙ୍କର ମାନସିକତା ସେମାନଙ୍କ ଘରୁ ହିଁ ପ୍ରଭାବିତ ହୋଇଥାଏ। ସ୍ନେହ ଶ୍ରଦ୍ଧାରୁ ପିଲାଟି ବଞ୍ଚିତ ହୋଇଯିବା ପରେ ତା ମାନସିକ କ୍ଷେତ୍ରଟି ଅନେକ ଭାବରେ ପ୍ରଭାବିତ ହୋଇଥାଏ। ସ୍ନେହ, ପବିତ୍ରତା ହେଉଛି ଜୀବନର ଅତ୍ୟନ୍ତ ଅମୃତ ପୂର୍ଣ୍ଣ ଉପଲବ୍ଧି। ଆପଣ ପିଲାଟିକୁ ଏହି ଶିକ୍ଷ ଦିଅନ୍ତୁ ଯେ ପବିତ୍ରତା ହେଉଛି ଭଗବତ ଦର୍ଶନର ଦ୍ୱାର ପଥ ତାହାହିଁ ଭଗବତ ଦର୍ଶନ ମନଙ୍କର ପ୍ରତିଖେଳ। ପିଲାମାନଙ୍କର ପବିତ୍ରତା ହିଁ ଏକ ଶାଶ୍ୱତ ପଥରେ ଗତି କରିବାରେ ଅନୁମତି ପତ୍ର।

**ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୭୨୨୫୫୯୨**
E-mail : s271169@gmail.com

# ଡାଏଟିଂର ଆବଶ୍ୟକତା



**ନାରାୟଣ ଚନ୍ଦ୍ର ବିଶ୍ୱାଳ**



ବର୍ତ୍ତମାନର ସମୟ, ଖାଇବା ପାଇଁ ଚାହୁଁଛନ୍ତି ହେଲେ ଖାଇବାର ପରବର୍ତ୍ତ୍ୟ ସ୍ୱାସ୍ଥ୍ୟ ସତର୍କତା କାରଣକୁ ନେଇ ବହୁତ କିଛି ଭାବିବା ପାଇଁ ପଡୁଛି। ଏମିତିରେ କହିବାକୁଗଲେ ଆଜିର ସୋସିଆଲ ମିଡ଼ିଆ ଯୁଗରେ ଲୋକପ୍ରିୟ ଶବ୍ଦଟି ହେଉଛି ଡ଼ାଏଟିଂ ବାସ୍ତବ ଅର୍ଥରେ ଡଏଟିଂ ଏହାକୁ ବୁଝିବା ହିଁ ସବୁଠାରୁ ବଡ଼ ଗୁରୁତ୍ୱପୂର୍ଣ୍ଣ। ଅସଲ କଥା ହେଉଛି ଆସନ୍ତୁ ବୁଝିବା ଡାଏଟିଂର ଅର୍ଥଟି କ'ଣ। ଅନେକ ଏହାକୁ ଭୁଲ ବୁଝନ୍ତି। ଏହାର ଅର୍ଥ ହେଉଛି ସୁଷମ, ଓ ସନ୍ତୁଳିତ ଖାଦ୍ୟ ଖାଇବାର ପ୍ରକ୍ରିୟା। ଓଜନ ହ୍ରାସ ଠାରୁ ସ୍ୱାସ୍ଥ୍ୟ ପୋଷଣ ସ୍ୱାସ୍ଥ୍ୟକୁ ଉନ୍ନତ କରିବା ହେଉଛି ଡାଏଟିଂ।

ସଠିକ ଭାବରେ, ସଠିକ ଖାଦ୍ୟ ଏବଂ ସୁଷମ ଭାବନା ରଖିଲେ ଖାଦ୍ୟର ସୁପ୍ରଭାବ ଶରୀର ଉପରେ ନିଶ୍ଚିନ୍ତ ଭାବରେ ପଡ଼ିଥାଏ। କିନ୍ତୁ ଖାଦ୍ୟର ପରିମାଣ, ଖାଇବା ସମୟ ଟିକିଏ ବି ଅଲମବିଲମ ହୋଇଗଲେ ଏହାର ପ୍ରତିକ୍ରିୟା ସ୍ୱରୂପ ଶାରୀରିକ ସମସ୍ୟା ଦେଖାଇଥାଏ। ଡାଏଟିଂର ଅନେକ ସଫଳତା ରହିଛି। ଏହା କେବଳ ଓଜନ ନିୟନ୍ତ୍ରଣ କରିନଥାଏ ବରଂ ଉତ୍ତମ ପରିପାକ, ପାଚନ ଉନ୍ନତ ଶକ୍ତ ସର୍ବୋପରି ଉଚ୍ଚରକ୍ତ ଚାପ ଓ ମଧୁମେହକୁ ଏହା ନିୟନ୍ତ୍ରିତ କରିଥାଏ।ସେହିପରି ଅନୁପଯୁକ୍ତ ଡାଏଟିଂ ଶରୀର ଉପରେ ନକରାତ୍ମକ ପ୍ରଭାବ ପକାଇଥାଏ ଯଥା ମନ ଚେତନାରେ ପରିବର୍ତ୍ତନ, ଶରୀରରେ ଦୁର୍ବଳତା ରୋଗ ପ୍ରତିରୋଧକ ଶକ୍ତି କମିଯିବାର ସମ୍ଭାବନ, ଥକ୍କା ପଣ ଓ ପୁଷ୍ଟିକର ତତ୍ତ୍ୱର ଅଭାବ।

ଡାଏଟିଂର ଆବଶ୍ୟକତାକୁ ଆମେ ଆସନ୍ତୁ ସର୍ବପ୍ରଥମେ ଆରମ୍ଭ କରିବା ପିଲାମାନଙ୍କୁ ନେଇ। ଆସନ୍ତା କାଲିର ସ୍ୱପ୍ନ ସମ୍ଭାବନା ଭାବୁଥିବା ପିଲାମାନଙ୍କ ପାଇଁ ଡ଼ାଏଟିଂର ବଡ଼ତତ୍ତ୍ୱ ହେଉଛି ଏହା ସେମାନଙ୍କ ମାନସିକ ଓ ଶାରୀରିକ କ୍ଷେତ୍ର ପାଇଁ ସୁଷମ ଓ ସନ୍ତୁଳିତ ପୁଷ୍ଟିକର ଖାଦ୍ୟ ତତ୍ତ୍ୱ ଯୋଗାଇଥାଏ। ପିଲାମାନଙ୍କୁ ପ୍ରଥମିକ ଭାବେ ଘରୋଇ ଖାଦ୍ୟ ଦିଅନ୍ତୁ। ସେମାନେ କ୍ଷୀର ଓ ଡାଲିର ପ୍ରୋଟିନ ପାଇଥାନ୍ତି ସେହିପରି ଭାତ ଓ ରୁଟିର କାର୍ବୋହାଇଡ୍ରେଟ ପାଇଥାନ୍ତି। ଫଳ ଓ ପନିପରିବା ସେମାନଙ୍କୁ ଫାଇବରଯୁକ୍ତ ପୋଷଣ ଯୋଗାଇଥାଏ। ପିଲାମାନଙ୍କୁ ଅତ୍ୟଧିକ ଡଉଲଡାଉଲ କରିବା ପାଇଁ ଅଧିକ ଖାଦ୍ୟ ଦିଅନ୍ତୁ ନାହିଁ। ବିଶେଷକରି ଜଙ୍କ ଫୁଡ, ଥଣ୍ଡାଖାଦ୍ୟ, ବାହାର ଖାଦ୍ୟ ଆଦୌ ହିଁ ନାହିଁ।

କିଶୋର ମାନଙ୍କ ଡାଏଟିଂ ବଡ଼ ଆହ୍ୱାନ ପ୍ରାୟତଃ ଏହି ବୟସରେ ହିଁ ସେମାନଙ୍କର ଶାରୀରିକ ବୃଦ୍ଧି ଦ୍ରୁତ ଭାବରେ ଆଗେଇ ଥାଏ। ସେମାନଙ୍କର ହରମୋନ ପରିବର୍ତ୍ତ ଏହି ସମୟରେ ଅଧିକ ଆବେଗପୂର୍ଣ୍ଣ ଓ ତୀବ୍ର ହୋଇଥାଏ। ସେମାନେ ତଟକା ଓ ସବୁଜ ପନିପରିବାରୁ ଲୌହ ସାର ପାଇଥାନ୍ତି। କ୍ଷୀର ଓ ଦହିରୁ କ୍ୟାଲସିୟମ, ଡାଲି ଓ ଅଣ୍ଡାରୁ ପ୍ରୋଟିନ ପାଇଥାନ୍ତି। ଏହି ସମୟରେ ସେମାନଙ୍କ ପାଇଁ ଗଜା ମୁଗ, ଗଜା ବାଦାମ, ଗଜା ବୁଟ ସବୁଠାରୁ ଭଲ। ତେବେ ଥଣ୍ଡା ପାନୀୟ ଓ ପ୍ୟାକେଟ ଚିପ୍ସ ବଜାରର ରଙ୍ଗ ଯୁକ୍ତ ଖାଦ୍ୟ ବିଶେଷକରି ମାଦକ ଦ୍ରବ୍ୟ ଅତ୍ୟନ୍ତ ଘାତକ।

ବୟସ୍କ ବ୍ୟକ୍ତିମାନେ ହେଉଛି ଆମ ସମାଜର ମୂଲବାନ ସମ୍ପତ୍ତି। ଏହି ସମୟରେ ସେମାନଙ୍କର ପରିପାକ ସମସ୍ୟା ଦେଖାଇଥାଏ ସେମାନେ ଭଲ ଭାବରେ ହଜମ କରିପାରିନଥାନ୍ତି ଏବଂ ସେମାନେ ପ୍ରାୟତଃ ଭୋକ ଅନୁଭବ କରନ୍ତି ନାହିଁ। କିନ୍ତୁ ଶରୀରର ଗଠନ ତତ୍ତ୍ୱ ଓ ପରିପୋଷଣ ପାଇଁ ଖାଦ୍ୟ ଜରୁରୀ ଆବଶ୍ୟକତା ରହିଛି।

ସେମାନଙ୍କୁ ଘରୋଇ ପ୍ରସ୍ତୁତ ଖେଚିଡ଼ି ଋତୁକାଳୀନ ଫଳ ସବୁଠାରୁ ଭଲ। ଅତ୍ୟଧିକ ମିଠା, ଆମିଷ, ଗରିଷ୍ଠ ଖାଦ୍ୟ ଏବଂ ମାଦକ ଦ୍ରବ୍ୟ ପରିହାର କରିବା ସବୁଠାରୁ ଭଲ। ତେବେ ସେମାନଙ୍କ ପୋଷଣ ତତ୍ତ୍ୱକୁ ଦେଖି ଘିଅ, ସୋରିଶ ତେଲ, କ୍ଷୀର ସବୁଠାରୁ ଭଲ।

ଗର୍ଭାବସ୍ଥାରେ ଡାଏଟିଂର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ସମୟରେ କ୍ଷଜନ କମାଇ ପାଇଁ ଗର୍ଭବତୀ ମାଆମାନେ ଡାଏଟିଂ କରିବା ଆଦୌ ନୁହେଁ ବରଂ ଉଭୟ ମାଆ ଓ ଗର୍ଭରେ ଥିବା ପିଲାଟି ପାଇଁ ପୁଷ୍ଟିକର ଖାଦ୍ୟ ଉପରେ ଧ୍ୟାନ ଦେବା ଜରୁରୀ। ଗର୍ଭବତୀ ମାଆ ମାନଙ୍କ ପାଇଁ ସେମାନଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟରେ ସବୁଜ ପନିପରିବା, ପ୍ରୋଟିନ ବିଶେଷକରି ଲୌହ ଯୁକ୍ତ ଖାଦ୍ୟ ଦିଅନ୍ତୁ। ଋତୁକାଳୀନ ପରିବାକୁ ମିଶାଇ ଡାଲମା, ଡାଲି ଓ ବିଭିନ୍ନ ପନିପରିବାର ସନ୍ତୁଳା ସେମାନଙ୍କ ଶରୀରକ ସୁସ୍ଥତାକୁ ବଢ଼ାଇଥାଏ। ଗର୍ଭବସ୍ଥାରେ ଜଣେ ମହିଳା ଦୁଇଜଣଙ୍କ ପାଇଁ ଖାଦ୍ୟ ଗ୍ରହଣ କରିଥାଏ। ତେଣୁ ଠିକ ପରିମାଣରେ ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ କିନ୍ତୁ ଅଧିକ ପରିମାଣର ନୁହେଁ।

ପିଲାମାନଙ୍କୁ ସ୍ତନ୍ୟପାନ କରୁଥିବା ସମୟରେ ମାଆ ମାନଙ୍କର ଡାଏଟିଂର ଭାବନା କେବଳ ଭାବ ପୂର୍ଣ୍ଣ ନୁହଁ ବରଂ ସ୍ୱାସ୍ଥ୍ୟ ଉପଯୋଗୀ ହେବା ଜରୁରୀ। କାରଣ ଏହି ସମୟରେ ମାଆଟି ଯେଉଁ ଖାଦ୍ୟ ଖାଇଥାଏ ପରୋକ୍ଷରେ ଏହା ଉଭୟ ଶିଶୁ ଓ ମାଆର ଶାରୀରିକ ଓ ମାନସିକ କ୍ଷେତ୍ରକୁ ପ୍ରଭାବିତ କରିଥାଏ। ଖାଦ୍ୟ ଗ୍ରହଣକରିବାର ପ୍ରତିବନ୍ଧକକୁ ବରଂ ବଡ଼ ନୁହେଁ କିନ୍ତୁ ଯାହା କିଛି ପୋଷଣ ଯୁକ୍ତ ଏହାକୁ ହିଁ ଗ୍ରହଣ କରନ୍ତୁ। ସବୁଜ ପନିପରିବା, ବିଭିନ୍ନ ଶାଗ, ଫଳ ମେଥି, ରସୁଣ, ଲାଉ, ଏସବୁ ମାଆର କ୍ଷୀର ପ୍ରସ୍ତୁତି କରିବା ପାଇଁ ପ୍ରୋତ୍ସାହିତ କରିଥାଏ। ବିଶେଷ କରି ଯଦି ଗ୍ରୀଷ୍ମଋତୁ ହୋଇଥାଏ ତେବେ ଘରୋଇ ପ୍ରସ୍ତୁତ ପାନୀୟ ଓ ପ୍ରଚୁର ପାଣି ପିଅନ୍ତୁ।

ଡାଏଟିଂର ଆବଶ୍ୟକତା ଅନେକଙ୍କ ପାଇଁ ଏକ ବଡ଼ ଚିନ୍ତା ଓ ଆଶା ଆଶଂକା ହୋଇଥାଏ। ତେଣୁ ଶରୀରକୁ ସୁସ୍ଥ ଓ ଫିଟ ରଖି ଓଜନ ହ୍ରାସ ସହିତ ଜୀବନକୁ ଆଗେଇ ନେବା ପାଇଁ ଏକ ଭଲ ରୁଟିନ ବନ୍ଧା ଖାଦ୍ୟ ବ୍ୟବସ୍ଥା ପାଇଁ ନିଜେ ହିଁ ନିଜର ଖାଦ୍ୟ ରୁଟିନ ତିଆରି କରନ୍ତୁ।

**ବାକ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୭୬୭୬୦**

# ରାକ୍ଷୀ ସୂତାରେ ସୁରକ୍ଷାର ସଂକଳ୍ପ

**ଅରିଜିତ ମିଶ୍ର**



ବିଭିନ୍ନତା ମଧ୍ୟରେ ଏକତାରେ ପରିପୂର୍ଣ୍ଣ ଆମର ଏହି ଭାରତ ବର୍ଷ। ଆମ ଦେଶ ସର୍ବ ଧର୍ମ ସମନ୍ୱୟର ଦେଶ, ଯାହାଦ୍ୱାରା ସମସ୍ତ ଧର୍ମର ପର୍ବକୁ ଆମେ ଏକତ୍ରିତ ହୋଇ ପାଳନ କରୁ ଫଳରେ ଭାତୃତ୍ୱ ବନ୍ଧନ ସୃଷ୍ଟିର ଏହା ଏକ ଉଦାହରଣ ପୃଥିବୀ ନିମନ୍ତେ। ସେହିପରି ଅନେକ ପର୍ବ ମାନଙ୍କ ମଧ୍ୟରେ ଗମ୍ଭା ପୂର୍ଣ୍ଣମୀ ଏକ ମୁଖ୍ୟ ପର୍ବ ଅଟେ। ବର୍ତ୍ତମାନ ଗମ୍ଭା ପୂର୍ଣ୍ଣମୀ କହିଲେ ଯୁବ ସମାଜ ଜାଣି ପାରୁନାହାନ୍ତି, ରାକ୍ଷୀ ପୂର୍ଣ୍ଣିମା କହିଲେ ବୁଝନ୍ତି। ତତ୍ ସହିତ ଉକ୍ତ ପର୍ବଟି ବଳଭଦ୍ର ଜନ୍ମ ଓ ଗୋ ପୂଜନ ପର୍ବ ରୂପେ ଖ୍ୟାତ। ଏହି ଦିନ ଗ୍ରାମାଞ୍ଚଳରେ ଗୋ ମାତାଙ୍କୁ ପ୍ରାତଃ ସମୟରେ ସ୍ନାନ କରାଯାଏ, ତାଙ୍କ ସିଂଘ ରେ ରାକ୍ଷୀ ବନ୍ଧା ଯିବା ସହ ପୂଜା କରାଯାଇଥାଏ ଓ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ସହିତ ପିଷ୍ଟକ ଖାଇବା ପାଇଁ ଦିଆଯାଏ। ତତ୍ ସହିତ ଶ୍ରୀମନ୍ଦିରରେ ମା ଶୁଭଦ୍ରାଙ୍କ ହସ୍ତରୁ କୋଟି ବ୍ରହ୍ମାଣ୍ଡର ଠାକୁର ଶ୍ରୀଜଗନ୍ନାଥ ଏବଂ ଶ୍ରୀବଳଭଦ୍ର ଦୁଇ ଭ୍ରାତା ରାକ୍ଷୀ ବାନ୍ଧି ଥାଆନ୍ତି। ଉକ୍ତ ପରମ୍ପରାକୁ ମାନି ପ୍ରତ୍ୟକ ପରିବାରରେ ଭାଇ ହାତରେ ଭଉଣୀ ମାନେ ରାକ୍ଷୀ ବନ୍ଧନ କରନ୍ତି। ଏହି ରାକ୍ଷୀ ବନ୍ଧନ ପର୍ବ ଦିବସକୁ ପ୍ରତ୍ୟେକ ବର୍ଷ ଭଉଣୀ ମାନେ ଅପେକ୍ଷା କରି ରୁହନ୍ତି ଅତ୍ୟନ୍ତ ଉତ୍କଣ୍ଠାର ସହ।

ଇଏ ତ ହେଲା ରାକ୍ଷୀ ବନ୍ଧନର ପରମ୍ପରା କଥା, କିନ୍ତୁ ଯେଉଁ ଭାଇର ନିଜ ଭଉଣୀ ନାହିଁ, ବା ଯେଉଁ ଭଉଣୀର ନିଜ ଭାଇ ନାହାନ୍ତି, ସେମାନଙ୍କର ଭାବନା ଉକ୍ତ ପର୍ବରେ କିଛି ମାତ୍ରାରେ ଭିନ୍ନତା ଦେଖିବାକୁ ମିଳିଥାଏ। ସାଧାରଣତଃ ନାରୀର ଭୂମିକା ପୁରୁଷ ପାଖରେ ମା, ପତ୍ନୀ ଓ ଭଗ୍ନୀ ରୂପରେ, ଠିକ୍ ସେହିପରି ପୁରୁଷର ଭୂମିକା ନାରୀ ସହିତ ପିତା, ଭ୍ରାତା ଓ ପତି ଭାବରେ। କିନ୍ତୁ ଉକ୍ତ ପର୍ବରେ ଭ୍ରାତା ଓ ଭଗ୍ନୀର ଭୂମିକା ଉଭୟ ପୁରୁଷ ଓ ନାରୀର ଏକ ଅଦ୍ୱିତୀୟ ଉଦାହରଣ ସୃଷ୍ଟି କରେ ଏହି ସମାଜ ଆଗରେ। ନଜିର୍ ରହିଚି, ଯଦି କେଉଁ ନାରୀର ନିଜ ଭାଇ ନାହାନ୍ତି, ତେବେ ସିଏ ନିଜ ଅଞ୍ଚଳରେ ହେଉ ବା ନିଜ ବନ୍ଧୁବାନ୍ଧବ ମାନଙ୍କ ମଧ୍ୟରେ ଭାଇ ହିସାବ ହେବେ ଯିଏ, ତାଙ୍କୁ ରାକ୍ଷୀ ବନ୍ଧନ କରନ୍ତି। ଠିକ୍ ସେହିପରି ପୁରୁଷ ମାନେ ମଧ୍ଯ ଭଉଣୀ ନଥିଲେ ନିଜର ବନ୍ଧୁବାନ୍ଧବ ମାନଙ୍କ ମଧ୍ୟରେ ଭଉଣୀ ହେଉ ବା ନିଜ ଅଂଚଳରେ କିଛି ଝିଅ ମାନଂକୁ ଭଉଣୀ ରୂପରେ ସ୍ୱୀକାର କରି ରାକ୍ଷୀ ବନ୍ଧନ କରନ୍ତି। ଯଦ୍ୱାରା ଏକ ଭାଇ ଭଉଣୀର ସମ୍ପର୍କ ସୃଷ୍ଟି ହୁଏ ଓ ଅକ୍ଷୁର୍ଣ୍ଣ ରହେ। କିନ୍ତୁ ପ୍ରକୃତ ଦୁଃଖ ସେହି ସମୟରେ ଉପନୀତ ହୁଏ, ଯେତେବେଳେ ସମସ୍ତେ ହାତରେ ରାକ୍ଷୀ ବାନ୍ଧନ୍ତି, ପୁରୁଷ ଭାବେ ମୋର ଗୋଟେ ବି ହେଉ ଭଉଣୀ ଯଦି ଥାଆନ୍ତା ତେବେ ଅତି ଆତ୍ମୀୟତା ରହିଥାନ୍ତା, ଠିକ୍ ସେହିପରି ନାରୀ ମନରେ ଏହି ଦୁଃଖ କିଛି ସମୟ ପାଇଁ ସୃଷ୍ଟି ମଧ୍ୟ ହୋଇଥାଏ ନିଜ ଭାଇ ନିମନ୍ତେ। ସେହି ମୂହୁର୍ତ୍ତକ ଦୁଃଖ କିଛି ସମୟ ପାଇଁ ଆସେ ଯାହାକି ଶୁନ୍ୟତା ଲାଗେ, ପୁଣି ପାଣି ଫୋଟକା ପରି ମିଳେଇଯାଏ।

କିନ୍ତୁ ବର୍ତ୍ତମାନ ସମୟରେ ଆମେ ଦେଖିବା, ଧରମ ଭାଇ ଆଉ ଧରମ ଭଉଣୀ ମାନଙ୍କ ସଂଖ୍ୟା ବହୁଳ ଭାବରେ ବଢ଼ିଗଲାଣି, ସେ ଗାଁ ରେ ହେଉ କି ସହରରେ, କୌଣସି ଶିକ୍ଷା ଅନୁଷ୍ଠାନରେ ହେଉ ବା କର୍ମ ସ୍ଥଳରେ । ବହୁତ୍ ସମୟରେ ଆମେ ଶୁଣିବା ପାଇଁ ପାଉଚେ ଧରମ ଭାଇର ନିର୍ଯାତନା ମାମଲା ବା ଧରମ ଭଉଣୀର ସେହି ଅବସ୍ଥା। ଲାଗେ ଯେପରି ନାରୀ ଓ ପୁରୁଷ ବର୍ତ୍ତମାନ ସମୟରେ ସମାଜରେ ବଞ୍ଚିବା କଷ୍ଟକର ପରିସ୍ଥିତି ସୃଷ୍ଟି ହେଲାଣି। କେଉଁଠି ଧରମ ଭାଇ ଧରମ ଭଉଣୀ ଠାରୁ ଟଙ୍କା, ସୁନା ଇତ୍ୟାଦି ନେଇ ଫେରାର ହେଉଚି ତ କେଉଁଠି ଧରମ ଭଉଣୀ ଏପରି ସମାନ କାମ କରିବାକୁ ପଛାଉ ନାହିଁ। ତେଣୁ ଏହିଭଳି ସମ୍ପର୍କ ସମାଜ ଆଗରେ ଏକ ସନ୍ଦେହର ବସା ଘର ତିଆରି କରୁଚି ଭାଇ ଓ ଭଉଣୀର ପବିତ୍ର ବନ୍ଧନକୁ ନେଇ। ରାକ୍ଷୀ ବନ୍ଧନର ତାତ୍ପର୍ଯ୍ୟ ହେଉଚି ନାରୀ କୁ ସୁରକ୍ଷା ଦେବା ଏବଂ ସମସ୍ତ ଅସୁବିଧାରୁ ରକ୍ଷା ପାଇଁ ପୁରୁଷ ଯେପରି ବଚନବଦ୍ଧ। ଯେଉଁ କନ୍ୟା ରାକ୍ଷୀ ବାନ୍ଧେ କେବଳ ତାକୁ ସୁରକ୍ଷା ଦେବା ସହ ସମସ୍ତ ନାରୀ ଜାତିକୁ ସୁରକ୍ଷା ଦେବା ପୁରୁଷର କର୍ତ୍ତବ୍ୟ। ତେଣୁ ଭଉଣୀ ହେଉଚି ଏଠାରେ ସମଗ୍ର ନାରୀ ଜାତିର ପ୍ରତୀକ ସ୍ୱରୂପ। ତେଣୁ ହାତରେ ଏକାଧିକ ରାକ୍ଷୀ ବାନ୍ଧି ପତିଆରା ଦେଖାଇବା ଅପେକ୍ଷା ନାରୀକୁ ସୁରକ୍ଷା ଦେବା ବର୍ତ୍ତମାନ ସମୟରେ ନିହାତି



ଆବଶ୍ୟକ। ସେହିପରି ଧରମ ଭଉଣୀ ହେଇ ନାରୀ ରାକ୍ଷୀ ବାନ୍ଧନ୍ତି ତାଙ୍କ ଧରମ ଭାଇ ହାତରେ, ପୁଣି ସେହି ଧରମ ଭାଇକୁ ସ୍ୱାମୀ ରୁପେ ଗ୍ରହଣ କରନ୍ତି, ଏହିଭଳି ଅନେକ ବିଚିତ୍ର ଉଦାହରଣ ଆମ ସମାଜରେ ଦେଖିବା ପାଇଁ ମିଳେ।

ବର୍ତ୍ତମାନ ସମୟରେ ଆମେ ମଧ ଦେଖୁଚେ, ଅନେକ ମହିଳା ଏକତ୍ରିତ ହୋଇ ପାଖରେ ଥିବା ଜଙ୍ଗଲରେ ବୃକ୍ଷ ମାନଙ୍କରେ ରାକ୍ଷୀ ବାନ୍ଧନ୍ତି। ଉଦାହରଣ ସ୍ୱରୂପ ଆମ ଓଡ଼ିଶାର ଶିମିଳିପାଳ ଜଙ୍ଗଲରେ ବିଭିନ୍ନ ବୃକ୍ଷ ମାନଙ୍କରେ ରାକ୍ଷୀ ବନ୍ଧନ କରିଥିବାର ଖବର ଆମେ ଜାଣିଚେ। ତେଣୁ ନାରୀର ଭାବ ଧାରା ଖୁବ୍ ଉଚ୍ଚକୋଟିର, କାରଣ ତାଙ୍କର ମତ ଅନୁସାରେ ବୃକ୍ଷ ଆମର ଭାଇ ପରି, ଯିଏ କି ଜଙ୍ଗଲ ଜାତ ଦ୍ରବ୍ୟ ପ୍ରଦାନ କରିବା ସହିତ ଆମ ପରିବେଶକୁ ସନ୍ତୁଳନ ରକ୍ଷା କରେ, ଯାହା ଦ୍ୱାରା ଆମକୁ ନିଶ୍ୱାସ ପ୍ରଶ୍ୱାସ ପାଇଁ ବହୁତ୍ ଉପକାର ଦିଏ, ପ୍ରାକୃତିକ ଦୁର୍ବିପାକ ଯଥା, ବନ୍ୟା, ବାତ୍ୟା ଆଦିରୁ ଆମକୁ ରକ୍ଷା କରେ। ଜଙ୍ଗଲ ମଧ୍ୟରେ ଥିବା ସମସ୍ତ ବନ୍ୟ ପଶୁ, ପକ୍ଷୀ, ମଣିଷ ମଧ୍ଯ ଖୁବ୍ ଆନନ୍ଦରେ ଜିବନ ଅତିବାହିତ କରିବା ପାଇଁ ସୁଯୋଗ ପାଆନ୍ତି। ତେଣୁ ଯେଉଁ ନାରୀର ଭାଇ ନାହାନ୍ତି, ସେମାନେ ବୃକ୍ଷକୁ ଭାଇ ରୁପେ ସ୍ୱୀକାର କରିବା, ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ। ସେଥିପାଇଁ କଥାରେ ଅଛି "ବୃକ୍ଷ ବଞ୍ଚିଲେ ଦୁନିଆ ବଞ୍ଚେ"।

ବର୍ତ୍ତମାନ ସମୟ ଆସିଚି, ସମସ୍ତ ନାରୀ ଓ ପୁରୁଷ ଏକତ୍ରିତ ହୋଇ ସମାଜିକ ସ୍ରୋତକୁ ଉଚିତ୍ ରାସ୍ତାରେ ନେବା, ଯେପରି ନିର୍ଯାତନା, ଶୋଷଣ, ହତ୍ୟା ଅଭିଯୋଗ ଇତ୍ୟାଦି ପ୍ରତ୍ୟକ ଦିନ ଦେଖୁଚେ , ସେଗୁଡିକର ମୂଳୋତ୍ପାଟନ କରିବା ନିହାତି ଆବଶ୍ୟକ। ତେବେ ଯାଇ ଆମ ଦେଶ କାହିଁକି ସମଗ୍ର ପୃଥିବୀରେ ଏକ ଭାତୃତ୍ୱ ବନ୍ଧନର ଠିକ୍ ପରିଚୟ ସୃଷ୍ଟି କରିପାରିବା। ଭାଇ ଭଉଣୀର ସମ୍ପର୍କ ଅତି ନିବିଡ଼ ଏବଂ ପବିତ୍ର ରୂପରେ ଗଢ଼ି ତୋଳିବା । ଯାହା ଫଳରେ ଖାଲି ରାକ୍ଷୀ ପୂର୍ଣ୍ଣିମା ଦିବସ କାହିଁକି, ଯେପରି ଆମର ସମସ୍ତ ଦିବସକୁ ସ୍ନେହ, ଆଦର, ପ୍ରେମ, ଶ୍ରଦ୍ଧା, ଭାତୃତ୍ୱ ବନ୍ଧନ ଓ ଆନନ୍ଦ ଦାୟକ ରୂପରେ ରୂପାନ୍ତରଣ କରିବା ନିମନ୍ତେ ଚେଷ୍ଟା କରିବା ଆବଶ୍ୟକ।

**ବୀରନରସିଂହପୁର, ପୁରୀ**
**ମୋବାଇଲ - ୯୦୪୦୩୫୦୦୮୯**

ମୁଣ୍ଡବ୍ୟଥା ବଢ଼ାଉଛି ଏସ୍‌ଆଇଆର



# ମତଦାନ ଅଧିକାର ନଥାଇ ରହିବେ ୧୦ କୋଟି ଲୋକ

✪ ଅଣ-ମତଦାତା ନାଗରିକ ଶ୍ରେଣୀ ସୃଷ୍ଟି କରୁଛନ୍ତି ଇସିଆଇ

✪ ନିଜର ନାଗରିକତ୍ୱ ପ୍ରମାଣ କରିପାରୁ ନାହାନ୍ତି କୂଟନୀତିଜ୍ଞ



ନୂଆଦିଲ୍ଲୀ,୨୪।୮ଃ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଦ୍ୱାରା ଦେଶରେ ଚଳାଯାଉଥିବା ନାଗରିକତ୍ୱ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ଅଭିଯାନ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ପି.ଚିଦାମ୍ବରମଙ୍କ ବିବାଦୀୟ ବୟାନ ସାମ୍ନାକୁ ଆସିଛି। ଚିଦାମ୍ବରମ କହିଛନ୍ତି ଯେ ଇସିଆଇଙ୍କ ଏହି ପ୍ରକ୍ରିୟା କାରଣରୁ ଦେଶର ପାଖାପାଖି ୧୦% ଜନସଂଖ୍ୟା ଅର୍ଥାତ ୧୦ କୋଟି ଲୋକ ତ ରହିବେ, ହେଲେ ସେମାନଙ୍କର ମତଦାନ ଅଧିକାର ନଥିବ। କଂଗ୍ରେସ ନେତାଙ୍କ ଏହି ବୟାନ ଏପରି ସମୟରେ ଆସିଛି ଯେତେବେଳେ ଇଜିପ୍ଟ ଓ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଭାରତର ରାଷ୍ଟ୍ରଦୂତ ଥିବା ପୂର୍ବତନ କୂଟନୀତିଜ୍ଞ ନଭଦୀପ ସୁରୀ ପକ୍ଷରେ ଏହି ପ୍ରକ୍ରିୟା ଯୋଗୁଁ ନାଗରିକତା ପ୍ରମାଣ କରିବାରେ ହେଉଥିବା ଅସୁବିଧା ଉଜାଗର କରିଛନ୍ତି।

ପୂର୍ବତନ କୂଟନୀତିଜ୍ଞ ସୁରୀଙ୍କ ଅନୁସାରେ, ଅଧିକାରୀମାନେ ମୋତେ ନାଗରିକତା ପ୍ରମାଣ ରୂପେ ମୋର ପାସପୋର୍ଟ ଉପସ୍ଥାପନ କରିବାକୁ କହିଛନ୍ତି। ଏ ନେଇ ମୁଁ ବିଏଲଓଙ୍କ ସହ କଥା ହେଲି। ମୋତେ କୁହାଗଲା ଆସିକି ନୋଟିସ୍ ନେଇଯାଅ ଓ ଏଠାରେ କିଛି କାଗଜପତ୍ର ଦାଖଲ କର ଯାହା ମୋର ନାଗରିକତା ପ୍ରମାଣ କରୁଥିବ। ମୋ ନିକଟରେ ଭୋଟର କାର୍ଡ ଓ ଆଧାର କାର୍ଡ ସହିତ ଅନ୍ୟ କାଗଜପତ୍ର ମଧ୍ୟ ଅଛି।

ସେ କହିଛନ୍ତି ଯେ ଏହା ନ ପଚାରି ରହି ପାରୁନି, ମୁଁ ଗତି ଦେଶରେ ଭାରତର ପ୍ରତିନିଧିତ୍ୱ କରିବା ପରେ ମଧ୍ୟ ମୋତ ଭାରତର ନାଗରିକତା ସାବ୍ୟସ୍ତ କରିବାକୁ ସମସ୍ୟା ହେଉଛି। ଏଭଳି କ୍ଷେତ୍ରରେ ସାଧାରଣ ନାଗରିକ କି ଅବସ୍ଥା ଭୋଗୁଥିବେ ବୋଲି ସେ ପ୍ରଶ୍ନ କରିଛନ୍ତି। ବୋଧହୁଏ ଜୀବନର ସୁଗମତା ହିଁ ବିପଦରେ ପଡି ଯାଇଛି ସୁରି କହିଛନ୍ତି, ତାଙ୍କ ସୂଚନା ଯାଞ୍ଚ ପାଇଁ ବ୍ୟବହୃତ ହେଉଥିବା ୨୦୦୩ ଭୋଟର ତାଲିକା ସହିତ ମେଳ ଖାଉ ନାହିଁ, କାରଣ ମୁଁ ସେତେବେଳେ ଲଣ୍ଡନରେ ପୋଷ୍ଟ ହୋଇଥିଲି ଏବଂ ସେହି ତାଲିକାର ଅପଡେଟ୍‌ରେ ଅଂଶଗ୍ରହଣ କରି ନଥିଲି। ବରିଷ୍ଠ କଂଗ୍ରେ ନେତା ପି.ଚିଦାମ୍ବରମ ସୁରୀଙ୍କ ପୋଷ୍ଟ ଉଲ୍ଲେଖ କରି କହିଛନ୍ତି ଯେ ଏ ପର୍ଯ୍ୟନ୍ତର ପରିଣାମ ଆଧାରରେ ଏସଆଇଆର ପ୍ରକ୍ରିୟା ପରେ ଭାରତର ୧୦% ବୟସ୍କ ଜନସଂଖ୍ୟା 'ନାଗରିକ' ତ ରହିବେ, ହେଲେ ନିର୍ବାଚନ ଆୟୋଗଙ୍କ ଏହି ବ୍ୟବସ୍ଥା କାରଣରୁ ସେମାନଙ୍କ ନିକଟରେ ମତଦାନର ଅଧିକାର ରହିବନି। ଏହି ସଂଖ୍ୟା ପାଖାପାଖି ୧୦ କୋଟି ଲୋକଙ୍କର। ନିର୍ବାଚନ ଆୟୋଗ ଏକପ୍ରକାର 'ଅଣ ମତଦାତା ନାଗରିକ'ଙ୍କ ଏକ ନୂଆ ଶ୍ରେଣୀ ସୃଷ୍ଟି କରିଦେଇଛନ୍ତି।

## କୈଜିଆ ମିସ୍ ୟୁନିଭର୍ସ ଇଣ୍ଡିଆ




ଜୟପୁର, ୨୪।୮ଃ କେରଳର ୧୯ ବର୍ଷୀୟ କୈଜିଆ ଲିଜ୍ ମେଜୋ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ମୁକୁଟ ହାସଲ କରିଛନ୍ତି। ରବିବାର ରାତିରେ ରାଜସ୍ଥାନର ଜୟପୁରସ୍ଥିତ ଜି ଷ୍ଟୁଡିଓଜ୍‌ରେ ଆୟୋଜିତ ଭବ୍ୟ ଫାଇନାଲରେ ସେ ଦେଶର ୫୨ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାର ଟପ୍-୫ରେ ତାମିଲନାଡୁର ବୈଷ୍ଣବୀ ଗଣେଶ, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ, କେରଳର କୈଜିଆ ଲିଜ୍ ମେଜୋ, ଗୁଜରାଟର ଅନୁଶ୍ରୀ ସତୱାଲେକର ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ସ୍ଥାନ ପାଇଥିଲେ। ଶେଷ ପର୍ଯ୍ୟାୟରେ ୪୦ ସେକେଣ୍ଡ ମଧ୍ୟରେ କ୍ଲୋଜିଂ ରିମାର୍କ ଦେବାର ଚ୍ୟାଲେଞ୍ଜରେ କୈଜିଆ ନିଜର ଦକ୍ଷତା ପ୍ରମାଣ କରି ବିଜୟୀ ହୋଇଥିଲେ।

## ରାହୁଲଙ୍କୁ ଚୁମ୍ବନ ଦେଲେ ଯୁବତୀ

ମୁମ୍ବାଇ,୨୪।୮ଃ ମହାରାଷ୍ଟ୍ରର ପୁଣେରେ ଆୟୋଜିତ 'ଛାତ୍ରୋଁ କି ଗୁଞ୍ଜ' କାର୍ଯ୍ୟକ୍ରମରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଞ୍ଚରୁ ଓହ୍ଲାଇବା ସମୟରେ ଜଣେ ଯୁବତୀ ତାଙ୍କ ସହ ସେଲଫି ନେବା ପରେ ଅଚାନକ ତାଙ୍କ ଗାଲରେ ଚୁମ୍ବନ ଦେଇଥିବା ଦେଖିବାକୁ ମିଳିଛି। ସେପଟେ ରାହୁଲ ଗାନ୍ଧୀଙ୍କ ସହ ମହିଳା ନିଜକୁ ସୁରକ୍ଷିତ ମଣୁଛନ୍ତି ଓ ସହଜରେ ନିଜର ଇଚ୍ଛା ପରିପ୍ରକାଶ କରିପାରୁଛନ୍ତି ବୋଲି ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି । ପୁଣେ କାର୍ଯ୍ୟକ୍ରମରେ ସେଲଫି ଉଠାଇବା ପରେ ଜଣେ ଯୁବତୀ ରାହୁଲ ଗାନ୍ଧୀଙ୍କ ଗାଲକୁ ଚୁମ୍ବନ ଦେଇଥିଲେ। ଏହାପରେ ରାହୁଲ ତାଙ୍କ ସହ କଥାବାର୍ତ୍ତା କରିଥିଲେ । ପରେ ନିଜ ସୁରକ୍ଷାକର୍ମୀଙ୍କ ସହ ସେଠାରୁ ପ୍ରସ୍ଥାନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ 'ମନୁସ୍ମୃତି ମାନସିକତା'କୁ ସମାଲୋଚନା କରିବା ସହ ମହିଳାମାନଙ୍କୁ ପୁରୁଷପ୍ରଧାନ ମାନସିକତା ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଥିଲେ।

## ଦିଲ୍ଲୀ ଏନସିଆରରେ ପ୍ରବଳ ବର୍ଷା

### ୧୪ ବିମାନର ମାର୍ଗ ପରିବର୍ତ୍ତନ




ନୂଆଦିଲ୍ଲୀ, ୨୪।୮ଃ ଖରାପ ପାଗ ଯୋଗୁଁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ଚଳାଚଳ ସୋମବାର ପ୍ରଭାବିତ ହୋଇଛି। ୫୦ ରୁ ଅଧିକ ବିମାନ ବିଳମ୍ବର ସମ୍ମୁଖୀନ ହୋଇଛି। ସେହିପରି ୧୪ଟି ବିମାନର ମାର୍ଗ ପରିବର୍ତ୍ତନ କରି ଆଗମନ ଓ ପ୍ରସ୍ଥାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସେଥିମଧ୍ୟରେ ଦୁଇଟି ଅନ୍ତର୍ଜାତୀୟ ବିମାନ ରହିଛି। ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀରେ ପାଣି ଜମିବା ଏବଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିବାବେଳେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ରେଡ୍ ଆଲର୍ଟ ଏବଂ ଅନ୍ୟ ଜିଲ୍ଲାରେ ମଧ୍ୟମ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

## ବିନା ପିଆଜ-ରସୁଣରେ ମାଛ ଆମିଷ ନୁହେଁ



ଲକ୍ଷ୍ନୌ, ୨୪।୮ଃ ମାଛକୁ ନିରାମିଷ ବୋଲି ମନ୍ତ୍ରୀ ସଞ୍ଜୟ ନିଷାଦଙ୍କ ବୟାନକୁ ସମର୍ଥନ କରିଛନ୍ତି ଉତ୍ତରପ୍ରଦେଶ କ୍ୟାବିନେଟ୍ ମନ୍ତ୍ରୀ ଓମ୍ ପ୍ରକାଶ ରାଜଭର। ତେବେ ପରେ ନିଜ ବୟାନ ଉପରେ ସେ ନିଜେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ରାଜଭର କହିଛନ୍ତି, ରସୁଣ କିମ୍ବା ପିଆଜ ନ ପଡ଼ିଲେ ମାଛକୁ ଆମିଷ ବୋଲି କୁହାଯିବ ନାହିଁ । ଯଦି ସଞ୍ଜୟ ନିଷାଦ ଏପରି କହିଛନ୍ତି, ତେବେ ସେ ଠିକ୍ କହିଛନ୍ତି। ଏହାକୁ ଆମକୁ ମାନିବାକୁ ପଡ଼ିବ। ଅଯୋଧ୍ୟାରେ ଶ୍ରାବଣ ମାସରେ ଆୟୋଜିତ କଂଗ୍ରେସ କାର୍ଯ୍ୟକ୍ରମରେ ମାଛ ପରସାଯିବା ପ୍ରସଙ୍ଗରେ ସେ କଂଗ୍ରେସକୁ ମଧ୍ୟ ପ୍ରଶ୍ନ କରିଛନ୍ତି । ମାଛ ରାନ୍ଧିବା ସମୟରେ ସେଥିରେ ପିଆଜ ଓ ରସୁଣ ବ୍ୟବହାର କରାଯାଇଥିଲା କି ନାହିଁ, ତାହା କଂଗ୍ରେସକୁ ପଚରାଯିବା ଉଚିତ ବୋଲି ରାଜଭର କହିଛନ୍ତି । ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ ରାଜଭର ଏହି ଯୁକ୍ତି ନେଇ କିଛିଟା ଦ୍ୱନ୍ଦ୍ୱରେ ଥିବା ଦେଖାଯାଇଥିଲା। ସେ କହିଛନ୍ତି, କିନ୍ତୁ ମାଛ କିପରି ନିରାମିଷ ହୋଇପାରିବ? ସଞ୍ଜୟ ନିଷାଦ ମାଛ ବିଷୟରେ ବିଶେଷଜ୍ଞ। ତେଣୁ ତାଙ୍କର ଏ ବିଷୟରେ ଆମଠାରୁ ଅଧିକ ଜ୍ଞାନ ରହିଛି।

## ମଣିପୁରର ଦୁଇଗୋଷ୍ଠୀ ମୁହାଁମୁହିଁ

### ସିଆରପିଏଫ ଯବାନ ଗୁରୁତର



ଇମ୍ଫାଲ,୨୪।୮ଃ ମଣିପୁରର ସେନାପତି ଜିଲ୍ଲାର ତାପୋଏ ଓ ଆଖପାଖ ଅଞ୍ଚଳରେ ହିଂସା ଘଟିଛି। ଏକ ଘରେ ନିଆଁ ଲଗାଇ ଦିଆଯାଇଥିବାବେଳେ ଗୁଳି ବିନିମୟରେ ଜଣେ ସିଆରପିଏଫ ଯବାନ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ଏହି ଘଟଣା ପରେ ଅଞ୍ଚଳରେ ପୁଣି ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଛି। ସେନାପତି ଜିଲ୍ଲାରେ ଭୋର୍ ୩ଟାରେ ଏହି ଅଭାବନୀୟ ଘଟଣା ଘଟିଛି। ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଯୋଗୁଁ ହିଂସା ଏବଂ ଗୁଳିଚାଳନା ହୋଇଥିଲା। ସଂଘର୍ଷ ସମୟରେ ଅନିୟନ୍ତ୍ରିତ ଭିଡ଼ ଘର ପୋଡ଼ି ଦେଇଥିଲେ। ଘଟଣାର କିଛି ପ୍ରତ୍ୟକ୍ଷଦର୍ଶୀ ସ୍ଥାନୀୟ ବାସିନ୍ଦା ପୁଲିସକୁ ଖବର ଦେଇ ଦମକଳ ବାହିନୀକୁ ଡାକିଥିଲେ। ସେମାନେ ଆହତ ସିଆରପିଏଫ ଯବାନଙ୍କୁ ଡାକ୍ତରଖାନାକୁ ନେଇଥିଲେ।

## ୟୁପିଆଇକୁ ୧୦ ବର୍ଷ ପୂରିଲା

### ଡିଜିଟାଲ୍ କାରବାରରେ ୧୩ ହଜାର ଗୁଣ ବୃଦ୍ଧି

ନୂଆଦିଲ୍ଲୀ,୨୪।୮ଃ ୨୦୧୬ ଅଗଷ୍ଟ ୨୫ ତାରିଖରେ ଭାରତର ଆର୍ଥିକ ଇତିହାସରେ ଏକ ବଡ଼ ବିପ୍ଳବର ଆରମ୍ଭ ହୋଇଥିଲା। ଏହି ଦିନ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଆରମ୍ଭ ହୋଇଥିଲା। ସଫଳତାର ସହିତ ଏହା ୧୦ ବର୍ଷ ପୂରଣ କରିଛି। ଗୋଟିଏ ସମୟ ଥିଲା ଯେତେବେଳେ ଲୋକମାନେ ନଗଦ ଟଙ୍କା ବା କ୍ୟାସ ବିନା ଘରୁ ବାହାରକୁ ପାଦ ଦେବାକୁ ସଂକୋଚ କରୁଥିଲେ,




କିନ୍ତୁ ଆଜି ୟୁପିଆଇ କ୍ୟୁ-ଆର କୋଡ୍ ସବୁଠି ଉପଲବ୍ଧ। ଛୋଟ ଦୋକାନରୁ ବଡ଼ ମଲ୍ ପର୍ଯ୍ୟନ୍ତ ସବୁଠି ୟୁପିଆଇ। ଅର୍ଥ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଗତ ଦଶନ୍ଧି ମଧ୍ୟରେ ୟୁପିଆଇ ଡିଜିଟାଲ୍ କାରବାରରେ ୧୩, ୦୦୦ ଗୁଣ ବୃଦ୍ଧି ପାଇଛି। ଏହି ବ୍ୟବସ୍ଥା ପ୍ରତ୍ୟେକ ଭାରତୀୟଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶ ପାଲଟିଛି। ୨୦୧୬-୧୭ ଆର୍ଥିକ ବର୍ଷରେ, ଟଚଓ ପାଇଁ କାରବାର ପରିମାଣ ମାତ୍ର ୧.୭୮ କୋଟି ଥିଲା। ୨୦୨୫-୨୬ ସୁଦ୍ଧା ଏହି ସଂଖ୍ୟା ୨୪, ୧୬୨ କୋଟିକୁ ଅତିକ୍ରମ କରିଛି। ସେହିପରି, କାରବାର ମୂଲ୍ୟ ଦୃଷ୍ଟିରୁ ଏହି ସଂଖ୍ୟା ୦.୦୭ ଲକ୍ଷ କୋଟିରୁ ପ୍ରାୟ ୩୧୪ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ଚିନି, ତେଲ ଓ ପିଆଜ ପରେ ଡାଲିର ନାଲିଆଖି

## ଦିନକରେ ବିରି ଦର ୧୫.୨୯ ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ,୨୪।୮ଃ ଦେଶରେ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ପିଆଜ ଓ ରୋଷେଇ ତେଲ ପରେ ଏବେ ଡାଲିର ଦର ମଧ୍ୟ ବଢ଼ିବା ଆରମ୍ଭ କରିଛି। ଫଳରେ ଆଗାମୀ ପର୍ବପର୍ବାଣୀ ସମୟରେ ମଧ୍ୟବିତ୍ତ ପରିବାରର ରୋଷେଇ ବଜେଟ ଉପରେ ଅତିରିକ୍ତ ଚାପ ପଡ଼ିବା ଆଶଙ୍କା ଦେଖାଦେଇଛି। ଅଗଷ୍ଟ ୨୩ ତାରିଖରେ ଥୋକ ମଣ୍ଡିଗୁଡ଼ିକରେ ବିରି ଦରରେ ଗୋଟିଏ ଦିନରେ ୧୫.୨୯ ପ୍ରତିଶତ ବୃଦ୍ଧି ହୋଇଛି। ଏହା ପରେ ବିରି ହାରାହାରି ଥୋକ ଦର କ୍ୱିଣ୍ଟାଲ ପିଛା ୧୦,୨୩୮ ଟଙ୍କାରେ ପହଞ୍ଚିଛି। କେତେକ ମଣ୍ଡିରେ ଏହି ଦର କ୍ୱିଣ୍ଟାଲ ପିଛା ୧୩,୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଥୋକ ଦର ବଢ଼ିବାର ପ୍ରଭାବ ଖୁଚୁରା ବଜାରରେ ମଧ୍ୟ ଦେଖାଯାଉଛି। ସ୍ଥାନୀୟ ବଜାରରେ ଖୋଲା ବିରି ଡାଲି (ସାରା/ଧୁଲା) କିଲୋ ପିଛା ପ୍ରାୟ ୧୨୦ରୁ ୧୫୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି।



ପ୍ୟାକେଜ ଡାଲିର ଦର ମଧ୍ୟ ବଢ଼ିଛି। ବିରି ପରେ ହରଡ ଡାଲିର ଦରରେ ମଧ୍ୟ ଉଲ୍ଲେଖନୀୟ ବୃଦ୍ଧି ହୋଇଛି। ଅଗଷ୍ଟ ୨୩ରେ ଥୋକ ମଣ୍ଡିରେ ହରଡ ଦର ୧୯.୫୧ ପ୍ରତିଶତ ବଢ଼ିଛି। ଏହା ଫଳରେ ହରଡ ହାରାହାରି ଥୋକ ଦର କ୍ୱିଣ୍ଟାଲ ପିଛା ୯,୦୫୦ ଟଙ୍କାକୁ ବଢ଼ିଛି। କେତେକ ସ୍ଥାନରେ ଏହାର ଦର ୧୩,୦୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଏହାର ପ୍ରଭାବ ଖୁଚୁରା ବଜାରରେ ମଧ୍ୟ ପଡ଼ିଛି। ନିକଟସ୍ଥ କିରାଣା ଦୋକାନ ଓ ସୁପରମାର୍କେଟରେ ଖୋଲା ହରଡ ଡାଲିର ଦର କିଲୋ ପିଛା ୧୪୦ରୁ ୧୬୦ ଟଙ୍କାରୁ ଅଧିକ ହୋଇଛି।

ଜାତିଭିତ୍ତିକ ସଂରକ୍ଷଣ ଓ ମହିଳା କୋଟା ପ୍ରସଙ୍ଗ

## ବ୍ୟବସ୍ଥାରେ ସୁଧାର ପାଇଁ କେନ୍ଦ୍ରୀୟ ଦିଲ୍ଲୀରେ ବିକ୍ଷୋଭ




ନୂଆଦିଲ୍ଲୀ,୨୪।୮ଃ ସଂରକ୍ଷଣ ବ୍ୟବସ୍ଥାରେ ସୁଧାର ଦାବି ଓ ମହିଳା ସଂରକ୍ଷଣକୁ ନେଇ ଦେଶର ରାଜନୀତି ପୁଣି ସରଗରମ ହୋଇଛି। ଦିଲ୍ଲୀ, ଲକ୍ଷ୍ନୌ, ପାଟନା ଓ ଜୟପୁର ସମେତ ବିଭିନ୍ନ ସହରରେ ଜାତି ଭିତ୍ତିକ ସଂରକ୍ଷଣକୁ ନେଇ ବିରୋଧର ସ୍ୱର ଶୁଣିବାକୁ ମିଳୁଛି। ରବିବାର ସେଣ୍ଟ୍ରାଲ ଦିଲ୍ଲୀରେ ପ୍ରାୟ ୩୦୦ ଲୋକ ସଂରକ୍ଷଣ ବ୍ୟବସ୍ଥାରେ ସୁଧାର ଦାବି କରି ପ୍ରଦର୍ଶନ କରିଛନ୍ତି। ପୁଲିସ ସେମାନଙ୍କୁ ହେପାଜତକୁ ନେଇଛି।

ପ୍ରଦର୍ଶନକାରୀଙ୍କ କହିବା ଅନୁସାରେ, ସେମାନେ ସଂରକ୍ଷଣର ସମ୍ପୂର୍ଣ୍ଣ ବିରୋଧ କରୁନାହାନ୍ତି। ଏହାର ଲାଭ ପ୍ରକୃତରେ ଆବଶ୍ୟକ କରୁଥିବା ଲୋକଙ୍କ ପାଖରେ ପହଞ୍ଚିବା ଉଚିତ। ଆର୍ଥିକ ଦୁର୍ବଳ ଲୋକଙ୍କ ପାଇଁ ସହାୟତା ବଢ଼ାଇବା, 'କ୍ରିମି ଲେୟର' ନିୟମ ଲାଗୁ କରିବା ଓ ବର୍ତ୍ତମାନର ସଂରକ୍ଷଣ ବ୍ୟବସ୍ଥାର ସମୀକ୍ଷା କରିବାକୁ ସେମାନେ ଦାବି କରିଛନ୍ତି। ସୋସିଆଲ ମିଡିଆରେ ମଧ୍ୟ ଏହି ଆନ୍ଦୋଳନକୁ ନେଇ ଚର୍ଚ୍ଚା ବଢ଼ିଛି। ଆନ୍ଦୋଳନ ସହ ଜଡ଼ିତ କିଛି ବ୍ୟକ୍ତି ଇଡବ୍ଲ୍ୟୁଏସ ବର୍ଗକୁ ମଧ୍ୟ ଶିକ୍ଷା, କୋଚିଂ, ଫର୍ମ ଓ ହଷ୍ଟେଲ ଫି ଭଳି ସୁବିଧା ଦେବା ଦାବି କରୁଛନ୍ତି। ସେହିପରି ଏସସି ଓ ଓବିସି ମଧ୍ୟରେ 'କୋଟା ଭିତରେ କୋଟା' ବ୍ୟବସ୍ଥା ଲାଗୁ କରିବା ଦାବି ମଧ୍ୟ ଉଠିଛି।

## ସିଂହେଶ୍ୱର ମନ୍ଦିରରେ ଦଳାଚକଟା, ୬ ଆହତ



ମାଧେପୁରା,୨୪।୮ଃ ବିହାରର ମାଧେପୁରାର ପ୍ରସିଦ୍ଧ ସିଂହେଶ୍ୱର ଧାମ ମନ୍ଦିରରେ ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଭୋଲେବାବାଙ୍କ ଜଳାଭିଷେକ କରିବାକୁ ଯିବାବେଳେ ଦଳାଚକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାରେ ୬ ଜଣ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଚାରି ଜଣ ମହିଳା ଓ ଦୁଇଜଣ ପୁରୁଷ ଅଛନ୍ତି। ସୁରକ୍ଷା ବାହିନୀ ଭିଡ଼ରେ ଫସି ରହିଥିବା ମହିଳାଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଛନ୍ତି। ସମସ୍ତ ଆହତ ମାଧେପୁରା ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଶ୍ରାବଣ ମାସର ଶେଷ ସୋମବାର ଯୋଗୁଁ ମନ୍ଦିରରେ ପ୍ରବଳ ଭିଡ଼ ହେବାର ସମ୍ଭାବନା ଥିବାରୁ ଜିଲ୍ଲା ପ୍ରଶାସନ ପୂର୍ବରୁ ସତର୍କ ଥିଲା। ଫଳରେ ସୁରକ୍ଷା କର୍ମୀମାନେ ତୁରନ୍ତ ପଦକ୍ଷେପ ନେଇ ଏକ ବଡ଼ ଦୁର୍ଘଟଣାକୁ ଏଡାଇ ପାରିଛନ୍ତି।

ବାଂଲାଦେଶ ହିନ୍ଦୁ ପରିବାର ହତ୍ୟା ମାମଲା

## ଗାଧୋଇଲେ, ଫ୍ରିଜରୁ କାଢ଼ି ଖାଦ୍ୟ ଖାଇଲେ



ଢାକା, ୨୪।୮ଃ ବାଂଲାଦେଶର ଜଣେ ହିନ୍ଦୁ ପରିବାରର ୪ ଜଣ ସଦସ୍ୟଙ୍କ ହତ୍ୟା ମାମଲାରେ ପୁଲିସ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆଣିଛି। ଅଭିଯୁକ୍ତମାନେ ପ୍ରାୟ ୬ରୁ ୭ ଘଣ୍ଟା ପର୍ଯ୍ୟନ୍ତ ଘର ଭିତରେ ଲୁଚି ରହିଥିଲେ। ହତ୍ୟାକାଣ୍ଡ ପରେ ସେମାନେ ଘରେ ଗାଧେଇ ଫ୍ରିଜରେ ଥିବା ଖାଦ୍ୟ ଖାଇ ସେଠାରୁ ଯାଇଥିଲେ। ଗିରଫ ହୋଇଥିବା ଦୁଇ ଅଭିଯୋଗ ଏ ବିଷୟ ସ୍ୱୀକାର କରିଛନ୍ତି। ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ସ୍ତ୍ରୀ ପ୍ରୀତିଲତା ଚକ୍ରବର୍ତ୍ତୀ, ଝିଅ ଆଗାମୀ ଚକ୍ରବର୍ତ୍ତୀ ପ୍ରାର୍ଥୀ ଓ ୧୨ ବର୍ଷର ପୁଅ ପ୍ରିୟମ୍ ଚକ୍ରବର୍ତ୍ତୀ ହତ୍ୟା ମାମଲାରେ ପୁଲିସ ଦୁଇ ସମ୍ପର୍କୀୟ ଭାଇ ମୁନ୍ନୋ ଓ ସିଦ୍ଧାର୍ଥଙ୍କୁ ହାଜତକୁ ନେଇଛି। ଉଲ୍ଲେଖଯୋଗ୍ୟ ଯେ, ଗଣପତି ଚକ୍ରବର୍ତ୍ତୀ ଗତ ବର୍ଷ ଡିସେମ୍ବର ୩୧ରେ ରଙ୍ଗପୁର ଜିଲ୍ଲା ସ୍କୁଲରୁ ଅବସର ଗ୍ରହଣ କରିଥିଲେ। ତାଙ୍କ ଝିଅ ଏହି ବର୍ଷ ଇଂରାଜୀରେ ମାଷ୍ଟର ଡିଗ୍ରୀ ସମ୍ପୂର୍ଣ୍ଣ କରିଥିଲେ। ତାଙ୍କ ପୁଅ ପ୍ରିୟମ୍ ରଙ୍ଗପୁର ଜିଲ୍ଲା ସ୍କୁଲରେ ପଞ୍ଚମ ଶ୍ରେଣୀରେ ପଢୁଥିଲା।

ପୁଲିସ ସୂଚନା ଅନୁଯାୟୀ, ଦୁଇ ଅଭିଯୁକ୍ତ ଗଣପତି ଚକ୍ରବର୍ତ୍ତୀଙ୍କ ଘର ଛାତରେ ବସି ନିଶା ବଟିକା ସେବନ କରୁଥିଲେ। ଗଣପତି ଛାତ ଉପରୁ ଶବ୍ଦ ଶୁଣି ଉପରକୁ ଯାଇଥିଲେ। ଗଣପତି ସେମାନଙ୍କୁ ଚିହ୍ନି ଦେବେ ବୋଲି ଅଭିଯୁକ୍ତମାନେ ଭୟ କରି ପ୍ରଥମେ ଗାମୁଛାରେ ଗଣପତିଙ୍କ ଗଳା ଚିପି ହତ୍ୟା କରିଥିଲେ। ମାରପିଟ୍ ଶବ୍ଦ ଶୁଣି ତାଙ୍କ ସ୍ତ୍ରୀ ପ୍ରୀତିଲତା ଉପରକୁ ଆସିଥିଲେ। ଅଭିଯୁକ୍ତମାନେ ସିଡ଼ି ଉପରେ କପଡ଼ାରେ ତାଙ୍କର ମଧ୍ୟ ଗଳା ଚିପି ଦେଇଥିଲେ। ଏହା ପରେ ଝିଅ ଓ ପୁଅ ପ୍ରିୟମକୁ ମଧ୍ୟ ହତ୍ୟା କରିଥିଲେ।

## ସରକାରଙ୍କ ଘରୋଇକରଣ ଏଜେଣ୍ଡାରେ ଇସ୍ରୋ!

ନୂଆଦିଲ୍ଲୀ,୨୪।୮ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ମହାକାଶ କ୍ଷେତ୍ରରେ ଘରୋଇକରଣ ଏଜେଣ୍ଡା ଅନୁସରଣ କରୁଥିବା ଅଭିଯୋଗ କଂଗ୍ରେସ ପକ୍ଷରୁ ଅଣାଯାଇଛି। ଘରୋଇ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରୋତ୍ସାହିତ କରି ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ)ର ଭୂମିକାକୁ ସୀମିତ କରିବା ଉପରେ ଦଳ ପ୍ରଶ୍ନ ଉଠାଇଛି। କଂଗ୍ରେସର ଯୋଗାଯୋଗ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ଭାରତର ମହାକାଶ କାର୍ଯ୍ୟକ୍ରମରେ ଇସ୍ରୋର ଭବିଷ୍ୟତ ଭୂମିକା ବିଷୟରେ ସାମ୍ପ୍ରତିକ ରିପୋର୍ଟଗୁଡ଼ିକ ଛଅ ଦଶନ୍ଧି ଧରି ନିର୍ମିତ ସଂଗଠନର କ୍ଷମତା ଏବଂ ସମ୍ପତ୍ତି ଉପରେ ଚିନ୍ତା ସୃଷ୍ଟି କରିଛି।




ବିକ୍ରମ ସରାଭାଇ, ସତୀଶ ଧାୱନ, ବ୍ରହ୍ମ ପ୍ରକାଶ, ୟୁଆର ରାଓ, ଏପିଜେ ଅବଦୁଲ କଲାମ ଓ ଅନ୍ୟାନ୍ୟ ବହୁ ବିଶିଷ୍ଟ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଜ୍ଞାନୀଙ୍କ ଦୃଷ୍ଟିକୋଣ, ସମର୍ପଣ ତଥା ନେତୃତ୍ୱ ଯୋଗୁଁ ଗତ ଛଅ ଦଶନ୍ଧି ଧରି ନିଜର କ୍ଷମତା ପ୍ରତିପାଦନ କରିଥିବା ଇସ୍ରୋ ନେଇ ଏବେ ଚିନ୍ତା ସୃଷ୍ଟି ହୋଇଛି। ଇସ୍ରୋ ୧୯୬୯ ମସିହାରେ ପ୍ରତିଷ୍ଠିତ ହୋଇଥିଲା, ବିକ୍ରମ ସରାଭାଇ ଏହାର ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ଓ ଏହାର ପ୍ରଥମ ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ରମେଶ ଅଭିଯୋଗ କରିଛନ୍ତି ଯେ ସରକାର ପରମାଣୁ ଶକ୍ତି କ୍ଷେତ୍ରରେ ଯେପରି କରିଥିଲେ ସେହିପରି ମହାକାଶ କାର୍ଯ୍ୟକ୍ରମରେ ମଧ୍ୟ ଘରୋଇକରଣ ଏଜେଣ୍ଡା ଅନୁସରଣ କରୁଛନ୍ତି। ଏହା ଦ୍ୱାରା ରକେଟ ବିକାଶ ଓ ନିର୍ମାଣରେ ଇସ୍ରୋର ଉପସ୍ଥିତି ଗୁରୁତର ଭାବରେ ସୀମିତ ହେବ। ଏହାର ଉପଗ୍ରହ-ସମ୍ବନ୍ଧୀୟ ସମ୍ପତ୍ତିର ଅଧିକାଂଶ ଲକ୍, ଷ୍ଟକ୍ ଏବଂ ବ୍ୟାରେଲ ହସ୍ତାନ୍ତର ଘରୋଇ କମ୍ପାନିଗୁଡ଼ିକୁ କରିବାକୁ ପଡିବ ବୋଲି ରମେଶ କହିଛନ୍ତି।

## ଭିକ ମାଗି ରଖିଥିଲେ ଲକ୍ଷାଧିକ ଟଙ୍କା



ବେଙ୍ଗାଲୁରୁ,୨୪।୮ଃ ସାରା ଜୀବନ ଭିକ୍ଷା ମାଗି ଜୀବନ ବିତାଇଥିବା ଜଣେ ବୃଦ୍ଧାଙ୍କ ମୃତ୍ୟୁ ପରେ ତାଙ୍କ ଘରୁ ମିଳିଛି ନୋଟ୍‌ଭର୍ତ୍ତି ୩୦ରୁ ଅଧିକ ବସ୍ତା। ବସ୍ତାଗୁଡ଼ିକରେ ୧୦, ୨୦ ଓ ୫୦ ଟଙ୍କିଆ ହଜାର ହଜାର ନୋଟ୍ ଥିବା ଜଣାପଡ଼ିଛି । ଟଙ୍କା ଏତେ ଅଧିକ ଥିଲା ଯେ ସେସବୁ ଗଣିବା ପାଇଁ ମେସିନ୍ ମଗାଇବାକୁ ପଡ଼ିଥିଲା। ଘଟଣାଟି କର୍ଣ୍ଣାଟକର ମାଣ୍ଡ୍ୟା ଜିଲା ଗୁଥାଲୁ ଅଞ୍ଚଳର। ହୁର ଉନ୍ନିସା ନାମକ ଜଣେ ବୃଦ୍ଧା ତାଙ୍କ ଭଉଣୀଙ୍କ ସହ ରହୁଥିଲେ। ଉଭୟ ଭଉଣୀ ବିବାହ କରି ନଥିଲେ ଓ ଭିକ୍ଷା ମାଗି ଜୀବନ ଚଳାଉଥିଲେ। ପ୍ରାୟ ଦୁଇ ବର୍ଷ ପୂର୍ବେ ଉନ୍ନିସାଙ୍କ ଭଉଣୀଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ସେ ଏକାକୀ ରହୁଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଉନ୍ନିସାଙ୍କର ରବିବାର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରେ ସ୍ଥାନୀୟ ଲୋକେ ଘର ଯାଞ୍ଚ କରିଥିଲେ । ଏହି ସମୟରେ ଘରୁ ୩୦ରୁ ଅଧିକ ବସ୍ତା ମିଳିଥିଲା।

## ବିମାନ ସହ ପକ୍ଷୀ ଧକ୍କା, ବର୍ତ୍ତିଗଲେ ୧୬୪ଯାତ୍ରୀ




ପାଟନା,୨୪।୮ଃ ବିହାର ରାଜଧାନୀ ପାଟନା ବିମାନ ବନ୍ଦରରେ ସୋମବାର ପୂର୍ବାହ୍ନରେ ଦିଲ୍ଲୀରୁ ଆସିଥିବା ଏୟାର ଇଣ୍ଡିଆ ବିମାନ ବାର୍ଡ ହିଟ୍ ଶିକାର ହୋଇଛି। ଲ୍ୟାଣ୍ଡିଂ କାଳରେ ବିମାନର ଡାହାଣପଟ ଇଞ୍ଜିନ ନିକଟରେ ପକ୍ଷୀ ଧକ୍କା ଲାଗିଥିବା ପାଇଲଟ ଆଶଙ୍କା କରିଛନ୍ତି। ଏହା ଜାଣିବା ମାତ୍ରେ ପାଇଲଟ ଏ ସମ୍ପର୍କରେ ତୁରନ୍ତ ବିମାନ ବନ୍ଦର ଏୟାର ଟ୍ରାଫିକ କଣ୍ଟ୍ରୋଲ (ଏଟିସି)ଙ୍କୁ ସୂଚିତ କରିଥିଲେ। ଏହା ପରେ ସତର୍କତା ମୂଳକ ଏମାର୍ଜେନ୍ସୀ ପ୍ରୋଟକଲ ଲାଗୁ କରାଯାଇଥିଲା। ବିମାନଟି ସକୁଶଳେ ଅବତରଣ କରିଯାଇଥିବା ବେଳେ ଏଥିରେ ଥିବା ୧୬୪ ଜଣ ଯାତ୍ରୀ ଓ ଚାଳକ ଦଳ ସଦସ୍ୟ ସୁରକ୍ଷିତ ବର୍ତ୍ତି ଯାଇଛନ୍ତି।

ବିଶାଳ ପଥରରେ କଳାରଙ୍ଗର ରେଖା

## ଆବିଷ୍କୃତ ହେବ ପୃଥିବୀରେ ଜୀବସତ୍ତାର ରହସ୍ୟ

ରାଞ୍ଚି,୨୪।୮ଃ ମାନବ ଜାତି କେବେଠୁ ପୃଥିବୀରେ ରହିଛି ତାହାର କିଛି ନିର୍ଦ୍ଦିଷ୍ଟ ପ୍ରମାଣ ନାହିଁ। ଏବେ କିନ୍ତୁ ଝାଡଖଣ୍ଡରୁ ଆସିଛି ଚକିତ କଲା ଭଳି ତଥ୍ୟ। ରାଜ୍ୟର ସିଂହଭୂମ ଅଞ୍ଚଳରେ ୩.୫ ବିଲିୟନ ବା ୩୪୯୭ ମିଲିୟନ ବର୍ଷ ତଳର ଏକ ପୁରୁଣା ପଥର ମିଳିଛି। ଏଥିରେ କିଛି ସଙ୍କେତ ବା ଚିହ୍ନ ରହିଛି। ଏଥିରେ ରହିଥିବା କାର୍ବନର ଚିହ୍ନକୁ ନେଇ ଗବେଷଣା ଚାଲିଛି। ଯଦି ପ୍ରମାଣିତ ହୁଏ ଯେ ଏହି ସଙ୍କେତ ବା ଚିହ୍ନ କୌଣସି ଜୀବ ଦ୍ୱାରା ହୋଇଛି ତାହାକୁ ଜୀବସତ୍ତାର ଥିଓରିରେ ସାମିଲ କରାଯିବ। ଫଳରେ ପୃଥିବୀରେ ଜୀବନ କେବେଠୁ ଅଛି ସେନେଇ ବୈଜ୍ଞାନିକମାନେ ଅଧିକ ତଥ୍ୟ ପାଇପାରିବେ।



ବୈଜ୍ଞାନିକମାନେ ଏକ ବିଶାଳ ପଥରରେ କଳା ରଙ୍ଗର ରେଖା ଟଣା ଯାଇଥିବା ଦେଖିବାକୁ ପାଇଛନ୍ତି। ଏଥିରେ କାର୍ବନ ରହିଛି। ଏହା କୌଣସି ସୂକ୍ଷ୍ମ ଜୀବ ଟାଣିଥାଇ ପାରନ୍ତି। ଅର୍ଥାତ ଏହା ମାଇକ୍ରୋବିୟଲ୍ସ ସହ ଜଡିତ ହୋଇପାରେ। ହଜାର ହଜାର ଛୋଟ ବା ସୂକ୍ଷ୍ମ ଜୀବ ଗୋଟିଏ ସ୍ଥାନରେ ଜମା ହୋଇ ଏକ ପରସ୍ତ, ଆସ୍ତରଣ ବା ଲେୟାର ତିଆରି କରନ୍ତି। ଏହି ଜୀବମାନଙ୍କ କାରଣରୁ କାର୍ବନ ଆସିଛି ନା ଅନ୍ୟ କେଉଁ କାରଣ ପାଇଁ ତାହାର ପରୀକ୍ଷାନିରୀକ୍ଷା ଚାଲିଛି।

ବୈଜ୍ଞାନିକମାନେ ଏହି ପଥରର ବୟସ ୩.୫ ବିଲିୟନ ବର୍ଷ ବୋଲି କହୁଛନ୍ତି। ଏଥିରେ ଥିବା ଜରିକନ୍ ମଲିକ୍ୟୁଲ୍ ବା ପାର୍ଟିକିଲ୍ ଆଧାରରେ ଏହାର ବୟସ ସ୍ଥିର ହୋଇଛି। ଏହି ପାର୍ଟିକିଲ୍ସରେ ୟୁରାନିୟମ ଏବଂ ସୀସା ଭଳି ଖଣିଜ ରହିଛି। ଏଥିରୁ ପଥରର ବୟସ ଜଣା ପଡିଛି।

ଏହା ପୁରୁଣା ଜୀବସତ୍ତା ହୋଇପାରେ ବୋଲି ବୈଜ୍ଞାନିକମାନେ ଆକଳନ କରୁଛନ୍ତି।

### ଦ୍ୱିତୀୟ ଟେଷ୍ଟ
**ଶ୍ରୀଲଙ୍କାର ବ୍ୟାଟିଂ ବିପର୍ଯ୍ୟୟ**

# ଜୁରେଲ୍‌ଙ୍କ ଶତକ: ଭାରତର ବଡ଼ ସ୍କୋର୍



କଲମ୍ବୋ,୨୪।୮: ଚଳିତ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ଦ୍ୱିତୀୟ ଦିନରେ ଭାରତ ଏକ ବଡ଼ ସ୍କୋର୍ କରିଛି। ପ୍ରଥମ ଦିନରେ ଦେବଦତ୍ତ ପାଡିକଲ୍‌ଙ୍କ ଶତକୀୟ ଇନିଂସ ଆଧାରରେ ଭାରତ ୩୦୦ ରନ୍ କରିଥିବା ବେଳେ ଆଜି ୱିକେଟ୍‌କିପର୍-ବ୍ୟାଟ୍ସମ୍ୟାନ୍ ଧ୍ରୁବ ଜୁରେଲ୍ ଶତକୀୟ ଇନିଂସ ଖେଳିବା ଫଳରେ ଭାରତ ତା'ର ପ୍ରଥମ ଇନିଂସ ୯ ୱିକେଟ୍ ବିନିମୟରେ ୫୦୩ ରନ୍‌ରେ ଘୋଷଣା କରିଛି। ଏସବୁ ଦିନର ଅନ୍ତିମ ଭାଗରେ ଶ୍ରୀଲଙ୍କାକୁ ବ୍ୟାଟ ଦେଇ ଭାରତୀୟ ବୋଲରମାନେ ୨ଟି ୱିକେଟ୍ ଅକ୍ତିଆର କରି ଦଳକୁ ସୁଦୃଢ଼ ସ୍ଥିତିରେ ପହଞ୍ଚାଇଛନ୍ତି। ଦିନର ଖେଳ ଶେଷ ବେଳକୁ ଓପନର କାମିଲ୍ ମିଶାରା ୫ ରନ୍ କରି ଅପରାଜିତ ଅଛନ୍ତି। ୩୦୦/୫ରୁ ଆଜିର ଖେଳ ଆରମ୍ଭ କରି ଜୁରେଲ୍ (୭) ଓ ସାରାଂଶ ଜୈନ୍ (୪) ସ୍କୋରକୁ ବେଶୀ ବାଟ ନେଇପାରିନଥିଲେ। ସାରାଂଶ ମାତ୍ର ୬ ରନ୍ କରି ଆଉଟ୍ ହୋଇଥିଲେ। କିନ୍ତୁ ଜୁରେଲ୍ ଗୋଟିଏ ପଟେ ଦୃଢ଼ ଭାବେ ବ୍ୟାଟିଂ ଜାରି ରଖିବା ସହ ରିଟାୟାର୍ଡ ହର୍ଟ ହୋଇଥିବା ଋଷଭ ପନ୍ତଙ୍କ ସହଯୋଗ ପାଇଥିଲେ। ଉଭୟଙ୍କ ମଧ୍ୟରେ ସପ୍ତମ ୱିକେଟ୍‌ରେ ୧୧୨ ରନ୍‌ର ଭାଗିଦାରୀ ହୋଇଥିଲା। ଇତିମଧ୍ୟରେ ପନ୍ତ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ। ସେ ୬ଟି ଚୌକା ଓ ୨ଟି ଛକା ସହ ୬୩ ରନ୍‌ରେ ଆଉଟ୍ ହେବା ପରେ ମାନବ ସୁତାରଙ୍କ ସହ ଇନିଂସକୁ ଜୁରେଲ୍ ଆଗେଇ ନେଇଥିଲେ। ସୁତାର ୧୮ ରନ୍‌ରେ ଆଉଟ୍ ହେବା ପରେ ପରେ ଜୁରେଲ୍ ତାଙ୍କର ଶତକ ପୂରଣ କରିଥିଲେ। ୯ଟି ଚୌକା ଓ ୨ଟି ଛକା ସହ ୧୧୭ ରନ୍‌ରେ ଜୁରେଲ୍ ଓ ୪ ରନ୍‌ରେ ପ୍ରସିଦ୍ଧ କୃଷ୍ଣା ଅପରାଜିତ ଥିବା ସମୟରେ ଅଧିନାୟକ ଇନିଂସ ଘୋଷଣା କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଅସିତା ଫର୍ଣ୍ଣାଣ୍ଡୋ ସର୍ବାଧିକ ୪ଟି, ପ୍ରବତ ଜୟସୂରିୟା ଓ କେସରା ନୁୱିନ୍ଦୁ ୨ଟି ଲେଖାଏଁ ଏବଂ ଲାହିରୁ କୁମାରା ଗୋଟିଏ ୱିକେଟ୍ ନେଇଥିଲେ। ଏଥିସହ ଦିନର ଅନ୍ତିମ ଭାଗରେ ଶ୍ରୀଲଙ୍କାକୁ ୩୧ ଓଭର ଖେଳିବାକୁ ପଡ଼ିଥିଲା। ବର୍ଷା ଯୋଗୁଁ କିଛି ସମୟ ଖେଳ ବାଧାପ୍ରାପ୍ତ ହୋଇଥିଲେ ହେଁ ଖେଳ ଆରମ୍ଭ ହେବା ପରେ ଭାରତୀୟ ବୋଲର୍ ପରିସ୍ଥିତିର ଫାଇଦା ଉଠାଇଥିଲେ। ଫଳରେ ଦିନର ଖେଳ ଶେଷ ବେଳକୁ ଶ୍ରୀଲଙ୍କା ୨ ୱିକେଟ୍ ହରାଇ ୮ ରନ୍ କରିଥିଲା। ଭାରତ ପକ୍ଷରୁ ସୁତାର ଓ ପ୍ରସିଦ୍ଧ ୱିକେଟ୍ ନେଇଛନ୍ତି।

## ପଶ୍ଚିମବଙ୍ଗରେ ଓଡ଼ିଆ ଛାତ୍ରଙ୍କ କୃତିତ୍ୱ



କୋଲକାତା,୨୪।୮(ସଂଚାର ବ୍ୟୁରୋ): ହାଓଡାର ଲିଲୁଆସ୍ଥିତ ରୋଜ ବଡ୍ ସ୍କୁଲ ପରିସରରେ ସ୍କୁଲ ପକ୍ଷରୁ ୪ ଦିନ ବ୍ୟାପୀ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଛି। ପ୍ରତିଯୋଗିତାରେ ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଠାରେ ଉଲ୍ଲେଖ୍ୟଯୋଗ୍ୟ ଯେ ସ୍କୁଲର ଛାତ୍ର ପ୍ରୟାସ କୁମାର ରାଉଳ ୪ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ସେ ଗଣିତ ପ୍ରଶ୍ନ ୨୦୨୬ରେ ପ୍ରଥମ, ପାଠ ପ୍ରତିଯୋଗିତାରେ ପ୍ରଥମ, ସିଟ୍ ଆଣ୍ଡ୍ ଡ୍ର' ପ୍ରତିଯୋଗିତାରେ ଦ୍ୱିତୀୟ, ଇଂରାଜୀ ହସ୍ତାକ୍ଷର ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନରେ ରହି ଟ୍ରଫି ସହ ସାର୍ଟିଫିକେଟ ହାସଲ କରି ଓଡିଶାର ଗୌରବ ବଢ଼ାଇଛନ୍ତି। ସେ ପାଠପଢ଼ା ସହ ଖେଳକୁଦରେ ବି ପାରଙ୍ଗମ। ସେ ପଶ୍ଚିମବଙ୍ଗ ଶିଳ୍ପାଞ୍ଚଳ ହାଓଡାର ଲିଲୁଆରେ ରୁହନ୍ତି। ପିତା ପ୍ରଶାନ୍ତ କୁମାର ରାଉଳ କର୍ମସୂତ୍ର ଓ ମା' ଗୀତାଞ୍ଜଳି ରାଉଳ ଗୃହିଣୀ। ସେମାନେ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ବଳଭଦ୍ରପୁର ପଞ୍ଚାୟତ ବାଲିପାଟଣା ଗ୍ରାମର ବାସିନ୍ଦା। ଆଗାମୀ ଦିନରେ ବୈଜ୍ଞାନିକ ହୋଇ ଦେଶ ପାଇଁ କାମ କରିବାକୁ ପ୍ରୟାସ ଚାହାଁନ୍ତି। ଜଣେ ଓଡ଼ିଆ ପୁଅ ହୋଇ ସ୍କୁଲରେ ଏହି ସାଫଲ୍ୟରେ ଗର୍ବିତ ହୋଇଛନ୍ତି ତାଙ୍କ ଜେଜେ ବାପା ହୃଷୀକେଶ ରାଉଳ, ଜେଜେମା' ମଞ୍ଜୁଲତା ରାଉଳ, ଅଜାଆଈ, ମାମୁ, ବନ୍ଧୁବାନ୍ଧବ ଓ ଓଡ଼ିଆ ସମାଜ।

## କଟକରେ ହଜିଥିବା ବ୍ୟାଗ୍ ଏରସମାରୁ ମିଳିଲା



କଟକ, ୨୪।୮(ସଂଚାର ବ୍ୟୁରୋ): ଗତ ଜୁଲାଇ ୨୦ ତାରିଖରେ ୪୨-ମୌଜା ଅଞ୍ଚଳନିବାସୀ ସାମ୍ବାଦିକ ଦୀପକ ଆଚାର୍ଯ୍ୟଙ୍କର ଅନେକ ଦରକାରୀ ମୂଲ୍ୟବାନ ଜିନିଷ ଥିବା ଏକ ବ୍ୟାଗ୍ କଟକରେ ହଜିଯିବା ନେଇ ଥାନାରେ ଏତଲା ଦିଆ ଯାଇଥିଲା। ପ୍ରାୟ ଏକମାସ ପରେ ନିଜକୁ ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ସର୍ବେଶ୍ୱର ପ୍ରଧାନ ବୋଲି ପରିଚୟ ଦେଇ ୨-ହଜାର ଟଙ୍କା ଦେଇ ବ୍ୟାଗ୍ ନେଇଯିବାକୁ ଫୋନ୍ ଯୋଗେ କହିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଆଜି କାଲି କହି ଦିନ ଗଡ଼ାଇଲେ। ସର୍ବେଶ୍ୱର ଗତ ଶନିବାର ଦିନ ଏରସମା ଡକାଇ ଆଉ ଫୋନ ନଉଠାଇବାରୁ ବାଧ୍ୟ ହୋଇ ସାମ୍ବାଦିକ ଜଣକ ଏରସମା ଥାନା ସହାୟତାରେ ଥାନାଠାରୁ ୨୫ କିମି ଦୂର ଗଡ଼ ହରଷିପୁର ଗାଁରୁ ସର୍ବେଶ୍ୱରର ସମ୍ପର୍କୀୟ ଜନୈକା ମହିଳାଙ୍କ ଘରୁ ବ୍ୟାଗ୍ ଉଦ୍ଧାର କରିଥିଲେ।

## ସୁଦର୍ଶନ ଦାରୁପୀଠ ଓ ମା' ସମଲେଇ ପୀଠରେ ଚାରା ରୋପଣ

ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ପରିବେଶ ସୁରକ୍ଷା ତଥା ସବୁଜିମା ସୃଷ୍ଟି ଲକ୍ଷ୍ୟରେ ଅଗ୍ରଗାମୀ ଅଘରିଆ ସୋସାଇଟି ପକ୍ଷରୁ ଏକ ବୃହତ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ମହତ କାର୍ଯ୍ୟକ୍ରମରେ ବାଲକାଟି ନିକଟସ୍ଥ ହିରାପୁର ଗଡ଼କଣ୍ଟୁଣିଆସ୍ଥିତ 'ଶ୍ରୀଶ୍ରୀ ପରଂବ୍ରହ୍ମ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ (ସୁଦର୍ଶନ ଦାରୁପୀଠ)' ଓ 'ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଙ୍ଗଠନ' ମିଳିତ ଭାବେ ସହଯୋଗ କରୁଛନ୍ତି। ପ୍ରଭାତରୁ ଉଭୟ ଗଡ଼କଣ୍ଟୁଣିଆ ସୁଦର୍ଶନ ଦାରୁପୀଠ ଜଗନ୍ନାଥ ମନ୍ଦିର ପରିସର ଓ ମା' ସମଲେଇ ପୀଠ ପ୍ରାଙ୍ଗଣରେ ଏହି ଚାରା ରୋପଣ ଅଭିଯାନ ଆରମ୍ଭ ହୋଇଥିଲା। 'ଗଛଟିଏ ଲଗାନ୍ତୁ, ଭବିଷ୍ୟତ ଗଢ଼ନ୍ତୁ - ମାନବ ସେବାର ଏହା ହିଁ ଶ୍ରେଷ୍ଠ ମାଧ୍ୟମ' ବାର୍ତ୍ତାକୁ ନେଇ ଆୟୋଜିତ ଏହି ଅଭିଯାନରେ ଶତାଧିକ ଔଷଧୀୟ, ଛାୟାପ୍ରଦ ତଥା ଫୁଲ-ଫଳ ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ବିଶେଷ ଭାବେ ଶାଳ, ମହୁଲ, ଚନ୍ଦନ, କୁସୁମ, ନିମ୍ବ, କରଞ୍ଜ, ଅର୍ଜୁନ, ଅଁଳା, ଶମୀ, ବଉଳ, ଆତ, ବେଲ, ଡାଳଚିନି ସମେତ ପାରିଜାତ, ମନ୍ଦାର, ଟଗର, ରାଧାଚୂଡ଼ା, କୃଷ୍ଣଚୂଡ଼ା, ଅପରାଜିତା, କାଠଚମ୍ପା, ସ୍ୱର୍ଣ୍ଣଚମ୍ପା ଓ ନାଗେଶ୍ୱର ଭଳି ବିଭିନ୍ନ ପ୍ରଜାତିର ଚାରା ରୋପଣ କରାଯାଇଛି। ପରିବେଶକୁ ସନ୍ତୁଳିତ ରଖିବା ସହ ଧାର୍ମିକ ପୀଠର ପ୍ରାକୃତିକ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ସମସ୍ତ ବ୍ୟବସ୍ଥା ଚୂଡ଼ାନ୍ତ ହୋଇସାରିଛି। ଏହି ପବିତ୍ର ଓ ମହତ କାର୍ଯ୍ୟରେ ସମସ୍ତ ସଦସ୍ୟ, ସ୍ଥାନୀୟ ବାସିନ୍ଦା ତଥା ଶ୍ରଦ୍ଧାଳୁ ସପରିବାର ଯୋଗଦେଇଥିଲେ।





ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ ଓ ବିଧାୟକଗଣ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସ୍ଥାନୀୟ ଅଞ୍ଚଳର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରୁଛନ୍ତି।

**ଲାଭରେ ଚାଲୁଥିବା ଭୁବନେଶ୍ୱର ବିମାନବନ୍ଦରର ଘରୋଇକରଣ ବିବାଦ**

## କେନ୍ଦ୍ର ସରକାର ଦେଇଥିବା ଆଦେଶ ରଦ୍ଦ ଦାବି



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଲିଜ୍ ଦେଇ ଘରୋଇକରଣ କରାଇବାକୁ ବିଜେପି ସରକାର ପ୍ରୟାସ କରିଛନ୍ତି, ଯାହାକୁ ନେଇ ବିଜେଡି ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ବିଜେପି ସରକାର ଉପରେ ବର୍ଷିଛନ୍ତି।

ସେ କହିଛନ୍ତି ଯେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରକୁ ଘରୋଇ ସଂସ୍ଥାକୁ ଲିଜ୍ ସୂତ୍ରରେ ଦେବାକୁ କେନ୍ଦ୍ରର ବିଜେପି ସରକାର ଅନୁମୋଦନ କରିଛନ୍ତି। ବିମାନବନ୍ଦର ସହ କର୍ଣ୍ଣାଟକର ହୁବଲି ବିମାନବନ୍ଦରକୁ ଯୋଡ଼ି ପିପିପି ମୋଡ୍‌ରେ ଘରୋଇ ସଂସ୍ଥା ହାତକୁ ଟେକି ଦେବାକୁ ବିଜେପି ସରକାର ଅନୁମୋଦନ କରିଛନ୍ତି। ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିମାନ ବନ୍ଦରକୁ ଘରୋଇ ସଂସ୍ଥାକୁ ମାଲିକାନା ପ୍ରଦାନ କରିବା ନିନ୍ଦନୀୟ। ଯେଉଁ ସରକାରୀ ସଂସ୍ଥାର ଲାଭ ହୋଇ ନ ଥାଏ, ତାହାକୁ ଘରୋଇ ସଂସ୍ଥାକୁ ଲିଜ୍ ପ୍ରଦାନ କରାଯାଇଥାଏ। କିନ୍ତୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ଭାରତର ଏକ ଲାଭନ୍ୱିତ ବିମାନ ବନ୍ଦର। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦର ୫ ହଜାରରୁ ୭ ହଜାର କୋଟି ଟଙ୍କାର ହେବ। ଉକ୍ତ ବିମାନ ବନ୍ଦର ମାଧ୍ୟମରେ ବର୍ଷକୁ ପ୍ରାୟ ୫୦ ଲକ୍ଷ ଲୋକେ ଗମନାଗମନ କରିଥାଆନ୍ତି। ୨୦୨୨-୨୩ରେ ଉକ୍ତ ବିମାନ ବନ୍ଦରରୁ କେନ୍ଦ୍ର ସରକାର ୨୩୮ କୋଟି ଟଙ୍କାର ଲାଭ ପାଇଥିଲେ। ଆଗକୁ ଏହା ପ୍ରାୟ ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଲାଭ ଦେବ। ଏହାର ଉନ୍ନତି ପାଇଁ ନବୀନ ପଟ୍ଟନାୟକଙ୍କ ଅନେକ ଯୋଗଦାନ ରହିଛି। କେନ୍ଦ୍ର ବିଜେପି ସରକାର ତୁରନ୍ତ ଏହି ଆଦେଶକୁ ରଦ୍ଦ କରିବା ଦରକାର। ନଚେତ୍ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ବିଜେଡି ଜୋରଦାର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

**● ମହିଳାଙ୍କୁ ମରଣାନ୍ତକ ଆକ୍ରମଣ**

## ଥାନାରେ ଅଭିଯୁକ୍ତଙ୍କ ଆତ୍ମସମର୍ପଣ

ଲକ୍ଷ୍ମୀପୁର,୨୪।୮(ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଥାନା ସଦର ମହକୁମା ରେଳବାଇ ଛକ ନିକଟରେ ସୋମବାର ସକାଳେ ଦୁଇ ବ୍ୟବସାୟୀଙ୍କ ମଧ୍ୟରେ ଘଟିଥିବା ବିବାଦ ଉଗ୍ରରୂପ ନେଇ ଜଣେ ମହିଳାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଘଟଣା ପରେ ଅଭିଯୁକ୍ତ ନିଜେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ସୋମବାର ସକାଳେ ଲକ୍ଷ୍ମୀପୁର ଅଞ୍ଚଳରେ ପ୍ରବଳ ବର୍ଷା ହେଉଥିଲା। ବର୍ଷାଜଳ ସହ ଡ୍ରେନ୍‌ର ଅଳିଆ ଆବର୍ଜନା ଭାସି ଆସି ହୋଟେଲ ସମ୍ମୁଖ ଦେଇ ପ୍ରବାହିତ ହେଉଥିବାକୁ ନେଇ ବିବାଦର ସୂତ୍ରପାତ ହୋଇଥିଲା। ରେଳବାଇ ଛକ ନିକଟରେ ଲଳିତଙ୍କ ହୋଟେଲ ଉପରମୁଣ୍ଡରେ ତାରାବତୀ ସାହୁ (୪୦)ଙ୍କ ଚା' ଓ ଫଳମୂଳ ଦୋକାନ ରହିଛି। ଦୁଇଟି ଦୋକାନ ପାଖାପାଖି ଥିବାରୁ ପୂର୍ବରୁ ମଧ୍ୟ ଉଭୟଙ୍କ ମଧ୍ୟରେ ବିବାଦ ରହିଥିବା କୁହାଯାଉଛି।

## ନବମ ଦିନରେ ଶିକ୍ଷକଙ୍କ ଅହୋରାତ୍ର ଧାରଣା



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ୯ ଦିନ ହେଲା ହଜାର ହଜାର ସଂଖ୍ୟାରେ ଦିନରାତି ପ୍ରତିକୂଳ ପାଗ ସତ୍ତ୍ୱେ ଗାନ୍ଧିମାର୍ଗରେ ବସିରହିଛନ୍ତି। ଶିକ୍ଷକ ଓ ଶିକ୍ଷା କର୍ମଚାରୀମାନେ ଦୀର୍ଘଦିନ ଧରି ନିଜର ପ୍ରାପ୍ୟ ପାଇବା ପାଇଁ ବାରମ୍ବାର ସରକାରଙ୍କ ଦ୍ୱାରସ୍ଥ ହୋଇ ଅବହେଳିତ ଅବସ୍ଥାରେ ରହିଛନ୍ତି ବୋଲି ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ ଏକ ପ୍ରେସ୍ ବିବୃତିରେ କହିଛନ୍ତି।

ସ୍ୱାଧୀନତା ପୂର୍ବରୁ ଓଡ଼ିଶାରେ ମାଧ୍ୟମିକ ବିଦ୍ୟାଳୟ ସଂଖ୍ୟା ଥିଲା ୧୩୭, ବର୍ତ୍ତମାନ ତାହା ୮ ହଜାରରୁ ଊର୍ଦ୍ଧ୍ୱରେ ପହଞ୍ଚିଲାଣି। ସେଥିମଧ୍ୟରୁ ସରକାରୀ ବିଦ୍ୟାଳୟ ସଂଖ୍ୟା ୪ ହଜାର ଥିବା ବେଳେ ପୂର୍ଣ୍ଣ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ସଂଖ୍ୟା ୩୨୪୩। ୧୯୯୪ରେ ୩୦୧୨ ବିଦ୍ୟାଳୟ ସରକାରୀକରଣ ହୋଇଥିଲା। ସେହିଦିନଠାରୁ ଅଦ୍ୟାବଧି କୌଣସି ବିଦ୍ୟାଳୟ ସରକାରୀକରଣ ହୋଇନାହିଁ। ସରକାରୀକରଣ ହେଲେ ସବୁ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ସମାନ ସ୍ଥିତିରେ ରହିବା ସହ ସବୁ ପିଲା ସମାନ ସୁବିଧାସୁଯୋଗ ପାଇବେ ଓ ଶିକ୍ଷକମାନେ ମଧ୍ୟ ସମସ୍ତ ସୁବିଧା ସୁଯୋଗ ପାଇପାରିବେ। ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସମସ୍ତ ସରକାରୀ ସୁବିଧାରୁ ଅନେକାଂଶରେ ବଞ୍ଚିତ ହେଉଛନ୍ତି। ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମଧ୍ୟରେ ଅନେକ ତାରତମ୍ୟ ରହିଛି। ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ବିଭିନ୍ନ ବର୍ଗର ଛାତ୍ରଛାତ୍ରୀମାନେ ପ୍ରି-ମାଟ୍ରିକ୍ ସ୍କଲାରସିପ୍ ପାଉଥିବା ବେଳେ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନର ସରକାର ଏହି ବର୍ଗର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା କରି ଶିକ୍ଷକ ସମସ୍ୟାର ସ୍ଥାୟୀ ସମାଧାନ କରିବା ଉଚିତ। ନଚେତ୍ ଦୀର୍ଘ ୩୫ରୁ ୪୦ ବର୍ଷ ଧରି ଚାଲୁଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକ ଭାଙ୍ଗିଯିବ। ଅନେକ ବିଦ୍ୟାଳୟ ଜଣେ କିମ୍ବା ଦୁଇ ଜଣ ଶିକ୍ଷକରେ ବିଦ୍ୟାଳୟ ଚାଲିଛି। ବିଦ୍ୟାଳୟରୁ ଶିକ୍ଷକ ଅବସର ନେବା ପରେ ପାଠ ପଢ଼ାଇବାକୁ ଆବଶ୍ୟକ ଶିକ୍ଷକଶିକ୍ଷୟିତ୍ରୀ ନାହାଁନ୍ତି। ସରକାର ସବୁ ବର୍ଗର ବିଦ୍ୟାଳୟଗୁଡ଼ିକୁ ସରକାରୀକରଣ କରି ଏକପ୍ରକାର ବିଦ୍ୟାଳୟରେ ପରିଣତ କରିବା ପୂର୍ବକ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ତଥା ଛାତ୍ରଛାତ୍ରୀଙ୍କୁ ସମାନ ସୁବିଧା ଯୋଗାଇଦେଲେ ଏହି ବିଦ୍ୟାଳୟଗୁଡ଼ିକର ଅବସ୍ଥା ସୁଧୁରିପାରିବ ଓ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

## ୩ରୁ ୪ ମାସ ଭିତରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା

**୫ଟି ର୍ୟାମ୍ପରେ ଆନୁମାନିକ ୫୦ ଲୋକ ଏକକାଳୀନ ଦର୍ଶନ କରିପାରିବେ**



ଭୁବନେଶ୍ୱର,୨୪।୮(ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ଖୁବଶୀଘ୍ର ଲାଗୁ ହେବ ଧାଡ଼ି ଦର୍ଶନ ବ୍ୟବସ୍ଥା। ଶ୍ରୀମନ୍ଦିର ଧାଡ଼ି ଦର୍ଶନ ପାଇଁ ଆଜି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ବସିଥିଲା ଉଚ୍ଚସ୍ତରୀୟ ବୈଠକ। ଏଥିରେ ଆଇନ ସଚିବ, ପୁରୀ ଏସପିଙ୍କ ସହ ଅନେକ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଇଆଇଟି ଭୁବନେଶ୍ୱରର ବୈଷୟିକ ଟିମ୍ ମଧ୍ୟ ଉପସ୍ଥିତ ଥିଲେ। ବୈଠକ ପରେ ଆଇନ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସଂଖ୍ୟା ଅହେତୁକ ବୃଦ୍ଧି ପାଇଛି। ଛୁଟି ଦିନରେ ଦର୍ଶନାର୍ଥୀଙ୍କ ସଂଖ୍ୟା ବଢୁଛି। ସରକାରକୁ ଆସିବା ପରେ ନିଷ୍ପତ୍ତି ହୋଇଥିଲା କେମିତି ଦର୍ଶନ ଶୃଙ୍ଖଳିତ ହେବ। ମନ୍ଦିର ଭିତର ଓ ନାଟମଣ୍ଡପକୁ ଏୟାର କଣ୍ଡିସନ କରିବାକୁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ଉଚ୍ଚତାରୁ ଦର୍ଶନ କରିବାକୁ ପ୍ଲାଟଫର୍ମ କରାଯାଇଥିଲା, ବୈଷୟିକ ସମସ୍ୟା ଆସିବାରୁ ଏହାକୁ ଘୁଞ୍ଚାଯାଇଥିଲା। ଆଇଆଇଟି ଭୁବନେଶ୍ୱରକୁ ଏହାର ଯାନ୍ତ୍ରିକ ଯାଞ୍ଚ ଦାୟିତ୍ୱ ଦିଆଯାଇଥିଲା। ଆଜି ଆଇଆଇଟି ଭୁବନେଶର ପକ୍ଷରୁ ବିଭିନ୍ନ ପ୍ରସ୍ତାବ ଦିଆଯାଇଥିଲା। ଏହାର ପାଇଲଟ ମଡେଲ କରିବାକୁ ଆଲୋଚନା ହୋଇଛି। ମନ୍ଦିର ନୀତିକାନ୍ତି ଓ ଲୋକଙ୍କ ଦର୍ଶନରେ ସମସ୍ୟା ନ ହେବା ପାଇଁ ପାଇଲଟ ମଡେଲ କରାଯାଇଛି। ୮/୧୦ ଦିନ ମଧ୍ୟରେ ସେମାନେ ଏହାକୁ ଦେଖାଇବେ। ତିନି ୪ ମାସ ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବ। ୫ଟି ର୍ୟାମ୍ପରେ ଆନୁମାନିକ ୫୦ ଜଣ ଲୋକ ଏକ ସଙ୍ଗେ ଦର୍ଶନ କରିପାରିବେ। ଗୋଟିଏ ଘଣ୍ଟାରେ ୮ରୁ ୧୦ ହଜାର ଲୋକ ସୁରୁଖୁରୁରେ ଦର୍ଶନ କରିପାରିବେ ବୋଲି କହିଛନ୍ତି ମନ୍ତ୍ରୀ।

## ଠାକୁରଙ୍କ ମୁକୁଟ ଚୋରକୁ ଧରିଲା କାକଟପୁର ପୁଲିସ

କାକଟପୁର/ ଅସ୍ତରଙ୍ଗ, ୨୪।୮(ସଂଚାର ବ୍ୟୁରୋ): ଯେଉଁଠି ଭକ୍ତ ଭଗବାନଙ୍କୁ ମୁକୁଟ ପିନ୍ଧାନ୍ତି, ସେଠି ଚୋର ମୁକୁଟ ଖୋଲିନେଲା। କିନ୍ତୁ ପାପର ଆୟୁ ବେଶୀ ନୁହେଁ। ପୁରୀ ଜିଲ୍ଲା କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁଙ୍କ ଦମ୍‌ଦାର ନେତୃତ୍ୱରେ ପୁଲିସ ମାତ୍ର ୨୪ ଘଣ୍ଟାରେ ଖେଳ ଶେଷ କରିଦେଲା। କାକଟପୁର ଥାନା କେସ୍ ନଂ.୨୯୬/୨୬ ଏହି ମାମଲାର ପୃଷ୍ଠଭୂମି ହେଲା ୨୦ ଅଗଷ୍ଟ ମଧ୍ୟରାତ୍ରି। ଶ୍ରୀରାମପୁର ଗ୍ରାମର ରାଧାକୃଷ୍ଣ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତ ଠାକୁରଙ୍କ ୫୦ ହଜାର ଟଙ୍କାର ରୁପା ମୁକୁଟ ଓ ପୂଜା ପିତଳ ସାମଗ୍ରୀ ଲୁଟିନେଲା। ଅଭିଯୋଗ କଲେ ଗ୍ରାମର ଅମରେଶ୍ୱର ବେହେରା(୪୨)। ତଦନ୍ତ ଦାୟିତ୍ୱରେ ଥିଲେ ଏଏସଆଇ ଜହୁର ଖାନ। କିନ୍ତୁ ପୂରା ଅପରେସନ ପଛରେ ଥିଲା ଥାନାଧିକାରୀ ବସନ୍ତ ସାହୁଙ୍କ ମାଷ୍ଟର ପ୍ଲାନ୍। ସୂତ୍ର ଅନୁସାରେ ପୁଲିସ ପ୍ରଥମେ ଲୋକାଲ ଚୋରଙ୍କ ଉପରେ ଜାଲ ବିଛାଇଲା। ସନ୍ଦେହ ଗଲା କାକଟପୁର ମହାନ୍ତିସାହିର ପୁରୁଣା ଅପରାଧୀ ପ୍ରଶାନ୍ତ ସାହୁ ଓରଫ କାଳିଆ(୩୦) ଉପରେ। ତାକୁ ଉଠାଇ ପଚରାଉଚରା ବେଳେ ସେ ସବୁ ସତ ଓଗାଳିଲା।



ମୁକୁଟକୁ ସେ କାଟି ଭାଙ୍ଗି ୩୧ ଗ୍ରାମ ଖଣ୍ଡ କରି ନିମାପଡ଼ା-କୋଣାର୍କ ବେପାରୀଙ୍କୁ ବିକିବାକୁ ନେଇଥିଲା ବୋଲି ପୁଲିସ୍ ଆଗରେ ସ୍ୱୀକାର କରିଥିଲା। ପୁଲିସ ସେହି ରାତିରେ ଚଢ଼ାଉ କରି ଦୁଇ ରିସିଭର ବୋଲଗଡ ସହଜପୁର ତଥା ନିମାପଡ଼ା ବିଷ୍ଣୁପୁର ଦେଉଳିସାହିର ବିଜୟ କୁମାର ଦଳାଇ (୪୫) ଓ କୋଣାର୍କ ରାଉଳ ପାଟଣାର ଭରତ କୁମାର ନନ୍ଦୀ (୩୨)ଙ୍କୁ ଧରିଥିଲା। ସେମାନଙ୍କଠାରୁ ପୁଲିସ୍ ଭଙ୍ଗା ତାଲା, କଟା ମୁକୁଟ, ଆଳତୀ ଥାଳି, ଘଣ୍ଟି, ଘିଅ ଥାଳି, ପୁଷ୍ପ ଥାଳି, ଜଳ ଲୋଟା, ଚାମଚ ସମେତ ୧୨ଟି ସାମଗ୍ରୀ ଜବତ କରିଥିଲା। ଏହି ଚୋରି ମାମଲାର ସମାଧାନରେ ବସନ୍ତ ସାହୁଙ୍କ ଭଳି ଅଫିସରଙ୍କ ଭୂମିକାକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଉଛି। ଆଜି ଅପରାହ୍ଣରେ ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେବାରେ ବିଳମ୍ବ...

ଲାଗିବ। ବିଳମ୍ବର ପ୍ରତିଦିନ ପାଇଁ ୨୫୦ ଟଙ୍କା ହିସାବରେ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରେ। ବିଶେଷ କଥା ହେଉଛି, ଏହି ଜରିମାନା ଅର୍ଥ ସମ୍ପୃକ୍ତ ଅଧିକାରୀଙ୍କ ଏଚ୍‌ଆର୍‌ଏମ୍‌ଏସ୍ ଓ ଟ୍ରେଜେରୀ ସିଷ୍ଟମ୍ ସହ ସଂଯୋଗ କରି ସିଧାସଳଖ ତାଙ୍କ ଦରମାରୁ ଆଦାୟ କରାଯିବ। ଏହି ନୂଆ ଏସଓପି ସମ୍ପର୍କରେ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସରକାରୀ ସେବା ପାଇବାରେ ଲୋକଙ୍କୁ ଅଯଥା ବିଳମ୍ବର ସମ୍ମୁଖୀନ ହେବାକୁ ନ ଦେବା। ଏଥିସହ ସେବା ପ୍ରଦାନରେ ଅଧିକାରୀମାନଙ୍କ ଦାୟିତ୍ୱବୋଧ ବଢ଼ାଇବା ଓ ସରକାରୀ ବ୍ୟବସ୍ଥାକୁ ଅଧିକ ଜନମୁଖୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

### ସହାନୁଭୂତି, ସମବେଦନା...

ହୋଇ ୮୭ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି। ଜିଲ୍ଲା ସ୍ତରରେ ଅନେକ ସମସ୍ୟାର ସମାଧାନ ହୋଇଯାଉଥିବାରୁ ଲୋକଙ୍କୁ ଆଉ ଅଯଥା ହଇରାଣ ହରକତ ହେବାକୁ ପଡୁନାହିଁ। ପ୍ରଶାସନିକ ବ୍ୟବସ୍ଥାରେ ଏହି ପରିବର୍ତ୍ତନ ଫଳରେ ସରକାରଙ୍କ ଉପରେ ସାଧାରଣ ଲୋକଙ୍କ ଭରସା ଓ ଆସ୍ଥା ବହୁଗୁଣିତ ହୋଇଛି। ସବୁଥର ପରି ଆଜି ମୁଖ୍ୟମନ୍ତ୍ରୀ ସକାଳେ ପ୍ରଥମେ ଆସି ବାହାରେ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ଶୁଣିଥିଲେ। ସେମାନଙ୍କ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀଙ୍କ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ଦୁରାରୋଗ୍ୟ ରୋଗରେ ପୀଡ଼ିତ ୧୬ ଜଣଙ୍କ ପାଇଁ ଆଜି ମୁଖ୍ୟମନ୍ତ୍ରୀ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ ଜରିଆରେ ୧୪.୫୦ ଲକ୍ଷ ଟଙ୍କା ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି। ଆଜି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଜରିଆରେ ୬୦୦ରୁ ଊର୍ଦ୍ଧ୍ୱ ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଜଙ୍ଗଲ, ପରିବେଶ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ।

### ସରଣ୍ଡା ଜଙ୍ଗଲରୁ...

ପରେ ସୁରକ୍ଷା କର୍ମୀ ପହଞ୍ଚି ମାଟି ଖୋଳି ଉକ୍ତ ମାଓ ସାମଗ୍ରୀ ବାହାର କରିଥିଲେ। କେ. ବଲାଙ୍ଗ ଥାନା ଅଧୀନରେ ଆସୁଥିବା ସରଣ୍ଡା ଜଙ୍ଗଲରେ ଯଦିଓ ମାଓବାଦୀ ସମ୍ପୂର୍ଣ୍ଣ ଭାବେ ନିପାତ ହୋଇଛନ୍ତି, କିନ୍ତୁ ପଡ଼ୋଶୀ ଝାଡ଼ଖଣ୍ଡର ସରଣ୍ଡା ଜଙ୍ଗଲରେ ଏବେ ବି ମାଓବାଦୀ ସକ୍ରିୟ ରହିଛନ୍ତି। ଝାଡ଼ଖଣ୍ଡ ସରଣ୍ଡା ଜଙ୍ଗଲ ପଟୁ ଓଡ଼ିଶା ସରଣ୍ଡା ଜଙ୍ଗଲକୁ ଯେପରି ମାଓବାଦୀ ପ୍ରବେଶ କରିବେ ନାହିଁ, ତାହାକୁ ଦୃଷ୍ଟିରେ ରଖି ରାଉରକେଲା ପୁଲିସ, ସିଆରପିଏଫ ସହ କୋବ୍ରା ଟିମ୍ ୨୪ଘଣ୍ଟିଆ ସର୍ଚ୍ଚ ଅପରେସନ ଜାରି ରଖିଥିବା ରାଉରକେଲା ଏସପି ସୂଚନା ଦେଇଛନ୍ତି।

### ଅଜିତ ଦାଶ ପାଇବେ...

ସମ୍ପାଦକ ଆଦିତ୍ୟ ରାଜ କୌଲ। ସେହିପରି ଓଡ଼ିଶା ଜର୍ଣ୍ଣାଲିଜମ୍ ଆୱାର୍ଡରେ ସମ୍ମାନିତ ହେବେ ଦୈନିକ 'ସଂଚାର'ର ମୁଖ୍ୟ ସମ୍ପାଦକ ଅଜିତ କୁମାର ଦାଶ, କନକ ନ୍ୟୁଜର ଉପସ୍ଥାପିକା ବିଜୟଲକ୍ଷ୍ମୀ ରଥ ଓ ପ୍ରମେୟ ଅନୁଗୋଳ ସଂସ୍କରଣର ବ୍ୟୁରୋ ମୁଖ୍ୟ ଜଳଧର ପ୍ରଧାନ। ଓଡ଼ିଶା ସାମ୍ବାଦିକତାରେ ଅଜିତ ଦାଶ ବେଶ୍ ସୁପରିଚିତ। ଦୀର୍ଘ ୩୦ ବର୍ଷ ଧରି ରାଜ୍ୟର ବିଭିନ୍ନ ଆଗଧାଡ଼ିର ଖବରକାଗଜ ଓ ଜାତୀୟ ଓ ଆଞ୍ଚଳିକ ବୈଦ୍ୟୁତିକ ଗଣମାଧ୍ୟମରେ ଆଗଧାଡ଼ିର ସାମ୍ବାଦିକ ଭାବେ ସେ ସଫଳତାର ସହ ନିଜ ପରାକାଷ୍ଠା ପ୍ରମାଣିତ କରିଛନ୍ତି। ସେହିଭଳି ବିଜୟଲକ୍ଷ୍ମୀ ଓ ଜଳଧର ମଧ୍ୟ ନିଜ ନିଜ କ୍ଷେତ୍ରରେ ବେଶ ପରିଚିତ ଓ ଖ୍ୟାତିସମ୍ପନ୍ନ। ସେପ୍ଟେମ୍ବର ୬ ତାରିଖର ଏହି ବିଶେଷ କାର୍ଯ୍ୟକ୍ରମରେ ବିଶିଷ୍ଟ ଅତିଥି ଭାବେ ଯୋଗଦେବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ସାଂସଦ ଭର୍ତ୍ତୃହରି ମହତାବ ଏବଂ ବିଶିଷ୍ଟ ସାମ୍ବାଦିକ ଏବଂ ଲେଖକ ପଦ୍ମଶ୍ରୀ ଆଲୋକ ମେହେନ୍ତା। ସେପ୍ଟେମ୍ବର ୬ ତାରିଖ ସନ୍ଧ୍ୟାରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ମଧ୍ୟ ଯୋଗଦେବେ ବୋଲି ପଲ୍ଲୀବାଣୀ ମିଶନର ଅଧ୍ୟକ୍ଷ ରାମଚନ୍ଦ୍ର ନାଥ ସୂଚନା ଦେଇଛନ୍ତି।

### ଚିନି ପରେ ଏବେ...

ଟଙ୍କାରେ ପହଞ୍ଚିଛି। ପରିବହନ ଓ ଅନ୍ୟ ଖର୍ଚ୍ଚ ମିଶିଲେ ୪ ହଜାର। ଖାଲି ସେତିକି ନୁହେଁ, ବନ୍ୟା ପାଇଁ ନାସିକ, ବେଙ୍ଗାଲୁରୁରୁ ପିଆଜ ଆସିପାରୁନି। ଏହା ଯୋଗୁଁ ଦର ଆକାଶଛୁଆଁ ହେଲାଣି। ରାଜଧାନୀର ହାଟରେ ପିଆଜ ଦର ୪୦ରୁ ୫୦ ଟଙ୍କା ଥିବା ବେଳେ ଖୁଚୁରା ବଜାରରେ ଏହା ୬୦ ଟଙ୍କାରେ ବିକ୍ରି ହେଉଛି। ଏପଟେ ବଢୁଥିବା ପିଆଜ ଦରକୁ ନିୟନ୍ତ୍ରଣ କରିବାକୁ ସରକାର ପଦକ୍ଷେପ ନେଇଛନ୍ତି। ନାସିକରୁ 'କାନ୍ଦା (ପିଆଜ) ଏକ୍ସପ୍ରେସ୍' ଟ୍ରେନ୍ ଚଳାଇ ପିଆଜକୁ ଅନ୍ୟ ଅଞ୍ଚଳକୁ ପଠାଇବାର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଯେଉଁ ସହରରେ ପିଆଜ ଦର ଅଧିକ ରହିଛି, ସେଠାରେ ଯୋଗାଣ ବଢ଼ାଇ ଦର ନିୟନ୍ତ୍ରଣ କରିବା ଲକ୍ଷ୍ୟ ରହିଛି। କେନ୍ଦ୍ର ସରକାରଙ୍କ ମତରେ, କିଛି ବ୍ୟବସାୟୀ ଅଧିକ ଦାମରେ ପିଆଜ ବିକ୍ରି କରୁଥିବାରୁ ବଜାର ଦର ବଢୁଛି। ତେଣୁ ସରକାର କମ୍ ଦାମରେ ପିଆଜ ଉପଲବ୍ଧ କରାଇବା ପାଇଁ ମଧ୍ୟ ପଦକ୍ଷେପ ନେଉଛନ୍ତି। ବର୍ତ୍ତମାନ ଆସନ୍ତା କିଛି ମାସର ଚାହିଦା ପୂରଣ ପାଇଁ ସରକାର ଓ ଚାଷୀଙ୍କ ପାଖରେ ପର୍ଯ୍ୟାପ୍ତ ପିଆଜ ଷ୍ଟକ୍ ଥିବା ସୂଚନା ମିଳିଛି। ତେବେ ପିଆଜର ସବୁଠାରୁ ବଡ଼ ଉତ୍ପାଦକ ରାଜ୍ୟ ମହାରାଷ୍ଟ୍ରରେ ଖରିଫ୍ ପିଆଜ ଉତ୍ପାଦନ ୫ରୁ ୭ ପ୍ରତିଶତ କମିପାରେ ବୋଲି ବଜାର ସହ ଜଡ଼ିତ ଲୋକେ ଆକଳନ କରୁଛନ୍ତି। ଅନ୍ୟ ପକ୍ଷରେ କୃଷି ମନ୍ତ୍ରଣାଳୟର ଆକଳନ ଅନୁଯାୟୀ, ୨୦୨୫-୨୬ ଫସଲ ବର୍ଷରେ ପିଆଜ ଉତ୍ପାଦନ ପ୍ରାୟ ୩୦୬ ଲକ୍ଷ ଟନ୍ ରହିପାରେ। ଏହା ୨୦୨୪-୨୫ର ଉତ୍ପାଦନ ସହ ପ୍ରାୟ ସମାନ। ସେହିଭଳି ରାଜ୍ୟ ଓଡ଼ିଶାରେ ବର୍ଷକୁ ୬ ଲକ୍ଷ ଟନ୍ ପିଆଜ ଆବଶ୍ୟକ। ହେଲେ ପିଆଜ ଉତ୍ପାଦନ ଅତି ନଗଣ୍ୟ। ସେହିପରି ଓଡ଼ିଶା ପିଆଜକୁ ଛାଡ଼ିଦେଲେ ବଡ଼ ପିଆଜ କାଁଚି ଚାଷ ହେଉଛି। ସେଥିପାଇଁ ଓଡ଼ିଶାର ସାହା ଭରସା ହେଉଛି ମହାରାଷ୍ଟ୍ରର ନାସିକ ପିଆଜ। ବର୍ଷକୁ ୫ ଲକ୍ଷ ଟନ୍ ପିଆଜ ସେଠାରୁ ଆସେ। ଏହାପରେ ମଧ୍ୟପ୍ରଦେଶରୁ ମଧ୍ୟ ପିଆଜ ଆସିଥାଏ। ସେପଟେ ରାଜ୍ୟକୁ ପ୍ରତିଦିନ ୩୦୦୦ ଟନ୍ ପିଆଜ ଆସୁଥିବା ବେଳେ ରାଜଧାନୀ ଭୁବନେଶ୍ୱରକୁ ୨୦୦ ଟନ୍ ପିଆଜ ଆସେ। ହେଲେ ପିଆଜ ଚାଷ ବଡ଼ ପେଣ୍ଠସ୍ଥଳ ନାସିକରେ ବନ୍ୟା ବିପତ୍ତି ଛାଇ ରହିଥିବା ବେଳେ ହଜାର ହଜାର ଏକର ପିଆଜ ଚାଷ ପାଣିରେ ନଷ୍ଟ ହୋଇଯାଇଛି।

### ଆଗକୁ ବଢ଼ିବ ଚଢ଼ାଉ...

ରାଜ୍ୟରେ ସୁସ୍ଥ ଖାଦ୍ୟର ବାତାବରଣ ତିଆରି କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।ସେପଟେ ରାକ୍ଷୀ ପୂର୍ଣ୍ଣିମା ପୂର୍ବରୁ ରାଜଧାନୀରେ ନକଲି ଛେନା ଓ ପନୀର ନେଇ ଜୋରଦାର୍ ଯାଞ୍ଚ ହେଉଛି। ବିଭିନ୍ନ ମିଠା ଦୋକାନରେ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବିଶେଷକରି କେମିକାଲ୍ ଓ ଅସ୍ୱାସ୍ଥ୍ୟକର ଉପାୟରେ ପ୍ରସ୍ତୁତ ପନୀର ବିକ୍ରି ହେଉଛି କି ନାହିଁ, ତା' ଉପରେ ଟିମ୍‌ର ନଜର ରହିଛି। ସିଆରପି ଛକ ସମେତ ରାଜଧାନୀର ବିଭିନ୍ନ ଅଞ୍ଚଳରେ ଥିବା ମିଠା ଦୋକାନରେ ଯାଞ୍ଚ କରାଯାଉଛି। ମିଠା ପ୍ରସ୍ତୁତିରେ ବ୍ୟବହୃତ ଛେନା, ପନୀର ଓ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀର ମାନ ଯାଞ୍ଚ କରୁଛି ସ୍ୱାସ୍ଥ୍ୟ ବିଭାଗ। ନିୟମ ଉଲ୍ଲଂଘନ କିମ୍ବା ନିମ୍ନ ମାନର ସାମଗ୍ରୀ ମିଳିଲେ ନମୁନା ସଂଗ୍ରହ ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବା ନେଇ ସୂଚନା ମିଳିଛି। ପାର୍ବଣ ସମୟରେ ମିଠାର ଚାହିଦା ବଢୁଥିବାରୁ ନକଲି ଛେନା ଓ ପନିରର କାରବାର ଉପରେ ରୋକ୍ ଲଗାଇବାକୁ ଏହି ଚଢ଼ାଉ ଜାରି ରହିଛି। ଲୋକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ବ୍ୟବସାୟୀଙ୍କ ବିରୋଧରେ କଡ଼ା ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦେଇଛି ବିଏମସି।

### ଖର୍ଚ୍ଚ ହୋଇନି ୨,୨୪୮ କୋଟି...

କୋଟି ଟଙ୍କା ଆସିବ, ତାକୁ ନେଇ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗତ ଜୁଲାଇ ୨୧ରେ ସବୁ ବିଭାଗ ସଚିବଙ୍କୁ ତାଗିଦ୍ କରିଥିଲେ। ରାଜସ୍ୱ ସଂଗ୍ରହ ନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀମତୀ ଗର୍ଗ ସମସ୍ତ ସିଏସ୍‌ଏସ୍ କାର୍ଯ୍ୟକାରୀ ବିଭାଗ କେନ୍ଦ୍ର ସରକାରଙ୍କ ସମ୍ପୃକ୍ତ ମନ୍ତ୍ରଣାଳୟ ସହ ନିୟମିତ ସମନ୍ୱୟ ରଖି କେନ୍ଦ୍ରୀୟ ଅଂଶର ସର୍ବାଧିକ ଅର୍ଥ କିଭଳି ମିଳିପାରିବ, ସେଥିନେଇ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍‌ରେ ଧାର୍ଯ୍ୟ ୪୦,୦୪୦ କୋଟି ଟଙ୍କାରୁ ଅତି କମ୍‌ରେ ୨୫,୦୦୦ କୋଟି ଟଙ୍କା ଯେଭଳି ଆଦାୟ ହୋଇପାରିବ, ତାହା ଉପରେ ଗୁରୁତ୍ୱ ଦେବାକୁ ହେବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରୀୟ ଅଂଶଧନ ଅର୍ଥ ଫେରାଇବାକୁ ନେଇ ଲୋକସେବା ଭବନରେ ଚର୍ଚ୍ଚା ଜୋର୍ ଧରିଛି।

### ପରମିଟ୍ ପରେ ଏବେ...

(ଆର୍‌ସି) ବାତିଲ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଭୁବନେଶ୍ୱର ଆରଟିଓ ମାନସ ମିଶ୍ର ଏ ସଂକ୍ରାନ୍ତରେ କହିଛନ୍ତି ଯେ ଆନ୍ଦୋଳନ ପରେ ଘଟଣା ସ୍ଥଳରୁ ୪୮୦ ଗାଡ଼ି ସିଜ୍ କରିଥିଲା ପୁଲିସ। ସମସ୍ତ ସିଜ୍ ଗାଡ଼ିକୁ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଥିଲା। କାରଣ ଦର୍ଶାଅ ନୋଟିସର ଡେଡ୍‌ଲାଇନ୍ ଆଜି ସରୁଥିବା ବେଳେ ମାତ୍ର ୨୫ ଜଣ ସେମାନଙ୍କ ଉତ୍ତର ରଖିଛନ୍ତି। ହେଲେ ଅନ୍ୟମାନେ ଅଦ୍ୟାବଧି ଉତ୍ତର ଦେଇନାହାଁନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜବତ ହୋଇଥିବା ବହୁ ଗାଡ଼ିର ଫାଇନ ସହ ଫିଟନେସ ସାର୍ଟିଫିକେଟ କିମ୍ବା ଇନ୍ସ୍ୟୁରାନ୍ସ ମଧ୍ୟ ନାହିଁ, ଯାହାର ଏକ ତାଲିକା ପ୍ରସ୍ତୁତ କରୁଛି ବିଭାଗ। ସେମାନଙ୍କୁ ଆର୍‌ସି ବାତିଲ ପାଇଁ ନୋଟିସ ଦିଆଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

### ନାରାୟଣପାଟଣା ପୁଲିସକୁ ବଡ଼ ସଫଳତା

## ଜିଓ ନେଟଓ୍ୱାର୍କ ବ୍ୟାଟେରୀ ଚୋରି ଅଭିଯୋଗରେ ୫ ଗିରଫ



ନାରାୟଣପାଟଣା, ୨୪।୮ (ସଂଚାର ବ୍ୟୁର): ବ୍ୟାଟେରୀ ଚୋରି କରି ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ଏକ ଗ୍ୟାଙ୍ଗକୁ ଠାବ କରିବାରେ ନାରାୟଣପାଟଣା ଥାନା ପୁଲିସ ସଫଳ ହୋଇଛି। ଏହି ଘଟଣାରେ ପୁଲିସ ୫ ଜଣଙ୍କୁ ଗିରଫ କରିବା ସହ ୭୯ଟି ବ୍ୟାଟେରୀ ଜବତ କରିଛି। ଏଥିସହ ଗୋଟିଏ ପିକ୍ଅପ୍ ଭ୍ୟାନ୍, ବାଇକ୍, ସ୍କୁଟି, ତିନିଚକିଆ ଅଟୋ ଓ ୪ଟି ମୋବାଇଲ ଫୋନ୍ ଜବତ ହୋଇଛି।

ପୁଲିସ ସୂଚନା ଅନୁଯାୟୀ, ଜିଓ ନେଟଓ୍ୱାର୍କ ଟେକ୍ନିସିଆନ୍ ସୁନାମୁଦି ପ୍ରକାଶଙ୍କ ଅଭିଯୋଗ ଆଧାରରେ ନାରାୟଣପାଟଣା ଥାନାରେ ଅଗଷ୍ଟ ୧୮ ତାରିଖରେ କେସ୍ ନମ୍ବର ୭୦ ଏବଂ ଅଗଷ୍ଟ ୨୪ ତାରିଖରେ କେସ୍ ନମ୍ବର ୭୧ ରୁଜୁ ହୋଇଥିଲା। ଉଭୟ ମାମଲାରେ ବିଏନ୍ଏସ୍‌ର ଧାରା ୩୦୩(୨)/୩(୫) ଅନୁଯାୟୀ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୁଲିସ ବାଲିପେଟା ଗ୍ରାମର ଚନ୍ଦ୍ର ମହାନନ୍ଦିଆ (୨୦) ଏବଂ ତେନ୍ତୁଳିପଦର ଗ୍ରାମର ସୁରେନ୍ଦ୍ର ମାଣ୍ଡିଙ୍ଗ (୨୬)ଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଚୋରି ବ୍ୟାଟେରୀ ସମ୍ପର୍କରେ ତଥ୍ୟ ମିଳିବା ପରେ ଜୟପୁରରେ ଚୋରି ବ୍ୟାଟେରୀ କିଣୁଥିବା ଅଭିଯୋଗରେ ୩ ଜଣ ବ୍ୟବସାୟୀଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ସେମାନେ ହେଲେ ପ୍ଲାସୁପତି ଜଗୋଦିସ (୪୦), ପୋଟନରୁ ଶ୍ରୀନିବାସ (୪୪) ଓ ଓମ୍‌ପ୍ରକାଶ ରାଉତ (୨୯)। ଗିରଫ ୫ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟଚାଲାଣ କରିଛି। ଏହି ଚୋରି ଘଟଣାରେ ଆହୁରି ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବା ସହ ଚୋରି ବ୍ୟାଟେରୀ କାରବାରର ଚେର ଖୋଜିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି। ନାରାୟଣପାଟଣା ଥାନାରେ ଆୟୋଜିତ ପ୍ରେସ୍ ବିବୃତ୍ତିରେ ଲକ୍ଷ୍ମୀପୁର ଆରକ୍ଷୀ ଉପନିରୀକ୍ଷକ ମନୋଜ କୁମାର ବେହେରା ଏହି ସୂଚନା ଦେଇଛନ୍ତି।

### ସ୍ୱାସ୍ଥ୍ୟ ସେବା ନାଁରେ ଚାଲିଛି ପ୍ରହସନ

# ମିଳୁନି ବେଡ୍, ମେଡିକାଲ୍ ବାରଣ୍ଡାରେ ରୋଗୀ

**ଜିଲ୍ଲାରୁ ଖଣି ସରିଯିବ, କେନ୍ଦୁଝରବାସୀଙ୍କ ଦୁଃଖ ସରିବ କେବେ ?**



ଆନନ୍ଦପୁର,୨୪।୮ (ସଂଚାର ବ୍ୟୁରୋ): ଖଣିଜ ସମ୍ପଦରେ ଭରପୂର କେନ୍ଦୁଝର ଜିଲ୍ଲା, ଜିଲ୍ଲାରୁ ପ୍ରତ୍ୟେକ ଦିନ କୋଟି କୋଟି ଟଙ୍କା ରାଜସ୍ୱ ଯାଉଛି ସତ କିନ୍ତୁ ଆଜି ବି କେନ୍ଦୁଝର ଜିଲ୍ଲାବାସୀ ତାଙ୍କ ହକ୍ ପାଇବାରୁ କାହିଁକି ବଞ୍ଚିତ ହେଉଛନ୍ତି ତାହା ଏବେ ବଡ଼ ପ୍ରଶ୍ନ। ତେବେ ଜିଲ୍ଲାରୁ ଖଣି ସରିଯିବ କିନ୍ତୁ ଜିଲ୍ଲା ବାସୀଙ୍କ ଦୁଃଖ ସରିବ ନାହିଁ ବୋଲି କୁହାଯାଉଛି, ହେଲେ ଏହି ଖଣିଜ ଜିଲ୍ଲାରେ ଆଜି ବି ସ୍ୱାସ୍ଥ୍ୟସେବାର ଚିତ୍ର ବଦଳିନି।

ମେଡିକାଲ୍ ବାରଣ୍ଡାରେ ରୋଗୀ, ତଳେ ବେଡସିଟ୍ ପକାଇ ଚିକିତ୍ସା ନେଉଛନ୍ତି ରୋଗୀ। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ କେବଳ କେନ୍ଦୁଝର ନୁହେଁ, ପଡ଼ୋଶୀ ଯାଜପୁର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ଅନେକ ଅଞ୍ଚଳର ଲୋକେ ନିର୍ଭର କରନ୍ତି। କିନ୍ତୁ ଅଭିଯୋଗ ହେଉଛି, ଆବଶ୍ୟକ ସୁବିଧା ଓ ଭିତ୍ତିଭୂମି ଅଭାବରୁ ଏହି ହସ୍ପିଟାଲ ଧୀରେ ଧୀରେ ଏକ 'ରେଫର୍ ହସ୍ପିଟାଲ'ରେ ପରିଣତ ହେଉଛି। ହସ୍ପିଟାଲରେ ଆବଶ୍ୟକ ଗୃହ ନଥିବାରୁ ରୋଗୀଙ୍କୁ ବାରଣ୍ଡାରେ ବେଡ୍ ପକାଇ ଚିକିତ୍ସା ଦିଆଯାଉଥିବା ଅଭିଯୋଗ ହୋଇଛି। ଅନେକ ରୋଗୀଙ୍କୁ ବେଡ୍ ନମିଳିବାରୁ ବାରଣ୍ଡାର ତଳେ ବେଡସିଟ୍ ପକାଇ ଶୋଇବାକୁ ପଡୁଛି। ଏପରିକି ବାରଣ୍ଡାରେ ଥିବା ରୋଗୀଙ୍କ ପାଇଁ ପଙ୍ଖା ଭଳି ମୌଳିକ ସୁବିଧା ମଧ୍ୟ ନଥିବା ଅଭିଯୋଗ ଆସିଛି।

ସବୁଠୁ ବଡ଼ ପ୍ରଶ୍ନ ହେଉଛି, ଏତେ ବଡ଼ ଅଞ୍ଚଳର ଲୋକଙ୍କ ଭରସାର ଏହି ସରକାରୀ ହସ୍ପିଟାଲରେ କାହିଁକି ଆବଶ୍ୟକ ଭିତ୍ତିଭୂମିର ଅଭାବ? ଯଦି ଚିକିତ୍ସା ପାଇଁ ଆସିଥିବା ରୋଗୀଙ୍କୁ ବାରଣ୍ଡାରେ ରହିବାକୁ ପଡୁଛି, ତେବେ ସ୍ୱାସ୍ଥ୍ୟସେବାର ମାନ କୁ ନେଇ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅନ୍ୟପଟେ, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ପୂର୍ବରୁ କାର୍ଯ୍ୟରତ ଥିବା ଅଧିକାରୀ ଏବେ ଜିଲ୍ଲା ଚିକିତ୍ସାଳୟର ଦାୟିତ୍ୱରେ ଅଛନ୍ତି। ତେଣୁ ହସ୍ପିଟାଲର ସମସ୍ୟାଗୁଡ଼ିକ ସମ୍ପର୍କରେ ଅବଗତ ଥିବା ସତ୍ତ୍ୱେ ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ କାହିଁକି ନିଆଯାଇନି, ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଖଣି ସମ୍ପଦ ସରିଯିବ, କିନ୍ତୁ ଯଦି ମୌଳିକ ସ୍ୱାସ୍ଥ୍ୟସେବାର ଅଭାବ ରହିଯାଏ, ତେବେ କେନ୍ଦୁଝରବାସୀଙ୍କ ଦୁଃଖ କେବେ ସରିବ, ଏହା ଏବେ ବଡ଼ ପ୍ରଶ୍ନ? । ତେଣୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଲଗାଣ ବର୍ଷାରେ ଧୋଇଗଲା ରାସ୍ତା

**ମାଟି ଅତଡ଼ା ଖସି ରାସ୍ତାରେ ବିରାଟ ଗର୍ତ୍ତ**



ଫୁଲବାଣୀ,୨୪।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକ ବାରଖମା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦିଗିପଡି ଗାଁରେ ରାସ୍ତାକୁ ଲାଗି ଏକ କେନାଲ ରହିଛି । ପ୍ରତି ବର୍ଷ ବର୍ଷା ଦିନରେ ଏହି କେନାଲରେ ପ୍ରବଳ ମାତ୍ରାରେ ପାଣି ଯିବା ଦ୍ୱାରା ମାଟି ଅତଡ଼ା ଖସି ଖସି ରାସ୍ତା ଧୋଇ ହୋଇଯାଉଛି, ଯାହାକି, ଚଳିତ ବର୍ଷ ଲଗାଣ ବର୍ଷା ଦ୍ୱାରା ମଧ୍ୟ ମାଟି ଧୋଇ ହୋଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି । ଯାହାଫଳରେ ଜନସାଧାରଣଙ୍କ ଚଲାପଥ ରାସ୍ତା ବିପଦ ସଂକୁଳ ଅବସ୍ଥାରେ ରହିଛି।

ଏହି ରାସ୍ତା ଦେଇ ପ୍ରାୟ ତିନଟି ରାଜସ୍ୱ ଗ୍ରାମ ଦିଗିପଡି, ଗପକେତା, ଓ ଟକଲା ପଦର ଗ୍ରାମର ପ୍ରାୟ ୩୦୦ ରୁ ଉର୍ଦ୍ଧ ଜନସାଧାରଣ ପ୍ରତିଦିନ ଯାତାୟାତ କରିଥାନ୍ତି। ରାସ୍ତାରେ ମାଟି ଧୋଇ ଘାଇ ସୃଷ୍ଟି ହୋଇ ବଡ଼ ଖାଲ ହୋଇ ଥିବାରୁ ଅନେକ ଗୃହ ପାଳିତ ପଶୁ ମାନଙ୍କ ଜୀବନ ମଧ୍ୟ ଚାଲି ଯାଇଛି। ଏହି ରାସ୍ତାରେ ସ୍କୁଲ ପିଲାଙ୍କୁ ଆରମ୍ଭ କରି ସମସ୍ତ ଗ୍ରାମବାସୀ ମାନେ ଜୀବନକୁ ବାଜି ଲଗାଇ ବିପଦ ସଂକୁଳ ଅବସ୍ଥାରେ ଯାତାୟାତ କରିଥାନ୍ତି।

ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଗ୍ରାମବାସୀମାନେ ଅଭିଯୋଗ ଜଣାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳି ନାହିଁ । ଏହି ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ବାରଖମା ପଞ୍ଚାୟତ ଜନପ୍ରତିନିଧି ପରମାନନ୍ଦ ନାୟକ ନିଜେ ଦିଗିପଡି ଗାଁକୁ ଯାଇ ବିପଦ ସଂକୁଳ ଅବସ୍ଥାରେ ଥିବା ରାସ୍ତା, କେନାଲର ବିଭିନ୍ନ ସମସ୍ୟା ଦେଖି ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନଙ୍କୁ ଅବଗତ କରାଇ ରାସ୍ତା ଓ କେନାଲ ନିର୍ମାଣ ଯେପରି ଶୀଘ୍ର ହୋଇ ପାରିବ, ସେ ସମ୍ପର୍କରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଥିଲେ।

## ବାଲିଶଙ୍କରାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି



ସୁନ୍ଦରଗଡ଼,୨୪।୮ (ସଂଚାର ବ୍ୟୁରୋ): ବାଲିଶଙ୍କରା ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତପାଲ କୌର ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ।

ଆଜି ମୋଟ ୬୮ ଗୋଟି ଅଭିଯୋଗ ରହିଥିଲା। ସେଥି ମଧ୍ୟରୁ ୩୪ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୨୬ ଗୋଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୧୦ ଗୋଟି ଅଭିଯୋଗ ର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୮ ଗୋଟି ଆବେଦନ ରହିଥିଲା।

ଆଜିର ଏହି ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## ଅସ୍ତରଙ୍ଗରେ ପୁଲିସ ରାଜ ନା' ମାଫିଆ ରାଜ ?

**୭ ଦିନ ପରେ ବି ଅନ୍ଧାରରେ ତଦନ୍ତ**

**ଋଣ ବୋଝରେ ରାଜେଶ, ନିଦ୍ରାରେ ଥାନା!**

**ଅସ୍ତରଙ୍ଗରେ ନିଶା ଓ ଚୋରଙ୍କୁ ପ୍ରୋତ୍ସାହନ ଅଭିଯୋଗ**

**ଥାନାଧିକାରିଣୀ ଗାଦି ଛାଡନ୍ତୁ ବୋଲି ଅଞ୍ଚଳର ପ୍ରତିଟି ଗାଁରୁ ସ୍ୱର**

କାକଟପୁର/ଅସ୍ତରଙ୍ଗ,୨୪।୮ (ସଂଚାର ବ୍ୟୁରୋ): ଅଗଷ୍ଟ ୧୮ ତାରିଖରେ ବ୍ୟବସାୟୀ ମହାସଂଘ ଥାନା ଆଗରେ ଧାରଣା ଦେଇଥିଲା। ଦାବୀ ଥିଲା - ୭ ଦିନ ଭିତରେ ୫୦ ଲକ୍ଷ ଲୁଟର ପର୍ଦ୍ଦାଫାସ କରା ଆଜି ୨୫ ତାରିଖ। ଅବଧି ସରିଲା। କିନ୍ତୁ ଫାଇଲ ଆଗେଇଲା ନାହିଁ।

୧୭ ତାରିଖ ରାତିରେ ଥାନାଠାରୁ ୫୦ ମିଟର ଦୂର ମହାନ୍ତି କମ୍ୟୁନିକେସନରେ ଗ୍ୟାସ କଟରରେ ଲୁଟ। ଦୁର୍ବୃତ୍ତ ଲକ୍ଷ ଲକ୍ଷର ଫୋନ ନେଇଗଲେ। ପୋଲିସ କହିଲା - ତଦନ୍ତ ଚାଲିଛି। ୮ ଦିନ ପରେ ବି ତଦନ୍ତ କେଉଁଠି ଲୋକେ ପଚାରୁଛନ୍ତି।

ଏପଟେ ଦୋକାନ ମାଲିକ ରାଜେଶ ମହାନ୍ତି ଋଣ ଭାରରେ ଭାଙ୍ଗି ପଡ଼ିଛନ୍ତି। ବ୍ୟାଙ୍କ କିସ୍ତି, ଘୁଷ, ଘର ଖର୍ଚ୍ଚ - ସବୁ ଅଟକିଛି। ପରିବାର କହୁଛି - ପୋଲିସ ଧରିବ ବୋଲି ଆଶା ଥିଲା, ଏବେ ଆଶା ମରିଲା।

ଲୋକଙ୍କ ଅଭିଯୋଗ ଅନୁସାରେ ଏହା ପ୍ରଥମ ବିଫଳତା ନୁହେଁ। ବ୍ୟବସାୟୀ ସଙ୍ଘ ସଭାପତି ଦୁଷ୍ମନ୍ତ ପରିଡା ଦେଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ଅଛି - ଗତ ୭ ମାସରେ କରଣ୍ଡପୁର, ଭେଡାବନ୍ଧ, ବଲ୍ଲିଲୋ, ମନ୍ଦିର, ସ୍କୁଲ, ଅଙ୍ଗନବାଡ଼ି ଚୋରୀର ଗୋଟେ ବି ସମାଧାନ ହୋଇନି। ରାତି ପେଟ୍ରୋଲିଂ ନାହିଁ ବୋଲି ଅଭିଯୋଗ। ବରଂ ଥାନାରେ ଦଲାଲ ମାଧ୍ୟମରେ କେଶ ପରିଚାଳନା, ନିଶା କାରବାରକୁ ପରୋକ୍ଷ ପ୍ରୋତ୍ସାହନ ଓ ସାଧାରଣ ଲୋକଙ୍କୁ ମିଛ କେଶ ଭୟ ଦେଖାଇ ହଇରାଣ କରାଯାଉଛି ବୋଲି ମହାସଂଘ ଅଭିଯୋଗ କରିଛି। ଥାନା କର୍ମଚାରୀ ପେଟ୍ରୋଲିଂରେ ଯାଇ ଗୋଡ ମୋଡା ଖାଉଥିବା ଭିଡିଓ ଭାଇରାଲ ପରେ ଏ ଅଭିଯୋଗକୁ ବଳ ମିଳିଛି।

ବଡ ପ୍ରଶ୍ନ - ପୁରୀ ଏସପି ଏତେ ଅଭିଯୋଗ ପରେ ବି କାହିଁକି ଚୁପ? ଅସ୍ତରଙ୍ଗ ଥାନା ଅଧିକାରିଣୀ ଗାଦିରେ ରହିଲେ ସ୍ୱଚ୍ଛ ଅସ୍ତରଙ୍ଗ ଅସ୍ୱଚ୍ଛ ହେବ ବୋଲି ଲୋକେ କହୁଛନ୍ତି। ଯାହା କି ସୁନ୍ଦର ଅସ୍ତରଙ୍ଗକୁ ଫେସ୍ଥାରାରୁ ଯୋଗ ଦେବା ଦିନରୁ ମଳିନ କରିଛନ୍ତି। କୌଣସି ଚୋରି ଚୋରକୁ ପୋଲିସ ଧରି ପାରୁନାହିଁ।

ମହାସଂଘର ଫାଇନାଲ ଚେତାବନୀ - ୭ ଦିନ ସରିଲା। ଏବେ ରାସ୍ତାର ଲଢ଼େଇ। ଯେ ପର୍ଯ୍ୟନ୍ତ ନ୍ୟାୟ ନ ମିଳିଛି, ପ୍ରତି ପଞ୍ଚାୟତରୁ ହଜାର ହଜାର ଲୋକ ଆସି ଅସ୍ତରଙ୍ଗ ବଜାର ସମ୍ପୂର୍ଣ୍ଣ ବନ୍ଦ କରି ବହ୍ନି ଆନ୍ଦୋଳନ କରିବେ। ତୁରନ୍ତ ଅସ୍ତରଙ୍ଗ ଥାନା ଅଧିକାରିଣୀ ଗାଦି ଛାଡ଼ନ୍ତୁ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି




ନବରଙ୍ଗପୁର,୨୪।୮ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ସହିଦ ସ୍ମୃତି ଠାରେ ଗୁଳିକାଣ୍ଡ ଶହୀଦ ଦିବସ ପାଳନ କରିବା ଅବସରରେ ଏବଂ ସ୍ୱର୍ଗତ ଜଗନ୍ନାଥ ତ୍ରିପାଠୀଙ୍କ ମହା ପ୍ରୟାଣ ଦିବସ ତଥା ମାତୃ ଆଶ୍ରମର ବାର୍ଷିକ ଉତ୍ସବ ପାଳନ ଅବସରରେ ଯୋଗଦେଇ ଶହୀଦମାନଙ୍କୁ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲି। ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଧୀନତା ସଂଗ୍ରାମୀ ପରିବାରର ଦାୟାଦ ହିସାବରେ ସମ୍ମାନିତ କରିଥିବାରୁ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଉଛି । ଏହି କାର୍ଯ୍ୟକ୍ରମରେସ୍ୱାଧୀନତା ସଂଗ୍ରାମୀ ସ୍ମୃତି କମିଟି ଜିଲ୍ଲା ନବରଙ୍ଗପୁରର ସଭାପତି ରୂପେ ନିଜର ଦାୟିତ୍ୱ ନିର୍ବାହ କରିଥିଲି । ଦେଶପ୍ରତି ଶହୀଦ ହୋଇଥିବା ଏବଂ ନିଜର ଜୀବନକୁ ତ୍ୟାଗ, ବଳିଦାନ ଏବଂ ଦେଶପାଇଁ ଜଳାଞ୍ଜଳି ଦେଇଥିବା ଏହି ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ କୋଟି ପ୍ରଣାମ । ସମସ୍ତ ଜିଲ୍ଲାବାସୀ, ରାଜ୍ୟବାସୀ, ଏବଂ ଦେଶବାସୀଙ୍କୁ ଜାତି, ଧର୍ମ, ନିର୍ବିଶେଷରେ ଧନୀ, ଗରିବ ପାର୍ଥକ୍ୟକୁ ଦୂର ରଖି ବିରାଟ ରାଷ୍ଟ୍ରନିର୍ମାଣ ଦିଗରେ ଦେଶର ଏକତା, ଶାନ୍ତି, ଭାଇଚାରା ସୁଦୃଢ଼ କରିବା ଚିନ୍ତାଧାରା ଜରି କରିଥିଲେ ।

### ଲଗାଣ ବର୍ଷାରେ ବାରବାଙ୍କ ଘାଟିରେ ଭୂସ୍ଖଳନ

## ଜାତୀୟ ରାଜପଥ-୫୨୦ରେ ଅଧା ରାସ୍ତା ଅବରୋଧ



ଯୋଡ଼ା,୨୪।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ କେନ୍ଦୁଝର ଜିଲ୍ଲାରେ ଜନଜୀବନ ବିପର୍ଯ୍ୟସ୍ତ ହୋଇଥିବା ବେଳେ ରୁଗୁଡ଼ି ଥାନା ଅନ୍ତର୍ଗତ ବାରବାଙ୍କ ଘାଟିରେ ଭୂସ୍ଖଳନ ଯାତାୟାତ ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି। ସୋମବାର ପ୍ରବଳ ବର୍ଷା ପରେ ପାହାଡ଼ରୁ ମାଟି ଓ ପଥର ଅତଡ଼ା ଖସି ଜାତୀୟ ରାଜପଥ-୫୨୦ରେ ଗୋଟିଏ ପାର୍ଶ୍ୱର ପ୍ରାୟ ଅଧା ଅଂଶ ଅବରୋଧ ହୋଇଥିବା ଜଣାପଡ଼ିଛି।

ଏହାର ପ୍ରଭାବରେ ଘାଟି ଦେଇ ଚଳାଚଳ କରୁଥିବା ଭାରୀଯାନ, ଲୁହାପଥର ବୋଝେଇ ଟ୍ରକ୍ ଓ ଯାତ୍ରୀବାହୀ ଯାନଗୁଡ଼ିକ ଅସୁବିଧାରେ ପଡ଼ିଛନ୍ତି। ଯୋଡ଼ା- ବଡ଼ବିଲ ଅଞ୍ଚଳକୁ ରାଉରକେଲା ଓ କୋଇଡ଼ା ସହ ସଂଯୋଗ କରୁଥିବା ଏହି ରାଜପଥ ଖଣିଜ ପରିବହନ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଖବର ପାଇ ରୁଗୁଡ଼ି ପୁଲିସ ଓ ଏନ୍ଏଚ୍ଏଆଇ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମାଟି ଓ ପଥର ହଟାଇବା ସହ ଯାତାୟାତ ନିୟନ୍ତ୍ରଣ କରିଥିଲେ। ଅବରୋଧ ହୋଇଥିବା ପାର୍ଶ୍ୱକୁ ଏଡ଼ାଇ ଅନ୍ୟ ପାର୍ଶ୍ୱ ଦେଇ ଯାନବାହନ ଚଳାଚଳକୁ ସ୍ୱାଭାବିକ କରାଯାଇଥିବା ଜଣାପଡ଼ିଛି।

ଭୂସ୍ଖଳନ ସମୟରେ ଉକ୍ତ ସ୍ଥାନରେ କୌଣସି ଯାନ ନଥିବାରୁ ସୌଭାଗ୍ୟବଶତଃ ବଡ଼ଧରଣର ଧନଜୀବନ ହାନି ଘଟିନାହିଁ। ତେବେ ବର୍ଷା ଜାରି ରହିଥିବାରୁ ଘାଟିର ଅନ୍ୟ ସ୍ଥାନରେ ମଧ୍ୟ ମାଟି ଓ ପଥର ଖସିବା ଆଶଙ୍କା ରହିଛି। ତେଣୁ ଘାଟି ଦେଇ ଯାତାୟାତ କରିବା ସମୟରେ ସତର୍କ ରହିବାକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଅନ୍ୟପକ୍ଷରେ, ବାରବାଙ୍କ ଘାଟିରେ ଘଟିଥିବା ଏହି ଭୂସ୍ଖଳନକୁ ନେଇ ସ୍ଥାନୀୟ ବାସିନ୍ଦା ଭିନ୍ନ ଅଭିଯୋଗ ଉଠାଇଛନ୍ତି। ଏହା ପ୍ରାକୃତିକ ଭୂସ୍ଖଳନ ନୁହେଁ, ବରଂ କୃତ୍ରିମ ଭାବେ ଘଟାଯାଇଥିବା ସେମାନେ ଅଭିଯୋଗ କରିଥିବା ଜଣାପଡ଼ିଛି। ତେବେ ଏହି ଅଭିଯୋଗର ସତ୍ୟତା ସ୍ୱାଧୀନ ଭାବେ ସ୍ପଷ୍ଟ ହୋଇନାହିଁ। ଏନେଇ ତଦନ୍ତ ହେଲେ ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ସ୍ଥାନୀୟମାନେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ସୋମବାର ଯୋଡ଼ା ଅଞ୍ଚଳରେ ୨୪ ଘଣ୍ଟା ମଧ୍ୟରେ ୧୬୯.୪ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ରିପୋର୍ଟ ଆସିଛି। ଏଭଳି ପ୍ରବଳ ବର୍ଷାରେ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଆଶଙ୍କା ବଢ଼ିଥିବାରୁ ବାରବାଙ୍କ ଘାଟିରେ ଯାତାୟାତ ଉପରେ ନଜର ରଖିବା ଜରୁରୀ ହୋଇପଡ଼ିଛି।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର



ଖୋରଧା,୨୪।୮ (ସଂଚାର ବ୍ୟୁରୋ): ଆଜି ପୂର୍ବାହ୍ନରେ ଖୋରଧା ଜିଲ୍ଲା ଅନ୍ତର୍ଗତ ବାଣପୁର ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏବଂ ଆରକ୍ଷୀ ଅଧିକ୍ଷକ ପାରମାର ସ୍ମିଥ ପାରୁସୋତ୍ତମ୍ ଦାସଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଅଛି। ଆଜିର ଅଭିଯୋଗ ଶିବିରକୁ ମୋଟ ୫୮ ଗୋଟି ଅଭିଯୋଗ ଆସିଥିବା ବେଳେ ତନ୍ମଧ୍ୟରୁ ୪୨ ଗୋଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୧୬ ଗୋଟି ଗ୍ରାମୀଣ ସମସ୍ୟା ଜନିତ ଥିଲା । ଜିଲ୍ଲାପାଳ, ଶ୍ରୀ ଋତୁରାଜ ଅଭିଯୋଗ ଶିବିରରେ ୫ ଗୋଟି ଅଭିଯୋଗର ତତ୍କାଳ ସମାଧାନ କରିଥିଲେ । ଅନ୍ୟ ସମସ୍ତ ଅଭିଯୋଗ ଗୁଡ଼ିକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

ଶୁଭମ୍ ମହାପାତ୍ର, ଆୟତପୁର, ବାଣପୁରଙ୍କୁ ପାଠ ପଢ଼ିବା ନିମନ୍ତେ ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ୧୫ ହଜାର ଟଙ୍କା ଆର୍ଥିକ ସହାୟତା ଜିଲ୍ଲାପାଳ ଅନୁମୋଦନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସୁଚିତ୍ରା ରାଉତ, ମଙ୍ଗରାଜପୁର, ନନ୍ଦପୁର, ବାଣପୁରଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଏବଂ ନିରଞ୍ଜନ ସାହୁ, ସାହାସପୁର, ଭବାନୀପୁର, ବାଣପୁରଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସାହାଯ୍ୟ ଅନୁଦାନ ରାଶି ଅନୁମୋଦନ କରିଥିଲେ।

## ଏନଏସି ପାଇଁ ୩ ଅତ୍ୟାଧୁନିକ ସ୍ୱଚ୍ଛ ସବାରୀ ଲୋକାର୍ପଣ




ବୋରିଗୁମ୍ମା,୨୪।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ବୋରିଗୁମ୍ମା ଗସ୍ତ କରିଛନ୍ତି। ବୋରିଗୁମ୍ମା ବ୍ଲକରେ ଚାଲିଥିବା ବିଭିନ୍ନ ଜନ କଲ୍ୟାଣ ଉନ୍ନୟନ ମୂଳକ ପ୍ରକଳ୍ପର ସ୍ଥିତି ଜାଣିବା ପାଇଁ ସ୍ଥଳ ପରିଦର୍ଶନ କରିଛନ୍ତି ଏବଂ ବୋରିଗୁମ୍ମା ସହରକୁ ନୂତନ ଏନଏସି ମାନ୍ୟତା ମିଳିବା ପରେ ଅଭୁତପୂର୍ବ ପରିବର୍ତ୍ତନ ଅଣାଯାଇଛି |

ଜିଲ୍ଲା ପ୍ରଶାସନ ତରଫରୁ ବୋରିଗୁମ୍ମା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି ଶିବିର (ପଲ୍ଲୀରେ ପ୍ରଶାସନ) କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନ ଯୋଗଦେଇ ପ୍ରଥମେ ସହରର ଜଗନ୍ନାଥ ମନ୍ଦିର ଗ୍ରସ୍ତକରି ମହାପ୍ରଭୁଙ୍କ ଆଶିଷଭିକ୍ଷା କରିଥିଲେ। ପରେ ସହରର ଅଧିଷ୍ଠାତ୍ରି ଦେବୀ ମା ବୁଢ଼ୀ ଠାକୁରାଣୀଙ୍କ ପୀଠରେ ୩ଟି ଅତ୍ୟାଧୁନିକ ଓଳିଆ ବଝେଇ ସ୍ୱଚ୍ଛ ସବାରୀ ଓ ତିନିଟି ଓଳିଆ ବୋଝେଇ ଟ୍ରାକ୍ଟରର ଲୋକାର୍ପଣ କରିଥିଲେ। ଏନଏସିର ୫୦ ଜଣ ମହିଳା, ପୁରୁଷ ସଫେଇ କର୍ମଚାରୀଙ୍କ ସହ ବାର୍ତ୍ତାଳପ କରି ଭଲ ରୂପେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶିଶୁମନ୍ଦିର ପାର୍ଶ୍ୱରେ ମା ଭୈରବ ଦୁର୍ଗାପୂଜା ମଣ୍ଡପ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ।

ସରକାରଙ୍କ ପକ୍ଷରୁ ୨୫ ଲକ୍ଷଟଙ୍କା ଅନୁଦାନ ରାଶି ମିଳିବା ଲାଗି ଯୋଗ୍ୟ ବିବେଚିତ ପୂଜାକମିଟି କର୍ମକର୍ତ୍ତା ଙ୍କ ସହ ଆଲୋଚନା କରିବା ସହ ଭିତ୍ତିଭୂମି ସ୍ଥିତି ଅନୁଧ୍ୟାନ କରିଥିଲେ | ଜିଲ୍ଲାପାଳଙ୍କ ଏହି ଗ୍ରସ୍ତ ସମୟରେ ବିଡିଓ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁକାନ୍ତ କୁମାର ପଟନାୟକ, ବ୍ଲକ ଅଧ୍ୟକ୍ଷା ଦୀପ୍ତି ମୟୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡ଼ିକା,ଏଲ. ନାରାୟଣ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ପୁରସ୍କାର ପାଇବ ଗଞ୍ଜାମ ଏନ୍ଏସି

**ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସରେ ମୁଖ୍ୟମନ୍ତ୍ରୀ କରିବେ ପୁରସ୍କୃତ**

ଛତ୍ରପୁର,୨୪।୮ (ସଂଚାର ବ୍ୟୁରୋ): ନିଜସ୍ୱ ରାଜସ୍ୱ ସଂଗ୍ରହରେ ଉଲ୍ଲେଖନୀୟ ଅଭିବୃଦ୍ଧି ପାଇଁ ଗଞ୍ଜାମ ଏନ୍ଏସିକୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପୁରସ୍କାର ପାଇଁ ମନୋନୀତ କରାଯାଇଛି। ରାଜ୍ୟର ୧୫ଟି ଏନ୍ଏସି ଓ ପୌରସଂସ୍ଥା ଏହି ପୁରସ୍କାର ପାଇଁ ଚୟନ ହୋଇଥିବା ବେଳେ ଗଞ୍ଜାମ ଜିଲ୍ଲାରୁ ଏକମାତ୍ର ଗଞ୍ଜାମ ଏନ୍ଏସି ଏଥିରେ ସ୍ଥାନ ପାଇଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ୨୪ ଅଗଷ୍ଟରେ ଏନେଇ ଚିଠି ଜାରି କରାଯାଇଛି। ପୁରସ୍କାର ସହ ଗଞ୍ଜାମ ଏନ୍ଏସିକୁ ୨ କୋଟି ଟଙ୍କାର ଅର୍ଥରାଶି ମିଳିବ।

ଆସନ୍ତା ୩୧ ଅଗଷ୍ଟରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟର 'କୃଷି ଶିକ୍ଷା ସଦନ' ସଭାଗୃହରେ ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମ ହେବ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଚୟନ ହୋଇଥିବା ପୌରସଂସ୍ଥାଗୁଡ଼ିକୁ ପୁରସ୍କାର ପ୍ରଦାନ କରିବେ। ଗଞ୍ଜାମ ଏନ୍ଏସି ପକ୍ଷରୁ ଅଧ୍ୟକ୍ଷା ପ୍ରତିଭା ପାଢ଼ୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଅର୍ପନା ଡାଙ୍ଗୁଆ ଓ ଅନ୍ୟ ଅଧିକାରୀମାନେ ପୁରସ୍କାର ଗ୍ରହଣ କରିବେ।

ଉଲ୍ଲେଖଯୋଗ୍ୟ, ସ୍ୱଚ୍ଛତା କ୍ଷେତ୍ରରେ ମଧ୍ୟ ଗଞ୍ଜାମ ଏନ୍ଏସିର ସଫଳତା ରହିଛି। ୨୦୨୪ ଓ ୨୦୨୫ରେ ଏନ୍ଏସି ୧-ଷ୍ଟାର ଓଡିଏଫ୍++ ମାନ୍ୟତା ହାସଲ କରିଥିଲା। ଏବେ ନିଜସ୍ୱ ରାଜସ୍ୱ ସଂଗ୍ରହରେ ରାଜ୍ୟସ୍ତରୀୟ ପୁରସ୍କାର ସହ ୨ କୋଟି ଟଙ୍କା ପାଇବା ଗଞ୍ଜାମ ଏନ୍ଏସି ପାଇଁ ଆଉ ଏକ ବଡ଼ ସଫଳତା ହୋଇଛି।

## ଚିତ୍ରକୋଣ୍ଡାରେ ମିଳିତ ଅଭିଯୋଗ ଶୁଣାଣି ଶିବିର

- ପ୍ରଶାସନ ନିକଟରେ ପହଞ୍ଚିଲା ୬୨ଟି ଗୁହାରି




ମାଲକାନଗିରି,୨୪।୮ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ସେବାକୁ ଅଧିକ ଜନକଲ୍ୟାଣକାରୀ ଓ ସ୍ୱଚ୍ଛ କରିବା ଉଦ୍ଦେଶ୍ୟରେ ଚିତ୍ରକୋଣ୍ଡା ବ୍ଲକର ଟନେଲ କ୍ୟାମ୍ପ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦଶରଥୀ ସରାବୁ ଏବଂ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟା ଓ ବିଭିନ୍ନ ଆପତ୍ତି ଅଭିଯୋଗକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ।

ଏହି ଶିବିରରେ ସ୍ଥାନୀୟ ଅଞ୍ଚଳରୁ ସମୁଦାୟ ୬୨ଟି ଅଭିଯୋଗ ପତ୍ର ପଞ୍ଜିକୃତ କରାଯାଇଥିଲା। ଏଥିମଧ୍ୟରେ ୧ଟି ବ୍ୟକ୍ତିଗତ ଗୁହାରି ଏବଂ ୪୬ଟି ସାମୁଦାୟିକ ସମସ୍ୟା ଭିତ୍ତିକ ଅଭିଯୋଗ ଅନ୍ତର୍ଭୁକ୍ତ ଥିଲା। ପ୍ରତ୍ୟେକଟି ସମସ୍ୟାର ଗଭୀର ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗଗୁଡ଼ିକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ସମାଧାନ ପାଇଁ ପ୍ରଶାସନ ତରଫରୁ ପଠାଯାଇଛି।

ଅଭିଯୋଗ ଶୁଣାଣି ବ୍ୟତୀତ ଉପସ୍ଥିତ ଅତିଥିମାନେ ପଞ୍ଚାୟତ ପରିସରରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପରିଚାଳିତ ମୋବାଇଲ୍ ଚକ୍ଷୁ ପରୀକ୍ଷା ଶିବିର ଏବଂ ଯୁବକଯୁବତୀଙ୍କ ଦକ୍ଷତା ବିକାଶ ପାଇଁ ଉଦ୍ଦିଷ୍ଟ ପ୍ରଗତି ପଥେ ଯୁବା ମାଲକାନଗିରି କେନ୍ଦ୍ର ପରିଦର୍ଶନ କରି କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଶିବିରରେ ଚିହ୍ନଟ ହୋଇଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଆନୁଷ୍ଠାନିକ ଭାବେ ଶିକ୍ଷାଗତ ସହାୟତା ଏବଂ ମାତୃତ୍ୱ କଲ୍ୟାଣ ଯୋଜନାର ସହାୟତା ରାଶି ପ୍ରଦାନ କରାଯାଇଥିଲା।

## କପିଳାସରେ ୧୫ ହଜାର କାଉଡ଼ିଆ



ଢେଙ୍କାନାଳ,୨୪।୮ (ସଂଚାର ବ୍ୟୁରୋ): ମହାଦେବଙ୍କ ଠାରେ ଶ୍ରାବଣୀ ପାଣି ଢାଳିବା ପାଇଁ ଚଳିତ ବର୍ଷ ଆଜି ଚତୁର୍ଥ ସୋମବାର ହୋଇଥିବାରୁ ବାବା ଚନ୍ଦ୍ରଶେଖରଙ୍କ କ୍ଷେତ୍ର କପିଳାଶ ପୀଠରେ କାଉଡ଼ିଆଭକ୍ତ ମାନଙ୍କର ସମାଗମ ହୋଇଥିଲା। ୧୫ ହଜାର ସଂଖ୍ୟାରେ ଗହଳି ଦେଖିବାକୁ ମିଳିଥିଲା। ଜିଲ୍ଲା ତଥା ପଡୋଶୀ ଜିଲ୍ଲା ଅନୁଗୋଳ ଯାଜପୁର, କେନ୍ଦୁଝର, ବାଲେଶ୍ୱର, କଟକ, ପୁରୀ ଆଦିଜିଲ୍ଲାର ବିଭିନ୍ନ ଅଂଚଳରୁ ଭକ୍ତ ମାନଙ୍କର ସମାଗମ ହୋଇଥିଲା । ଏହି ଉପଲକ୍ଷେ ପ୍ରାତ ସମୟରୁ ଠାକୁରଙ୍କର ସକାଳ ଧୂପ ନୀତି କାନ୍ତି ସମାପନ କରଯାଇଥିଲା। ଭକ୍ତ ମାନେ ଯେପରି ଶାନ୍ତି ଶୃଙ୍ଖଳାର ସହ ଠାକୁରଙ୍କର ଦର୍ଶନ କରିପାରିବେ ସେଥିପାଇଁ ଦେବୋତ୍ତର ବିଭାଗ, ଜିଲ୍ଲାପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଥିଲା।

## ଓଜେସି ପକ୍ଷରୁ ବ୍ୟାସନଗର ପୌର ପାଳିକା ଘେରାଉ




ଯାଜପୁର ରୋଡ଼,୨୪।୮ (ସଂଚାର ବ୍ୟୁରୋ): ବ୍ୟାସନଗର ପୌରପାଳିକାରେ ବ୍ୟାପକ ଅନିୟମିତତା ପ୍ରତିବାଦରେ ଓଡ଼ିଶା ଜନତା କଂଗ୍ରେସ (ଓ.ଜେ.ସି) ପକ୍ଷରୁ ଆଜି ସ୍ଥାନୀୟ ଗୋପବନ୍ଧୁ ଛକ ଠାରେ ବିଭିନ୍ନ ଓ୍ୱାର୍ଡ଼ରୁ ଶତାଧିକ ମହିଳା ଓ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇଥିଲେ । ଗୋପବନ୍ଧୁଙ୍କ ପ୍ରତିମର୍ତିରେ ଜିଲ୍ଲା ପ୍ରଭାରୀ ସୋମନାଥ ରାଉତ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସେଠାରୁ ଏକ ବିଶାଳ ଶୋଭଯାତ୍ରା ପଟୁଆରରେ ଓଜେସି କାର୍ଯ୍ୟକର୍ତ୍ତା ମାନେ ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟରେ ପହଂଚିଥିଲେ।

ପୌରପାଳିକାର ବିଫଳତାର ୧୧ ଦଫା ଦାବିର ତୁରନ୍ତ ସମାଧାନ ନିମନ୍ତେ ସ୍ଲୋଗାନ ଦେଇ ପୌର କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ସଭାପିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ଜିଲ୍ଲା ପ୍ରଭାରୀ ସୋମନାଥ ରାଉତ, ନଜିବୁର୍ ରେହମାନ ଖାନ୍, ରାଜ୍ୟ ଉପ-ସଭାନେତ୍ରୀ ରଞ୍ଜିତା ରାଉତ, ରାଜ୍ୟ ସାଧାରଣ ସମ୍ପାଦକ ସଞ୍ଜୟ ରାୟ ପ୍ରମୁଖ ମାନେ ନିଜ ନିଜର ବକ୍ତବ୍ୟରେ ଓଡ଼ିଶାରେ ପୁରସ୍କୃତ ହୋଇଥିବା ଏହି ପୌର ପାଳିକା ତାର ଗୌରବ ଓ ଗରିମାକୁ କ୍ଷୁର୍ଣ୍ଣ କରିଛି। ଯାହା ପୌରବାସୀଙ୍କ ମୌଳିକ ଅଧିକାର ଯଥା- ପାଇବା ପାଣି, ରାସ୍ତାଆଲୋକ, ସ୍ୱାସ୍ଥ୍ୟ ସେବା, ସ୍ୱେରେଜ୍ ବ୍ୟବସ୍ଥାର ବିଫଳତା, ରାସନ୍ ପ୍ରଦାନରେ ଅନିୟମିତତା ଓ ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ ସମେତ ୧୧ଦଫା ଦାବୀର ବିଫଳତା ଉପରେ ବିଜେପି ସରକାରକୁ ଦୃଢ଼ ସମାଲୋଚନା କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଓଜେସୀ ମହିଳା ନେତ୍ରୀ ପ୍ରଣତୀ ତ୍ରିପାଠୀ, ଜ୍ୟୋସ୍ନାମୟୀ ରାୟ, ଜାନକୀ ସିଂ, ପ୍ରମିଳା ଜେନା, ସିମା ପାତ୍ର ଓ ପ୍ରତାପ ଦାସ, ସେକ୍ ବଦ୍ରିଉଦ୍ଦିନ୍, ବିଦ୍ୟାଧର ଜେନା(ଟୁଟୁ),ପ୍ରଦୀପ ସେଠୀ, ପ୍ରମୁଖ ଦୃଢ଼ ସମାଲୋଚନା କରିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୋମବାର ସାକ୍ଷାତ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ସାଥୀରେ ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅଣନାତୁଣୀ ତଥା ବିଶିଷ୍ଟ ଶିକ୍ଷାବିତ୍ ସ୍ମିତା ଦାସ ।

### ଓୟୁଏଟିର ୬୫ତମ ପ୍ରତିଷ୍ଠା ଦିବସ

# ଚାଷୀଙ୍କ ସ୍ୱପ୍ନ ପୂରଣ ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ): ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି)ର ୬୫ତମ ପ୍ରତିଷ୍ଠା ଦିବସ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ କୃଷି ଶିକ୍ଷା ସଦନଠାରେ ଆଜି ଅନୁଷ୍ଠିତ ହୋଇଛି। ଉଦଘାଟନୀ ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା ଓୟୁଏଟିର ଉପକୁଳାଧିପତି କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ନିଜ ଉଦବୋଧନରେ କହିଛନ୍ତି ଯେ ଚାଷୀଙ୍କ ସ୍ୱପ୍ନ ପୂରା କରିବା ପାଇଁ ସରକାର ସଂକଳ୍ପବଦ୍ଧ। ବର୍ତ୍ତମାନ ସମୟରେ ଚାଷୀଙ୍କ ଅଭାବ ପୂରଣ ପାଇଁ ପ୍ରତିଟି ଦିଗରେ ନାନାଦି ଯୋଜନା ଚାଷୀଙ୍କ ସ୍ୱପ୍ନ ପୂରଣ ପାଇଁ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ମତ ବ୍ୟକ୍ତ କରିଛନ୍ତି।




ଚାଷୀଙ୍କ ପାଇଁ ଆବଶ୍ୟକତା ଅନୁଯାୟୀ ସାର ମହଜୁଦ ଥିବାରୁ କୌଣସି ଚାଷୀ ବ୍ୟତିବ୍ୟସ୍ତ ନ ହେବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ସମୃଦ୍ଧ, ସଶକ୍ତ ଓ ଶ୍ରେଷ୍ଠ ଓଡିଶା ଗଠନ ଦିଗରେ ଚାଷ ଓ ଚାଷୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବଶକ୍ତିକୁ ଆଗେଇ ନେଇ କୃଷି କ୍ଷେତ୍ରରେ ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ସମସ୍ତେ ଚେଷ୍ଟା କରିବାକୁ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ଏବଂ ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ନିଜ ଅଭିଭାଷଣରେ କହିଛନ୍ତି। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ ବିଶ୍ୱବିଦ୍ୟାଳୟରେ ନବସୃଜନକୁ ଗୁରୁତ୍ୱ ଦେବା ଉପରେ ମତ ରଖିଛନ୍ତି। ବୈଜ୍ଞାନିକ ଦୃଷ୍ଟିକୋଣ ଓ ଜଳବାୟୁ ସହନଶୀଳ ଚାଷ ହାତକୁ ନେବାକୁ ଅନୁରୋଧ କରିଛନ୍ତି। ସ୍ମାର୍ଟ ଚାଷ ସହ ମିଶ୍ରିତ ଚାଷକୁ ଆପଣେଇ ସରକାରୀ ଯୋଜନାର ସୁଫଳ ଗ୍ରହଣ କରିବାକୁ ମତ ରଖିଛନ୍ତି। ଜୈବପ୍ରଯୁକ୍ତି, ଡ୍ରୋନ୍, ରୋବୋଟିକ୍ସ ଓ ସେନ୍ସର୍ ଆଧାରିତ ପ୍ରଯୁକ୍ତି ଭବିଷ୍ୟତର ପ୍ରଯୁକ୍ତିଗତ ଦିଗଦର୍ଶକ ହେବ ବୋଲି ସେ କହିଛନ୍ତି।

## ବିନା ଲାଇସେନ୍ସରେ ମଦ ବିକ୍ରି, ୩ ଗିରଫ

ଦିଗପହଣ୍ଡି,୨୪।୮ (ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲାର ଚିକିଟି ବ୍ଲକ ଚାନ୍ଦପୁର ଗ୍ରାମ ବଜାରରେ ଚିକିଟି ଏସ୍‌ଡିପିଓ ବିଶ୍ୱାମିତ୍ର ହରପାଲ, ଚିକିଟି ଫାଣ୍ଡି ଅଧିକାରୀ ଏସ୍ଆଇ ଗୌତମ ସାହୁ, ହାବିଲଦାର କିଶୋର ନାୟକ, କନଷ୍ଟେବଲ ବାବୁଲା ସାହୁ, ସତୀଶ କୁମାର ସ୍ୱାଇଁ, ବାବୁଲା ନାୟକ ସଦଳବଳ ଅତର୍କିତ ଚଢ଼ାଉ କରି ବିନା ଲାଇସେନ୍ସରେ ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ୩ ବ୍ୟବସାୟୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ନିକଟରୁ ବିଭିନ୍ନ ବ୍ରାଣ୍ଡର ୫୯ ବୋତଲରେ ଥିବା ୨୪ ଲିଟର ୬୭୦ ମିଲି ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଫାଣ୍ଡି ଅଧିକାରୀଙ୍କ ଏତଲା କ୍ରମେ କେ. ନୂଆଗାଁ ଥାନାରେ ପୃଥକ ମାମଲା ରୁଜୁ ହୋଇଥିବା ଆଇଆଇସି ବିଶ୍ୱଜିତ ନାୟକ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ କୋର୍ଟରେ ହାଜର କରାଯିବା ପରେ ସେମାନଙ୍କୁ ସର୍ତ୍ତମୂଳକ ଜାମିନରେ ଛାଡ଼ିଯାଇଥିବା ଜଣାପଡ଼ିଛି।

## ଶୋଇଥିଲେ ମହିଳା, ଭୁଶୁଡ଼ିଲା କାନ୍ଥ



ଗୁଣପୁର,୨୪।୮ (ସଂଚାର ବ୍ୟୁରୋ): ଲଘୁଚାପଜନିତ ଲଗାଣ ବର୍ଷା ଫଳରେ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ କଣ୍ଡାଜାମ ଗ୍ରାମରେ ଜଣେ ମହିଳାଙ୍କ ଉପରେ କାନ୍ଥ ଭୁଶୁଡ଼ି ପଡ଼ିଥିଲା। ତେବେ ଏହି ଘଟଣାରେ ମହିଳା ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଦ୍ରୌପଦୀ ମଣ୍ଡାଙ୍ଗୀ ଶୋଇଥିବା ବେଳେ ହଠାତ କାନ୍ଥ ଭୁଶୁଡ଼ି ତାଙ୍କ ଉପରେ ପଡ଼ିଯାଇଥିଲା। ହେଲେ ସୌଭାଗ୍ୟବଶତଃ ସେ ବର୍ତ୍ତିଯାଇଛନ୍ତି। ତାଙ୍କର ବିଶେଷ କୌଣସି କ୍ଷତି ହୋଇନାହିଁ। ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଶାସନ ପକ୍ଷରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ପରେ ସେ ସୁସ୍ଥ ଥିବା ଜଣାପଡ଼ିଛି। ଘଟଣା ପରେ ତାଙ୍କୁ ରାଜସ୍ୱ ବିଭାଗ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି।

## ଭିଜିଲାନ୍ସ ଜାଲରେ ବରିଷ୍ଠ ରାଜସ୍ୱ ସହାୟକ

### ୩ କୋଟିର ସରକାରୀ ଅର୍ଥ ହେରଫେର ମାମଲାରେ ଚଢ଼ାଉ



ଜଗତସିଂପୁର,୨୪।୮ (ସଂଚାର ବ୍ୟୁରୋ): ୩ କୋଟିରୁ ଅଧିକ ଟଙ୍କାର ସରକାରୀ ଅର୍ଥ ହେରଫେର ଅଭିଯୋଗରେ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ତିର୍ତ୍ତୋଲ ବ୍ଲକ୍‌ର ପୂର୍ବତନ ବରିଷ୍ଠ ରାଜସ୍ୱ ସହାୟକ (ଏସ୍ଆର୍ଏ) ଭଞ୍ଜ କିଶୋର ବେହେରା। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ସହ ଜଡ଼ିତ ଜଗତସିଂହପୁରରେ ୬ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। କଟକ ଭିଜିଲାନ୍ସ ଥାନାରେ ରୁଜୁ ହୋଇଥିବା ମାମଲାରେ ଦୁର୍ନୀତି ନିବାରଣ ଆଇନ, ୨୦୧୮ ଅନୁଯାୟୀ ଏହି ତଲାସୀ ଜାରି ରହିଛି। ଶ୍ରୀ ବେହେରା ବର୍ତ୍ତମାନ ନାଉଗାଁ ତହସିଲରେ ବରିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଛନ୍ତି। ଭିଜିଲାନ୍ସ ଟିମ୍ ଜଗତସିଂହପୁର ଜିଲ୍ଲାର ପାଟେଣିଗାଁରେ ଥିବା ତାଙ୍କର ପ୍ରାୟ ୭ ହଜାର ବର୍ଗଫୁଟର ଦୁଇ ମହଲା ଆବାସିକ କୋଠା, ପ୍ରାୟ ୪ ହଜାର ବର୍ଗଫୁଟର ଟେଷ୍ଟ ହାଉସ୍ ଓ ପ୍ରାୟ ୩ ହଜାର ବର୍ଗଫୁଟର ଅନ୍ୟ ଏକ ଦୁଇ ମହଲା କୋଠାରେ ତଲାସୀ କରୁଛି। ଏହାଛଡ଼ା ନାଉଗାଁ ତହସିଲ କାର୍ଯ୍ୟାଳୟରେ ଥିବା ଶ୍ରୀ ବେହେରାଙ୍କ ବର୍ତ୍ତମାନର ଅଫିସ୍ ଓ ପୂର୍ବରୁ ସେ କାର୍ଯ୍ୟରତ ଥିବା ତିର୍ତ୍ତୋଲ ବିଡ଼ିଓ କାର୍ଯ୍ୟାଳୟରେ ମଧ୍ୟ ଭିଜିଲାନ୍ସ ଯାଞ୍ଚ ଜାରି ରହିଛି। ରଘୁନାଥପୁର ଥାନା ଅଧୀନ ସାନକୋରକୋରା ଗାଁରେ ଥିବା ତାଙ୍କ ଜଣେ ସମ୍ପର୍କୀୟଙ୍କ ଘରେ ମଧ୍ୟ ତଲାସୀ କରାଯାଉଛି। ଚଢ଼ାଉ ସମୟରେ ଶ୍ରୀ ବେହେରାଙ୍କ ଘରୁ ୨୧୦ ଗ୍ରାମ୍ ଓଜନର ସୁନାଗହଣା, ଗୋଟିଏ ଚାରିଚକିଆ ଆଦି ଜବତ କରାଯାଇଛି। ଏଥିସହ ତାଙ୍କର ବିଭିନ୍ନ ବ୍ୟାଙ୍କ୍‌ରେ ୧୨.୬ ଲକ୍ଷ ଟଙ୍କା ଜମା ଥିବା ବେଳେ ୫.୫୬ ଲକ୍ଷ ଟଙ୍କାର ଆସବାବପତ୍ର ଜବତ କରାଯାଇଛି। ତାଙ୍କର ମୋଟ ସମ୍ପତ୍ତିର ପରିମାଣ ପାଖାପାଖି ୨ କୋଟି ଟଙ୍କା ଆକଳନ କରାଯାଇଛି।

## ବିଲରେ କାମ କରୁଥିଲେ, ବିଦ୍ୟୁତ୍ ଆଘାତରେ ଚାଲିଗଲେ

ଜଗତସିଂହପୁର,୨୪।୮ (ସଂଚାରବ୍ୟୁରୋ): ବିଲରେକାମ କରୁଥିବା ସମୟରେ ବିଦ୍ୟୁତ୍ ଆଘାତରେ ଦୁଇ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ହେଲେ ଅଜୟ କୁମାର ସାହୁ ଓ ସାଗର ଭୋଇ। ମିଳିଥିବା ସୂଚନାନୁସାରେ, ବିଲରେ ଟ୍ରାକ୍ଟର ଯୋଗେ ହଲ କରି ଫେରୁଥିବା ସମୟରେ ଟ୍ରାକ୍ଟରର ରୋଟର ମାଟି ତଳେ ଲିଫ୍ଟ ଇରିଗେସନ ପମ୍ପକୁ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଦୁଇ ଯୁବକ ବିଦ୍ୟୁତ୍ ଆଘାତରେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ଘଟଣା ଦେଖି ସ୍ଥାନୀୟ ଲୋକେ ବିଦ୍ୟୁତ୍ ସଂଯୋଗ କାଟି ଦୁଇ ଜଣଙ୍କୁ ଉଦ୍ଧାର କରି ଜଗତସିଂହପୁର ସଦର ମେଡିକାଲକୁ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ଦୁଇ ଜଣଙ୍କୁ ମୃତ ଘୋଷଣା କରିଥିଲେ।

### ବର୍ଷା ଓ ବନ୍ୟା ପରିସ୍ଥିତି ନେଇ ରାଜ୍ୟ ସରକାର ସଜାଗ

# ପରିସ୍ଥିତି ଉପରେ ୨୪ ଘଣ୍ଟା ପ୍ରଶାସନର ନଜର



ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ): ରାଜ୍ୟରେ ଲଘୁଚାପଜନିତ ବର୍ଷା ଓ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ନିରନ୍ତର ନଜର ରଖିଛନ୍ତି। ଆଜି ପୂର୍ବାହ୍ନ ୧୧ଟା ସୁଦ୍ଧା ପ୍ରାପ୍ତ ସ୍ଥିତି ଅନୁଯାୟୀ, ସମଗ୍ର ପରିସ୍ଥିତିକୁ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର ପକ୍ଷରୁ ୨୪ ଘଣ୍ଟା ନିରୀକ୍ଷଣ କରାଯାଉଛି। ସମ୍ପ୍ରତି ସ୍ଥିତି ନିୟନ୍ତ୍ରଣାଧୀନ ରହିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଉତ୍ତର ଉପକୂଳ ଓଡ଼ିଶା ଏବଂ ସଂଲଗ୍ନ ଅଞ୍ଚଳ ଉପରେ ସୃଷ୍ଟ ଲଘୁଚାପ କ୍ଷେତ୍ର ବର୍ତ୍ତମାନ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ସଂଲଗ୍ନ ଅଞ୍ଚଳ ଉପରେ ରହିଛି। ଏହା ଆଗାମୀ ୨୪ ଘଣ୍ଟାରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ଏଥିସହ ଏହି ଜିଲ୍ଲାଗୁଡ଼ିକରେ ବଜ୍ରପାତ ସହ ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ଏଥିସହ ବାଲେଶ୍ୱର, ଦେବଗଡ଼, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ ଓ ନୟାଗଡ଼ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି।

ସେହିପରି ଗତ ୨୪ ଘଣ୍ଟାରେ ରାଜ୍ୟର ହାରାହାରି ବର୍ଷା ପରିମାଣ ୩୨.୯ ମିମି. ରେକର୍ଡ କରାଯାଇଛି। କେନ୍ଦୁଝର ଜିଲ୍ଲାର ଯୋଡ଼ା ବ୍ଲକରେ ସର୍ବାଧିକ ୧୬୯.୪ ମିମି ହୋଇଛି। ୮ଟି ବ୍ଲକ୍ ଓ ଗୋଟିଏ ପୌରାଞ୍ଚଳରେ ୧୦୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ୭୩ଟି ବ୍ଲକ୍ ଓ ୪ଟି ପୌରାଞ୍ଚଳର ୬ଟି ଷ୍ଟେସନରେ ୫୦ରୁ ୧୦୦ ମିମି ମଧ୍ୟରେ ବର୍ଷା ହୋଇଛି। ଗତ ୧ରୁ ଆଜି ପର୍ଯ୍ୟନ୍ତ ରାଜ୍ୟର ସଞ୍ଚିତ ବର୍ଷା ପରିମାଣ ୩୨୭.୦ ମିମି ରହିଛି, ଯାହା ସ୍ୱାଭାବିକ ୨୭୫.୬ ମିମି ତୁଳନାରେ ୧୮.୬ ପ୍ରତିଶତ ଅଧିକ। ସେହିପରି ଗତ ଜୁନ୍ ୧ରୁ ଆଜି ପର୍ଯ୍ୟନ୍ତ ସଞ୍ଚିତ ବର୍ଷା ୧୦୮୩.୨ ମିମି ରହିଛି, ଯାହା ସ୍ୱାଭାବିକଠାରୁ ୩୨.୧ ପ୍ରତିଶତ ଅଧିକ। ଆଖୁଆପଦାଠାରେ ବୈତରଣୀ ଓ ମଥାନିଠାରେ ଜଳକା ନଦୀର ଜଳପତନ ସ୍ତର ଆଜି ସକାଳ ୯ଟା ସୁଦ୍ଧା ସତର୍କ ସ୍ତରଠୁଁ ସାମାନ୍ୟ ଅଧିକ ରହିଛି। ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ୨ଟି ବ୍ଲକ (ଭୋଗରାଇ ଓ ବାଲିଆପାଳ), ଭଦ୍ରକର ୩ଟି (ତିହିଡ଼ି, ଚାନ୍ଦବାଲି), ଯାଜପୁରର ୫ଟି (ଦଶରଥପୁର, ବରୀ, ରସୁଲପୁର, ବିଞ୍ଝାରପୁର, ଯାଜପୁର), କେନ୍ଦ୍ରାପଡ଼ାର ୫ଟି (ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା), କଳାହାଣ୍ଡିର ୫ଟି (ଥୁଆମୂଳ ରାମପୁର, ଜୟପାଟଣା, କଳମପୁର, କୋକସରା, ଜୁନାଗଡ଼) ଓ କୋରାପୁଟର ଗୋଟିଏ ବ୍ଲକ୍ (କୋଟପାଡ଼) ପ୍ରଭାବିତ ହୋଇଛି।

## ଅସୁରକ୍ଷିତ ବସ୍‌ରେ ଛାତ୍ରଛାତ୍ରୀ ପରିବହନ, ୩ ବସ୍ ସିଜ୍




ବାଙ୍କୀ,୨୪।୮ (ସଂଚାର ବ୍ୟୁରୋ): ଅସୁରକ୍ଷିତ ବସ୍‌ରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ପରିବହନ କରାଯାଉଥିବା ଅଭିଯୋଗରେ କଟକ ପରିବହନ ବିଭାଗ ବାଙ୍କୀ ଅଞ୍ଚଳରୁ ୩ଟି ଗାଡ଼ି ଜବତ କରିଛି। ଜବତ ଗାଡ଼ିଗୁଡ଼ିକର ଫିଟନେସ୍ ଓ ବୀମା ନ ଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଡମପଡ଼ା ବ୍ଲକ୍ ଅନ୍ତର୍ଗତ ଗୋବିନ୍ଦପୁର ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରଙ୍କ ପରିବହନ ପାଇଁ 'ଆଦିତ୍ୟ' ନାମରେ ଦୁଇଟି ଘରୋଇ ବସ୍ ନିୟୋଜିତ ହୋଇଥିଲା। ତେବେ ଏହି ବସ୍‌ଗୁଡ଼ିକ ଆବଶ୍ୟକ କାଗଜପତ୍ର ବିନା ଚଳାଚଳ କରୁଥିବା ଅଭିଯୋଗ ହୋଇଥିଲା। ଖବର ପାଇ କଟକ ପରିବହନ ବିଭାଗର ଅଧିକାରୀମାନେ ଆଜି ଜାତମୁଣ୍ଡିଆ ଛକ ନିକଟରେ ଚଢ଼ାଉ କରି ଦୁଇଟି ବସ୍‌କୁ ଜବତ କରିଥିଲେ। ପରେ ବସ୍ ଦୁଇଟିକୁ ବାଙ୍କୀ ଥାନାକୁ ନିଆଯାଇଥିଲା। ଏଥିସହ ଅନ୍ୟ ଏକ ଗାଡ଼ି ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି।

ସମସ୍ତ ଆବଶ୍ୟକ ଦସ୍ତାବିଜ ଯାଞ୍ଚ କରାଯିବା ପରେ ନିୟମ ଅନୁଯାୟୀ ଜରିମାନା ଆଦାୟ ସହ ଆବଶ୍ୟକ ଆଇନଗତ ପଦକ୍ଷେପ ନିଆଯିବ ବୋଲି କଟକ ପରିବହନ ବିଭାଗର ଇନ୍ସପେକ୍ଟର ରଞ୍ଜନ କୁମାର ଦୋରା କହିଛନ୍ତି। ଏହି ବସ୍‌ଗୁଡ଼ିକ ପୂର୍ବରୁ ମଧ୍ୟ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗ ରହିଛି। ଗତବର୍ଷ ଡିସେମ୍ବରରେ ମଧ୍ୟ ଏହି ବସ୍‌ଗୁଡ଼ିକୁ ଜବତ କରାଯାଇ ବାଙ୍କୀ ଥାନାରେ ଅଟକ ରଖାଯାଇଥିଲା। ସ୍କୁଲ ଛାତ୍ରୀଛାତ୍ରଙ୍କ ସୁରକ୍ଷିତ ଯାତାୟାତକୁ ନେଇ ପରିବହନ ବିଭାଗର ଏଭଳି ଚଢ଼ାଉକୁ ସ୍ଥାନୀୟ ଅଭିଭାବକମାନେ ସ୍ୱାଗତ କରିଛନ୍ତି।

## ବ୍ରାଉନ୍‌ସୁଗର୍ ଜବତ, ମହିଳା ଗିରଫ

ସଜନାଗଡ଼,୨୪।୮ (ସଂଚାର ବ୍ୟୁରୋ): ନୀଳଗିରି ଅବକାରୀ ଟିମ୍ ଦ୍ୱାରା ୧୮୦ ଗ୍ରାମ ଓଜନର ବ୍ରାଉନ୍‌ସୁଗର୍ ଜବତ କରାଯିବା ସହ ଜନୈକା ମହିଳାଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନ୍‌ସୁଗର୍‌ର ମୂଲ୍ୟ ଆନୁମାନିକ ୧୮ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ମିଳିଥିବା ସୂଚନାନୁସାରେ, ନୀଳଗିରି ଥାନା ଓ ନୀଳଗିରି ଅବକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ଦକ୍ଷିଣ ନରସିଂହପୁର ଛକଠାରେ ନୀଳଗିରି ଅବକାରୀ ବିଭାଗ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଗିରଫ ହୋଇଥିବା ମହିଳା ବେପାରୀ ଜଣଙ୍କ ହେଲେ ଦକ୍ଷିଣ ନରସିଂହପୁର ଗ୍ରାମର ନରେନ୍ଦ୍ର ମଲ୍ଲିକଙ୍କ ସ୍ତ୍ରୀ ମିନତୀ ମଲ୍ଲିକ (୪୦)। ତାଙ୍କୁ ଗିରଫ କରି ନୀଳଗିରି ଅବକାରୀ କାର୍ଯ୍ୟାଳୟକୁ ଅଣାଯାଇଥିଲା। ପରେ ତାଙ୍କ ନାମରେ ଏକ ଅବକାରୀ ମାମଲା ରୁଜୁ କରାଯାଇ କୋର୍ଟରେ ହାଜର କରାଯାଇଥିଲା।

### ବ୍ୟବହୃତ ଜଳ ପରିଚାଳନା ଉପରେ ବୈଷୟିକ ସମ୍ମିଳନୀ

# ସ୍ଥାୟୀ ପୁନଃବ୍ୟବହାର ଓ ସମ୍ପଦ ପୁନରୁଦ୍ଧାରକୁ ଗୁରୁତ୍ୱ

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ): ଓଡ଼ିଶା ଅର୍ବାନ କନକ୍ଲେଭ୍-୨୦୨୬ ଅଂଶବିଶେଷ ଭାବେ ବ୍ୟବହୃତ ଜଳ ପରିଚାଳନା ଉପରେ ଆୟୋଜିତ ବୈଷୟିକ ସମ୍ମିଳନୀ ସ୍ଥାନୀୟ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ବ୍ୟବହୃତ ଜଳ ପରିଚାଳନାର ବର୍ଦ୍ଧିତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।




ଏହି ଅବସରରେ ନଗର ଉନ୍ନୟନ ମନ୍ତ୍ରୀ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶୋଧିତ ବର୍ଜ୍ୟଜଳ ଏବଂ କାଦୁଅ/ଅବଶେଷର ନିରାପଦ ଓ ମିତବ୍ୟୟୀ ପରିଚାଳନା ଉପରେ ଜୋର ଦେଇଥିଲେ। ଏଥିସହ ବର୍ଜ୍ୟଜଳକୁ ଆବର୍ଜନା ପରିବର୍ତ୍ତେ ଏକ ମୂଲ୍ୟବାନ ସମ୍ପଦରେ ପରିଣତ କରିପାରୁଥିବା ସମାଧାନ ଉପରେ ଅଧିକ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ। ସହରାଞ୍ଚଳ ବର୍ଜ୍ୟଜଳ ପରିଚାଳନାର ଆହ୍ୱାନଗୁଡ଼ିକୁ ମୁକାବିଲା କରିବା ପାଇଁ ସରକାରୀ ସଂସ୍ଥା, ବୈଷୟିକ ପ୍ରତିଷ୍ଠାନ, କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତାକୁ ମନ୍ତ୍ରୀ ଡଃ ମହାପାତ୍ର ଦର୍ଶାଇଥିଲେ। କେବଳ ବର୍ଜ୍ୟଜଳ ବିଶୋଧନ ଓ ନିଷ୍କାସନ ମଧ୍ୟରେ ସୀମିତ ନ ରହି ବିଶୋଧିତ ଜଳର ଯୋଜନାବଦ୍ଧ ଏବଂ ନିରାପଦ ପୁନଃବ୍ୟବହାର ଦିଗରେ ଅଗ୍ରସର ହେବା ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ବିଶୋଧିତ ଜଳର ପ୍ରଭାବଶାଳୀ ପୁନଃବ୍ୟବହାରକୁ ସହଜ କରିପାରୁଥିବା ବ୍ୟାବହାରିକ, ସ୍ଥାୟୀ ତଥା ବ୍ୟାପକ ସମାଧାନ ବିକଶିତ କରିବାକୁ ସେ ପ୍ରଯୁକ୍ତିବିତ୍ ଓ ବୃତ୍ତିଧାରୀଙ୍କୁ ଆହ୍ୱାନ ଦେଇଥିଲେ।

### ● ଶ୍ରାବଣ ଶେଷ ସୋମବାରରେ ପୂରଣ ହେଲା କପିଳେଶ୍ୱର ମନ୍ଦିରକୁ ସିଧା ରାସ୍ତା ଦାବି

# ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲେ ଅପରାଜିତା

ଭୁବନେଶ୍ୱର,୨୪।୮ (ସଂଚାର ବ୍ୟୁରୋ): ଆଜି ଶ୍ରାବଣର ଶେଷ ସୋମବାର ଏକାମ୍ର ଭୁବନେଶ୍ୱର ଅଞ୍ଚଳର ପ୍ରସିଦ୍ଧ ଶୈବ ପୀଠ କପିଳେଶ୍ୱର ମନ୍ଦିରର ସେବାୟତ ଓ ଅଞ୍ଚଳବାସୀଙ୍କର ଦୀର୍ଘଦିନର ଦାବି ପୂରଣ ହୋଇଛି। ଗଙ୍ଗୁଆ ନାଳ ଉପରେ ଏକ ସେତୁ ନିର୍ମାଣ ସହ କପିଳେଶ୍ୱର ମନ୍ଦିରକୁ ସିଧାସଳଖ ସଂଯୋଗ କରୁଥିବା ପାଖାପାଖି ୨ କିମି ଲମ୍ବ ଏକ ରାସ୍ତା ନିର୍ମାଣ ପାଇଁ ମିଳିଛି ମଞ୍ଜୁରୀ। ଏହି ପ୍ରକଳ୍ପ ପାଇଁ ମୋଟ ୨୪ କୋଟି ୯୧ ଲକ୍ଷ ଟଙ୍କା ବ୍ୟୟ ହେବାକୁ ବେଳେ ଏହାଦ୍ୱାରା ବହୁ ପର୍ଯ୍ୟଟକ ଓ ଭକ୍ତ ସିଧାସଳଖ ଏହି ଶୈବ ମନ୍ଦିରକୁ ଆସିପାରିବେ। ପୂର୍ତ୍ତ ବିଭାଗ ଦ୍ୱାରା ଯଥାଶୀଘ୍ର ଏହି କାର୍ଯ୍ୟ ଆରମ୍ଭ ହେବ। ରାସ୍ତା ନିର୍ମାଣ ସମେତ ଏହି ଶୈବ ପୀଠର ବିକାଶ, ରକ୍ଷଣାବେକ୍ଷଣା, ନବୀକରଣ ଓ ସୌନ୍ଦର୍ଯ୍ୟକରଣ ମଧ୍ୟ କରାଯିବ।

ସ୍ଥାନୀୟ ଲୋକଙ୍କ ଦାବିକୁ ନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଦିଆଯାଇଥିବା ଦୀର୍ଘଦିନର ପ୍ରସ୍ତାବକୁ ରାଜ୍ୟ ସରକାର ଅନୁମୋଦିତ ଦେଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଶ୍ରୀମତୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଛନ୍ତି। ଗତ ୨୦୨୪ ଡିସେମ୍ବର ୨୪ ଓ ଗତ ଜୁଲାଇ ୧୫ରେ ଶ୍ରୀମତୀ ଷଡ଼ଙ୍ଗୀ ଓ ସ୍ଥାନୀୟ ବିଧାୟକ ବାବୁ ସିଂହ କପିଳେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ସେତେବେଳେ ମନ୍ଦିରର ସେବାୟତ ଓ ସ୍ଥାନୀୟ ଅଞ୍ଚଳବାସୀ ଏହି ରାସ୍ତା ଓ ସେତୁ ନିର୍ମାଣ ପାଇଁ ଦାବି କରିଥିଲେ। ସମସ୍ତଙ୍କ ଅନୁରୋଧ କ୍ରମେ ଓ ସାଂସଦଙ୍କ ପ୍ରୟାସରେ କପିଳେଶ୍ୱର ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍ଆଇକୁ ହସ୍ତାନ୍ତର କରାଯାଇଥିଲା। ଏହାକୁ ନେଇ ମନ୍ଦିରର ପୁନରୁଦ୍ଧାର ଓ ନବୀକରଣ ପାଇଁ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅର୍ଥ ମଞ୍ଜୁର ହୋଇଛି।



# କେନ୍ଦ୍ରାଞ୍ଚଳ ପୁଲିସ୍‌ର ସଫଳ ରଣନୀତି

- ● ସୁରୁଖୁରୁରେ ସରିଲା ଶ୍ରାବଣ ମେଳା
- ● ବ୍ୟାପକ ପୁଲିସ୍ ବ୍ୟବସ୍ଥାକୁ ପ୍ରଶଂସା

କଟକ,୨୪।୮ (ସଂଚାର ବ୍ୟୁରୋ): ପବିତ୍ର ଶ୍ରାବଣର ଚତୁର୍ଥ ସୋମବାରରେ କାଉଡ଼ିଆ ଭକ୍ତଙ୍କ ବିଶାଳ ସମାଗମକୁ ଦୃଷ୍ଟିରେ ରଖି ଓଡ଼ିଶା କେନ୍ଦ୍ରୀୟ ରେଞ୍ଜ ଅଧୀନରେ ଥିବା ଜିଲ୍ଲାଗୁଡ଼ିକ ବିଶେଷକରି ଧବଳେଶ୍ୱର ମନ୍ଦିର ଉପରେ ବିଶେଷ ଧ୍ୟାନ ଦେଇ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଥିଲା। ଫଳରେ ବହୁସଂଖ୍ୟକ କାଉଡିଆ ମହାନଦୀ, ପ୍ରାଚୀ, ଭାର୍ଗବୀ ଆଦି ନଦୀରୁ ପବିତ୍ର ଜଳ ନେଇ ଶ୍ରାବଣର ଶେଷ ସୋମବାରରେ ବିଭିନ୍ନ ଶିବ ମନ୍ଦିରରେ ସୁରୁଖୁରୁରେ ଜଳଲାଗି କରିପାରିଥିଲେ। ପ୍ରଭାବଶାଳୀ ଭିଡ଼ ପରିଚାଳନା, ଟ୍ରାଫିକ୍ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷା ଓ ଯେକୌଣସି ଅପ୍ରୀତିକର ଘଟଣା ରୋକିବା ସହ ପ୍ରଭୁ ଧବଳେଶ୍ୱରଙ୍କ ଦର୍ଶନକୁ ସୁଗମ ଓ ଶାନ୍ତିପୂର୍ଣ୍ଣ କରିବା। ଭକ୍ତଙ୍କ ଧାର୍ମିକ ଭାବନାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଥିଲା। ଫଳରେ ମହିଳା, ଶିଶୁ ଓ ବୃଦ୍ଧ ବ୍ୟକ୍ତିଙ୍କ ସମେତ ୨୦ ହଜାରରୁ ଅଧିକ ଭକ୍ତ ସୁରୁଖୁରୁରେ ବାବା ଧବଳେଶ୍ୱରଙ୍କର ଦର୍ଶନ କରିଛନ୍ତି। ପୁଲିସ୍ ପକ୍ଷରୁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା। ମଧ୍ୟରେ ମନ୍ଦିର ଆପ୍ରୋଚ ରୋଡ୍, ପ୍ରବେଶ/ପ୍ରସ୍ଥାନ ସ୍ଥାନ, ସେତୁ/ନଦୀ ପାର ହେଉଥିବା ସ୍ଥାନ, ପାର୍କିଂ ଜୋନ୍ ଓ ସମାଗମ ସ୍ଥାନଗୁଡ଼ିକରେ ସମସ୍ତ ପଦାଧିକାରୀଙ୍କ ସହ ୬ ପ୍ଲାଟୁନ୍ ଫୋର୍ସ ପର୍ଯ୍ୟାପ୍ତ ପରିମାଣରେ ମୁତୟନ। ଯାତାୟାତକୁ ନିୟନ୍ତ୍ରଣ କରିବା, ଭିଡ଼ ଓ ଦଳାଚକଟା ଭଳି ପରିସ୍ଥିତିକୁ ରୋକିବା ପାଇଁ ସ୍ୱତନ୍ତ୍ର ଭିଡ଼-ପରିଚାଳନା ଦଳ। ମହିଳା, ବୃଦ୍ଧ, ଶିଶୁ ଓ ଦିବ୍ୟାଙ୍ଗଙ୍କ ପାଇଁ ପୃଥକ ବ୍ୟବସ୍ଥା ଓ ସ୍ୱତନ୍ତ୍ର ଯତ୍ନ। ଜରୁରୀକାଳୀନ ଯାନବାହନର ଅବିରତ ଗତିବିଧି ସୁନିଶ୍ଚିତ କରିବା ପାଇଁ ସମସ୍ତ ଆପ୍ରୋଚ ରୋଡ୍‌ରେ ଟ୍ରାଫିକ୍ ଓ ପାର୍କିଂ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି। ଅସାମାଜିକ ତତ୍ତ୍ୱ, ପକେଟମାର ଓ ଦୁର୍ବୃତ୍ତଙ୍କ ଉପରେ ପୁଲିସ୍ କଡ଼ା ନଜର ରଖିଥିଲା। କେନ୍ଦ୍ରାଞ୍ଚଳ ଆଇଜିପି, ସିଆର,



ଏସ୍‌ପି, ଏସଡିପିଓ, ଚୌଦ୍ୱାର, ଆଇଆଇସି, ଗୁରୁଡ଼ିଝାଟିଆ ପିଏସ୍ ସମେତ ବରିଷ୍ଠ ଅଧିକାରୀ ସ୍ଥଳଭାଗରେ ବ୍ୟବସ୍ଥା ତଦାରଖ କରୁଛନ୍ତି।

ସେହିଭଳି ପୁରୀ ଜିଲ୍ଲାର ଶ୍ରୀ ଲୋକନାଥ ଦେବ ମନ୍ଦିର, ଯୋଡାଲିଙ୍ଗା ଶିବ ମନ୍ଦିର ଏବଂ ବାଲିକପିଳେଶ୍ୱର ମନ୍ଦିର, ଚନ୍ଦନପୁର ଥାନା ଏବଂ ୩ ନମ୍ବର ଜାତୀୟ ରାଜପଥ ପାଟ୍ରୋଲିଂ ଯାନ ଅଧୀନରେ ଭାର୍ଗବୀ ନଦୀ ଅଞ୍ଚଳରେ ସ୍ୱତନ୍ତ୍ର ପୁଲିସ୍ ନିୟୋଜିତ କରାଯାଇଥିଲା। କଟକ ଜିଲ୍ଲାର ଧବଳେଶ୍ୱର ବ୍ୟତୀତ, ସିଂହନାଥ ମନ୍ଦିର, ବଡ଼ମ୍ବା, ନୟାଗଡ ଜିଲ୍ଲାର ଲଡୁକେଶ୍ୱର ମନ୍ଦିର, ଶରଣକୁଳ ସମେତ ଜିଲ୍ଲାର ଅନ୍ୟ ୧୨ଟି ଶିବ ମନ୍ଦିର, ଜଗତସିଂହପୁର ଜିଲ୍ଲାର ୧୦ଟି ଥାନା ଅଧୀନରେ ଥିବା ଶିବ ମନ୍ଦିର, ତିର୍ତ୍ତୋଲ ଥାନା ଅଧୀନରେ ଆସୁଥିବା ଗୋରେଖନାଥ ମନ୍ଦିରରେ ଆବଶ୍ୟକ ପରିମାଣର ପୁଲିସ୍ ନିୟୋଜିତ ହୋଇତିଲେ। ଏହାଛଡ଼ା ଯାଜପୁରର ବଡ଼ଚଣା, ଧର୍ମଶାଳା, କୁଆଖିଆ, ଯାଜପୁର ଟାଉନ୍, ବିଞ୍ଝାରପୁର ଓ ପାଣିକୋଇଲି ଅଧୀନରେ ୭ଟି ସେକ୍ସନ୍ ପୁଲିସ୍ ନିୟୋଜିତ ହୋଇଥିଲେ। ଖୋର୍ଦ୍ଧା ଜିଲ୍ଲାରେ କାଉଡ଼ିଆଙ୍କ ଗତିବିଧି ସମ୍ପର୍କରେ ସମସ୍ତ ପୁଲିସ ଷ୍ଟେସନକୁ ସତର୍କ ଓ ସମ୍ବେଦନଶୀଳ କରାଯାଇଛି। କେନ୍ଦ୍ରାପଡ଼ା: ସମସ୍ତ ପୋଲିସ ଷ୍ଟେସନକୁ ସତର୍କ କରାଯିବା ସହିତ ରାଜକନିକା ପିଏସ୍ ଅଞ୍ଚଳ ଦେଇ ଆରଡି ଶିବ ମନ୍ଦିର, ଭଦ୍ରକ ଅଭିମୁଖେ ଯାତ୍ରା କରୁଥିବା ଭକ୍ତଙ୍କ ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା।

## ଷଡ଼ଙ୍ଗୀ ରେଞ୍ଜ୍‌ରେ ହାତୀ ମୃତଦେହ ଠାବ



ଢେଙ୍କାନାଳ,୨୪।୮ (ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାରେ ହାତୀ-ମଣିଷ ଲଢ଼େଇ ଥମିବାର ନାଁ ନେଉନାହିଁ। ପ୍ରତିଦିନ ଏହି ସଂଘର୍ଷରେ କେତେବେଳେ ହାତୀର ତ କେତେବେଳେ ମଣିଷର ମୃତ୍ୟୁ ଘଟୁଥିବା ବେଳେ ବହୁ ଧନଜୀବନ କ୍ଷୟକ୍ଷତି ମଧ୍ୟ ହେଉଛି। ଜିଲ୍ଲାରେ ୩ ଶହରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ଅଞ୍ଚଳରେ ଚଳପ୍ରଚଳ କରୁଥିବାରୁ ହାତୀ-ମଣିଷ ସଂଘର୍ଷ ବଢ଼ିଚାଲିଛି। ଆଜି ପୁଣି ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍‌ର ଷଡ଼ଙ୍ଗୀ ରେଞ୍ଜ ଅଞ୍ଚଳରୁ ଏକ ମାଈହାତୀର ମୃତଦେହ ଠାବ ହୋଇଛି। ଟୋଲରପଶି ବିଟ୍ ଅଧୀନସ୍ଥ ଶ୍ରୀମନ୍ତପୁର ଗ୍ରାମ ନୂଆ କଣ୍ଟିପାଳ ନିକଟରେ ବିଲ ମାଳ ମଧ୍ୟରେ ହାତୀଟିର ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ମୃତ ହାତୀଟିର ନିକଟରେ ସୋଲାର ତାର ବାଡ଼ ଭାଙ୍ଗି ପଡ଼ିଥିବା ଦେଖାଯାଇଛି। ଫଳରେ ସୋଲାର ତାର ବାଡ଼ ସଂସ୍ପର୍ଶରେ ଆସି ହାତୀଟିର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ପ୍ରାଥମିକ ଭାବେ ସନ୍ଦେହ କରାଯାଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ମୃତ ମାଈହାତୀଟି ଗର୍ଭବତୀ ଥିବାର ସୂଚନା ମିଳିଛି। ଯଦି ବିଦ୍ୟୁତ୍ ଆଘାତରେ ହାତୀଟିର ମୃତ୍ୟୁ ହୋଇଥାଏ, ତେବେ ଏହା ଏକ ଅତ୍ୟନ୍ତ ଚିନ୍ତାଜନକ ଘଟଣା।

● ବିଦ୍ୟୁତ ଆଘାତରେ ମୃତ୍ୟୁ ସନ୍ଦେହ

ଷଡ଼ଙ୍ଗୀ ରେଞ୍ଜ୍‌ରେ ମୋଟ ୪୦ଟି ହାତୀ ଥିବା ସୂଚନା ରହିଛି। ସେଥିମଧ୍ୟରୁ ୧୮ଟି ମାଈହାତୀ, ୧୩ଟି ଅଣ୍ଡିରା ହାତୀ ଓ ୯ଟି ଛୁଆ ହାତୀ ରହିଛନ୍ତି। ଏଭଳି ସ୍ଥିତିରେ ଗର୍ଭବତୀ ମାଈହାତୀର ମୃତ୍ୟୁ ହାତୀ ସୁରକ୍ଷାକୁ ନେଇ ଗମ୍ଭୀର ପ୍ରଶ୍ନ ଉଠାଇଛି। ଗ୍ରାମବାସୀଙ୍କଠାରୁ ଖବର ପାଇବା ପରେ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ହାତୀର ଦେହକୁ ଜବତ କରିବା ସହ ତା'ର ଶବ ବ୍ୟବଚ୍ଛେଦ କରାଯାଇଛି ଓ ତା'ର ମୃତଦେହକୁ ଗାତ ଖୋଳି ବିଭାଗ ପକ୍ଷରୁ ପୋତାଯାଇଛି। ଉକ୍ତ ହାତୀର ମୃତ୍ୟୁର କାରଣ କ'ଣ ହୋଇପାରେ ବୋଲି ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି। ଏହି ଘଟଣାରେ ଶ୍ରୀମନ୍ତପୁର ଗ୍ରାମର ମିନ ଗୁଇଆ ନାମକ ଜଣେ ଯୁବକଙ୍କୁ ବନ ବିଭାଗ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ହାତୀଟିର ମୃତ୍ୟୁ ବିଦ୍ୟୁତ୍ ଆଘାତରେ ହୋଇଛି ନା ଅନ୍ୟ କୌଣସି କାରଣରୁ, ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ତେବେ ବନାଞ୍ଚଳ ନିକଟରେ ବିଦ୍ୟୁତ୍ ଫେନ୍ସିଂ ଯୋଗୁଁ ହାତୀଙ୍କ ଜୀବନ ବିପଦରେ ଥିବାର ସାଧାରଣରେ ଅଭିଯୋଗ ହେଉଛି ଏଭଳି ଘଟଣା ବନ ବିଭାଗର ନିରୀକ୍ଷଣ ଓ ହାତୀ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କଠୋର ପଦକ୍ଷେପ ଓ ଏଭଳି ଘଟଣା ରୋକିବା ପାଇଁ ଦାବି ହେଉଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ୩୫ ହାଇଡ୍ରୋଜେନ ଟ୍ରେନ୍ ପାହାଡ଼ିଆ ଅଞ୍ଚଳରେ ଗଡ଼ିବ



ନୂଆଦିଲ୍ଲୀ,୨୪।୮: ଭାରତୀୟ ରେଲୱେର ପ୍ରଥମ ହାଇଡ୍ରୋଜେନ ଟ୍ରେନ ଶୁଭାରମ୍ଭକୁ ଗୋଟିଏ ମାସ ପୂରଣ ହୋଇଛି । ଏବେ ଏଭଳି ଅଧିକ ଟ୍ରେନ ଚଳାଇବା ଲକ୍ଷ୍ୟ ଦିଗରେ ସୁଲଭ ଗ୍ରୀନ ହାଇଡ୍ରୋଜେନ ବିକଳ୍ପ ଖୋଜୁଛି ରେଲୱେ । ୩୫ ହାଇଡ୍ରୋଜେନ ଟ୍ରେନ ଚଳାଇବା ନେଇ ପ୍ରାରମ୍ଭିକ ଲକ୍ଷ୍ୟ ରହିଛି। ଏହି ଟ୍ରେନ ଗୁଡିକ ମୁଖ୍ୟତଃ ଐତିହ୍ୟ ସମ୍ପନ୍ନ ଏବଂ ପାହାଡିଆ ଅଞ୍ଚଳରେ ଚାଲିବ । ରେଲୱେର ବିଦ୍ୟୁତୀକରଣ ସୁବିଧା ନ ଥିବା ସ୍ଥାନ ଗୁଡିକରେ ଏହା ଚଳାଚଳ କରିବ। କାର୍ଯ୍ୟଦକ୍ଷତା ବୃଦ୍ଧି ଓ ଖର୍ଚ୍ଚ ହ୍ରାସ ଲାଗି ରେଲୱେ ଅନେକ ପଦକ୍ଷେପ ଗ୍ରହଣ କରୁଛି। ଉତ୍ପାଦନକାରୀଙ୍କୁ ଅଫ୍‌ଟେକ୍ ଆସ୍ୟୁରାନ୍ସ ପ୍ରଦାନ ଏଥିରେ ସାମିଲ ରହିଛି । ଏହା ଦ୍ୱାରା ହାଇଡ୍ରୋଜେନ ଯୋଗାଣକାରୀଙ୍କ ସଂଖ୍ୟାରେ ବୃଦ୍ଧି ହୋଇପାରିବ । ସରକାରୀ ତଥ୍ୟ ଅନୁସାରେ, ଅଗଷ୍ଟ ଆରମ୍ଭ ସୁଦ୍ଧା ହାଇଡ୍ରୋଜେନ ଟ୍ରେନ ଗୁଡିକ ୨୫ ଶହ କିମିରୁ ଉର୍ଦ୍ଧ୍ୱ ବ୍ୟବସାୟିକ କାର୍ଯ୍ୟ ସମ୍ପାଦନ କରିଛନ୍ତି । ଭାରତ ବର୍ତ୍ତମାନ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ହାଇଡ୍ରୋଜେନ ଟ୍ରେନ ପରିଚାଳନା କରୁଛି । ଏହି ଟ୍ରେନ ଗୁଡିକ ୧୦ କୋଚ୍ ବିଶିଷ୍ଟ ଏବଂ ଏଥିରେ ୩୨୦୦ ଏଚ୍‌ପିର ପ୍ରପଲସିନ ସିଷ୍ଟମ ରହିଛି । ଏଭଳି ଟ୍ରେନ ଲାଗି ଭାରତ ସ୍ୱତନ୍ତ୍ର ଉତ୍ପାଦନ ଏବଂ ଯୋଗାଣ ଲାଗି ଫାସିଲିଟି ବିକଶିତ କରିଛି । ଟ୍ରେନଟି ପ୍ରୋଟନ ଏକ୍ସଚେଞ୍ଜ ମେମ୍ବ୍ରେନ (ପିଇଏମ୍) ଫୁଏଲ ସେଲ୍ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ପରିଚାଳିତ । ଏହି ଟେକ୍ନୋଲୋଜି ଜରିଆରେ ଉତ୍ପାଦିତ ବିଜୁଳି ସହାୟତାରେ ଟ୍ରେନ ଚାଲିଥାଏ । ଏଥିରୁ କେବଳ ଜଳୀୟ ବାଷ୍ପ ନିର୍ଗତ ହେଉଥିବାରୁ ଏହା ପ୍ରଦୂଷଣ ମୁକ୍ତ । ଗ୍ରୀନ ହାଇଡ୍ରୋଜେନ ଦାମ କମାଇବା ଲାଗି ସରକାର ନ୍ୟାଶନାଲ ଗ୍ରୀନ ହାଇଡ୍ରୋଜେନ ମିଶନ ଅଧିନରେ ୨୦୨୯-୩୦ ପର୍ଯ୍ୟନ୍ତ ୧୭୪୯୦ କୋଟି ଟଙ୍କା ବିନିଯୋଗ ଲକ୍ଷ୍ୟ ରଖିଛନ୍ତି । ଏହାବ୍ୟତୀତ ଇଲେକ୍ଟ୍ରୋଲାଇଜର ଉତ୍ପାଦନ ପାଇଁ ମଧ ପ୍ରୋତ୍ସାହନ ଦିଆଯାଉଛି । ଚଳିତ ବର୍ଷ ଫେବ୍ରୁଆରିରେ ଭାରତ କିଲୋଗ୍ରାମ ପିଛା ୨୭୯ ଟଙ୍କାର ସର୍ବନିମ୍ନ ଦରରେ ଗ୍ରୀନ ହାଇଡ୍ରୋଜେନ ହାସଲ କରି ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛି । ୨୦୩୦ ବେଳକୁ ବାର୍ଷିକ ୫ ନିୟୁତ ମେଟ୍ରିକ ଟନ୍ ଗ୍ରୀନ ହାଇଡ୍ରୋନ ଉତ୍ପାଦନ କ୍ଷମତା ସ୍ଥାପନ ନେଇ ଲକ୍ଷ୍ୟ ରଖିଛି ଘରୋଇ ବଜାର । ରେଲୱେର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ସୁଲଭ ଅକ୍ଷୟ ଶକ୍ତି ବ୍ୟବହାର ଏବଂ ସରକାରୀ ସହାୟତା ଯୋଗୁ ଆଗାମୀ ଦିନରେ ଏହି ଇନ୍ଧନ ଆହୁରି ଶସ୍ତା ହେବ । ଏହି ଯୋଜନା କେବଳ ଟ୍ରେନ ଚଳାଇବା ନୁହେଁ, ବଂର ଦେଶକୁ ଗ୍ରୀନ ହାଇଡ୍ରୋଜେନ ହବ୍ ଭାବେ ବିକଶିତ କରିବା ଏବଂ ଜଳବାୟୁ ପରିବର୍ତ୍ତନ ଲକ୍ଷ୍ୟ ହାସଲ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ମାସରେ ନର୍ଦନ ରେଲୱେ ଜିନ୍ଦ-ସୋନିପତ ସେକ୍ସନରେ ଦେଶର ପ୍ରଥମ ଗ୍ରୀନ ହାଇଡ୍ରୋଜେନ ଟ୍ରେନକୁ ଶୁଭାରମ୍ଭ କରିଥିଲେ । ବିଶ୍ୱର ମାତ୍ର କିଛି ଦେଶ ଏଭଳି ଟ୍ରେନ ଚଳାଉଛନ୍ତି । ଜର୍ମାନୀ ପ୍ରଥମ ଦେଶ ଭାବେ ଏଭଳି ପାସେଞ୍ଜର ଟ୍ରେନ ଚଳାଇଥିଲା । ଚୀନ ମଧ ଏଭଳି ଟ୍ରେନ ଚଳାଉଛି । ବିଶ୍ୱ ବଜାରରେ ଚାଲୁଥିବା ଏହି ବର୍ଗର ଟ୍ରେନ ଗୁଡିକରେ ମାତ୍ର ୨ରୁ ୩ ଟି କୋଚ୍ ରହିଥାଏ । ଭାରତରେ ଏହା ୧୦ ରହିଛି । ଫଳରେ ଭାରତ ବିଶ୍ୱର ଦୀର୍ଘତମ ଗ୍ରୀନ ହାଇଡ୍ରୋଜେନ ଟ୍ରେନ ଚଳାଉଥିବା ଦେଶ ଭାବେ ବିବେଚିତ ହୋଇଛି । ସେହିଭଳି ଚଳିତ ବର୍ଷ ଅମୃତ ଭାରତ ୩.୦ ଟ୍ରେନ ଏସି କୋଚ୍ ସହ ଆସିବ ।

## ଗହମ ରପ୍ତାନି ଉପରେ ହଟିଲା କଟକଣା

ନୂଆଦିଲ୍ଲୀ,୨୪।୮: ଭାରତ ସରକାର ଗହମ ରପ୍ତାନି ଉପରେ ଲାଗିଥିବା କଟକଣାକୁ ହଟାଇ ଦେଇଛନ୍ତି। ଡାଇରେକ୍ଟରେଟ ଜେନେରାଲ ଅଫ ଫରେନ ଟ୍ରେଡ (ଡିଜିଏଫ୍‌ଟି) ପକ୍ଷରୁ ଜାରି ନୋଟିଫିକେସନରେ ଏହି ନିଷ୍ପତ୍ତିର ସୂଚନା ଦିଆଯାଇଛି। ଏବେ ଡ୍ୟୁରମ କିସମର ଗହମ, ଅଟା ଏବଂ ଗହମରୁ ପ୍ରସ୍ତୁତ ଅନ୍ୟାନ୍ୟ ଉତ୍ପାଦର ରପ୍ତାନିକୁ ଅନୁମତି ମିଳିଛି। ଏହା ପୂର୍ବରୁ ଚଳିତ ବର୍ଷ ଫେବୃଆରୀରେ ସରକାର ସୀମିତ ପରିମାଣର ଗହମ ରପ୍ତାନିକୁ ଅନୁମତି ଦେଇଥିଲେ। ସୋମବାର ଜାରି ହୋଇଥିବା ଏହି ନୋଟିଫିକେସନ ପରେ ବିଶ୍ୱ ବଜାରରେ ଗହମର ଯୋଗାଣ ବଢ଼ିପାରେ। ଏହା ସହ ଗହମ ପାଇଁ ଅନ୍ୟ ଦେଶ ଉପରେ ନିର୍ଭରଶୀଳ ଦେଶଗୁଡ଼ିକୁ ମଧ ଆଶ୍ୱସ୍ତି ମିଳିପାରେ। ଭାରତ ଗହମ ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଉତ୍ପାଦକ। ଦେଶର ଗତ ଗହମ ଫସଲ ରେକର୍ଡ ୧୨୦.୬ ମିଲିୟନ ଟନ୍‌ରେ ପହଞ୍ଚିଥିଲା। ଦେଶରେ ଗହମ ଉତ୍ପାଦନ ଦୀର୍ଘଦିନ ଧରି ମଜବୁତ ରହିଛି। ତେବେ ୨୦୨୨ରୁ ସରକାର ବଡ଼ ପରିମାଣରେ ଗହମ ରପ୍ତାନି ଉପରେ କଟକଣା ଲଗାଇଥିଲେ। ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ଦେଶରେ ପର୍ଯ୍ୟାପ୍ତ ଗହମ ଉପଲବ୍ଧତା ବଜାୟ ରଖିବା ଏବଂ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଥିଲା। ଏବେ ପୁଣି ରପ୍ତାନିକୁ ଅନୁମତି ମିଳିଥିବାରୁ ଅନ୍ତର୍ଜାତୀୟ ବଜାରରେ ଭାରତୀୟ ଗହମର ଚାହିଦା ବଢ଼ିପାରେ। ଏହାର ଫାଇଦା ଭାରତୀୟ ଚାଷୀ ଓ ରପ୍ତାନିକାରୀମାନଙ୍କୁ ମଧ ମିଳିବାର ଆଶା ରହିଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ କଳା ସାଗର ଅଞ୍ଚଳରୁ ଗହମ ଓ ଅନ୍ୟାନ୍ୟ ଶସ୍ୟର ଯୋଗାଣ ପ୍ରଭାବିତ ହେଉଛି। କଳା ସାଗର ବିଶ୍ୱର ପ୍ରମୁଖ ଗହମ ରପ୍ତାନି ଅଞ୍ଚଳ ମଧ୍ୟରୁ ଅନ୍ୟତମ। ଏହାର ପ୍ରଭାବ ଅନ୍ତର୍ଜାତୀୟ ବଜାର ଉପରେ ମଧ ପଡୁଛି। ଏଭଳି ସମୟରେ ଭାରତରୁ ଗହମ ରପ୍ତାନି ବଢ଼ିଲେ ଏସିଆ, ଆଫ୍ରିକା ଏବଂ ପଶ୍ଚିମ ଏସିଆର ଗହମ ଆମଦାନୀ ଉପରେ ନିର୍ଭରଶୀଳ ଦେଶଗୁଡ଼ିକୁ ରାହତ ମିଳିପାରେ। ଯୁଦ୍ଧ ମଧ୍ୟରେ ଭାରତ ସରକାରଙ୍କ ଏହି ନିଷ୍ପତ୍ତି ବିଶ୍ୱ ବଜାରରେ ଗହମ ଯୋଗାଣ ବଢ଼ାଇବାରେ ସହାୟକ ହୋଇପାରେ।



## ଭାରତରେ ଏଆଇ ନିଯୁକ୍ତି ଉପରମୁହାଁ, ନୂଆ ସ୍କିଲ୍ ଅପ୍‌ଗ୍ରେଡ ପାଇଁ ଆହ୍ୱାନ



ନୂଆଦିଲ୍ଲୀ,୨୪।୮: କୃତ୍ରିମ ବୁଦ୍ଧିମତା (ଏଆଇ) ଯୋଗୁ ନିଯୁକ୍ତି ସଙ୍କଟ ଆଶଙ୍କା ରହିଛି । ତେବେ ଏଭଳି ଟେକ୍ନୋଲୋଜି ଦ୍ୱାରା ବିଶ୍ୱ ବଜାର ତୁଳନାରେ ଭାରତରେ ଏବେ ଯାଏ ସେତେଟା ସଙ୍କଟ ଆସିନି । ଦେଶରେ ଏଆଇ ଜନିତ ନିଯୁକ୍ତି ହ୍ରାସ ତୁଳନାରେ ଅଧିକ ନୂଆ ରୋଜଗାର ସୃଷ୍ଟି ହେଉଛି । ଜାପାନ ଭିତ୍ତିକ ଆର୍ଥିକ ସେବା ପ୍ରଦାନକାରୀ ନୋମୁରା ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ କରିଛି । ଅନ୍ୟପଟେ ଟେକ୍ନୋଲୋଜିରେ ପରିବର୍ତ୍ତନ କାରଣରୁ ଆଇଟି କ୍ଷେତ୍ରରେ ନୂଆ ପ୍ରବେଶ କରୁଥିବା ଏବଂ ଜୁନିୟର ବର୍ଗରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ସମସ୍ୟା ଉପୁଜିଛି । ବରିଷ୍ଠ ପ୍ରଫେସନାଲଙ୍କ ପାଇଁ ଏଆଇ କ୍ଷେତ୍ରରେ ଚାହିଦା ରହିଛି । ଏମାନଙ୍କୁ କମ୍ପାନି ଗୁଡ଼ିକରେ ଅଧିକ ଖୋଜା ପଡୁଥିବା କହିଛି ନୋମୁରା । ରିପୋର୍ଟ ମୁତାବକ, ଭାରତ, ଚୀନ ଏବଂ ଫିଲିପାଇନ୍ସ ଭଳି ଦେଶ ଗୁଡ଼ିକରେ ଏଆଇ ଜନିତ ନିଯୁକ୍ତି ଉପରମୁହାଁ ରହିଛି । ଏଆଇ ଏସିଆରେ ୬୦ ହଜାର ନିଯୁକ୍ତି ନେଇଥିବା ବେଳେ ୧.୩୦ ଲକ୍ଷ ନୂଆ ନିଯୁକ୍ତି ଯୋଡ଼ିଛି। ଦେଶର ୬୫୧ ଆଇଟି କମ୍ପାନିଙ୍କୁ ନେଇ ହୋଇଥିବା ଅଧ୍ୟୟନ କହୁଛି, ୫୫% କମ୍ପାନି ଫ୍ରେସର୍ସ ନିଯୁକ୍ତି କମାଇଛନ୍ତି । ନିଯୁକ୍ତିଯୋଗାଣକାରୀ ସଂସ୍ଥା ଏକ୍ସଫେନୋ ମୁତାବକ, ଆର୍ଥିକ ବର୍ଷ ୨୦୨୨ରେ ଆଇଟି କମ୍ପାନି ଗୁଡିକ ୬ ଲକ୍ଷ ନିଯୁକ୍ତି ଦେଇଥିଲେ । ୨୦୨୫-୨୬ରେ ଏହା ୧.୪୦ ଲକ୍ଷକୁ ହ୍ରାସ ହୋଇଛି । ଅନ୍ୟପଟେ ବରିଷ୍ଠ କର୍ମଚାରୀଙ୍କୁ ରଖିବାକୁ ଆଗ୍ରହ ପୂର୍ବ ତୁଳନାରେ ଢେର ମାତ୍ରାରେ ବଢ଼ିଛି । ନୋମୁରା ଏହାକୁ 'କେ' ଆକୃତିର ପରିବର୍ତ୍ତନ ବୋଲି କହିଛି । ସରଳଭାଷାରେ କହିଲେ, ବଜାରରେ ରୋଜଗାର ୨ ବର୍ଗରେ ବାଣ୍ଟି ହୋଇଛି । ଫ୍ରେସର୍ସଙ୍କ ଚାହିଦା କମିଥିବା ବେଳେ ବରିଷ୍ଠମାନେ ଅଗ୍ରାଧିକାର ପାଉଛନ୍ତି । ମ୍ୟାନେଜମେଣ୍ଟ ଏବଂ ବିଜ୍‌ନେସ କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ଥିବା ଲୋକଙ୍କୁ କମ୍ପାନି ଖୋଜି ଖୋଜି ନିଯୁକ୍ତି ଦେଉଛନ୍ତି । ଏମିତିକି ଦକ୍ଷିଣ କୋରିଆରେ ସର୍ବାଧିକ ଏଆଇ ବ୍ୟବହାର ହୋଇଥିବା କ୍ଷେତ୍ର ଗୁଡ଼ିକରେ ମଧ ଏହି ଟ୍ରେଣ୍ଡ୍ ଦେଖାଯାଇଛି । ଭାରତରେ ସର୍ବାଧିକ ଏନୋଟେସନ ବା ଡାଟାକୁ ଏଆଇ ଲାଗି ପ୍ରସ୍ତୁତ କରିବା, ଭାଷା ବିଜ୍ଞାନ, ଏଆଇ ସହ ଜଡ଼ିତ ଆଇଟି ସେବା ଭଳି କ୍ଷେତ୍ରରେ ନୂଆ ନିଯୁକ୍ତି ସୃଷ୍ଟି ହୋଇଛି । ଭାରତରେ ସପୋର୍ଟ ଏବଂ ସର୍ଭିସ ଭିତ୍ତିକ ନିଯୁକ୍ତି ଆସୁଥିବା ବେଳେ ଚୀନରେ ଏଆଇ ମଡେଲ ବନାଇବା ଲାଗି ଉଚ୍ଚ ଦକ୍ଷତା ସମ୍ପନ୍ନ ଗ୍ରାଜୁଏଟଙ୍କ ଆବଶ୍ୟକତା ରହୁଛି । ଟେକ୍ନୋଲୋଜିକୁ ଛାଡ଼ିଲେ ଅନ୍ୟ ସବୁ କ୍ଷେତ୍ରରେ ବହୁତ କମ୍ ସଂଖ୍ୟକ ନିଯୁକ୍ତି ଆସୁଛି। ଭାରତରେ କମ୍ପାନି ଗୁଡ଼ିକ ବୃହତ ସଂଖ୍ୟକ ଲୋକଙ୍କୁ ଛଟେଇ କରିବା ପରିବର୍ତ୍ତେ ନୂଆ ନିଯୁକ୍ତି କମାଇଛନ୍ତି । ଅର୍ଥାତ ପୁରୁଣା ଲୋକଙ୍କୁ ରଖି କାମ କରାଇବା ଧାରା ଆସିଛି । ଏହାକୁ ସାଇଲେଣ୍ଟ ଫାୟାରିଂ କୁହାଯାଉଛି । ଅନ୍ୟପଟେ କମ୍ପାନିଗୁଡ଼ିକ କଲେଜ ଗୁଡିକରେ କରୁଥିବା କ୍ୟାମ୍ପସ ନିଯୁକ୍ତିକୁ ପ୍ରାୟ କମ୍ କରିଛନ୍ତି । ମୋଟାମୋଟି ଭାବେ ଦେଖିଲେ, ଏଆଇ ଯୋଗୁ ବ୍ୟାଙ୍କିଙ୍ଗ୍ ଏବଂ ଟେକ୍ନୋଲୋଜି କ୍ଷେତ୍ର ପ୍ରଭାବିତ ରହିଛି । ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ୫୮% ଏବଂ ଟେକ୍ନୋଲୋଜି କ୍ଷେତ୍ରରେ ଏହାର ପ୍ରଭାବ ୩୦% ।

## ନୂଆ ଲୁକ୍ ଓ ନୂଆ ଫିଚର୍ସ ସହ ଆସୁଛି ମାରୁତି ବାଲେନୋ




ନୂଆଦିଲ୍ଲୀ,୨୪।୮: ଭାରତରେ ପ୍ରିମିୟମ୍ ହ୍ୟାଚବ୍ୟାକ୍ କାର୍ କଥା ଆସିଲେ ପ୍ରଥମେ ମାରୁତି ସୁଜୁକି ବାଲେନୋର ନାଁ ନିଶ୍ଚିତ ଭାବେ ଆସେ । ଏବେ ଗ୍ରାହକଙ୍କ ପାଇଁ ବଡ଼ ଖବର । ନୂଆ ଡିଜାଇନରେ ଆସୁଛି ବାଲେନୋ । ମାରୁତି ସୁଜୁକି ଅପଡେଟେଡ୍ ବାଲେନୋକୁ ୫ ସେପ୍ଟେମ୍ବର ୨୦୨୬ରେ ଲଞ୍ଚ କରିବାକୁ ଯାଉଛି । ନୂଆ ବାଲେନୋରେ ଡିଜାଇନ୍ ସହ କିଛି ନୂଆ ଫିଚର୍ସ ଦେଖିବାକୁ ମିଳିପାରେ। ନୂଆ ବାଲେନୋର ଆଗ ଭାଗରେ ନୂଆ ଡିଜାଇନର ଗ୍ରିଲ୍ ଓ ଅପଡେଟେଡ୍ ବମ୍ପର ଦିଆଯାଇପାରେ । ଏହା ସହ ନୂଆ ଆଲଏ ହ୍ୱିଲ୍ ମଧ ଦେଖିବାକୁ ମିଳିପାରେ। ପଛ ପଟରେ ମଧ ବମ୍ପରରେ କିଛି ପରିବର୍ତ୍ତନ ହୋଇପାରେ । ତେବେ କାରର ମୋଟ ଡିଜାଇନ୍ ପୂର୍ବ ମଡେଲ୍ ଭଳି ରହିବ ବୋଲି ରିପୋର୍ଟ ଆସିଛି । କାରର କ୍ୟାବିନକୁ ମଧ ଅଧିକ ଆକର୍ଷଣୀୟ କରାଯାଇପାରେ । ନୂଆ ସିଟ୍ କଭର ଓ କ୍ୟାବିନ୍ କଲର୍ ଥିମ୍ ଦେଖିବାକୁ ମିଳିପାରେ । ରିପୋର୍ଟ ଅନୁସାରେ, ବାଲେନୋରେ ବଡ଼ ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ୍ ଏବଂ ଅନ୍ୟ କିଛି ନୂଆ କନଭିନିଏନ୍ସ ଫିଚର୍ ମିଳିପାରେ । ଆମ୍ବିଏଣ୍ଟ ଲାଇଟିଂ ଓ ସନରୁଫ୍ ଭଳି ଫିଚର୍ସ ମଧ ଆସିବାର ସମ୍ଭାବନା ରହିଛି। ନୂଆ ବାଲେନୋରେ ଫ୍ରଣ୍ଟ ଭେଣ୍ଟିଲେଟେଡ୍ ସିଟ୍ ଦିଆଯିବା ନେଇ ରିପୋର୍ଟ ଆସିଛି । ଏହା ଗରମ ସମୟରେ ଯାତ୍ରାକୁ ଅଧିକ ଆରାମଦାୟକ କରିବ। ଏହା ସହ କିଛି ଭାରିଆଣ୍ଟରେ ADAS ଫିଚର୍ ମଧ ମିଳିପାରେ । ତେବେ ଲଞ୍ଚ ସମୟରେ ଏହାର ସମ୍ପୂର୍ଣ୍ଣ ତଥ୍ୟ ସ୍ପଷ୍ଟ ହେବ । ଇଞ୍ଜିନକୁ ନେଇ ପୂର୍ବ ରିପୋର୍ଟରେ ୧.୨ ଲିଟର ପେଟ୍ରୋଲ୍ ଇଞ୍ଜିନ୍ ଜାରି ରହିବା କଥା କୁହାଯାଇଥିଲା । ଏହା ସହ ୫-ସ୍ପିଡ୍ ମାନୁଆଲ୍ ଓ AMT ଗିୟରବକ୍ସ ମିଳିପାରେ । ତେବେ ନୂଆ ରିପୋର୍ଟରେ ଇଞ୍ଜିନରେ ମଧ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଇଛି । ତେଣୁ ଲଞ୍ଚ ସମୟରେ ହିଁ ନୂଆ ବାଲେନୋର ଫାଇନାଲ୍ ଇଞ୍ଜିନ୍ ସ୍ପେସିଫିକେସନ୍ ସ୍ପଷ୍ଟ ହେବ। ନୂଆ ବାଲେନୋର ସବୁଠାରୁ ବଡ଼ ଆକର୍ଷଣ ହେଉଛି CNG ଭାରିଆଣ୍ଟ। ରିପୋର୍ଟ ଅନୁସାରେ, ଏଥର CNG ସହ AMT ଗିୟରବକ୍ସର କମ୍ବିନେସନ୍ ଆସିପାରେ। ଯଦି ଏହା ନିଶ୍ଚିତ ହୁଏ, ତେବେ CNG କାର୍ ଚାଳକଙ୍କୁ ଭଲ ମାଇଲେଜ୍ ସହ କ୍ଲଚ୍ ବ୍ୟବହାର ନ କରି ଗାଡ଼ି ଚଲାଇବାର ସୁବିଧା ମିଳିବ। ପ୍ରାଇସ୍: ନୂଆ ବାଲେନୋର ଅଫିସିଆଲ୍ ଦାମ ଏପର୍ଯ୍ୟନ୍ତ ଘୋଷଣା ହୋଇନାହିଁ । ବର୍ତ୍ତମାନର ବାଲେନୋର ଏକ୍ସ-ଶୋରୁମ୍ ଦାମ ପ୍ରାୟ ୫.୯୯ ଲକ୍ଷରୁ ୯.୧୦ ଲକ୍ଷ ଟଙ୍କା ମଧ୍ୟରେ ରହିଛି ।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୫୦,୩୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୩,୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୫୦,୩୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୯୭୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୫୦,୩୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୪,୧୨୦ ଟଙ୍କା ଓ ୨୨ କ୍ୟାରଟେ ୧,୫୦,୪୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୬୩,୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୫୦,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୩,୯୭୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୫୦,୩୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୧୦.୫୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୨.୨୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩.୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି । ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ ।

# ଆନନ୍ଦପୁରରେ ସାର ସଙ୍କଟ

**ଅନେକ ସେବା ସମବାୟରେ ପହଞ୍ଚି ନାହିଁ ସାର**

**ଗୋଟିଏ ଲାଇସେନ୍ସରେ ଏକାଧିକ କାଉଣ୍ଟର!**

**ନକଲି ସାର, କଳାବଜାରୀ ଓ ଅଧିକ ଦାମରେ ବିକ୍ରି**



ଆନନ୍ଦପୁର, ୨୪।୮ (ସଂଚାର ବ୍ୟୁରୋ): ଆନନ୍ଦପୁର ଉପଖଣ୍ଡରେ ସାରକୁ ନେଇ ଚାଷୀଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ। ଉପଖଣ୍ଡର ଅନେକ ସାର ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ମିଳୁନଥିବା ଅଭିଯୋଗ ହୋଇଛି। ଫଳରେ ସାର ପାଇଁ ଚାଷୀମାନେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଦୌଡ଼ୁଥିବା ବେଳେ ହନ୍ତସନ୍ତ ହେଉଛନ୍ତି। ଅନ୍ୟପଟେ କିଛି ସ୍ଥାନରେ ସାର କଳାବଜାରୀ ହେଉଥିବା ଏବଂ ନିର୍ଦ୍ଧାରିତ ଦରଠାରୁ ଅଧିକ ଦାମରେ ବିକ୍ରି ହେଉଥିବା ନେଇ ମଧ୍ୟ ଚାଷୀମାନେ ଅଭିଯୋଗ କରିଛନ୍ତି। ଏପରିକି ନକଲି ସାର ବିକ୍ରି ହେଉଥିବା ନେଇ ମଧ୍ୟ ଅଭିଯୋଗ ସାମ୍ନାକୁ ଆସିଛି। ତେବେ ଏହି ଅଭିଯୋଗର ସତ୍ୟତା କେତେ, ତାହାର ତଦନ୍ତ ହେବା ଜରୁରୀ।

ସବୁଠାରୁ ବଡ଼ ଅଭିଯୋଗ ହେଉଛି, ଗୋଟିଏ ଲାଇସେନ୍ସରେ ଏକାଧିକ କାଉଣ୍ଟର ଖୋଲି ସାର ବିକ୍ରି କରାଯାଉଥିବା ନେଇ ଚାଷୀମାନେ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହି ଅଭିଯୋଗ ସତ ହୋଇଥାଏ, ତେବେ ଏହା ପଛରେ କାହାର ପ୍ରୋତ୍ସାହନ ରହିଛି ଏବଂ ନିରୀକ୍ଷଣ ବ୍ୟବସ୍ଥା କେଉଁଠି ବିଫଳ ହୋଇଛି, ତାହା ତଦନ୍ତର ପରିସରକୁ ଆସିବା ଆବଶ୍ୟକ।

ଏବେ ଉପଖଣ୍ଡର ଅନେକ ସ୍ଥାନରେ ତଳି ରୁଆ କାମ ସରିବାକୁ ବସିଲାଣି। ଏଭଳି ସମୟରେ ସାର ଅଭାବ ଚାଷୀଙ୍କ ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ସାର ନପାଇ ଚାଷୀଙ୍କ ମଧ୍ୟରେ ଆହାକାର ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଛି। ତେବେ ସାର ସଙ୍କଟ, କଳାବଜାରୀ ଓ ଅଧିକ ଦାମରେ ବିକ୍ରି ଅଭିଯୋଗ ଉପରେ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଅଭିଯୋଗର ଯାଞ୍ଚ କରି ଯଦି କୌଣସି ବ୍ୟବସାୟୀ ନିୟମ ଉଲ୍ଲଂଘନ କରି ସାର ବିକ୍ରି କରୁଥିବା ପ୍ରମାଣିତ ହୁଏ, ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଚାଷୀଙ୍କୁ ନ୍ୟାୟସଙ୍ଗତ ଦରରେ ପର୍ଯ୍ୟାପ୍ତ ସାର ଯୋଗାଇବାକୁ ଦାବି ହୋଇଛି।

ଏବେ ପ୍ରଶ୍ନ, ଚାଷୀଙ୍କ ପାଇଁ ଆସୁଥିବା ସାର କେଉଁଠି ଯାଉଛି? କଳାବଜାରୀ ପାଇଁ ଦାୟୀ କିଏ? ଏବଂ ଚାଷୀଙ୍କ ପେଟକୁ ଲାତ ମାରୁଥିବା ଏହି ବ୍ୟବସ୍ଥା ଉପରେ କେବେ ହେବ କାର୍ଯ୍ୟାନୁଷ୍ଠାନ? ତାହା ଦେଖିବାକୁ ବାକି ରହିଲା।

**ଲଗାଣ ବର୍ଷାରେ ବଡ଼ବିଲ୍‌ରେ ଦୁଃଖଦ ଘଟଣା**

## ଦୁଇ ପୃଥକ୍ ନାଳରୁ ଦୁଇ ମୃତଦେହ ଉଦ୍ଧାର, ପାଣିରେ ଭାସିଯାଇ ମୃତ୍ୟୁ ସନ୍ଦେହ

ଯୋଡ଼ା,୨୪।୮ (ସଂଚାର ବ୍ୟୁରୋ): ପ୍ରବଳ ବର୍ଷା ପରେ ବଡ଼ବିଲ୍ ଥାନା ଅଞ୍ଚଳରେ ଘଟିଛି ଦୁଃଖଦ ଅଘଟଣ। ଦୁଇଟି ପୃଥକ୍ ନାଳରୁ ଜଣେ ମହିଳା ଓ ଜଣେ ପୁରୁଷଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତକାଲି ରାତିରେ ଅଞ୍ଚଳରେ ହୋଇଥିବା ଅତି ପ୍ରବଳ ବର୍ଷାରେ ନାଳରେ ହଠାତ୍ ପାଣି ବଢ଼ିଥିବାରୁ ଉଭୟ ଭାସିଯାଇଥିବା ନେଇ ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି।

ସୂଚନା ଅନୁଯାୟୀ, ରାଇକା ନାଳରୁ ରାଇକା ଅଞ୍ଚଳର ସୁକୁମାର ମୁଣ୍ଡାଙ୍କ ମୃତଦେହ ଉଦ୍ଧାର ହୋଇଥିବା ବେଳେ ଦଲକି ନାଳରୁ ଠାକୁରାଣୀ ବୁରୁ ହଟିଂ ଅଞ୍ଚଳର ଲିଙ୍କେନ୍ ସାମନ୍ତଙ୍କ ମୃତଦେହ ମିଳିଛି। ପ୍ରବଳ ବର୍ଷା ସମୟରେ ଉଭୟ ନିଖୋଜ ହୋଇଥିବାରୁ ନାଳ ପାଣିର ସ୍ରୋତରେ ଭାସିଯାଇଥିବା ଆଶଙ୍କା କରାଯାଉଛି।

ଖବର ପାଇ ବଡ଼ବିଲ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହ ଉଦ୍ଧାର କରିଥିଲା। ପୋଲିସ ପକ୍ଷରୁ ଏନେଇ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ବେଳେ ଘଟଣାର ପ୍ରକୃତ କାରଣ ନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

ପ୍ରବଳ ବର୍ଷା ଯୋଗୁଁ ନାଳ ଓ ଜଳପଥରେ ହଠାତ୍ ପାଣି ବଢ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଏହି ଘଟଣା ପରେ ଆତଙ୍କ ସୃଷ୍ଟି ହୋଇଛି।

## ଭୋଟର ତାଲିକାରୁ ବାଦ ଦେବାକୁ ନେଇ ବିଦ୍ୟାଳୟ ଭିତରେ ତୁମୁଳକାଣ୍ଡ



ବାଲିଆପାଳ,୨୪।୮ (ସଂଚାର ବ୍ୟୁରୋ):ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ରତାଇ ପଞ୍ଚାୟତ ରେ ଥିବା ଭାନପୁର ସରକାରୀ ଉପ୍ରା ବିଦ୍ୟାଳୟ ରେ ଭୋଟର ତାଲିକା ରୁ ବାଦ ଦେବାକୁ ନେଇ ବିଦ୍ୟାଳୟ ଭିତରେ ତୁମୁଳକାଣ୍ଡ ଦେଖିବାକୁ ମିଳିଛି। ରାଜନୈତିକ ଆକ୍ରୋଶ ରଖି ଶତାଧିକ ଭୋଟର ଙ୍କୁ ଭୋଟର ଲିଷ୍ଟ ରୁ ବାଦ ଦେବାକୁ ମସୁଧା କରିଥିବା ନେଇ ବିଏଲ ଓ ସୁଶାନ୍ତ କୁମାର ପ୍ରଧାନ ଙ୍କୁ ବିଦ୍ୟାଳୟ ଭିତରେ ଘେରିଲେ ଗ୍ରାମବାସୀ। ସୂଚନା ଅନୁସାରେ ସରକାର ଦେଶ ରେ ସ୍ୱତନ୍ତ୍ର ସଂଲଗ୍ନ ସଂଶୋଧନ କରି ଦେଶ ରେ ଲୁଚି ରହିଥିବା ବିଦେଶୀ ଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ସ୍କୁଲ ର ଶିକ୍ଷକ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାରି ରହିଛି। ତେବେ ଏହି କାର୍ଯ୍ୟକ୍ରମ ର ଶେଷ ଅବସରରେ, ଯେଉଁ ଭୋଟର ମାନେ ସେମାନଙ୍କ ର ସମ୍ପୂର୍ଣ୍ଣ ତଥ୍ୟ ବି ଏଲ ଓ ମାନଙ୍କୁ ଦେଇ ପାରି ନ ଥିଲେ ସେମାନଙ୍କ ପାଇଁ ସରକାରୀ ସ୍ତରରେ ଏକ ନିର୍ଦ୍ଦିଷ୍ଟ ତାରିଖ ରେ ଅଧିକାରୀ ମାନଙ୍କ ଉପସ୍ଥିତ ରେ ସମସ୍ତ ଯାଞ୍ଚ ପ୍ରକ୍ରିୟା କରାଯାଇଛି. ଏହା ସତ୍ୱେ ପଞ୍ଚାୟତ ମାନଙ୍କ ରେ ରାଜନୈତିକ ଆକ୍ରୋଶ ନେଇ ଜାଲ ଦସ୍ତଖତରେ ୭ନମ୍ବର ଫର୍ମରେ ଦରଖାସ୍ତ କରି ଅନେକ ଭୋଟର ଙ୍କୁ ତାଲିକା ରୁ ବାଦ ଦେବାକୁ ନେଇ ଅପଚେଷ୍ଟା ଚାଲିଥିବା ନେଇ ଗ୍ରାମର ସୁରଥ ନାୟକ, ରବୀନ୍ଦ୍ର ପାଣିଗ୍ରାହୀ, ଉମାକାନ୍ତ ଜେନା, ଚିତ୍ତରଞ୍ଜନ ଜେନା, ଅଜୟ ଜେନା, ସୃଷ୍ଟିଧର ବାରିକ, ଅଜୟ ସେଠି, କମଳଲୋଚନ କମିଲା, ଲମ୍ବୁଦର ପ୍ରଧାନ, ସଞ୍ଜୟ ସେଠି, ମୀନକେତନ ସେଠି, ବଳରାମ କାମିଲା, ଉମାକାନ୍ତ ଜେନା, ବାଞ୍ଛାନିଧି ଜେନା ପ୍ରମୁଖ ଅଭିଯୋଗ କରିଛନ୍ତି।

# ପିଏମ୍ ଶ୍ରୀ କେନ୍ଦ୍ରୀୟ ପ୍ରଭାରୀଙ୍କ ମାଲକାନଗିରି ଗସ୍ତ

### ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଓ ଭିତ୍ତିଭୂମିର ସମୀକ୍ଷା

ମାଲକାନଗିରି,୨୪।୮ (ସଂଚାର ବ୍ୟୁରୋ): ପିଏମ୍ ଶ୍ରୀ ସ୍କୁଲ ଯୋଜନାର କେନ୍ଦ୍ରୀୟ ପ୍ରଭାରୀ ତଥା ଭାରତ ସରକାରଙ୍କ ଯୁଗ୍ମ ସଚିବ ରାଜୀବ ଶର୍ମା ଦୁଇ ଦିନିଆ ମାଲକାନଗିରି ଜିଲ୍ଲା ଗସ୍ତରେ ଆସି ବିଦ୍ୟାଳୟଗୁଡ଼ିକର ଶିକ୍ଷାଗତ ଅଗ୍ରଗତି ଓ ଭିତ୍ତିଭୂମିର ଅନୁଧ୍ୟାନ କରିଛନ୍ତି।

ଗସ୍ତର ପ୍ରଥମ ଦିନରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ଶର୍ମା, ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ସହ ମାଲକାନଗିରି ବ୍ଲକ୍‌ର ସିନ୍ଧ୍ରୀମାଲ ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଏବଂ କୋରୁକୋଣ୍ଡା ବ୍ଲକ୍‌ର ବାଲିମେଳା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ସକ୍ଷମ କେନ୍ଦ୍ର, ଭାଷା କେନ୍ଦ୍ର, ଇ-ପାଠାଗାର, ବିଜ୍ଞାନାଗାର, ଖେଳ ପଡ଼ିଆ ଏବଂ ଜାତୀୟ ଶିକ୍ଷା ନୀତି ୨୦୨୦ ଅନୁଯାୟୀ ଚାଲିଥିବା ପାଠପଢ଼ା କାର୍ଯ୍ୟକ୍ରମର ଅନୁଧ୍ୟାନ କରାଯାଇଥିଲା।



ପରିଦର୍ଶନ ଶେଷରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ସଭାପତିତ୍ୱ ଓ ପ୍ରତ୍ୟକ୍ଷ ପରିଚାଳନାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଜିଲ୍ଲାରେ ପିଏମ୍ ଶ୍ରୀ ଯୋଜନାର ସଫଳ କାର୍ଯ୍ୟକାରିତା, ପ୍ରଶାସନିକ ସହଯୋଗ ଏବଂ ଭିତ୍ତିଭୂମିର ବିକାଶ ସମ୍ପର୍କରେ କେନ୍ଦ୍ରୀୟ ପ୍ରଭାରୀଙ୍କୁ ବିଶେଷ ଭାବେ ଅବଗତ କରାଇବା ସହ ସମସ୍ତ ପିଏମ୍ ଶ୍ରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ କଡ଼ା ନିର୍ଦ୍ଦେଶ ଦେଇଥିଲେ।

ଏହି ଅବସରରେ କେନ୍ଦ୍ରୀୟ ପ୍ରଭାରୀ ଶ୍ରୀ ଶର୍ମା କହିଛନ୍ତି, ମାଲକାନଗିରି ଭଳି ପ୍ରାନ୍ତୀୟ ଜିଲ୍ଲାରେ ପିଏମ୍ ଶ୍ରୀ ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ଓ ଜାତୀୟ ଶିକ୍ଷା ନୀତି ୨୦୨୦ର କାର୍ଯ୍ୟକାରିତା ବେଶ୍ ପ୍ରଶଂସନୀୟ। ଛାତ୍ରଛାତ୍ରୀଙ୍କ ଆଭ୍ୟନ୍ତରୀଣ ଦକ୍ଷତାର ବିକାଶ ଏବଂ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଏହି ବିଦ୍ୟାଳୟଗୁଡ଼ିକ ଆଗାମୀ ଦିନରେ ଗୁଣାତ୍ମକ ଶିକ୍ଷାର ମାପଦଣ୍ଡ ସାଜିବ।

## ବିଦ୍ୟୁତ ଆଘାତରେ ଗାଈ ମୃତ

ଫୁଲବାଣୀ,୨୪।୮ (ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ ବାଲନ୍ଦା ପଡା ପଞ୍ଚାୟତ ବାଘ ଡଙ୍ଗୁରି ଗାଁ ରେ ଅଭାବନୀୟ ଘଟଣା ଘଟିଛି ବିଦ୍ୟୁତ ବିଭାଗ ର ଖାମଖିଆଲି ମନୋଭାବ ଯୋଗୁଁ ଏକ ଗାଈ ମୁକୁଳା ଭାବରେ ଥିବା ବିଦ୍ୟୁତ ଟ୍ରାନ୍ସଫରମର ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି । ତେବେ ସୂଚନା ପ୍ରକାରେ



ବାଘ ଡଙ୍ଗୁରି ଗାଁରେ ଦୀର୍ଘ ଦିନରୁ ଘର ରୁ ଅଳ୍ପ କିଛି ଦୂରରେ ଏକ ଟ୍ରାନ୍ସଫରମର ଖୋଲା ଜାଗାରେ ରହିଛି ତାର କୌଣସି ସୁରକ୍ଷା ବାଡ଼ ନାହିଁ ତେଣୁ ଏହି ବାଘ ଡଙ୍ଗୁରି ଗାଁର ନିରଞ୍ଜନ କହଁର ଙ୍କ ଗାଈ ଚରୁଥିବା ସମୟରେ ଏହି ମୁକୁଳା ଟ୍ରାନ୍ସଫର୍ମର ରେ ଲାଗିଯିବାରୁ ମୃତ୍ୟୁ ଘଟିଥିଲା । ଏହାକୁ ନେଇଁ ଅଞ୍ଚଳ ରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଏହି ଘଟଣା କୁ ନେଇଁ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆ ଙ୍କୁ ପଚାରବାରୁ ମୋ ପାଖରେ ସୂଚନା ନାହିଁ ବୋଲି ସୂଚନା ଦେଇଛନ୍ତି

## ଯୁଗୀ ଯୁଗେନ ପ୍ରକଳ୍ପ ବନ୍ଦ ଦାବିରେ ତେଜୁଛି ଆନ୍ଦୋଳନ




ସୁନ୍ଦରଗଡ଼,୨୪।୮ (ସଂଚାର ବ୍ୟୁରୋ): ପ୍ରସ୍ତାବିତ ଯୁଗୀ ଯୁଗେନ ପ୍ରକଳ୍ପକୁ ବନ୍ଦ କରିବା ଦାବିରେ ସୁନ୍ଦରଗଡ଼ ଜିଲ୍ଲାରେ ବିରୋଧ ତୀବ୍ର ହୋଇଛି। ସବଡେଗା ବ୍ଲକ କଟଙ୍ଗିଡ଼ିହିଠାରେ ପ୍ରସ୍ତାବିତ ଏହି ପ୍ରକଳ୍ପ ବିରୋଧରେ ଯୁଗୀ ଯୁଗେନ ସଂଗ୍ରାମ ସମିତି ପକ୍ଷରୁ ସୋମବାର ଜୋରଦାର ଆନ୍ଦୋଳନ କରାଯାଇଛି। ପ୍ରକଳ୍ପକୁ ନେଇ ଦୀର୍ଘ ବର୍ଷ ଧରି ଅସନ୍ତୋଷ ଲାଗି ରହିଥିବା ବେଳେ ସରକାରଙ୍କ ପକ୍ଷରୁ ସ୍ପଷ୍ଟ ନିଷ୍ପତ୍ତି ନ ଆସିବାରୁ ଆନ୍ଦୋଳନ ଆହୁରି ଜୋରଦାର ହୋଇଛି।

ବାଲିଶଙ୍କରା ବ୍ଲକରେ ଆୟୋଜିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ଯୋଗଦେବାକୁ ଯାଉଥିବା ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଗାଡ଼ିକୁ ବିଭିନ୍ନ ସ୍ଥାନରେ ଅଟକାଇ ଆନ୍ଦୋଳନକାରୀମାନେ ଦାବିପତ୍ର ପ୍ରଦାନ କରିଥିଲେ। କରମଡ଼ିହି, ପଞ୍ଚମହଲା, ସବଡେଗା, ବୀରତୋଳା ଓ ବାଲିଶଙ୍କରା ଠାରେ ଆନ୍ଦୋଳନକାରୀମାନେ ଜିଲ୍ଲାପାଳଙ୍କୁ ଭେଟି ପ୍ରକଳ୍ପ ବନ୍ଦ କରିବା ନେଇ ଦାବି ଜଣାଇଥିଲେ।

ପରେ ବାଲିଶଙ୍କରାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ସ୍ଥଳରେ ମଧ୍ୟ ବିପୁଳ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥିଲା। ପ୍ରାୟ ୩ ହଜାର ଲୋକଙ୍କ ଉପସ୍ଥିତିରେ ଯୁଗୀ ଯୁଗେନ ସଂଗ୍ରାମ ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ପୁଣିଥରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

ସଂଗ୍ରାମ ସମିତିର କହିବା ଅନୁଯାୟୀ, କଟଙ୍ଗିଡ଼ିହିଠାରେ ୧୯୭୫ ମସିହାରୁ ଯୁଗୀ ଯୁଗେନ ପ୍ରକଳ୍ପ ପ୍ରସ୍ତାବିତ ହୋଇଆସୁଛି। ପ୍ରକଳ୍ପକୁ ନେଇ ୧୯୮୦, ୨୦୦୪ ଓ ୨୦୧୭ ମସିହାରେ ମଧ୍ୟ ବିରୋଧ ଓ ଆନ୍ଦୋଳନ ହୋଇଥିଲା। ତଥାପି ପ୍ରକଳ୍ପ ସମ୍ପର୍କରେ ସରକାରଙ୍କ ପକ୍ଷରୁ ଏପର୍ଯ୍ୟନ୍ତ ସ୍ପଷ୍ଟ ନିଷ୍ପତ୍ତି ନ ଆସିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକଳ୍ପ ବନ୍ଦ ଦାବିରେ ଗତ କିଛି ଦିନ ଧରି ମଧ୍ୟ ଆନ୍ଦୋଳନ ଜାରି ରହିଛି। ଗତ ଅଗଷ୍ଟ ୧୫ ତାରିଖରେ ଉପମୁଖ୍ୟମନ୍ତ୍ରୀ କାନ୍ହାକୁଣ୍ଡ ପର୍ଯ୍ୟଟନସ୍ଥଳୀ ପରିଦର୍ଶନରେ ଆସିଥିବା ସମୟରେ ସଂଗ୍ରାମ ସମିତିର ପ୍ରତିନିଧିମାନେ ତାଙ୍କୁ ଭେଟି ମଧ୍ୟ ପ୍ରକଳ୍ପ ବନ୍ଦ କରିବା ଦାବିରେ ଦାବିପତ୍ର ଦେଇଥିଲେ।

ତେବେ ଏପର୍ଯ୍ୟନ୍ତ ନେତା, ମନ୍ତ୍ରୀ କିମ୍ବା ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ପ୍ରକଳ୍ପକୁ ନେଇ କୌଣସି ସ୍ପଷ୍ଟ ଉତ୍ତର ମିଳିନଥିବା ସଂଗ୍ରାମ ସମିତି ଅଭିଯୋଗ କରିଛି। ଏହାକୁ ନେଇ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ଲୋକେ ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣି




ବୋରିଗୁମ୍ମା,୨୪।୮ (ସଂଚାର ବ୍ୟୁରୋ): ବୋରିଗୁମ୍ମା ବ୍ଲକ ସଭାଗୃହ ଠାରେ ଜିଲ୍ଲାପାଳ ଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଥିଲା।ବ୍ଲକ ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକ ଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ମିଳିତ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟୱାନ ମହାଜନ ଯୋଗ ଦେଇଥିବା ବେଳେ କୋରାପୁଟ ଆରକ୍ଷୀ ଅଧିକ୍ଷକ ରୋହିତ ବର୍ମା, ସିଡିଓ ବେଣୁଧର ଶବର ଯୋଗ ଦେଇଥିଲେ। ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଙ୍କ ସମେତ ବ୍ଲକ ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

ଜିଲ୍ଲାପାଳ ମୋଟ ୪୭ ଗୋଟି ଅଭିଯୋଗ ର ଶୁଣାଣୀ କରିଥିଲେ। ଉକ୍ତ ଅଭିଯୋଗ ଶୁଣାଣିରେ ୨୭ ଗୋଟି ବ୍ୟକ୍ତିଗତଓ ୨୦ ଟି ଗୋଷ୍ଠୀଗତ କୁ ମିଶାଇ ସମୁଦାୟ ୪୭ଟି ଅଭିଯୋଗ ଆସିଥିଲା ।ଅଭିଯୋଗ ଗୁଡିକ ମଧ୍ୟରେ ନୂତନ ରେଳପଥ ନିର୍ମାଣ ପାଇଁ ଜମିହରାଙ୍କୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ ହାରରେ ଅର୍ଥରାଶି ପ୍ରଦାନ ପାଇଁ ଅଭିଯୋଗ କରିଥିଲେ | ସେହିପରି ବିଜୁ କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ଖରିପ ଧାନବିକ୍ରି ପଞ୍ଜିକରଣ ନିମନ୍ତେ ଚଳିତ ମାସ ୩୧ ତାରିଖ ଥିବାବେଳେ ଏହାର ଅବଧି ବୃଦ୍ଧି ପାଇଁ ମିଳିତ ଅଭିଯୋଗ ପ୍ରକଷ୍ଟ ରେ ଜିଲ୍ଲାପାଳ ଙ୍କ ନିକଟରେ ଅଭିଯୋଗ କରିଥିଲେ।ଏବଂ ବୋରିଗୁମ୍ମା ଭୈରବ ଦୁର୍ଗା ପୂଜା ମଣ୍ଡପ ଭିତ୍ତି ଭୂମିର ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ୨୫ ଲକ୍ଷ ଟଙ୍କାର ଅନୁଦାନ ଅର୍ଥ ରାଶି ପାଇବା ଲାଗି ବିବେଚିତ ହୋଇ ଥିବା ପୂଜା କମିଟି କର୍ମକର୍ତ୍ତା ସଦସ୍ୟ ମାନେ ଜିଲ୍ଲାପାଳଙ୍କୁ ଜଣାଇଥିଲେ |

ପରେ ଜିଲ୍ଲାପାଳ ଶ୍ରୀ ସତ୍ୟୱାନ ମହାଜନ ଦୁଇ ଜଣ ଦିବ୍ୟାଙ୍ଗ ଙ୍କୁ ଟ୍ରାଇ ସାଇକେଲ, ଦୁଇ ଜଣ ହିତାଧିକାରୀ ଙ୍କୁ ୨ ଟି ସିପି ଚେୟାର ଓ ଚାରିଟି କୋମଡ଼ ଚେୟାର ଏବଂ ୩୧ ଗୋଟି ବ୍ଲକ ସ୍ତରୀୟ ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କୁ ୧ କୋଟି ୮୬ ଲକ୍ଷ ଟଙ୍କା ର ଋଣ ପ୍ରଦାନ କରିଥିଲେ।

ଆଜିର ଜନଶୁଣାଣୀ ରେ ଜୟପୁର ଉପ ଜିଲ୍ଲାପାଳ, ବ୍ଲକ ଅଧ୍ୟକ୍ଷା ଦୀପ୍ତିମୟୀ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରସାଦ ବିଡିକା, ସ୍ଥାନୀୟ ତହସିଲଦାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡ଼.ଶ୍ରୀକାନ୍ତ କୁମାର ଶତପଥୀ,ଶିକ୍ଷା ବିଭାଗ ପକ୍ଷରୁ ଡିଇଓ,ଏବିଇ , ଏଏସସିଓ , ବିଦ୍ୟୁତ ବିଭାଗ , ଉଦ୍ୟାନ ବିଭାଗ ଅଧିକାରୀ, ସିଡ଼ିପିଓ , ବନ ବିଭାଗ ପକ୍ଷରୁ ମନୋଜ କୁମାର ମହାପାତ୍ର ଙ୍କ ସହ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।

## କ୍ରୀଡା ଶିକ୍ଷକଙ୍କ ମୃତ୍ୟୁରେ ସମବେଦନା ଜଣାଇଲେ ଧାବିକା ଦ୍ୟୁତି ଚାନ୍ଦ



ବାଲିଆପାଳ,୨୪।୮ (ସଂଚାର ବ୍ୟୁରୋ):ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ପତ୍ରଙ୍ଗଡା ପଞ୍ଚାୟତ ର କୁସୁଡିହା ଗ୍ରାମ ର ୨୫ ବର୍ଷ ର ଯୁବକ ଖେଳ ଶିକ୍ଷକ ଭାବେ ସିମୁଳିଆ ଥାନା ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ରେ ଚଳିତ ଅଗଷ୍ଟ ମାସ ୧୫ ତାରିଖ ରେ ପତାକା ଉତ୍ତୋଳନ କରିବାକୁ ଯାଇ ବିଦ୍ୟୁତ ଆଘାତ ରେ ମୃତ୍ୟୁବରଣ କରିଥିଲେ.ଯାହାକୁ ନେଇ ଜିଲ୍ଲା ତଥା ସାରା ଓଡିଶା ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା. ସୂଚନା ଅନୁଯାଇ କୁସୁଡିହା ଗ୍ରାମ ର ଜ୍ଞାନେନ୍ଦ୍ର ବେହେରା ଙ୍କ ୨୫ ବର୍ଷ ର ପୁତ୍ର ପ୍ରିୟବ୍ରତ ବେହେରା ଯାଜପୁର ରେ ବି ପି ଏଡ଼ ପାଠ ପଢା ସହିତ ମା ମାଲ୍ୟ ବୁଢ଼ୀ ସାମାଜିକ ସଂଗଠନ ସହିତ ଜଡିତ ଥିଲେ। ପାଠ ପଢା ପରେ ସେ ସିମୁଳିଆ ଥାନା ରୟାଲ ପବ୍ଲିକ ସ୍କୁଲ ନାମକ ଏକ ଘରୋଇ ଶିକ୍ଷା ଅନୁଷ୍ଠାନ ରେ ଖେଳ ଶିକ୍ଷକ ଭାବେ ଚାକିରୀ କରିଥିଲେ. ହେଲେ ଚାଳିତ ମାସ ପନ୍ଦର ତାରିଖ ସ୍ୱାଧୀନତା ଦିବସରେ ପତାକା ଉତ୍ତୋଳନ କରିବାକୁ ଯାଇ ବିଦ୍ୟୁତ ଆଘାତରେ ମୃତ୍ୟୁ ବରଣ କରିଥିଲେ. ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଆଜି ଅପରାହ୍ନ ରେ ଓଡିଶା ର ଶ୍ରେଷ୍ଠ ଧାବିକା ତଥା ମା ମାଲ୍ୟ ବୁଢ଼ୀ ସାମାଜିକ ସଂଗଠନ ର ସଦଶ୍ୟା ଦ୍ୟୁତି ଚାନ୍ଦ ଏବଂ ତାଙ୍କର ସଦଶ୍ୟ ମାନେ କୁସୁଡିହା ଗ୍ରାମ ରେ ପହଂଚି ମୃତକଙ୍କ ପରିବାର କୁ ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ. ଏବଂ ଉକ୍ତ ଗରିବ ପରିବାରକୁ ସରକାର ଆର୍ଥିକ ସହାୟତା ଯୋଗାଇଦେବାକୁ ନିବେଦନ କରିଛନ୍ତି।

# ଗଞ୍ଜାମ ବ୍ଲକରେ ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର

### ୧୫୫ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ ଓ ଅଧିକାରୀ

ଛତ୍ରପୁର,୨୪।୮ (ସଂଚାର ବ୍ୟୁରୋ): ଗଞ୍ଜାମ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ରାସନ କାର୍ଡ, ଘର ପଟ୍ଟା ଓ ଆବାସ ଯୋଜନା ସମେତ ପୋଟମପେଟା ସମୁଦ୍ରତଟ ଅଞ୍ଚଳର ସୁରକ୍ଷା ଓ ସମସ୍ୟାର ସ୍ଥାୟୀ ସମାଧାନ, ଗଞ୍ଜାମ ଏନ୍ଏସିରେ ବୁଲା ଗାଈଗୋରୁଙ୍କ ସ୍ଥାନାନ୍ତରଣ ଏବଂ ଗଞ୍ଜାମ ସହରର ସିସିଟିଭି ବ୍ୟବସ୍ଥା ନେଇ ଲୋକେ ଅଭିଯୋଗ କରିଥିଲେ। ଶିବିରରେ ମୋଟ ୧୫୫ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିରୁ ୧୨୫ଟି ବ୍ୟକ୍ତିଗତ ଓ ୨୫ଟି ସାମୂହିକ ଅଭିଯୋଗ ରହିଥିଲା। ଲୋକମାନେ ସିଧାସଳଖ ଜିଲ୍ଲାପାଳଙ୍କ ସମେତ ଉପସ୍ଥିତ ଅଧିକାରୀଙ୍କୁ ନିଜ ସମସ୍ୟା ଜଣାଇଥିଲେ।



ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ ଶିବାଶିଷ ବରାଳ, ଗଞ୍ଜାମ ଏସ୍‌ପି ହରିଶ ବିଶି, ତହସିଲଦାର ସୁକାନ୍ତ ମିଶ୍ର, ବିଡିଓ ଅଚ୍ୟୁତାନନ୍ଦ ଜାନୀ, ଆସିଷ୍ଟାଣ୍ଟ କଲେକ୍ଟର ଦୀପକ ଜେନାପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଶିବିରରେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଜନଶୁଣାଣି ଅବସରରେ ୧୦ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ୧୪ ଜଣଙ୍କୁ ନୂତନ ପେନ୍‌ସନ ପ୍ରଦାନ କରାଯାଇଥିଲା। ଏଥିସହ ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଟ୍ରାଇସାଇକେଲ ଏବଂ ଅନ୍ୟ ଜଣଙ୍କୁ ହ୍ୱିଲଚେୟାର ଓ ଜଣଙ୍କୁ ସିଏମ୍ଆର୍ଏଫ୍ ସହାୟତା ଦିଆଯାଇଛି ।

ରେଡକ୍ରସ ପକ୍ଷରୁ ୫ ଜଣ ହିତାଧିକାରୀଙ୍କୁ ମୋଟ ୪୫ ହଜାର ଟଙ୍କାର ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରାଯାଇଥିଲା।

## କେନ୍ଦ୍ରାପଡ଼ା କଲେଜ ପ୍ରାକ୍ତନ ଅଧ୍ୟକ୍ଷଙ୍କ ପରଲୋକ



କେନ୍ଦ୍ରାପଡ଼ା,୨୪।୮(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ସେକ ସମସୁରଙ୍କ ୭୯ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି । ଖବରପାଇ ଅଷ୍ଟ୍ରେଲିଆରେ ଥିବା ତାଙ୍କ ଝିଅ ଫରିଦା ଯାହାଁନାରା ଓ ଜ୍ୱାଇଁ ଆଜି ଭୁବନେଶ୍ୱରରେ ପହଞ୍ଚି ସ୍ୱର୍ଗତ ସମସୁରଙ୍କ ମର ଶରୀରକୁ ସାଙ୍ଗରେ ଧରି କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବାସଭବନରେ ପହିଛନ୍ତି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ ମୁସିମତ ଆରା ଓ ବଡନାତି ଏକବାଲ ନାସିମ ଉପସ୍ଥିତ ଥିଲେ । ଆସନ୍ତାକାଲି ଅପରାହ୍ନ ୨ଟାରେ ଜନାଜା ପାଠ କରାଯାଇ ବଡହାଟସ୍ଥିତ ଅହମଦିଆ କବରଖାନାରେ କବର ଦିଆଯିବ ।

ଡ. ସମସୁର କେନ୍ଦ୍ରାପଡା କଲେଜର ପଦାର୍ଥ ବିଜ୍ଞାନ ବିଭାଗରେ ୧୯୬୯ ମସିହାରେ ଜଣେ ଅଧ୍ୟାପକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ । ପରେ ସେ ନିଜର ଦକ୍ଷତା ଓ ପାରଦର୍ଶିତା ବଳରେ ସମସ୍ତଙ୍କୁ ଆପଣାର କରିପାରିଥିଲେ। ୨୦୦୫ ମସିହାରେ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଯୋଗଦେଇ ୨୦୦୭ମସିହାରେ ଅବସରଗ୍ରହଣ କରିଥିଲେ । ଅବସର ପରେ ଡ. ସମସୁର ମାର୍ଶାଘାଇ ପିଏନଏସ କଲେଜରେ ଅଧ୍ୟକ୍ଷ ଭାବେ କାର୍ଯ୍ୟନିର୍ବାହ କରିଥିଲେ । ଏହାବ୍ୟତିତ କେନ୍ଦ୍ରାପଡା ରେସିଡେନସିଆଲ +୨ କଲେଜରେ ମଧ୍ୟ ଅଧ୍ୟକ୍ଷ ଭାବରେ ସେ କାର୍ଯ୍ୟ କରିଥିଲେ ।

# ବିନା ସୂଚନାରେ ବିଦ୍ୟୁତ୍ କାଟ୍‌କୁ ନେଇ ବଢ଼ୁଛି ଅସନ୍ତୋଷ

**ବେଳ ଅବେଳରେ ବିଦ୍ୟୁତ କାଟ୍, ଜନଜୀବନ ଅସ୍ତବ୍ୟସ୍ତ**

**ମେଣ୍ଟେନାନ୍ସ ନାମରେ ଦୀର୍ଘ ସମୟ ବିଚ୍ଛିନ୍ନତା**

ଯୋଡ଼ା,୨୪।୮ (ସଂଚାର ବ୍ୟୁରୋ): କେତେବେଳେ ଆସୁଛି, କେତେବେଳେ ଯାଉଛି- ବିଦ୍ୟୁତକୁ ନେଇ ଯୋଡ଼ା ସହରବାସୀଙ୍କ ମଧ୍ୟରେ ଏବେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ମେଣ୍ଟେନାନ୍ସ ନାମରେ ସପ୍ତାହକୁ ଥରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ବିଦ୍ୟୁତ କାଟ ହେଉଥିବା ବେଳେ, ଏହା ବ୍ୟତୀତ ପ୍ରାୟ ପ୍ରତିଦିନ ବିନା ପୂର୍ବ ସୂଚନାରେ ବିଦ୍ୟୁତ ବିଚ୍ଛିନ୍ନ ହେଉଥିବା ନେଇ ଉପଭୋକ୍ତାମାନେ ଅଭିଯୋଗ କରିଛନ୍ତି।

ବାରମ୍ବାର ବିଦ୍ୟୁତ କାଟ ଯୋଗୁଁ ଘରୋଇ ଜୀବନଠାରୁ ଆରମ୍ଭ କରି ବ୍ୟବସାୟିକ କାର୍ଯ୍ୟକଳାପ ପର୍ଯ୍ୟନ୍ତ ପ୍ରଭାବିତ ହେଉଛି। ଫ୍ରିଜ୍, ଟିଭି, ପାଣି ପମ୍ପ, ଏସି, କମ୍ପ୍ୟୁଟର ଭଳି ବିଦ୍ୟୁତଚାଳିତ ଉପକରଣ ବାରମ୍ବାର ବିଦ୍ୟୁତ ଆସିବା-ଯିବାରୁ କ୍ଷତିଗ୍ରସ୍ତ ହେବା ଆଶଙ୍କା ନେଇ ମଧ୍ୟ ଉପଭୋକ୍ତାମାନେ ଚିନ୍ତିତ।

ବର୍ଷାରେ ବଢ଼ୁଛି ଦୁର୍ଦ୍ଦଶା । ଲଘୁଚାପ ପ୍ରଭାବରେ ଅଞ୍ଚଳରେ ଲଗାଣ ବର୍ଷା ଲାଗିରହିଥିବା ବେଳେ ବିଦ୍ୟୁତ କାଟ ସମସ୍ୟାକୁ ଆହୁରି ଜଟିଳ କରିଛି। ଯୋଡ଼ାର ଚାରିପଟେ ବଣ, ପାହାଡ଼ ଓ ଜଙ୍ଗଲ



ଅଞ୍ଚଳ ରହିଥିବାରୁ ବର୍ଷା ସମୟରେ ରାସ୍ତାଘାଟରେ ପାଣି ଜମିବା ସହ ଅନେକ ସ୍ଥାନରେ ଜଳ ପ୍ରବାହିତ ହେଉଛି। ଏପରି ସ୍ଥିତିରେ ରାତିରେ ବିଦ୍ୟୁତ କାଟ ହେଲେ ଅନ୍ଧାର ମଧ୍ୟରେ ସରୀସୃପଙ୍କ ଭୟ ମଧ୍ୟ ଲୋକଙ୍କୁ ଚିନ୍ତାରେ ପକାଉଛି।

ବିଦ୍ୟୁତ କାଟ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ଅନଲାଇନ୍ କାର୍ଯ୍ୟ, ଛୋଟ ବ୍ୟବସାୟ ଏବଂ ଦୈନନ୍ଦିନ ଘରୋଇ କାମ ପ୍ରଭାବିତ ହେଉଛି। ବିଶେଷକରି ବିନା ସୂଚନାରେ ହଠାତ୍ ବିଦ୍ୟୁତ ବନ୍ଦ ହେବାରୁ ଲୋକେ ନିଜର ଦୈନନ୍ଦିନ କାର୍ଯ୍ୟସୂଚୀ ଠିକ୍ ଭାବେ ପ୍ରସ୍ତୁତ କରିପାରୁନାହାନ୍ତି। ଅଞ୍ଚଳବାସୀଙ୍କ କହିବାନୁସାରେ, ମେଣ୍ଟେନାନ୍ସ କିମ୍ବା କୌଣସି ଜରୁରୀ କାରଣରୁ ବିଦ୍ୟୁତ ବନ୍ଦ କରିବାକୁ ହେଲେ ପୂର୍ବରୁ ଉପଭୋକ୍ତାଙ୍କୁ ସୂଚନା ଦେବା ଆବଶ୍ୟକ। କିନ୍ତୁ ଅନେକ ସମୟରେ ଏହା ନହେବାରୁ ଉପଭୋକ୍ତାଙ୍କ ଅସନ୍ତୋଷ ବଢ଼ୁଛି।

ଏପଟେ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆର୍‌ସି)ର ଏକ ଆଦେଶରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ମେଣ୍ଟେନାନ୍ସ ପୂର୍ବରୁ ମାଇକ୍ ଯୋଗେ ଉପଭୋକ୍ତାଙ୍କୁ ସୂଚନା ଦିଆଯାଉଥିବା କଥା ଉଲ୍ଲେଖ ରହିଛି। ତେବେ ଯୋଡ଼ା ଅଞ୍ଚଳରେ ଉପଭୋକ୍ତାମାନେ ଅଭିଯୋଗ କରୁଥିବା ବାରମ୍ବାର ଓ ବିନା ସୂଚନାରେ ବିଦ୍ୟୁତ କାଟ ନେଇ ବିଦ୍ୟୁତ ବିତରଣ କମ୍ପାନୀ ପକ୍ଷରୁ ସ୍ପଷ୍ଟୀକରଣ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ବିଦ୍ୟୁତ କାଟର କାରଣ, ସମୟ ଓ ଅବଧି ସମ୍ପର୍କରେ ଉପଭୋକ୍ତାଙ୍କୁ ନିୟମିତ ଭାବେ ସୂଚନା ଦେବା ସହ ବାରମ୍ବାର ଟ୍ରିପିଂ, ଭୋଲ୍ଟେଜ୍ ସମସ୍ୟା ଓ ଅଘୋଷିତ ବିଦ୍ୟୁତ ବିଚ୍ଛିନ୍ନତାର ସ୍ଥାୟୀ ସମାଧାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନହେଲେ ଆଗାମୀ ଦିନରେ ଜନଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି।




# ଖାଲି ପେଟରେ ଖାଆନ୍ତୁ ଚାମଚେ ଦେଶୀ ଘିଅ

## କ୍ୟାନ୍ସରକୁ ଦେବ ମାତ୍





ଆଜିକାଲି ଆମେ ସ୍ୱାଦ ଅପେକ୍ଷା ସ୍ୱାସ୍ଥ୍ୟକୁ ବେଶି ପ୍ରାଥମିକତା ଦେଉଛୁ। ଡାଏଟ୍ ପ୍ଲାନ୍, ବ୍ୟାୟାମ, ଖାଦ୍ୟ ଉପରେ ଧ୍ୟାନ ଦେଉଛେ । ଶରୀର ପାଇଁ କୌଣସି କସରତ ଛାଡୁନାହୁଁ । କେତେକ ସେମାନଙ୍କ ଦୈନନ୍ଦିନ ଖାଦ୍ୟ-ଚାର୍ଟରୁ ଚିନି ଏବଂ ଲୁଣ ଗ୍ରହଣକୁ ହ୍ରାସ କରିଦିଅନ୍ତି ଏବଂ କୌଣସି ସୁସ୍ଥ ଚର୍ବି ବି ଆବଶ୍ୟକ ବୋଲି ଭୁଲିଯାଆନ୍ତି । କିନ୍ତୁ କଣ ଆପଣ ଜାଣନ୍ତି କ୍ଲାରିଫାଏଡ୍ ବଟର କିମ୍ବା ଘିଅ ହେଉଛି ଆମ ଶରୀର ପାଇଁ ଆବଶ୍ୟକ ଉପାଦାନ। ଯାହା ଏକ ଶୁଦ୍ଧ ଫ୍ୟାଟ୍ ଏବଂ ଏହା ଶରୀର ଉପଯୋଗୀ । ଆୟୁର୍ବେଦ ଅନୁସାରେ, ପ୍ରାଚୀନ କାଳରୁ ଘିଅକୁ ଏକ ପ୍ରମୁଖ ଔଷଧୀୟ ଗୁଣ ଭାବରେ ବ୍ୟବହାର କରାଯାଇ ଆସୁଛି । ଭାରତୀୟ ସଂସ୍କୃତିରେ ଘିଅକୁ ଅତ୍ୟନ୍ତ ପବିତ୍ର ବୋଲି ବିଶ୍ୱାସ କରାଯାଏ । ଏବଂ ପ୍ରତ୍ୟେକ କ୍ଷେତ୍ରରେ ଏହାର ଏକ ଅବିଚ୍ଛେଦ୍ୟ ଭୂମିକା ରହିଛି । ଏହା ଆମ ସ୍ୱାସ୍ଥ୍ୟ ପାଇଁ କିପରି ଜରୁରୀ, ଆସନ୍ତୁ ଜାଣିବା.. ସକାଳେ ଖାଲି ପେଟରେ ଘିଅ ଖାଇବା ଲାଭଦାୟକ ହୋଇଥାଏ । ଆପଣ ଏହାକୁ ଉଷୁମ ପାଣି ସାହାର୍ଯ୍ୟରେ ନେଇ ପାରିବେ । ଦେଶୀ ଘିଅ କେବଳ ଖାଦ୍ୟର ସ୍ୱାଦ ବୃଦ୍ଧି କରେ ନାହିଁ ବରଂ ଖାଲି ପେଟରେ ଖାଇବା ଖୁବ୍ ଲାଭଦାୟକ। କିନ୍ତୁ କିଛି ଲୋକ ଘିଅ ଖାଇବାକୁ ପସନ୍ଦ କରିନଥାଆନ୍ତି । ଆୟୁର୍ବେଦ ଅନୁସାରେ ଖାଲିପେଟରେ ଘିଅ ଖାଇବା କେବଳ ଆମକୁ ସୁସ୍ଥ ରଖି ନଥାଏ ବରଂ ଏହା ତ୍ୱଚା ପାଇଁ ମଧ୍ୟ ବେଷ୍ଟ ।

ଘିଅର ଉପକାରିତା ପାଚନ ଠିକ୍ କରେ : ଗୋଟିଏ ଚାମଚ ଘିଅ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ସଠିକ ହୁଏ । ଘିଅରେ ଥିବା ବ୍ୟୁଟିରିକ ଏସିଡ୍ ଆଣ୍ଟି ଇନଫ୍ଲେମେଣ୍ଟାରୀ ଭାବେ କାର୍ଯ୍ୟ କରିଥାଏ । ଯାହା ଖାଦ୍ୟକୁ ଶିଘ୍ର ହଜମ କରିବାରେ ସାହାଯ୍ୟ କରେ । ଓଜନ କମାଏ : ସାଧାରଣତଃ ଆମେ ଭାବିଥାଉ ଘିଅ ଖାଇଲେ ଓଜନ ବଢ଼େ । କିନ୍ତୁ ଖାଲିପେଟରେ ଘିଅ ଖାଇବା ଦ୍ୱାରା ଓଜନକୁ ହ୍ରାସ ହୁଏ । ଏହାକୁ ନିୟମିତ ଭାବେ ଖାଇବା ଦ୍ୱାରା ଓଜନକୁ ନିୟନ୍ତ୍ରଣ କରାଯାଇପାରିବ । ଖାଲି ପେଟରେ ଏକ ଚାମଚ ଦେଶୀ ଘିଅ ଖାଇବା ଦ୍ୱାରା ମେଟାବୋଲିଜିମ୍ ବୃଦ୍ଧି ପାଏ । ଯାହା ଶରୀରର ଚର୍ବିକୁ ହ୍ରାସ କରିଥାଏ । ତ୍ୱଚା ପାଇଁ ବେଷ୍ଟ : ଘିଅରେ ଥିବା ଭିଟାମିନ୍ ସ୍କିନକୁ ପ୍ରାକୃତିକ ଭାବେ ଗ୍ଲୋଇଂ କରେ ଏବଂ କୁଞ୍ଚନ ସମସ୍ୟାରୁ ମୁକ୍ତି ଦେଇଥାଏ । ଯଦି ଆପଣ ଆପଣଙ୍କ ମୁହଁରେ ପ୍ରାକୃତିକ ଚମକ ପାଇବାକୁ ଚାହାଁନ୍ତି, ତେବେ ଏହି ଟ୍ରିକ୍ ଆପଣାନ୍ତୁ । ହାଡ଼ ପାଇଁ ଲାଭକାରୀ : ଘିଅକୁ ହାଡ଼ ପାଇଁ ମହୋଷଧି ଭାବେ ବିବେଚନା କରାଯାଏ । ଘିଅରେ ଓମେଗା ୩ ଫ୍ୟାଟି ଏସିଡ୍ ଥାଏ । ଯାହା ଅଷ୍ଟିଓ-ପୋରୋସିସ୍ ହେବାର ସମ୍ଭାବନାକୁ ମଧ୍ୟ କମ୍ କରିଥାଏ । ଘିଅରେ ଥିବା ଭିଟାମିନ୍ K ହାଡ଼କୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ । କ୍ୟାନ୍ସର ଦୂର କରେ : ଘିଅରେ ରହିଛି ଆଣ୍ଟି-କ୍ୟାନସର ଗୁଣ । ଯାହା ଆପଣଙ୍କ ଶରୀରରେ କ୍ୟାନସର କୋଷକୁ ବଢିବାରେ ରୋକିଥାଏ ।



# ଖାଦ୍ୟ ଖାଇବା ପରେ ସଙ୍ଗେ ସଙ୍ଗେ ପାଣି ପିଇବା ଅନୁଚିତ

ଖାଦ୍ୟ ଖାଇବାର ତୁରନ୍ତ ପରେ ପାଣି ପିଇବା ସାଧାରଣତଃ ଲୋକଙ୍କର ଏକ ଅଭ୍ୟାସ। କିନ୍ତୁ ଜାଣନ୍ତି କି ଏହା ସ୍ୱାସ୍ଥ୍ୟ ପାଇଁ କେତେ କ୍ଷତିକାରକ ? ଏହି ପ୍ରଶ୍ନର ଉତ୍ତର ଜାଣିବା ପାଇଁ ପ୍ରଥମେ ପାଚନ ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ, ଯାହାଦ୍ୱାରା ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ ତାହା ବୁଝିବା ସହଜ ହେବ। ବୈଜ୍ଞାନିକ ଦୃଷ୍ଟିରୁ ଦେଖିବାକୁ ଗଲେ ଖାଇବା ପରେ ତୁରନ୍ତ ପାଣି ପିଇବା ଶରୀର ପାଇଁ କ୍ଷତିକାରକ। ତାହା ଆମେ ସମସ୍ତେ ଜାଣୁ। ଘରର ବୟସ୍କ ଲୋକମାନେ ଖାଇବା ପରେ ପାଣି ପିଇବା ମଝିରେ କିଛି ସମୟର ଗ୍ୟାପ୍ ଦେବା ପାଇଁ କହିଥାନ୍ତି। ନିଶ୍ୱାସ ପ୍ରଶ୍ୱାସ ନେବା ଶରୀର ପାଇଁ ଯେତିକି ଜରୁରି, ପାଣି ପିଇବା ମଧ୍ୟ ଠିକ୍ ସେତିକି। ଏହା ଆମ ଶରୀରକୁ କେବଳ ସତେଜ ରଖି ନଥାଏ, ବରଂ ଶରୀର ଭିତରେ ହେଉଥିବା ପ୍ରକ୍ରିୟାରେ ମଧ୍ୟ ସହଯୋଗ କରିଥାଏ। କୁହାଯାଏ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ମଧ୍ୟ ତ୍ୱଚାରେ ଚମକ ଆସିଥାଏ। କିନ୍ତୁ ଖାଇବାର କେତେ ସମୟ ପରେ ପାଣି ପିଇବା ଆବଶ୍ୟକ। ଚାଲନ୍ତୁ ସେ ବିଷୟରେ ଜାଣିବା। ଖାଦ୍ୟ ଖାଇବା ପୂର୍ବରୁ କିମ୍ବା ଖାଇବାର ତୁରନ୍ତ ପରେ ଆଦୌ ପାଣି ପିଇବା ଅନୁଚିତ୍। ବିଶେଷଜ୍ଞଙ୍କ ମତରେ ଖାଇବାର ଅଧା ଘଣ୍ଟା ପୂର୍ବରୁ ଓ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। କାରଣ ତରଳ ଖାଦ୍ୟ ପେଟରୁ ପ୍ରାୟ ୨୦ରୁ ୩୦ ମିନିଟ୍ରେ ବାହାରି ଯାଇଥାଏ। ଯେତେବେଳେ ଖାଦ୍ୟ ହଜମ ହେବା ପାଇଁ ୩ରୁ ୪ ଘଣ୍ଟା ସମୟ ଲାଗିଥାଏ। ଯଦି ଖାଇବା ପରେ ତୁରନ୍ତ ପାଣି ପିଉଛନ୍ତି, ତେବେ ହଜମ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରୁଥିବା ଏନ୍ଜାଇମ୍ଗୁଡିକ ଖାଦ୍ୟକୁ ହଜମ କରିବାରେ ବାଧା ସୃଷ୍ଟି କରିଥାନ୍ତି। ଫଳରେ ବ୍ଲୋଟିଂ ପରି ସମସ୍ୟା ସୃଷ୍ଟି ହୋଇଥାଏ। ଅବଶ୍ୟ ଯେଉଁମାନେ କମ୍ ଖାଦ୍ୟ ଖାଇଥାନ୍ତି, ସେମାନେ ଖାଇବା ସମୟରେ ସାମାନ୍ୟ ପାଣି ପିଇପାରିବେ। କାରଣ ଏମାନଙ୍କ କ୍ଷେତ୍ରରେ ଓଭର୍ଇଟିଂ ଆଶଙ୍କା କମ୍ ରହିଥାଏ। ଯେତେବେଳେ ଆମେ ଖାଦ୍ୟ ଖାଉଛେ, ଆମ ଶରୀରରେ ହଜମ ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଖାଦ୍ୟକୁ ହଜମ କରାଇବା ପାଇଁ ଲାଳ ଓ ହଜମ କରାଉଥିବା ଏନ୍ଜାଇମ୍ କ୍ଷରଣ ହୋଇଥାଏ। ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ପାଣି ପିଇବା ଦ୍ୱାରା ଏନ୍ଜାଇମ୍ଗୁଡିକ ଠିକ୍ ଭାବେ କାମ କରିପାରି ନଥାନ୍ତି। ଫଳରେ ଭୋଜନକୁ ହଜମ କରିବାରେ ସମସ୍ୟା ସୃଷ୍ଟି ହୋଇଥାଏ। ଏହାବ୍ୟତୀତ ଖାଇବା ପୂର୍ବରୁ ପାଣି ପିଇବା ଦ୍ୱାରା ପେଟ ଭରିଯାଏ, ତେଣୁ ଆବଶ୍ୟକ ଖାଦ୍ୟ ଖାଇବା ସମ୍ଭବ ହୁଏନା। ତେଣୁ କିଛି ସମୟ ପରେ ପୁଣି ଭୋକ ଲାଗିବା ସ୍ୱାଭାବିକ। ଏପରି କରିବା ଦ୍ୱାରା ଅଧିକ ଖାଇବାର ଆଶଙ୍କା ବଢିଥାଏ। ତେଣି ବିଶେଷଜ୍ଞଙ୍କ ମତରେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରିବା ପାଇଁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପୂର୍ବରୁ ଏକ ଗ୍ଲାସ୍ ପାଣି ପିଇବା ଉଚିତ୍। କିନ୍ତୁ ଖାଇବାର ୩୦ ମିନିଟ୍ ପରେ ପାଣି ପିଇବା ଉଚିତ୍। ଖାଇବା ପରେ ତୁରନ୍ତ ପାଣି ପିଇବା ଦ୍ୱାରା ଗ୍ୟାସ୍, ଏସିଡିଟି ଓ ପେଟ ଯନ୍ତ୍ରଣା ପରି ସମସ୍ୟା ସୃଷ୍ଟି ହୋଇଥାଏ। କାରଣ ପାଣି ଖାଦ୍ୟକୁ ହଜମ କରୁଥିବା ଏନ୍ଜାଇମ୍କୁ ପତଳା କରିଦେଇଥାଏ। ତେଣୁ ଖାଦ୍ୟ ଖାଇବାର ଅଧା ଘଣ୍ଟା ପରେ ପାଣି ପିଇବା ଉଚିତ୍

# ୨୪ ଘଣ୍ଟା ଫ୍ରିଜ୍ ଚଳାଉଛନ୍ତି କି ?



ଆଜିକାଲି ଫ୍ରିଜ୍ ପ୍ରତ୍ୟେକ ପରିବାରର ଏକ ଆବଶ୍ୟକୀୟ ଉପକରଣ ପାଲଟିଯାଇଛି । ଖାଦ୍ୟ ସାମଗ୍ରୀକୁ ତାଜା ରଖିବା ଓ ନଷ୍ଟ ହେବାରୁ ବଞ୍ଚାଇବା ପାଇଁ ଫ୍ରିଜ୍ ବେଶ୍ ସହାୟକ ହୋଇଥାଏ । ତେବେ ଅନେକ ସମୟରେ ଲୋକଙ୍କ ମନରେ ପ୍ରଶ୍ନ ଉଠେ ଫ୍ରିଜ୍କୁ ୨୪ ଘଣ୍ଟା ଚାଲୁ ରଖିବା ଉଚିତ୍ ନା ବିଜୁଳି ବିଲ୍ ବଞ୍ଚାଇବା ପାଇଁ ବେଳେବେଳେ ବନ୍ଦ କରିବା ଦରକାର ? ବର୍ଷକୁ କେତେ ଥର ଓ କେଉଁ ସମୟରେ ଫ୍ରିଜ୍ ବନ୍ଦ କରିବା ଉଚିତ୍ ? ଆସନ୍ତୁ ଜାଣିବା ଏହା ଉପରେ ବିଶେଷଜ୍ଞଙ୍କ ମତାମତ । ଫ୍ରିଜ୍କୁ ୨୪ ଘଣ୍ଟା ଚାଲୁ ରଖିବା କାହିଁକି ଜରୁରୀ ? ବିଶେଷଜ୍ଞଙ୍କ ଅନୁସାରେ, ରେଫ୍ରିଜରେଟରକୁ ୨୪ ଘଣ୍ଟା ଅବିରତ ଚାଲୁ ରଖିବା ପାଇଁ ହିଁ ଡିଜାଇନ୍ କରାଯାଇଥାଏ । ଅନେକ ଲୋକ ବିଜୁଳି ବିଲ୍ କମ୍ କରିବା ଆଶାରେ କିମ୍ବା ମେସିନ୍କୁ ବିଶ୍ରାମ ଦେବା ପାଇଁ ରାତିରେ କିଛି ଘଣ୍ଟା ଫ୍ରିଜ୍ ବନ୍ଦ କରିଦିଅନ୍ତି । ମାତ୍ର ଏହା ଦ୍ୱାରା ଲାଭ ବଦଳରେ କ୍ଷତି ଅଧିକ ହୋଇଥାଏ । ଫ୍ରିଜ୍ ବନ୍ଦ ହେଲେ ଭିତରର ତାପମାତ୍ରା ବଢ଼ିବାକୁ ଲାଗେ । ଫଳରେ ରଖାଯାଇଥିବା କ୍ଷୀର, ପନିପରିବା, ଫଳ ଓ ରନ୍ଧା ଖାଦ୍ୟ ଶୀଘ୍ର ଖରାପ ହୁଏ ଏବଂ ଜୀବାଣୁ ବଂଶବୃଦ୍ଧି କରନ୍ତି । ପୁଣି ଥରେ ଫ୍ରିଜ୍ ଚାଲୁ କରିବା ବେଳେ କମ୍ପ୍ରେସରକୁ ପୂର୍ବ ଭଳି ଥଣ୍ଡା କରିବା ପାଇଁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ । ଏହା ଦ୍ୱାରା ବିଜୁଳି ବିଲ୍ କମିବା ବଦଳରେ ବୃଦ୍ଧି ପାଏ । ବାରମ୍ବାର କୁଲିଂ ସାଇକେଲ୍ ଭାଙ୍ଗିବା ଦ୍ୱାରା ଫ୍ରିଜ୍ର କମ୍ପ୍ରେସର ଉପରେ ଅତିରିକ୍ତ ଚାପ ପଡ଼େ, ଯାହା ଫ୍ରିଜ୍କୁ ଶୀଘ୍ର ଖରାପ କରିଦିଏ। ବର୍ଷକୁ କେତେ ଥର ଓ କେବେ ବନ୍ଦ କରିବେ ଫ୍ରିଜ୍ ? ସାଧାରଣ ଦିନଗୁଡ଼ିକରେ ଫ୍ରିଜ୍କୁ ୨୪ ଘଣ୍ଟା ଚାଲୁ ରଖିବା ଉଚିତ୍ ।

# ମୁହଁରେ ଦେଖାଯାଉଥିବା ସଂକେତରୁ ଜାଣିହେବ ଫ୍ୟାଟି ଲିଭର



ଫ୍ୟାଟି ଲିଭର ସମସ୍ୟା ଏବେ ବିଶ୍ୱରେ ଖୁବ୍ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭିତରୁ ଗୋଟିଏ। ଯାହା ଚୁପ୍ ଚାପ୍ ଶରୀରରକୁ ଆକ୍ରାନ୍ତ କରିଥାଏ। କାହାକୁ ଜଣା ବି ପଡ଼ି ନଥାଏ ଯେ ତାଙ୍କ ଲିଭର ଡ୍ୟାମେଜ୍ ହେଉଛି। ଯେବେ କି ସ୍ଥିତି ଗମ୍ଭୀର ହୋଇଯାଇଥାଏ। ଅଧିକାଂଶ ଲୋକ ଜାଣନ୍ତି ଅଧିକ ମଦ୍ୟପାନ କରିବା ଦ୍ୱାରା ଲିଭର ଖରାପ ହୋଇଯାଇଥାଏ। କିନ୍ତୁ ଫ୍ୟାଟି ଲିଭର କେବଳ ମଦ୍ୟପାନ ପାଇଁ ନୁହେଁ, ବରଂ ମୋଟାପଣ, ଟାଇପ୍-2 ଡାଇବେଟିସ୍ , ହାଇ ବ୍ଲଡ୍ ପ୍ରେସର ଓ ହାଇକୋଲେଷ୍ଟ୍ରୋଲ ଲିଭରରେ ଫ୍ୟାଟ୍ ଜମା କରି ଦେଇଥାଏ। ଏହାକୁ ନନ୍ ଆଲକୋହଲିକ୍ ଫ୍ୟାଟି ଲିଭର ଡିଜିଜ୍ କୁହାଯାଇଥାଏ। ସଠିକ୍ ସମୟରେ ଏହାର ଚିକିତ୍ସା ନହେଲେ ପରବର୍ତ୍ତୀ ସମୟରେ ଏହା ଏକ ବଡ଼ ରୂପ ନେଇପାରେ। ଆଶ୍ଚର୍ଯ୍ୟକର କଥା ହେଉଛି, ଫ୍ୟାଟି ଲିଭରର ଝଲକ ତ୍ୱଚରେ ଦେଖାଯାଇଥାଏ। ହଁ, ଠିକ୍ ଶୁଣିଲେ। ଆପଣଙ୍କ ତ୍ୱଚାରେ କିଛି ଖାସ୍ ସଂକେତ ସୂଚାଇଥାଏ ଆପଣଙ୍କ ଲିଭର ଠିକ୍ ରେ କାମ କରୁଛି ନା ନାହିଁ। ହେଲ୍ଥ ଏକ୍ସପର୍ଟଙ୍କ କହିବା ଅନୁସାରେ ଏହାକୁ ଆଦୌ ଅଣଦେଖା କରନ୍ତୁନି।

ମୁହଁ ଫୁଲିଯିବା : ଯେତେବେଳେ ଲିଭର ଠିକ୍ ଭାବରେ କାର୍ଯ୍ୟ କରେ ନାହିଁ, ଶରୀରରେ ପ୍ରୋଟିନ୍ ଏବଂ ତରଳ ପଦାର୍ଥର ସନ୍ତୁଳନ ବିଗିଡ଼ି ଯାଇଥାଏ। ଏହାର ପ୍ରଭାବ ମୁହଁ ଉପରେ ପଡ଼ିଥାଏ। ଅନେକ ସମୟରେ ଆଖି ଏବଂ ଗାଲ ଚାରିପାଖ ଫୁଲି ଯାଇଥାଏ। ଯଦି ତ୍ୱଚାରେ ଏମିତି ବାରମ୍ବାର ଦେଖା ଯାଉଛି, ଆଉ ଏହାର କୌଣସି ସ୍ପଷ୍ଟ କାରଣ ନାହିଁ, ତାହେଲେ ଏହା ଆଲର୍ଜି , କମ୍ ନିଦ, ଲିଭରରେ ଅସୁବିଧା ଯୋଗୁ ଏହି ବିପଦ ଦେଖା ଦେଇଥାଏ।

ବେକରେ କଳାଦାଗ : ଅନେକ ଲୋକଙ୍କୁ ଜଣା ପଡ଼େନି କେତେବେଳେ ତାଙ୍କ ବେକରେ କଳା ଦାଗ ଦେଖା ଯିବା ଆରମ୍ଭ ହୋଇଯାଇଥାଏ। ମେଡିକାଲ୍ ଭାଷାରେ ଏହାକୁ ଏକେଥୋସିସ୍ ନାଇଗ୍ରିକନ୍ସ କୁହାଯାଇଥାଏ। ଏହି ସମସ୍ୟା ସେ ସମୟରେ ହୋଇଥାଏ ଯେତେବେଳେ ଶରୀରର ଇନସୁଲିନ୍ ବଢ଼ିଯାଇଥାଏ। ଇନସୁଲିନ୍ ପ୍ରତିରୋଧ, ଶରୀରର ଇନସୁଲିନ୍ ସଠିକ୍ ଭାବରେ ବ୍ୟବହାର କରିବାରେ ଅସମର୍ଥତା, ଫ୍ୟାଟି ଲିଭର ସହିତ ଜଡିତ। ତେଣୁ, ବେକର ପଛ କିମ୍ବା ପାର୍ଶ୍ୱରେ କଳା ପଡ଼ିବା ଯକୃତ ଏବଂ ମେଟାବୋଲିକ୍ ସମସ୍ୟାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ।

ମୁହଁ ଲାଲ୍ ଦେଖାଯିବା : କିଛି ଲୋକଙ୍କ ମୁହଁରେ ଲାଲ୍ ଦେଖା ଯାଇଥାଏ। କେତେକ ସମୟରେ,ମୁହଁର ଶିରା ଅଧିକ ସ୍ପଷ୍ଟ ହୋଇଯାଏ କିମ୍ବା ଛୋଟ ଛୋଟ ବ୍ରଣ ଦେଖାଯାଏ। ଏହି ଲକ୍ଷଣଗୁଡ଼ିକ ସାଧାରଣ ଲାଗିପାରେ ,କିନ୍ତୁ ଯେତେବେଳେ ମୁହଁ ଫୁଲିବା ଏବଂ ବେକ କଳା ହେବା ଭଳି ଅନ୍ୟାନ୍ୟ ଲକ୍ଷଣ ଏକା ସହ ଦେଖା ଦେଇଥାଏ। ତେବେ ଏହା ଫ୍ୟାଟି ଲିଭର ସମସ୍ୟାକୁ ଦର୍ଶାଇଥାଏ। ଲିଭର ଡ୍ୟାମେଜ୍ ହେବା ଶରୀରର ଆହୁରି ଅନେକ ଲକ୍ଷଣ ଦେଖା ଦେଇଥାଏ। ଯେମିତି କି ଜିଙ୍କ୍ ଅଭାବ ମୁହଁ ଚାରିପାଖରେ ଫୋଟକା କିମ୍ବା ଜ୍ୱଳନ ହୋଇପାରେ।

ଏମିତି କିଛି ଲକ୍ଷଣ ଦେଖା ଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରନ୍ତୁ। ତେବେ ମନେ ରଖନ୍ତୁ କେବଳ ମୁହଁର ଲକ୍ଷଣ ଗୁଡ଼ିକୁ ସମାଧାନ କରିବା ଯଥେଷ୍ଟ ନୁହେଁ। ଏହା ସହ ଲିଭର ସଠିକ୍ ପରିଚାଳନା କରିବା ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଓଜନ ଠିକ୍ ରଖନ୍ତୁ , ନିୟମିତ ବ୍ୟାୟାମ କରିନ୍ତୁ, ଅଧିକ ଚର୍ବିଯୁକ୍ତ ଖାଦ୍ୟ ଖାଆନ୍ତୁନି।

ବର୍ଷା-ଖରା ଲୁଚକାଳିରେ ଚାଷୀ ହନ୍ତସନ୍ତ

# ୨୦୦ ଏକର ଜମିରେ ଚାଷ ବିଳମ୍ବିତ



ଗଜପତି,୨୪।୮ (ସଂଚାର ବ୍ୟୁରୋ): କେତେବେଳେ ବର୍ଷା, ତ କେତେବେଳେ ଖରା । ପାଣିପାଗର ଏଭଳି ଲୁଚକାଳି ଖେଳ ଭିତରେ ବିଳମ୍ବିତ ହୋଇଯାଇଛି ଚାଷ କାମ । ପାଣି ଅଭାବରୁ ଗଜପତି ଜିଲ୍ଲା ମୋହନା ବ୍ଲକ ଜିରାଙ୍ଗ ପଞ୍ଚାୟତ କମଳପୁର ଗାଁର ପ୍ରାୟ ୨୦୦ ଏକର ଚାଷ ଜମି ପ୍ରଭାବିତ ହୋଇଛି। ଉଠାଜଳ ସେଚନ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ଚାଷୀମାନେ ଜଳସେଚନ ପାଇଁ ନାକେଦମ ହେଉଛନ୍ତି। ଯେଉଁ ସମୟରେ କ୍ଷେତରେ ଧାନ ଗଛ ଲହଡ଼ି ଖେଳିବା କଥା, ସେହି ସମୟରେ ଶୁଖିଲା ପଡ଼ିଛି ଚାଷ ଜମି । ତଳି ପକାଇଥିବା ଧାନ ପାଣି ଅଭାବରୁ ଶୁଖିବାକୁ ବସିଲାଣି । ବର୍ଷା ନହେବାରୁ ଚାଷୀମାନେ ନାଳ ଓ ପୋଖରୀରୁ ମୋଟର ସାହାଯ୍ୟରେ ପାଇପ୍ ଯୋଗେ ପାଣି ଉଠାଇ ଚାଷ ଜମିରେ ମଡ଼ାଉଛନ୍ତି । କମଳପୁର ଗାଁର ୬୦ରୁ ଅଧିକ ପରିବାରଙ୍କ ମୁଖ୍ୟ ଜୀବିକା ହେଉଛି ଚାଷ । ଚାଷୀଙ୍କ କହିବା ଅନୁସାରେ, ଗାଁରେ ଜଳସେଚନ ସୁବିଧା ପାଇଁ ଉଠାଜଳ ସେଚନ ପ୍ରକଳ୍ପ ନିର୍ମାଣ ହୋଇଥିଲା । ତେବେ ନଦୀ କୂଳରେ ନିର୍ମାଣ ହୋଇଥିବା ପମ୍ପ ହାଉସ୍ ବନ୍ୟା ପାଣିରେ ଭାସିଯିବା ପରେ ଏଯାଏଁ ତାହାର ମରାମତି କିମ୍ବା ପୁନଃନିର୍ମାଣ ହୋଇନଥିବା ଅଭିଯୋଗ ହୋଇଛି । ଫଳରେ ପ୍ରତିବର୍ଷ ବର୍ଷାର ଅନିୟମିତତା ସମୟରେ ଚାଷୀମାନେ ଜଳସେଚନ ସମସ୍ୟାରେ ପଡୁଛନ୍ତି । ଏବେ ବିଲ ଶୁଖି ଫାଟି ଆଁ କରୁଥିବା ବେଳେ ଚାଷୀଙ୍କ ଚିନ୍ତା ବଢ଼ିଛି । ଗତକାଲିଠାରୁ ଗଜପତିରେ ବର୍ଷା ଆରମ୍ଭ ହୋଇଥିଲେ ମଧ୍ୟ ବିଳମ୍ବିତ ଚାଷ କାମକୁ ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ରହିଛି । ଲଗାଣ ବର୍ଷା ଓ ବର୍ଷା ଅଭାବ ମଧ୍ୟରେ ଚାଷ ପେଶି ହେଉଥିବାରୁ ତୁରନ୍ତ ଉଠାଜଳ ସେଚନ ପ୍ରକଳ୍ପର ମରାମତି କିମ୍ବା ପୁନଃନିର୍ମାଣ କରି ଚାଷ ଜମିକୁ ନିୟମିତ ଜଳସେଚନ ସୁବିଧା ଯୋଗାଇବାକୁ ଦାବି ହୋଇଛି ।

## ଉଲୁଣ୍ଡା ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି: ୪୨ଟି ଦରଖାସ୍ତ ଗ୍ରହଣ



ସୁବର୍ଣ୍ଣପୁର, ୨୪।୮ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ବ୍ଲକରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଯୁଗ୍ମ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଉଲୁଣ୍ଡା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ସୁବର୍ଣ୍ଣପୁର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ. କେ. ହରି ପ୍ରସାଦ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ସର୍ବମୋଟ ୪୨ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିବାବେଳେ, ସେଥି ମଧ୍ୟରୁ ୨୯ଟି ବ୍ୟକ୍ତିଗତ ଓ ୧୩ଟି ସାମୁହିକ ଦରଖାସ୍ତ ଗ୍ରହଣ ହୋଇଥିଲା। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ, ବୀରମହାରାଜପୁର ସୁରେନ୍ଦ୍ର ମେହେର, ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ, ସୁବର୍ଣ୍ଣପୁର ଡାକ୍ତର ଉଷାରାଣୀ ଦାଶ, ଉପଖଣ୍ଡ ପୋଲିସ (ଥାନା) ଅଧିକାରୀ, ବୀରମହାରାଜପୁର ହେମନ୍ତ ରାଓ ପ୍ରମୁଖ ମଞ୍ଚାସିନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ଶ୍ରୀ ଦିଲ୍ଲୀପ କୁମାର ବାରା ଦ୍ୱାରା ଆୟୋଜିତ ଏହି ଶିବିରରେ ତହସିଲଦାର ମମତା ମେହେର, ସହାୟକ କଲେକ୍ଟର (ଅଭିଯୋଗ) ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତ ସମିତିରେ ଯୁଗ୍ମ ଅଭିଯୋଗ ଶୁଣାଣି

ବଲାଙ୍ଗୀର,୨୪।୮ (ସଂଚାର ବ୍ୟୁରୋ): ଆଜି ତୁରେକେଲା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ବଲାଙ୍ଗୀର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ହୋଇ ବିଭିନ୍ନ ଅଞ୍ଚଳରୁ ଆସିଥିବା ନାଗରିକମାନଙ୍କ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ। ଆଜିର ଶିବିରରେ ମୋଟ ୯୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା; ସେଥିରୁ ୮୫ଟି ବ୍ୟକ୍ତିଗତ ଓ ୦୫ଟି ସାମୂହିକ/ ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଥିଲା। ଏଥିରୁ ୦୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି। ତୁରେକେଲା ବ୍ଲକ୍ ଓ ପାଶ୍ୱର୍ବର୍ତୀ ଗ୍ରାମାଞ୍ଚଳରୁ ଆସିଥିବା ଗ୍ରାମବାସୀମାନେ ନିଜର ରାସନ କାର୍ଡ, ଭତ୍ତା, ଜମିଜମା ବିବାଦ, ପାନୀୟ ଜଳ, ବିଦ୍ୟୁତ ସମସ୍ୟା ଓ ଆଇନ-ଶୃଙ୍ଖଳା ସମ୍ବନ୍ଧୀୟ ଅଭିଯୋଗ ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ପ୍ରତ୍ୟେକ ଅଭିଯୋଗର ଗମ୍ଭୀରତାକୁ ଅନୁଧ୍ୟାନ କରି, ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ହସ୍ତାନ୍ତର କରି, ନିର୍ଦ୍ଦିଷ୍ଟ ସମୟସୀମାରେ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୁଗ୍ମ ଶୁଣାଣି ଶିବିରରେ କୃଷି ବିଭାଗ ଓ ଗ୍ରାମ୍ୟ ଯୋଗାଣ ବିଭାଗ ସହିତ ସମସ୍ତ ପ୍ରମୁଖ ବିଭାଗର ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ମାଦଳ ମହୁରୀ ଉତ୍ସବ ଉପରେ ଆଲୋଚନା ଓ ସମ୍ବର୍ଦ୍ଧନା ପର୍ବ



ବାରିପଦା,୨୪।୮ (ସଂଚାର ବ୍ୟୁରୋ): ସରସ୍ୱତୀ ସାଂସ୍କୃତିକ ପରିଷଦ ଓ ସୌଖିନ କଳାକାର ଆନୁକୂଲ୍ୟରେ ଚଳିତ ବର୍ଷ ୩ଦିନିଆ ମାଦଳ ମହୁରୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ଓ ଉକ୍ତ ଉତ୍ସବରେ ଉତ୍ସବର ମୁଖ୍ୟ ଆୟୋଜକ କ୍ଷୀରୋଦ ବିହାରୀ ସିଟଙ୍କ ରଚିତ ୫ଟି ନାଟକ ମଞ୍ଚସ୍ଥ ହୋଇଥିଲା ଓ ସମସ୍ତ ନାଟକର ନିର୍ଦ୍ଦେଶକ, କଳାକାର ସଂଗୀତ ନିର୍ଦ୍ଦେଶକ ଓ ଅନ୍ୟ ସମସ୍ତଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଗତ ସନ୍ଧ୍ୟାରେ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସମସ୍ତ ନାଟକର କଳାକାର, ନିର୍ଦ୍ଦେଶକ ଓ ସହଯୋଗୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି ଓ ପରିଷଦର ପ୍ରତିଷ୍ଠାତା ଶ୍ରୀ ସିଟ ସ୍ୱାଗତ ଅଭିଭାଷଣରେ ଉତ୍ସବକୁ ସଫଳ କରିଥିବା ସମସ୍ତ ନାଟ୍ୟସଂସ୍ଥାର ସଦସ୍ୟ ମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଆଗାମୀ ବର୍ଷରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ ଓ ଚଳିତ ବର୍ଷର ଉତ୍ସବ ଉପରେ ଉପସ୍ଥିତ ନିର୍ଦ୍ଦେଶକ ଓ କଳାକାର ମାନେ ନିଜନିଜର ମତପୋଷଣ କରିଥିଲେ ଓ ଏହି ଅବସରରେ ଉତ୍ସବର ସଫଳତା ପାଇଁ ଉଲ୍ଲେଖନୀୟ ଅବଦାନ ପାଇଁ ଅଭିନେତା ସୋମନାଥ ସିଂହ, ରାଜେଶ ଦାଶ ଓ ଜ୍ଞାନରଞ୍ଜନ ପଣ୍ଡା ଏବଂ ଉଦୀୟମାନ କଣ୍ଠଶିଳ୍ପୀ ସରନ୍ୟା ସାହୁ, ମୋନାଲିସା ସେଠି ଓ ଆଦ୍ୟାଶା ଗଜେନ୍ଦ୍ର ମହାପାତ୍ରଙ୍କୁ ଅତିଥି ଓ୍ୱାର୍ଡ ନଂ ୧୭ ର କାଉନସିଲର କରୁଣାକର ହେମ୍ବ୍ରମ ଓ ବାରିପଦା କଳାକାର ପରିବାରର ସଭାପତି ତଥା ବରିଷ୍ଠ ଅଭିନେତା ସନ୍ତୋଷ କୁମାର ମହାନ୍ତିଙ୍କ ହାତରେ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ଓ ମୁରଲୀଧର ବେହେରା, ଅଶୋକ ପଟ୍ଟନାୟକ, ବରେନ୍ଦ୍ର ମହାନ୍ତି, ରବି ନାରାୟଣ ମହାପାତ୍ର ଓ ଅନିରୁଦ୍ଧ ଜେନା କାର୍ଯ୍ୟକ୍ରମର ପରିଚାଳନା କରିଥିବାବେଳେ ସୌଖିନ କଳାକାରର ସମ୍ପାଦକ ଅନିଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନସୂୟା ପାତ୍ର ବିଜେଡି ଏସସି ସେଲ୍‌ର ସାଧାରଣ ସମ୍ପାଦିକା



ବୈଶିଙ୍ଗା, ୨୪।୮ (ସଂଚାର ବ୍ୟୁରୋ): ରାଜ୍ୟ ବିଜୁ ଜନତା ଦଳର ଏସି ସେଲର ସାଧାରଣ ସମ୍ପାଦିକା ଭାବେ ବଡ଼ସାହିର ପ୍ରାକ୍ତନ ବିଧାୟିକା ପ୍ରାର୍ଥିନୀ ଅନସୂୟା ପାତ୍ରଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରାଜ୍ୟ କମିଟିରେ ତାଙ୍କୁ ସ୍ଥାନ ଦେଇଥିବାରୁ ସେ ଶ୍ରୀ ପଟ୍ଟନାୟକଙ୍କ ସମେତ ଦଳର ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ନିର୍ବାଚନ ମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କୁ ସେ ନିଜର କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଶ୍ରୀମତୀ ପାତ୍ର ବଡ଼ସାହିର ପୂର୍ବତନ ବିଧାୟକଙ୍କ ସହଧର୍ମିଣୀ। ଗତ ୨୦୨୪ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ଭାବେ ଶ୍ରୀମତୀ ଅନୁସୟା ପାତ୍ର ନିର୍ବାଚନ ଲଢିଥିଲେ। ଜିଲ୍ଲା ମହିଳା ମୋର୍ଚ୍ଚା ସମେତ ବଡ଼ସାହି ନିର୍ବାଚନ ମଣ୍ଡଳୀର ସମସ୍ତ ମହିଳା ଗୋଷ୍ଠୀ ଅଭିନନ୍ଦନ ଜଣାଇଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ସଙ୍ଗଠନ କୁ ମଜବୁତ କରିପାରିବ ବୋଲି ଆଶା କରାଯାଉଛି।

ଛାତ୍ରୀ ନିବାସକୁ ନାହିଁ ରାସ୍ତା

## ସମସ୍ୟା ଭୋଗୁଛନ୍ତି ୨୩୦ ଆଦିବାସୀ ଛାତ୍ରୀ



ମୋହନା,୨୪।୮ (ସଂଚାର ବ୍ୟୁରୋ): ଛାତ୍ରୀ ନିବାସ ଅଛି। ଛାତ୍ରୀ ଅଛନ୍ତି। ପାଠପଢ଼ା ପାଇଁ ସବୁ ବ୍ୟବସ୍ଥା ଅଛି। ହେଲେ ବିଦ୍ୟାଳୟରେ ପହଞ୍ଚିବା ପାଇଁ ନାହିଁ ଭଲ ରାସ୍ତା। ଫଳରେ ପ୍ରତିଦିନ ଯାତାୟାତରେ ହନ୍ତସନ୍ତ ହେଉଛନ୍ତି ପ୍ରାୟ ୨୩୦ ଜଣ ଆଦିବାସୀ ଛାତ୍ରୀ। ଏଭଳି ଅବ୍ୟବସ୍ଥାର ଚିତ୍ର ଦେଖିବାକୁ ମିଳିଛି ଚାନ୍ଦିପୁଟ ଆଦିବାସୀ ବାଳିକା ବିଦ୍ୟାପୀଠରେ। ବିଦ୍ୟାଳୟ ସହ ଛାତ୍ରୀନିବାସକୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ କରିଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ବେହେରା। ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ଅଭିଭାବକମାନେ ମଧ୍ୟ ଏନେଇ ଅଭିଯୋଗ କରିଛନ୍ତି। ଚାନ୍ଦିପୁଟ ଆଦିବାସୀ ବାଳିକା ବିଦ୍ୟାପୀଠରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୩୦ ଜଣ ଆଦିବାସୀ ଛାତ୍ରୀ ପାଠ ପଢ଼ୁଛନ୍ତି। କିନ୍ତୁ ବିଦ୍ୟାଳୟ ସହ ଛାତ୍ରୀ ନିବାସକୁ ଯିବା ପାଇଁ ଭଲ ରାସ୍ତାଟିଏ ନ ଥିବାରୁ ପ୍ରତିଦିନ ଛାତ୍ରୀ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭୋଗିବାକୁ ପଡୁଛି ଅନେକ ସମସ୍ୟା। ବିଶେଷକରି ବର୍ଷା ଦିନରେ ସ୍ଥିତି ଆହୁରି ଦୟନୀୟ ହୋଇପଡୁଥିବା ଅଭିଯୋଗ ହୋଇଛି। ରାସ୍ତା ଖରାପ ଥିବାରୁ ଛାତ୍ରୀଙ୍କ ଯାତାୟାତ ସହ ଜରୁରୀକାଳୀନ ସମୟରେ ଯିବାଆସିବା ମଧ୍ୟ ଏକ ବଡ଼ ସମସ୍ୟା ପାଲଟିଛି। କେବଳ ରାସ୍ତା ସମସ୍ୟା ନୁହେଁ, ବିଦ୍ୟାଳୟରେ ଜରୁରୀକାଳୀନ ଚିକିତ୍ସା ପାଇଁ ଆବଶ୍ୟକ ଔଷଧ କିମ୍ବା ମେଡ଼ିକାଲ ଖର୍ଚ୍ଚ ବାବଦକୁ କୌଣସି ଅର୍ଥ ଜିଲା ମଙ୍ଗଳ ଅଧିକାରୀ ଦେଉ ନାହାନ୍ତି। ଯାହା ଫଳରେ ଗରିବ ଆଦିବାସୀ ଛାତ୍ରୀଟିଏ ଉତ୍ତମ ଚିକିତ୍ସାରୁ ବଞ୍ଚିତ ହେଉ ଅଛି। ଏହାସହ ବିଦ୍ୟାଳୟ ଓ ଛାତ୍ରୀ ନିବାସକୁ ବାର୍ଷିକ ମରାମତି ପାଇଁ ଆସୁଥିବା ଅର୍ଥ ମଧ୍ୟ ବନ୍ଦ ହୋଇଥିବା ନେଇ ପ୍ରଧାନ ଶିକ୍ଷୟିତ୍ରୀ ଅଭିଯୋଗ କରିଛନ୍ତି। ଆଦିବାସୀ ଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା କରୁଥିବାବେଳେ ଏହି ଆଦିବାସୀ ବାଳିକା ବିଦ୍ୟାଳୟରେ ଏଭଳି ମୌଳିକ ସମସ୍ୟା କାହିଁକି ରହିଛି, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

## ୩୧ରେ ଯୁଗ୍ମ ଜନ ଶୁଣାଣି ଶିବିର

ବାରିପଦା,୨୪।୮ (ସଂଚାର ବ୍ୟୁରୋ): ଜିଲ୍ଲା କାର୍ଯ୍ୟାଳୟର ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ଅଗଷ୍ଟ ମାସ ପଞ୍ଚମ ସୋମବାର ତା ୩୧-୦୮-୨୦୨୬ ରିଖ ବାମନଘାଟୀ ଉପଖଣ୍ଡସ୍ଥ ବିଜାତଳା ବ୍ଲକର ସରଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ. କାର୍ଯ୍ୟ ସୂଚୀ ଅନୁଯାୟୀ ଉକ୍ତ ଜନ ଶୁଣାଣି ଶିବିର ପୂର୍ବାହ୍ନ ୧୦ ଘଟିକା ସମୟରେ ଆରମ୍ଭ ହୋଇ ଜନସାଧାରଣଙ୍କ ଆପତ୍ତି /ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ବାମନଘାଟୀ ଉପଖଣ୍ଡର ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗର ଅଧିକାରୀ ଓ ବିଜାତଳା ବ୍ଲକର ବିଭିନ୍ନ ବ୍ଲକ ସ୍ତରୀୟ ଅଧିକାରୀବୃନ୍ଦଙ୍କ ଉପସ୍ଥିତିରେ ଆପତ୍ତି ଅଭିଯୋଗ ଗୁଡିକର ଶୁଣାଣି କରାଯିବ। ଏଣୁ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଞ୍ଚଳର ଜନସାଧାରଣବୃନ୍ଦ ନିର୍ଧାରିତ ସ୍ଥାନ, ତାରିଖ ଓ ସମୟରେ ଉପସ୍ଥିତ ହୋଇ ନିଜ ନିଜର ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ସମ୍ପର୍କିତ ଆପତ୍ତି ଅଭିଯୋଗ ପତ୍ର ଗୁଡିକ ଦାଖଲ କରିପାରିବେ ବୋଲି ଉପଖଣ୍ଡ ପ୍ରଶାସନ ପକ୍ଷରୁ ସୂଚୀତ କରାଯାଉଛି।

## ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

ଗଞ୍ଜାମ,୨୪।୮ (ସଂଚାର ବ୍ୟୁରୋ): ଶେରଗଡ଼ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସିଡ଼ିପିଓ ମମତାଞ୍ଜଳି ପଣ୍ଡାଙ୍କ ତତ୍ୱାବଧାନରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ଡେପୁଟି କଲେକ୍ଟର ସୁଦାମ କୁମାର ସ୍ୱାଇଁ, ଡି.ନାଗରାଜ ପିଓକମପିଓ, ସାଇବର ସିକ୍ୟୁରିଟ ଏଏସଆଇ କିରଣ ଚନ୍ଦ୍ର ପାତ୍ର, ଡାକ ବିଭାଗ ଅଧ୍ୟକ୍ଷ ଡି.କେ. ବେହେରା ମଞ୍ଚାସୀନ ହୋଇ ଉଦ୍‌ବୋଧନ ଦେଇଥିଲେ। ଶେରଗଡ଼ ବ୍ଲକ ଓ ଅଙ୍ଗନବାଡି କେନ୍ଦ୍ରକୁ ସୁକନ୍ୟାରେ ପରିଣତ କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହାସହ କାର୍ଯ୍ୟକ୍ରମରେ ସାଇବର ସୁରକ୍ଷା ଓ ସାଇବର ବୁଲିଂ ବିଷୟ ଆଲୋକପାତ କରାଯାଇଥିଲା। ସାଇବର ସୁରକ୍ଷା ପାଇଁ ମୁଖ୍ୟ ବିଷୟ ଥିଲା। ଶକ୍ତିଶାଳୀ ପାସଓ୍ୱାର୍ଡ ବ୍ୟବହାର ଓ ଦୁଇ ସ୍ତରୀୟ ପ୍ରମାଣୀକରଣ, ଫିସିଂ ଲିଙ୍କ ଓ ନକଲି ମେସେଜରୁ ସତର୍କତା, ଅପରିଚିତ ବ୍ୟକ୍ତିଙ୍କୁ ବ୍ୟକ୍ତିଗତ ତଥ୍ୟ ନ ଦେବା, ସାମାଜିକ ଗଣମାଧ୍ୟମରେ ଗୋପନୀୟତା ସେଟିଂ ଠିକ ରଖିବା, ବ୍ୟାଙ୍କ ଓ ଫୋନ ପେ ଠକେଇରୁ ବଞ୍ଚିବା, ଅଚିହ୍ନା ଆପ ଓ ଲିଙ୍କ ଡାଉନଲୋଡ ନ କରିବା, ପିଲାଙ୍କ ଅନଲାଇନ ଗେମ ଓ ଇଂଟରନେଟ ବ୍ୟବହାର ଉପରେ ନଜର ରଖିବା। ଏଥିସହ ସାଇବର ବୁଲିଂ କ'ଣ, ଅନଲାଇନରେ ଗାଳି, ଧମକ ଓ ଅପମାନ, ବ୍ୟକ୍ତିଗତ ଫଟୋ ଓ ଭିଡିଓ ଭାଇରାଲ ଧମକ, ପିଲାଙ୍କୁ ସଚେତନ କରିବା ଓ ପରିବାରର ସହଯୋଗ ସମ୍ପର୍କରେ ସଚେତନ କରାଥିଲା।

● ୮୬ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

## ରେଡକ୍ରସ ପାଣ୍ଠିରୁ ୪ ଜଣଙ୍କୁ ସହାୟତା

ନୂଆପଡ଼ା,୨୪।୮ (ସଂଚାର ବ୍ୟୁରୋ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ପରିସରରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସାଧାରଣ ଲୋକଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରାଯିବା ସହ ଅଭିଯୋଗଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୮୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୭୭ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ପ୍ରତ୍ୟେକ ଅଭିଯୋଗର ଶୁଣାଣି କରାଯାଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଯଥାଶୀଘ୍ର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିର ଅବସରରେ ଦେବକୀ ଶବର, ମଞ୍ଜୁଳା ସରାଫ, ବିମଳ ଭୋଇ ଓ ବସନ୍ତ ଛତ୍ରିଆଙ୍କୁ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଲେଖାଏଁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

## ବିଦ୍ୟାଳୟ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ଝାରସୁଗୁଡ଼ା,୨୪।୮ (ସଂଚାର ବ୍ୟୁରୋ): ଲଇକେରା ବ୍ଲକ ଅନ୍ତର୍ଗତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ନିର୍ମାଣାଧୀନ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ। କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟ ଉଦ୍ୟୋଗ 'ଓ୍ୱାପକସ୍' ଦ୍ୱାରା ନିର୍ମାଣ କରାଯାଉଥିବା ଏହି ପ୍ରକଳ୍ପ ସ୍ଥଳରେ ଜିଲ୍ଲାପାଳ ପହଞ୍ଚି ବିଭିନ୍ନ ଭିତିଭୂମିର ତଦାରଖ କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟଶ୍ରୀ ଏବଂ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସଞ୍ଜୀବ କୁମାର ପଟେଲ ଉପସ୍ଥିତ ଥିଲେ। ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ତୁଳନାରେ ବିଳମ୍ବ ହୋଇଥିବାରୁ ଜିଲ୍ଲାପାଳ ଅସନ୍ତୋଷ ବ୍ୟକ୍ତ କରିଥିଲେ ଏବଂ କାର୍ଯ୍ୟକୁ ତୁରନ୍ତ ତ୍ୱରାନ୍ୱିତ କରିବାକୁ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ସହିତ ନିର୍ମାଣର ଗୁଣବତ୍ତା ଉପରେ ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବିଦ୍ୟାଳୟର ଚତୁଃପାର୍ଶ୍ୱ ସୀମା ପ୍ରାଚୀରର ଉଚ୍ଚତା ବୃଦ୍ଧି କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

## ଜମି ପଞ୍ଜିକରଣ ହେଉନି, ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ



ଝାରବନ୍ଧ,୨୪।୮ (ସଂଚାର ବ୍ୟୁରୋ): ଧାନ ବିକ୍ରି ପାଇଁ ଆଟ କିସମ ଜମି ପଞ୍ଜିକରଣ ହେଉ ନ ଥିବାରୁ ଚାଷୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆଟ କିସମକୁ ପଞ୍ଜିକରଣ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛି। ଆସନ୍ତା ୨୪ ଘଣ୍ଟାର ସମୟ ସୀମା ଦିଆଯାଇଛି। ଝାରବନ୍ଧ ବ୍ଲକର ଝାରବନ୍ଧ, ଡଭା ଓ ଲଉ ପ୍ୟାକ୍ସ ଜରିଆରେ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରୁଛି, ଏହା ଅଗଷ୍ଟ ମାସ ଶେଷରେ ସମୟ ସୀମା ପୂରିଯିବ। ବର୍ତ୍ତମାନ ସୁଦ୍ଧା ୩୦ରୁ ୪୦ ପ୍ରତିଶତ ଚାଷୀ ପଞ୍ଜିକରଣ କରିଥିବାବେଳେ ଅଧିକାଂଶ ଚାଷୀ ପଞ୍ଜିକରଣ ଅପେକ୍ଷାରେ ହେଲେ ବର୍ତ୍ତମାନ ଆଟ କିସମ ସମସ୍ୟା ସାମନାକୁ ଆସିଥିବାରୁ ପଞ୍ଜିକରଣ ପାଇଁ ଆଶଙ୍କା ଦେଖାଦେଉଛି। ଗତ ବର୍ଷ ପୂର୍ବରୁ ଏହି କିସମରେ ଧାନ ବିକ୍ରୟ କରିସାରିଛନ୍ତି। ଚଳିତବର୍ଷ କେଉଁ କାରଣ ଏହାକୁ ନିଆଁ ନ ଯାଉଥିବା ଚାଷୀ ପ୍ରଶ୍ନ କରିଛି, ଏହାସହ ଏହି କିସମରେ ଧାନ ଚାଷ ପାଇଁ ଚାଷୀଙ୍କୁ କୃଷି ଋଣ ଦିଆଯାଉଛି। ଯଦି ଏହି କିସମରେ ଧାନ ଚାଷ ପାଇଁ ଋଣ ଦିଆଯାଉଛି ତାହେଲେ ଧାନ କିଣିବାକୁ ଅମଙ୍ଗ କାହିଁକି ବୋଲି ଚାଷୀ ପ୍ରଶ୍ନ କରୁଛି । ଏହାର ପ୍ରତିବାଦରେ ସ୍ଥାନୀୟ ଚାଷୀ ଶ୍ରୀଯୁକ୍ତ କ୍ଷମାନିଧି ସାହୁ, ସନ୍ତୋଷ ବେହେରା,ଭଜନ ସଗର, ଅବଧୁତ ଜଗତ, ବସନ୍ତ ନନ୍ଦ, ଜୟକୁମାର ନିଗମ,ଡୋଲାମଣୀ ଚୌଧୁରୀ, ନାରାୟଣ ବେହେରା,ଲଳିତ ପଟେଲଙ୍କ ନେତୃତ୍ୱରେ ଶତାଧିକ ଚାଷୀ ଝାରବନ୍ଧ ତହସିଲ କାର୍ଯାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ ଏବଂ ଦାବିପତ୍ର ଦେଇଥିଲେ । ଏହାକୁ ବୋଡାସମ୍ବର କୃଷକ ସଂଗଠନ ର ଚାଷୀନେତା କୈଳାସ ବାରିକ ଆସି ସମର୍ଥନ ଜଣାଇ ଚାଷୀ ବିରୋଧୀ ସରକାରଙ୍କ ଉପରେ ବର୍ଷୀଥିଲେ ।

## ନିଖୋଜ ଦାଦନ ଶ୍ରମିକଙ୍କୁ ଉଦ୍ଧାର ପାଇଁ ଜିଲ୍ଲାପାଳଙ୍କୁ ନିବେଦନ

ନୂଆପଡ଼ା,୨୪।୮ (ସଂଚାର ବ୍ୟୁରୋ): ଦାଦନ ଶ୍ରମିକ ଭାବେ ସୁଦୂର ସିକିନ୍ଦରାବାଦ ଯାଇଥିବା ଖଡ଼ିଆଳ ବ୍ଲକ ତୁକଲା ଗ୍ରାମର ବରୁଣ ମାଝି ନିଖୋଜ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ବିଲାସିନୀ ମାଝି ଗତ ୨୧ ତାରିଖରେ ଖଡ଼ିଆଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଜି ନୂଆପଡ଼ା ଜିଲ୍ଲାପାଳଙ୍କୁ ଅଭିଯୋଗ କରି ତୁରନ୍ତ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି। ତାଙ୍କ ସ୍ୱାମୀଙ୍କ କୌଣସି ଖୋଜଖବର ମିଳୁନଥିବାରୁ ଚିନ୍ତା ପ୍ରକଟ କରିଛନ୍ତି ବିଳାସିନୀ।ସୂଚନା ଅନୁଯାୟୀ, ବରୁଣ ଗତ ଜୁଲାଇ ୨୬ ତାରିଖରେ ଦାଦନ ଶ୍ରମିକ ଭାବେ କାମ କରିବା ପାଇଁ ସିକିନ୍ଦରାବାଦ ଯାଇଥିଲେ। ସେଠାରେ ରହି ସେ କାମ କରୁଥିଲେ। ତେବେ ଚଳିତ ମାସ ଅଗଷ୍ଟ ୧୭ ତାରିଖରେ ସେ ଫୋନ୍ ଯୋଗେ ନିଜ ସ୍ତ୍ରୀଙ୍କୁ ଘରକୁ ଫେରୁଥିବା ଜଣାଇଥିଲେ। ଏହାପରେ ସେ ଘରେ ପହଞ୍ଚିନଥିବା ବେଳେ ତାଙ୍କ ମୋବାଇଲ ଫୋନ୍ ମଧ୍ୟ ସ୍ୱିଚ୍ ଅଫ୍ ହୋଇଯାଇଛି। ଦୀର୍ଘ ସମୟ ଧରି ସ୍ୱାମୀଙ୍କ କୌଣସି ଖୋଜଖବର ନମିଳିବାରୁ ବିଳାସିନୀ ବେଶ୍ ଚିନ୍ତିତ ହୋଇ ପଡ଼ିଛନ୍ତି।

ଭବାନୀପାଟଣାରେ ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ାଉ

## ୩୨ କିଲୋ ବାସି-କୃତ୍ରିମ ରଙ୍ଗଯୁକ୍ତ ଖାଦ୍ୟ ନଷ୍ଟ



ଭବାନୀପାଟଣା,୨୪।୮ (ସଂଚାର ବ୍ୟୁରୋ): ଆଗକୁ ଆସୁଥିବା ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଭବାନୀପାଟଣା ସହରର ବିଭିନ୍ନ ସ୍ଥାନରେ ସୋମବାର ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ପୋଲିସ ସହଯୋଗରେ ଚଢ଼ାଉ କରାଯାଇଛି। ଏହି ସମୟରେ ମୋଟ ୨୧ଟି ଖାଦ୍ୟ ସାମଗ୍ରୀ ଦୋକାନଗୁଡ଼ିକୁ ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ପ୍ରାୟ ୩୨ କିଲୋଗ୍ରାମ ବାସି ଖାଦ୍ୟ ଓ କୃତ୍ରିମ ଖାଦ୍ୟ ରଙ୍ଗ ବ୍ୟବହୃତ ଖାଦ୍ୟ ସାମଗ୍ରୀ ଚିହ୍ନଟ କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯାଇଥିଲା। ଖାଦ୍ୟ ବ୍ୟବସାୟୀମାନଙ୍କୁ ଖାଦ୍ୟ ପ୍ୟାକେଜିଂ, ସ୍ୱଚ୍ଛତା ଓ ନିରାପଦ ଖାଦ୍ୟ ପରିଚାଳନା ସମ୍ପର୍କରେ ସଚେତନ କରାଯାଇଥିବାବେଳେ ଖାଦ୍ୟ ଗୁଡ଼ାଇବା ପାଇଁ କାଗଜ କିମ୍ବା ଖବରକାଗଜ ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଚଢ଼ାଉ ସମୟରେ ଖୋଲା ଓ ପ୍ୟାକେଜ ହୋଇଥିବା ପନିରର ୧୮ଟି ନମୁନା ଉପରେ ଆୟୋଡିନ ଦ୍ରବଣ ବ୍ୟବହାର କରି ଷ୍ଟାର୍ଚ୍ଚ ଚିହ୍ନଟ ପାଇଁ ଦ୍ରୁତ ପରୀକ୍ଷା କରାଯାଇଥିଲା। ପରୀକ୍ଷାରେ କୌଣସି ନମୁନାରେ ଷ୍ଟାର୍ଚ୍ଚ ଉପସ୍ଥିତିର ସକାରାତ୍ମକ ପ୍ରତିକ୍ରିୟା ମିଳି ନ ଥିଲା। ଆଗକୁ ଆସୁଥିବା ପର୍ବପର୍ବାଣୀ ସମୟରେ ଦୁଗ୍ଧଜାତୀୟ ଉତ୍ପାଦ, ପନିର ଓ ବିଭିନ୍ନ ପ୍ରକାରର ମିଠା ଉପରେ ଅଧିକ ଗୁରୁତ୍ୱ ଦେଇ ଏହିପରି ଯାଞ୍ଚ ଓ ଦ୍ରୁତ ପରୀକ୍ଷା ଅଭିଯାନ ଜାରି ରହିବ ବୋଲି ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି।

## ୧ କେଜି ୮ଶହ ଗ୍ରାମ ଗଞ୍ଜେଇ ସହ ଜଣେ ଗିରଫ

ସୁନ୍ଦରଗଡ଼,୨୪।୮ (ସଂଚାର ବ୍ୟୁରୋ): ଅବକାରୀ ଅଧୀକ୍ଷକ ଙ୍କ ନିର୍ଦ୍ଦେଶକ୍ରମେ ହେମଗିର ଥାନା ଅନ୍ତର୍ଗତ କନିକା ଠାରେ ସୋମବାର ଦିନ ୧କେଜି ୮ସହ ଗ୍ରାମ ଗଞ୍ଜେଇ ସହ ଜଣେ ବ୍ୟକ୍ତିଙ୍କୁ ହେମଗିର ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁସାରେ କନିକା ଗ୍ରାମର ନାରାୟଣ ଅଗ୍ରୱାଲ ଗଞ୍ଜେଇ ଧରି ଯାଉଥିବା ସମୟରେ ଅବକାରୀ ବିଭାଗ ଚଢ଼ାଉ କରି ଗିରଫ କରିଥିଲା। ଏନେଇ ଅବକାରୀ ବିଭାଗର କେସ ନଂ ୧୩୩/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ପରିପେକ୍ଷିରେ ଅବକାରୀ ବିଭାଗ ପକ୍ଷରୁ ଓ ଆଇ ସି - ସୁମିତ କୁମାର ସାହୁ, ଏ ଏସ ଆଇ - ମଧୁ ସେଠ୍, ରୋଶନ ପଟେଲ, ଆଶିଶ ପଣ୍ଡା, ସତୀଶ କୁଲୁ, ନିରୁପମା ନାଇକ ଉପସ୍ଥିତ ଥିଲେ।



ଭୁଲ ଇଞ୍ଜେକ୍ସନ ନେଇଁ ମୃତ୍ୟୁ ଘଟଣା

## କ୍ୱାକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କେବେ ?




କନ୍ଧମାଳ,୨୪।୮ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ରାଇଗୁଡ଼ା ଗ୍ରାମର ଜଣେ ସାଧାରଣ ଚର୍ମ ରୋଗୀ କୁ କ୍ୱାକ ଡାକ୍ତର ଚିକିତ୍ସା ନାଁରେ ଭୁଲ ଇଞ୍ଜେକ୍ସନ ଦେଇ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିବା ବେଳେ ଅଞ୍ଚଳ ରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାକୁ ନେଇ ମୃତକ ୫୮ ବର୍ଷୀୟ ଗୁମା କହଁର ଙ୍କ ପୁଅ ଅଭିରାମ କହଁର ନିଜ ବାପା ଗୁମା କହଁରକୁ କ୍ୱାକ ଡାକ୍ତର ଭୁଲ ଇଞ୍ଜେକ୍ସନ ଦେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ କରି ମୃତ୍ୟୁ ପାଇଁ ସମ୍ପୂର୍ଣ ଦାୟୀ ବୋଲି ଗୋଛାପଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏହି କ୍ୱାକ ଡାକ୍ତର ଙ୍କ ନାଁରେ ପୂର୍ବରୁ ଭୁଲ ଚିକିତ୍ସା ଯୋଗୁଁ ରୋଗୀଙ୍କ ମୃତ୍ୟୁ ହୋଇଥିବା କିଛି ଅଞ୍ଚଳ ବାସି ଅଭିଯୋଗ କରିଛନ୍ତି।ଘଟଣା କେତେ ଦୂର ସତ୍ୟ ତାହା ଜଣା ପଡ଼ିନଥିଲେ ମଧ୍ୟ ଚର୍ମ ରୋଗୀ କୁ ଭୁଲ ଇଞ୍ଜେକ୍ସନ ଦେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିବା ବେଳେ ନିଜେ କ୍ୱାକ ଡାକ୍ତର ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଯିବାକୁ ମନା କରିବା ସହ ସେ ଚିକିତ୍ସା କରୁଥିବା ବିଷୟରେ କାହାକୁ କହିବ ନାହିଁ ବୋଲି ମୃତକ କୁ କିଛି ଟଙ୍କା ମଧ୍ୟ ଦେଇଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଅନ୍ୟପଟେ ଏହି ଆୟୁଷ ମେଡ଼ିସିନ ଷ୍ଟୋର ଟି ଲାଇସେନ୍ସ ପ୍ରଶାନ୍ତ କୁମାର ସାହୁ ଙ୍କ ନାମରେ ଥିବା ବେଳେ ସେ ରହୁନଥିବା ବେଳେ ଅମିତ ସାହୁ ନାମକ ଜଣେ ବ୍ୟକ୍ତି ସେଠାରେ ରହି କ୍ଲିନିକ୍ କରି ପଛ ପଟେ ବେଡ଼ ପକାଇ ଚିକିତ୍ସା କରୁଥିବା ଜଣା ପଡ଼ିଛି। ତେବେ ଏହି ପରି ସମ୍ବେଦନ ଶିଳ ଘଟଣା ରେ ଅଞ୍ଚଳ ର ଜଣେ ଶିକ୍ଷକ ଏଭଳି ଚିକିତ୍ସା ପାଇଁ ପ୍ରତିବାଦ କରିବାରୁ କ୍ୱାକ ଡାକ୍ତର କୁଆଡ଼େ ତାଙ୍କୁ ଜୀବନ ରୁ ମାରିଦେବାକୁ ଗୋଡ଼ାଇଥିଲେ ଓ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିବା ନେଇଁ ଜନୈକ ଶିକ୍ଷକ ଗୋଛାପଡ଼ା ଥାନାରେ ଲିଖିତ ଭାବରେ ଅଭିଯୋଗ କରିଛନ୍ତି।